# ଧରିତ୍ରୀ
DHARITRI

ଶନିବାର, ମେ ୧୬/୨୦୨୦ (୧୯ ପୃଷ୍ଠା) Saturday, May 16/2020

୪୬ଶ ଭାଗ ୧୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସ୍ଲୋଭେନିଆ କରୋନା ମୁକ୍ତ

ପ୍ରଥମ ୟୁରୋପୀୟ ଦେଶ ଭାବେ ସ୍ଲୋଭେନିଆ କରୋନା ମୁକ୍ତ ଘୋଷଣା କରିଛି। ଦୁଇମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାନେଜ୍ ଜାନ୍ସା ମହାମାରୀ ଘୋଷଣା କରିଥିଲେ।

୦୪

୧୦

## ୫୩ ବର୍ଷରେ ଧକ୍ ଧକ୍ ଗର୍ଲ

ବଲିଉଡ୍‌ର ଧକ୍ ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଆଜି ବି ୯୦ ଦଶକର ଏହି ହିଟ୍ ନାୟିକାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରି ରଖିଛି।






# ଉପକୂଳର ୪ ଜିଲାକୁ ଅମ୍ଫାନ ଭୟ

## ଦାନା ବାନ୍ଧୁଛି ସାମୁଦ୍ରିକ ଝଡ଼

ଭୁବନେଶ୍ୱର,୧୫।୫(ବ୍ୟୁରୋ)

- ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗକୁ ଧକ୍କା ଦେଇପାରେ ବାତ୍ୟା
- ସ୍ଥଳଭାଗ ଛୁଇଁବା ନେଇ ସ୍ପଷ୍ଟ ଚିତ୍ର ମିଳୁନି
- ଅଧିକ ପ୍ରଭାବିତ ହୋଇପାରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର
- ସତର୍କ ରହିବା ପାଇଁ ୧୨ ଜିଲାପାଳଙ୍କୁ ନିର୍ଦ୍ଦେଶ
- ପ୍ରଭାବିତ ହେବାକୁ ଥିବା ଜିଲାର କର୍ମଚାରୀଙ୍କ ଛୁଟି ବାତିଲ

କରୋନା ବିପତ୍ତି ପାଇଁ ସାରା ରାଜ୍ୟ ଚିନ୍ତିତ ଥିବାବେଳେ ଉପକୂଳ ଓଡ଼ିଶା ପାଇଁ ଅନ୍ୟ ଏକ ବିପଦର ଆଶଙ୍କା ସୃଷ୍ଟି କରିଛି ସମ୍ଭାବ୍ୟ ସାମୁଦ୍ରିକ ଝଡ଼ 'ଅମ୍ଫନ'। ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ (ଡିପ୍ରେଶନ)ର ରୂପ ନେଇସାରିଛି। ଶନିବାର ସନ୍ଧ୍ୟା ସୁଦ୍ଧା ଏହି ଅବପାତ ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ। ପରେ ଏହା ଆହୁରି ବଳ ଗୋଟାଇ ପ୍ରଥମେ ଉତ୍ତର-ଉତ୍ତର-ପଶ୍ଚିମ ଦେଇ ଗତି କରିବ। ଆସନ୍ତା ୧୮ ତାରିଖରେ 'ଅମ୍ଫନ' ଗତିପଥ ବଦଳାଇ ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଗତି କରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ, ଏଯାବତ୍ ତାହାର ସ୍ପଷ୍ଟ ଚିତ୍ର ମିଳିନାହିଁ। ଏହା ପଶ୍ଚିମବଙ୍ଗ, ବାଂଲାଦେଶ କିମ୍ବା ଉତ୍ତର ଓଡ଼ିଶା ଦେଇ ସ୍ଥଳଭାଗ ଅତିକ୍ରମ କରିପାରେ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ଅମ୍ଫନ ଯୋଗୁ ଉପକୂଳ ଓଡ଼ିଶାର ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲା ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି।

ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ବାତ୍ୟା ପାଇଁ ଏକ ପ୍ରସ୍ତୁତି ବୈଠକ ବସିଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି) ପ୍ରଦୀପ କୁମାର ଜେନା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବାତ୍ୟା ଉପରେ ନିୟମିତ ଭାବେ ନଜର ରଖାଯାଉଛି। ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ, ତାହାର ସ୍ପଷ୍ଟ ସୂଚନା ନ ଥିବାରୁ ଏହା ଉତ୍ତର ଓଡ଼ିଶା ଉପକୂଳକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ସେଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲାପାଳଙ୍କ ସହ ବାତ୍ୟା ମୁକାବିଲା ପାଇଁ ଆଲୋଚନା କରାଯାଇଛି। କରୋନା ମୁକାବିଲା ପାଇଁ କେତେକ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଘରକୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର (ଟିଏମ୍‌ସି)ରେ ପରିଣତ କରାଯାଇଛି। ତେଣୁ ଜିଲାରେ ଖାଲି ଥିବା ସ୍କୁଲ, କଲେଜ ଓ ଅନ୍ୟ ବିଲ୍ଡିଂକୁ ଆଶ୍ରୟସ୍ଥଳ କରିବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସରପଞ୍ଚ ଓ ସ୍କୁଲ ଶିକ୍ଷକ ସେଲଟର ☞ପୃଷ୍ଠା-୪




## ୟେଲୋ ୱାର୍ନିଂ ଜାରି

**୧୮ ସନ୍ଧ୍ୟାରୁ ଉପକୂଳ ଜିଲାରେ ବର୍ଷା**

ବାତ୍ୟା ପ୍ରଭାବରେ ୧୮ ତାରିଖ ସନ୍ଧ୍ୟାରୁ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ଆରମ୍ଭ ହୋଇଯିବ। ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ୧୯ ତାରିଖରେ ଉପକୂଳବର୍ତ୍ତୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଉପକୂଳରେ ଘଣ୍ଟାକୁ ୮୦ରୁ ୯୦ କି.ମି. ବେଗରେ ପବନ ବହିବ। ସମୁଦ୍ର ଅଶାନ୍ତ ରହିବ। ଏହି ସମୟରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରିଛି ପାଣିପାଗ ବିଭାଗ। ଯେଉଁମାନେ ଗଭୀର ସମୁଦ୍ରକୁ ଯାଇଛନ୍ତି, ସେମାନେ ତୁରନ୍ତ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

## ଜୁନ୍ ୫ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ,୧୫।୫(ପି.ଟି.)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଚଳିତ ବର୍ଷ ୪ ଦିନ ବିଳମ୍ବରେ ଆସି ଜୁନ୍ ୫ରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାନୁମାନ କରାଯାଇଛି। ଦେଶରେ ବର୍ଷାଋତୁ ଜୁନ୍‌ରୁ ସେପ୍ଟେମ୍ବର ୪ ମାସ ଲାଗି ରହିଥାଏ। ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚିଥାଏ। ଏଥର ତାହା ୫ରେ ପହଞ୍ଚିବାକୁ ଥିବାବେଳେ ଏଥିରେ ସାମାନ୍ୟ ଏପଟସେପଟ ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି। ଆକଳନ ଅନୁଯାୟୀ ମେ' ୨୨ରେ ମୌସୁମୀ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବାକୁ ଥିବାବେଳେ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ଯୋଗୁ ଏହା ୬ ଦିନ ପୂର୍ବରୁ ଅର୍ଥାତ୍ ୧୬ ତାରିଖରେ ପହଞ୍ଚିବ। ଗତବର୍ଷ ୨ଦିନ ପୂର୍ବରୁ ଅର୍ଥାତ୍ ମେ' ୧୮ ତାରିଖରେ ମୌସୁମୀ ଆଣ୍ଡାମାନରେ ପହଞ୍ଚିଥିଲା। ତେବେ ଏହାର ଗତି ମନ୍ଥର ହେବାରୁ କେରଳରେ ପହଞ୍ଚିବାକୁ ଜୁନ୍ ୮ ହୋଇଯାଇଥିଲା। ଜୁଲାଇ ୧୯ ବେଳକୁ ମୌସୁମୀ ସାରା ଦେଶରେ ପହଞ୍ଚିଥିଲା। ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିବ।

## ଗୁଜରାଟ ପୋଲିସ ମାଡ଼ରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ପୁଅ ଓ ସ୍ତ୍ରୀଙ୍କ ସହ ସତ୍ୟ ସ୍ୱାଇଁ

ଭଞ୍ଜନଗର,୧୫।୫(ଡି.ଏନ୍.ଏ)

କୋଭିଡ୍-୧୯ ଲକ୍‌ଡାଉନ ବେଳେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ସୁରଟରେ ଜଣେ ଓଡ଼ିଆ ଯୁବକଙ୍କୁ ଗୁଜରାଟ ପୋଲିସ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ସତ୍ୟ ସ୍ୱାଇଁ (୪୦) ଓ ତାଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଗୁଡ଼ାରେ। ଶୁକ୍ରବାର ସକାଳେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେଠାରେ ରହୁଥିବା ☞ପୃଷ୍ଠା-୪

## ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କ ଆତ୍ମହତ୍ୟା

ବେତନଟୀ,୧୫।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଅଁଳା ପଞ୍ଚାୟତର ଡମ୍ବରୁଡହର ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜଣେ ପ୍ରବାସୀ ଓଡ଼ିଆ ଗୁରୁବାର ରାତିରେ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ସୁରେନ୍ଦ୍ର ବେହେରା(୪୦)। ତାଙ୍କ ଘର ସେହି ପଞ୍ଚାୟତ ଅନ୍ତର୍ଗତ ରାଇକମା ଗ୍ରାମରେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ଶ୍ରମିକ ଭାବେ କାମ କରୁଥିବା ସୁରେନ୍ଦ୍ର ଗତ ୬ ଦିନ ତଳେ ଗାଁକୁ ଫେରି ସ୍ତ୍ରୀଙ୍କ ସହ ଉକ୍ତ ସଂଗରୋଧ କେନ୍ଦ୍ରରେ ରହୁଥିଲେ। ଶୁକ୍ରବାର ସକାଳେ ସଂଗରୋଧ କେନ୍ଦ୍ର ପଛପଟେ ଥିବା ଏକ ମହୁଲଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ଲଳିତ ପଟ୍ଟନାୟକ, ବିଡ଼ିଓ ସ୍ମୃତିରଞ୍ଜନ ମଲ୍ଲିକ, ତହସିଲଦାର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୋଲିସ କହିଛି।

# କୃଷି ଭିତ୍ତିଭୂମି ପାଇଁ ଲକ୍ଷେ କୋଟି

ନୂଆଦିଲ୍ଲୀ,୧୫।୫

ଲକ୍‌ଡାଉନ୍ ଯୋଗୁ ବିପୁଳ କ୍ଷତି ସହିଥିବା ଚାଷୀକୁଳକୁ ଶୁକ୍ରବାର କେନ୍ଦ୍ର ସରକାର ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ସରକାରଙ୍କ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜରୁ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରକୁ ବିଭିନ୍ନ ଯୋଜନାରେ ୧.୬୩ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଛି। ଏହି ପଦକ୍ଷେପ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଆଶ୍ୱସ୍ତ କରିବ ବୋଲି ଶୁକ୍ରବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆଶାବ୍ୟକ୍ତ କରିଛନ୍ତି।

କରୋନା ଭାଇରସ୍ ଯୋଗୁ ଜାରି ଲକ୍‌ଡାଉନ୍ ଦେଶର ଅର୍ଥନୀତିକୁ



ଉଜାଡ଼ି ଦେଇଛି। ଭୂତାଣୁର ବହୁଳ ପ୍ରଭାବ କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ସମେତ ଆଉ କେତେକ କ୍ଷେତ୍ରରେ ଦେଖିବାକୁ ମିଳିଛି। ଅର୍ଥ ବ୍ୟବସ୍ଥାରେ ସୁଧାର ଆଣି ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ ହଜାର କୋଟି ଟଙ୍କା ଅର୍ଥାତ୍ ମୋଟ ଘରୋଇ ଉତ୍ପାଦ (ଜିଡିପିର)ର ୧୦% ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଏହି ବୃହତ୍ ପ୍ୟାକେଜରୁ କେଉଁ କ୍ଷେତ୍ରରେ କେତେ ଅର୍ଥ ଖର୍ଚ୍ଚ ହେବ ସେନେଇ ☞ପୃଷ୍ଠା-୪

### କ୍ଷେତ୍ର ପାଇଁ ପ୍ୟାକେଜ

- ଫୁଡ୍ ପ୍ରୋସେସିଂ ଅଣୁ ଶିଳ୍ପକୁ ୧୦ ହଜାର କୋଟି
- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ୨୦ ହଜାର କୋଟି
- ପଶୁ ସମ୍ପଦ ଟିକାକରଣ ପାଇଁ ୧୩, ୩୪୩ କୋଟି
- ଔଷଧୀୟ ବୃକ୍ଷରୋପଣ ପ୍ରୋତ୍ସାହନ ଲାଗି ୪ ହଜାର କୋଟି
- ମହୁମାଛି ପାଳନ ପ୍ରୋତ୍ସାହନରେ ୫୦୦ କୋଟି
- ଅପରେଶନ ଗ୍ରୀନ୍‌ରେ ଅତିରିକ୍ତ ୫୦୦ କୋଟି
- କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮,୭୦୦ କୋଟି
- ୭୩,୩୦୦ କୋଟିର ଏମ୍ଏସ୍‌ପି ସହାୟତା
- ଶସ୍ୟବୀମା ଲାଗି ୬,୪୦୦ କୋଟି ପ୍ରଦାନ
- ଦୁଗ୍ଧଚାଷୀଙ୍କୁ ରିହାତି ହାରରେ ଋଣ

## ୬ଷ୍ଠ ବେତନ କର୍ମଚାରୀଙ୍କ ମହଙ୍ଗାଭତ୍ତା ୧୦% ବଢ଼ିଲା

ଭୁବନେଶ୍ୱର,୧୫।୫(ବ୍ୟୁରୋ)

କରୋନା ମହାମାରୀ ସଙ୍କଟ ବେଳେ ଷଷ୍ଠ ବେତନ କମିଶନ ଆଧାରରେ ଦରମା ପାଉଥିବା ସରକାରୀ ଓ ଅନୁଦାନପ୍ରାପ୍ତ କର୍ମଚାରୀଙ୍କ ମହଙ୍ଗାଭତ୍ତା ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏ ନେଇ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୧୦ ପ୍ରତିଶତକୁ ମିଶାଇ କର୍ମଚାରୀମାନେ ମୋଟ ମୂଳ ଦରମା ଓ ଗ୍ରେଡ୍ ପେ'ର ୧୬୪ ପ୍ରତିଶତ ମହଙ୍ଗାଭତ୍ତା ପାଇବେ। ପୂର୍ବରୁ କର୍ମଚାରୀମାନେ ୧୫୪ ପ୍ରତିଶତ ମହଙ୍ଗାଭତ୍ତା ପାଉଥିଲେ। କର୍ମଚାରୀମାନେ ପିଛିଲା ଭାବେ ୨୦୧୯ ଜୁଲାଇ ପହିଲାରୁ ୨୦୨୦ ଏପ୍ରିଲ ପର୍ଯ୍ୟନ୍ତ ବକେୟା ମେ ମାସ ଦରମା ନେବା ପରେ ପାଇବେ। ☞ପୃଷ୍ଠା-୪


RSPL ଘଡ଼ି ଡିଟର୍ଜେଣ୍ଟ

## ଭାରତର ବୀର ଦୋକାନୀ ଭାଇ

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1 *ବସ୍ତା | 500 g ର 1 ପ୍ୟାକେଟ୍ ମାଗଣା |
| 500 g ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1 *ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1 *ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 3 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 2 May, 2020 ରୁ ଲାଗୁ
ଅଫର୍ ସିମିତ ସମୟ ପାଇଁ

SKU (ପେଟ/ବସ୍ତା) Information
Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.
Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.



*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।
B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । © RSPL CARE 1800 120 2800


# ମୋଦିଙ୍କ ଗଣିତ ବିଗାଡ଼ିଲେ ଟ୍ରମ୍ପ୍

ୱାଶିଂଟନ,୧୫।୫



- ଚାଇନାରୁ ବାହାରୁଥିବା କମ୍ପାନୀ ଆମେରିକା ଆସନ୍ତୁ
- ଅନ୍ୟ ରାଷ୍ଟ୍ରରେ ଉତ୍ପାଦିତ ସାମଗ୍ରୀ ଉପରେ ଲାଗିବ ନୂଆ ଟ୍ୟାକ୍ସ
- 'ମେକ୍ ଇନ୍ ଇଣ୍ଡିଆ'କୁ ଭଣ୍ଡୁର କରିବ 'ମେକ୍ ଆମେରିକା ଗ୍ରେଟ୍ ଏଗେନ'

ଚାଇନାରୁ ସୃଷ୍ଟି ହୋଇଥିବା ଘାତକ କରୋନା ଭାଇରସ୍ ଜି ଜିନ୍‌ପିଙ୍ଗ୍ ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଏଥିଯୋଗୁ ଚାଇନାର ଅର୍ଥ ବ୍ୟବସ୍ଥା ବହୁଳ ଭାବେ ପ୍ରଭାବିତ ହୋଇଥିବାବେଳେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏଭଳି ସମୟରେ ଆର୍ଥିକ କ୍ଷତି ଦୃଷ୍ଟିରୁ ଚାଇନାରୁ ବାହାରି ଆସୁଥିବା ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଭାରତକୁ ଟାଣି ମେକ୍ ଇଣ୍ଡିଆ ବାଟରେ ଚଲାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଭଣ୍ଡୁର ହୋଇପାରେ। କାରଣ ମୋଦିଙ୍କ ଗଣିତକୁ ବିଗାଡ଼ିବା ଭଳି କାମ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଆପଲ୍ ଭଳି କମ୍ପାନୀଗୁଡ଼ିକ ଭାରତ କଥାରେ ପଡ଼ି କାର୍ଯ୍ୟ କଲେ ସେମାନଙ୍କ ଉତ୍ପାଦ ଉପରେ ଅତିରିକ୍ତ ଟ୍ୟାକ୍ସ କଷାଯିବ ବୋଲି ଶୁକ୍ରବାର ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ଯେଉଁ ଆମେରିକୀୟ କମ୍ପାନୀଗୁଡ଼ିକ ଚାଇନାରୁ ସେମାନଙ୍କ ମାନିଫେକ୍ଚରିଂ ବେସ୍ ପ୍ରତ୍ୟାହାର କରି ଆମେରିକା ବ୍ୟତୀତ ଅନ୍ୟ ଦେଶକୁ ଯାଉଛନ୍ତି ସେମାନଙ୍କ ଉପରେ ନୂଆ ଟିକସ ବସାଯିବ। ଅର୍ଥାତ୍ ଟ୍ରମ୍ପ୍‌ଙ୍କ ମତରେ ଚାଇନାରୁ ବାହରି ଅନ୍ୟ ଦେଶକୁ ଯାଅ ନାହିଁ। ଯଦି ଆସିବ ତେବେ ଆମେରିକାକୁ ଆସ। ଟ୍ରମ୍ପ୍ ଏହି ଟାକ୍ସେଶନ୍ ବା ଟିକସ ବ୍ୟବସ୍ଥାକୁ କମ୍ପାନୀଗୁଡ଼ିକ ପାଇଁ ଆମେରିକା ଫେରିବା ଲାଗି ଏକ ପ୍ରୋତ୍ସାହନ ଭାବେ ଅଭିହିତ କରିଛନ୍ତି। ଏପରି କଲେ ଆମେରିକାରେ ନୂଆ କର୍ମନିଯୁକ୍ତି ସୃଷ୍ଟି ହେବା ସହ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' କାର୍ଯ୍ୟସୂଚୀ ପାଇଁ ସହାୟକ ହେବ ବୋଲି ଟ୍ରମ୍ପ୍ ଏକ ସାକ୍ଷାତ୍‌କାରରେ ସ୍ପଷ୍ଟ କରିଛନ୍ତି।

ଆପଲ୍ କମ୍ପାନୀ ଚାଇନାରୁ ତା' ମାନିଫାକ୍ଚରିଂର ଏକ ବଡ଼ ଅଂଶ ଭାରତକୁ ସ୍ଥାନାନ୍ତର କରୁଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟ ଉପରେ ଟ୍ରମ୍ପ୍‌ଙ୍କ ମତାମତ ଲୋଡ଼ାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ, ଯଦି ସେମାନେ ଏପରି କରନ୍ତି ତା'ହେଲେ ଆମେ ଆପଲ୍‌କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦୁର୍ଦ୍ଦିନରେ ଲାଗିଛି ଝଗଡ଼ା

**ଲୋକଙ୍କ ଚାଲିବାକୁ ରୋକାଯାଇ ପାରିବନି: ସୁପ୍ରିମକୋର୍ଟ** ଚାଲି ଚାଲି ନିଜ ରାଜ୍ୟକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ବାଟରେ ଖାଦ୍ୟ ଓ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଲୋକମାନଙ୍କ ଚାଲିବାକୁ ରୋକାଯାଇପାରିବ ନାହିଁ। କେଉଁ ଶ୍ରମିକ ଚାଲୁଛନ୍ତି,ତାହା ଉପରେ କୋର୍ଟ ନଜର ରଖିବା ସମ୍ଭବ ନୁହେଁ। ଏଭଳି ନିଷ୍ପତ୍ତି ରାଜ୍ୟ ଉପରେ ଛାଡ଼ିଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ଚାଇନାକୁ ଟପିଲା ଭାରତ

- ସଂକ୍ରମିତଙ୍କ ସଂଖ୍ୟା ୮୩,୫୮୪କୁ ବୃଦ୍ଧି
- ଜୀବନ ହାରିଲେଣି ୨,୬୭୨ ଭାରତୀୟ
- ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ ସ୍ଥିତି ଜଟିଳ



**ନୂଆଦିଲ୍ଲୀ, ୧୫।୫:** ମହାମାରୀ କରୋନା ଭୂତାଣୁ ବିଶ୍ୱର ୨୧୩ ଦେଶକୁ ନାକେଦମ୍ କରି ରଖିଥିବା ବେଳେ ଭାରତର ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଦେଶ ତାଲିକାର ଏକାଦଶ ସ୍ଥାନକୁ ଭାରତ ଉନ୍ନୀତ ହୋଇଥିବା ବେଳେ ଚାଇନାକୁ ପଛରେ ପକାଇଛି। କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୨, ୯୩୩ ଥିବାବେଳେ ଭାରତ ଏହି ସଂଖ୍ୟା ଅତିକ୍ରମ କରିଛି। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଏବେ ୮୩,୫୮୪ରେ ପହଞ୍ଚିଛି। ଏଥିସହିତ ଦେଶରେ ୨,୬୭୨ ବ୍ୟକ୍ତି ଭୂତାଣୁ ପ୍ରକୋପରେ ପ୍ରାଣ ହରାଇଲେଣି। ଚାଇନା ସ୍ଥିତିରେ ସୁଧାର ଆସିଥିବା ବେଳେ ଶୁକ୍ରବାର ମାତ୍ର ୪ ନୂଆ ମାମଲା ସାମ୍ନାକୁ ଆସିଛି। କିନ୍ତୁ ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୫୩୬ ନୂଆ ମାମଲା ନଜରକୁ ଆସିଛି। ଯଦିଓ ଚାଇନାରେ ମୃତ୍ୟୁସଂଖ୍ୟା ୪,୬୩୩କୁ ବଢ଼ିଛି, ତେବେ ଏବକାର ସ୍ଥିତି ନିୟନ୍ତ୍ରଣକୁ ଆସିପାରିଛି। ଅନ୍ୟପକ୍ଷରେ ଭାରତରେ ଏବେ ହୁ ହୁ ହୋଇ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏବେ ସୁଦ୍ଧା ୫୧, ୯୭୧ ଆକ୍ଟିଭ୍ ମାମଲା ରହିଛି। ୨୮,୯୩୬ ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଥିଲେ ହେଁ ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ, ଦିଲ୍ଲୀ ଭଳି କେତେକ ରାଜ୍ୟରେ ଦେଖାଦେଇଥିବା ଉଗ୍ର ସଂକ୍ରମଣ ପରିସ୍ଥିତିକୁ ଗୋଳମାଳିଆ କରିପକାଇଛି।

କେବଳ ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୨୭,୫୨୪ରୁ ଅଧିକ ରହିଛି। ଏହି ରାଜ୍ୟରେ ସର୍ବାଧିକ ସଂକ୍ରମିତ ଥିବାବେଳେ ପ୍ରାଣ ହରାଇଲେଣି ୧,୦୧୯ ବ୍ୟକ୍ତି। ଦ୍ୱିତୀୟ ସ୍ଥାନରେ ରହିଛି ତାମିଲନାଡୁ। ଏଠାରେ କରୋନା ରୋଗୀସଂଖ୍ୟା ୧୦,୧୦୮କୁ ବୃଦ୍ଧିପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୪୩୪ ନୂଆ ମାମଲା ଦେଖିବାକୁ ମିଳିଛି। ୬୬ ଜଣ ରାଜ୍ୟରେ ଭୂତାଣୁ ଯୋଗୁ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗୁଜରାଟ ଓ ଦିଲ୍ଲୀ ସ୍ଥିତି ମଧ୍ୟ ଜଟିଳ ରହିଛି। ଗୁଜରାଟରେ ୯,୫୯୨ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜଧାନୀ ଦିଲ୍ଲୀରେ ଏହି ସଂଖ୍ୟା ୮,୮୯୫କୁ ବୃଦ୍ଧିପାଇଛି। ଦୁଇରାଜ୍ୟରେ ଯଥାକ୍ରମେ ୫୮୬ ଓ ୧୨୩ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମଧ୍ୟପ୍ରଦେଶରେ ୨୩୯ ଜଣ ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୪,୫୯୫ରେ ପହଞ୍ଚିଛି। ସେହିଭଳି ରାଜସ୍ଥାନରେ ୪,୬୮୮, ଉତ୍ତରପ୍ରଦେଶରେ ୩,୯୦୨, ପଶ୍ଚିମବଙ୍ଗରେ ୨,୪୬୧, ଆନ୍ଧ୍ରପ୍ରଦେଶରେ ୨,୩୦୭ ସଂକ୍ରମିତ ଥିବା ପ୍ରକାଶ। ଏହିସବୁ ରାଜ୍ୟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଯଥାକ୍ରମେ ୧୨୫, ୮୮, ୨୨୫ ଓ ୪୮ ରହିଛି। ତେଲଙ୍ଗାନାରେ ୩୪, ପଞ୍ଜାବରେ ୩୨, କର୍ଣ୍ଣାଟକରେ ୩୬ ଜଣ ପ୍ରାଣ ହରାଇଛନ୍ତି। ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଭାରତ ଭଳି ଜନସଂଖ୍ୟା ଘନତ୍ୱ ଦେଶରେ ଏଭଳି ସଂକ୍ରମଣ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟିକରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲକ୍‌ଡାଉନ ସତ୍ତ୍ୱେ ପ୍ରବାସୀଙ୍କ ଆଗମନ ଚିନ୍ତା ବଢ଼ାଇଦେଇଛି। ଯେତେ ସଚେତନ କଲେ ମଧ୍ୟ କରୋନା ସ୍ଥିତିରେ ସୁଧାର ଆସିପାରୁନି। ଯଦିଓ ଆମେରିକା ଓ ୟୁରୋପ ଭଳି ସ୍ଥିତି ଦେଶରେ ସୃଷ୍ଟିହୋଇନି, ତଥାପି ଉଗ୍ର ସଂକ୍ରମଣ ଯୋଗୁ ଗୋଷ୍ଠୀ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏଥିଲାଗି ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବା ଲାଗି ସରକାର ପରାମର୍ଶ ଦେଇଛନ୍ତି।

## ମୁକାବିଲା ପାଇଁ ୧୦୦ କୋଟି ଡଲାର ଦେବ ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ, ୧୫।୫:** ଭାରତର କୋଭିଡ୍‌-୧୯ ବିରୋଧୀ ଲଢ଼େଇକୁ ସହାୟତା ପାଇଁ ବିଶ୍ୱବ୍ୟାଙ୍କ ୧୦୦ କୋଟି (୧ ବିଲିୟନ) ଡଲାର ଯୋଗାଇଦେବ। କରୋନା ମହାମାରୀ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଗରିବ ଓ ଅସହାୟ ପରିବାରଙ୍କୁ ସହାୟତା ଯୋଗାଇଦେବାରେ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାକୁ ମିଶାଇ ଭାରତକୁ ବିଶ୍ୱବ୍ୟାଙ୍କର କୋଭିଡ୍‌-୧୯ ସହାୟତା ୨ ବିଲିୟନ ଡଲାରରେ ପହଞ୍ଚିଛି। ଗତ ମାସରେ ଭାରତର ସ୍ୱାସ୍ଥ୍ୟସେବା ସେକ୍ଟରକୁ ସହାୟତା ଲାଗି ଏହି ଅନ୍ତର୍ଜାତୀୟ ସଂଗଠନ ୧ ବିଲିୟନ ଡଲାର ସହାୟତା ଘୋଷଣା କରିଥିଲା। ଭାରତର ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ଉନ୍ନତି ଲାଗି ବିଶ୍ୱବ୍ୟାଙ୍କ ଭାରତ ସରକାରଙ୍କ ସହ ମିଶି କାମ କରିବ ବୋଲି ଏହାର ନିର୍ଦ୍ଦେଶକ ଜୁନାଇଦ୍ ଅହମଦ କହିଛନ୍ତି।



ମିଶିଗନର ଲାନ୍ସିଂରେ 'ଘରେ ରୁହ ନିର୍ଦ୍ଦେଶ'ର ପ୍ରତିବାଦରେ ଗ୍ୟାସ୍ ମାସ୍କ ପିନ୍ଧି ବିକ୍ଷୋଭ କରୁଛନ୍ତି ଜଣେ ବ୍ୟକ୍ତି।

## ୨୦ରେ ବିଏମ୍‌ଏସ୍‌ର ଦେଶବ୍ୟାପୀ ଆନ୍ଦୋଳନ

### ଶ୍ରମ ଆଇନରେ ସଂଶୋଧନକୁ ବିରୋଧ

**ନୂଆଦିଲ୍ଲୀ, ୧୫।୫:** କରୋନା ଭାଇରସ୍ ଯୋଗୁ ଜାରି ଲକ୍‌ଡାଉନ୍ ଫଳରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ପରିପ୍ରେକ୍ଷୀରେ ୯ ରାଜ୍ୟ ସେମାନଙ୍କ ଶ୍ରମ ଆଇନରେ ସଂଶୋଧନ ଆଣିଛନ୍ତି। ଭାଜପାର ବିଚାର ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଅର୍‌ଏସ୍‌ଏସ୍) ସମର୍ଥିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଏହାକୁ ବିରୋଧ କରିଛି। ଭାଜପା ଶାସିତ ୩ ହିନ୍ଦୀଭାଷୀ ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଗୁଜରାଟ ଶ୍ରମ ଆଇନରେ ପରିବର୍ତ୍ତନର ପ୍ରତିବାଦରେ ବିଏମ୍‌ଏସ୍ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛି। ସେହିପରି ରାଜସ୍ଥାନ, ଗୋଆ, ମହାରାଷ୍ଟ୍ର ଏବଂ ଓଡ଼ିଶା ଭଳି ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ଅଧ୍ୟାଦେଶ ଆଣି ଏହି ଆଇନକୁ ବଦଳାଇ କାର୍ଯ୍ୟ ସମୟ ବୃଦ୍ଧି କରିଥିବାରୁ ଏହାର ନିନ୍ଦା କରାଯାଇଛି। ଏପରି ପଦକ୍ଷେପ ଇତିହାସରେ କେବେ ଦେଖାଯାଇ ନ ଥିଲା। ଏପରି କି ସବୁଠୁ ଅଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ମଧ୍ୟ କେବେ ଏଭଳି କରି ନ ଥିବା ବିଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରମାନଙ୍କ ଏପରି ଶ୍ରମିକ ବିରୋଧୀ ନୀତିର ପ୍ରତିବାଦରେ ମେ ୨୦ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଏହି ସଙ୍ଗଠନ ପ୍ରସ୍ତୁତି ଆରମ୍ଭ କରିଛି। ବିଏମ୍‌ଏସ୍ ବ୍ୟତୀତ ଟ୍ରେଡ୍ ୟୁନିୟନ ଓ ବାମପନ୍ଥୀମାନେ ମଧ୍ୟ ରାଜ୍ୟଗୁଡ଼ିକର ପଦକ୍ଷେପକୁ ନିନ୍ଦା କରିଛନ୍ତି। ଗତ ସପ୍ତାହରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶ୍ରମ ଆଇନରେ ସଂଶୋଧନକୁ ସମାଲୋଚନା କରି ଟୁଇଟ୍ କରିଥିଲେ।

## ହିମସ୍ଖଳନରେ ୨ ଯବାନ ଶହୀଦ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** ଉତ୍ତର ସିକିମର ଲୁଗ୍‌ନାକ୍ ଲା ପାର୍ବତ୍ୟାଞ୍ଚଳରେ ହିମସ୍ଖଳନ ଯୋଗୁ ସେନାର ଜଣେ ଲ୍ୟୁଟନାଣ୍ଟ କଲୋନେଲ୍ ଓ ଜଣେ ଯବାନ ଶହୀଦ ହୋଇଛନ୍ତି। ଏମାନେ ୧୮ ଜଣିଆ ପାଟ୍ରୋଲିଂ ଟିମ୍‌ରେ ସାମିଲ ଥିଲାବେଳେ ଗୁରୁବାର ହିମସ୍ଖଳନ ଯୋଗୁ ପୋତିହୋଇପଡ଼ିଥିଲେ। ଉଦ୍ଧାରକାରୀ ଟିମ୍ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମ ସତ୍ତ୍ୱେ ସେମାନଙ୍କୁ ବରଫ ତଳୁ ଉଦ୍ଧାର କରାଯାଇପାରି ନ ଥିଲା ବୋଲି ଜଣେ ସେନା ଅଧିକାରୀ କହିଛନ୍ତି। ମୃତକ ହେଲେ ଲ୍ୟୁଟ୍‌ନାଣ୍ଟ କଲୋନେଲ ରବର୍ଟ ଟିଏ ଏବଂ ଯବାନ ସପଲ ଶନମୁଖ ରାଓ।

## ୨୯୫.୬୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** ଚଳିତ ୨୦୧୯-୨୦ ଫସଲ ବର୍ଷରେ ଦେଶରେ ୨୯୫.୬୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଭଲ ବର୍ଷା ଯୋଗୁ କ୍ରମାଗତ ଚତୁର୍ଥ ବର୍ଷ ଲାଗି ରେକର୍ଡ ଉତ୍ପାଦନ ହେବାକୁ ଯାଉଥିବା କୃଷି ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷର ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟଠାରୁ ୩.୬୭ ପ୍ରତିଶତ ଅଧିକ ରହିବ। ଚଳିତ ବର୍ଷ ୨୯୧.୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଖରିଫ ଉତ୍ପାଦନ ସରିଥିବାବେଳେ କରୋନା ଯୋଗୁ ରବି ଉତ୍ପାଦନ ବିଳମ୍ବ ହୋଇଛି। ୨୦୧୬-୧୭ ବର୍ଷରୁ କ୍ରମାଗତ ଭାବେ ଉତ୍ପାଦନ ଭଲ ରହିଛି। ଗତବର୍ଷ ୨୮୫.୨୧ ନିୟୁତ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା।

## ବାହକ ହୋଇପାରେ ମୋବାଇଲ ଫୋନ୍

### ହସ୍ପିଟାଲରେ ବ୍ୟବହାର ଉପରେ କଟକଣା ରହୁ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** ମୋବାଇଲ ଫୋନ୍ କରୋନା ଭୂତାଣୁର ବାହକ ହେବାର ସମ୍ଭାବନା ରହୁଥିବା ରାୟପୁର ଏମ୍ସର ଡାକ୍ତରମାନେ ସତର୍କ କରାଇଦେଇଛନ୍ତି। ଏହା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସକ୍ରମିତ କରିବା ଆଶଙ୍କା ଥିବାରୁ ହସ୍ପିଟାଲଗୁଡ଼ିକରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ସେମାନେ ସୁପାରିସ୍ କରିଛନ୍ତି। ବିଏମ୍‌ଜି ଗ୍ଲୋବାଲ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଟିପ୍ପଣୀ ଅନୁଯାୟୀ ମୋବାଇଲ ଫୋନ୍‌ର ଉପରିଭାଗ ସିଧାସଳଖ ମୁହଁ କିମ୍ବା ପାଟି ସଂସ୍ପର୍ଶରେ ଆସିପାରେ। ହାତକୁ ଭଲଭାବେ ଧୋଇଲେ ମଧ୍ୟ କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରତି ୧୫ ମିନିଟରୁ ୨ ଘଣ୍ଟା ମଧ୍ୟରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଏକ ଅଧ୍ୟୟନରୁ ଜଣାପଡିଛି। ସେମାନେ ଅନ୍ୟ କର୍ମଚାରୀଙ୍କ ସହ ଯୋଗାଯୋଗ କରିବା, ମେଡିକାଲର ନୂଆ ଗାଇଡ୍‌ଲାଇନ ସମ୍ପର୍କରେ ଜାଣିବା, ଗବେଷଣା ଔଷଧ ସମ୍ପର୍କରେ କଥା ହେବା ଓ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଜାଣିବା, ଟେଲିମେଡିସିନ୍ ଆପଏଣ୍ଟମେଣ୍ଟ ଆଦି ପାଇଁ ମୋବାଇଲ ଫୋନ୍ ବ୍ୟବହାର କରିଥାନ୍ତି। ତେଣୁ ହସ୍ପିଟାଲରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ଜରୁରୀ ବୋଲି କମ୍ୟୁନିଟି ଓ ଫାମିଲି ମେଡିସିନ୍ ବିଭାଗର ଡାକ୍ତରମାନେ ଉଲ୍ଲେଖ କରିଛନ୍ତି।





ପ୍ରବାସୀଙ୍କୁ ଜବଲପୁର ଷ୍ଟେଶନରେ ପାଣି ଦେଉଛନ୍ତି ଜଣେ ରେଲୱେ କର୍ମଚାରୀ।

## 'ଭୂତାଣୁରୁ ରକ୍ଷା କରିବ ଅଶ୍ୱଗନ୍ଧା'



- ହୋଇପାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର ବିକଳ୍ପ
- ଜାରି ରହିଛି ବୈଜ୍ଞାନିକ ଓ ଗବେଷକଙ୍କ ପରୀକ୍ଷା
- ଆଇସିଏମ୍‌ଆର୍, ୟୁଜିସି ଓ ୨ ମନ୍ତ୍ରଣାଳୟ ସାମିଲ

**ନୂଆଦିଲ୍ଲୀ, ୧୫।୫:** ପ୍ରାଣଘାତୀ କରୋନା ଏବେ ବିଶ୍ୱରେ ଆତଙ୍କ ସୃଷ୍ଟିକରିଛି। ଏପର୍ଯ୍ୟନ୍ତ ଏନେଇ କୌଣସି ସଫଳ ଔଷଧ ମଧ୍ୟ ବାହାରି ନାହିଁ। ବିଭିନ୍ନ ଦେଶରେ ପ୍ରୟାସ ଜାରି ରହିଛି। ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ଭରସା କରାଯାଉଛି। ହେଲେ ଆୟୁର୍ବେଦିକ ଔଷଧ ଅଶ୍ୱଗନ୍ଧା ଯେ, କରୋନା ଭୂତାଣୁରୁ ରକ୍ଷା କରିପାରିବ, ସେନେଇ ସମ୍ଭାବନା ସୃଷ୍ଟି ହୋଇଛି। ଭାରତରେ କେନ୍ଦ୍ରର ମୋଦି ସରକାରଙ୍କ ନିର୍ଦ୍ଦେଶକ୍ରମେ ଏନେଇ ଗବେଷଣା ଜାରି ରହିଛି। ଆୟୁଷ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ୍‌(ୟୁଜିସି) ଓ ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ବୈଜ୍ଞାନିକ ଓ ଗବେଷକମାନେ ଏହାର ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଭଳି ଅଶ୍ୱଗନ୍ଧା କାମ କରୁଛି କି ନାହିଁ ଓ ଏହା ଭୂତାଣୁରୁ ରକ୍ଷା କରିବାରେ ସଫଳ ହେବକି ନାହିଁ, ତାହା ଗବେଷଣା କରାଯାଉଥିବା ୟୁଜିସିର ଉପାଧ୍ୟକ୍ଷ ଭୂଷଣ ପଟ୍‌ବର୍ଦ୍ଧନ ପ୍ରକାଶ କରିଛନ୍ତି।

ଅଶ୍ୱଗନ୍ଧା ଭଳି ଆୟୁର୍ବେଦିକ ଔଷଧ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ସବୁଠାରୁ ବଡ଼କଥା ହେଲା ଏହା ବ୍ୟବହାର କରିବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। କରୋନା ଭୂତାଣୁ କ୍ଷେତ୍ରରେ ଏହା ସଫଳ ହୋଇପାରେ ବୋଲି ପଟ୍‌ବର୍ଦ୍ଧନ କହିଛନ୍ତି। ୪୦୦ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏହାର ପରୀକ୍ଷା କରାଯିବ। ଅଧା ସ୍ୱାସ୍ଥ୍ୟକର୍ମୀଙ୍କୁ ଅଶ୍ୱଗନ୍ଧା ଓ ଅନ୍ୟ ଅଧାଙ୍କୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଦିଆଯାଇ କାହାର ରୋଗ ପ୍ରତିରୋଧକ ଶକ୍ତି କେତେ, ତାହା ପରୀକ୍ଷା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଯାହାହେଉ, ମ୍ୟାଲେରିଆ ଜ୍ୱର ପ୍ରତିରୋଧକ ଔଷଧ ଓ ଏହାର ବିକଳ୍ପ ସମ୍ପର୍କରେ ଗବେଷଣା କରାଯିବାର ଆବଶ୍ୟକତା ରହିଛି। ଭାରତ ଓ ଆମେରିକା ଭଳି କେତେକ ଦେଶରେ କରୋନାରୁ ବର୍ତ୍ତିବା ଲାଗି ବହୁଳ ମାତ୍ରାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର କରାଯାଉଥିବା ବେଳେ ଏହାର ମାତ୍ରାଧିକ ବ୍ୟବହାର ଶରୀର ପ୍ରତି ହାନିକାରକ ବୋଲି ଦର୍ଶାଯାଉଛି। ଡାକ୍ତରଙ୍କ ବିନା ପରାମର୍ଶରେ ଏହାକୁ ବ୍ୟବହାର କରିବା ଠିକ୍ ନୁହେଁ ବୋଲି ଆଇସିଏମ୍‌ଆର୍ ପକ୍ଷରୁ ଗତ ମାର୍ଚ୍ଚ ମାସରୁ କୁହାଯାଇଛି। ମାର୍ଚ୍ଚ ୨୫ରେ ଆଇସିଏମ୍‌ଆର୍ ଇପିଡେମିଓଲୋଜି ମୁଖ୍ୟ ଡାକ୍ତର ରାମନ୍ ଗଙ୍ଗଖେଡ୍‌କର ଖବରଦାତା ସମ୍ମିଳନୀରେ ଏନେଇ ସତର୍କ କରିସାରିଛନ୍ତି।

ଅନ୍ୟପକ୍ଷରେ ଅଶ୍ୱଗନ୍ଧା ଭୂତାଣୁର ପ୍ରତିକାର ଲାଗି ସଫଳ ଔଷଧ ଭାବେ କାମ କରିପାରିବ ବୋଲି ଆୟୁଷ ସଚିବ ରାଜେଶ୍ କୋଟେଚା କହିଛନ୍ତି। ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଓ ଅଶ୍ୱଗନ୍ଧା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବାରେ ସଫଳ ହୋଇଥାନ୍ତି ବୋଲି ୨୦୧୦ ଗବେଷଣାରୁ ଜଣାପଡ଼ିଥିବା ସେ ଉଲ୍ଲେଖ କରିଛନ୍ତି। କେତେକ ଜର୍ନାଲରେ ମଧ୍ୟ ଏହି ଖବର ପ୍ରକାଶ ପାଇଛି। ତଥାପି ଅଶ୍ୱଗନ୍ଧାର ଅଧିକ ପରୀକ୍ଷା ନିରୀକ୍ଷା କରାଯିବାର ଆବଶ୍ୟକତା ରହିଥିବା କୋଟେଚା ପ୍ରକାଶ କରିଛନ୍ତି। ଏନେଇ ଗବେଷଣା ଚାଲିଛି ଓ ଆଗାମୀ ୩ ମାସ ମଧ୍ୟରେ ଅଶ୍ୱଗନ୍ଧା ପରୀକ୍ଷା ଶେଷ ହେବ। ଏହି ଔଷଧ କରୋନା ଭୂତାଣୁରୁ ରକ୍ଷାକରିବା ଲାଗି କେତେ ସହାୟକ ହେବ, ତାହା ଜଣାପଡ଼ିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ପଦ ଛାଡ଼ିଲେ ଡବ୍ଲ୍ୟୁଟିଓ ମୁଖ୍ୟ

**ଜାତିସଂଘ, ୧୫।୫ :** ମହାମାରୀ କରୋନା ଭୂତାଣୁ କବଳରେ ବିଶ୍ୱ କଳବଳ ହେଉଥିବା ବେଳେ ବାଣିଜ୍ୟିକ ଓ ଆର୍ଥିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହି ସମୟରେ ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ)ର ମୁଖ୍ୟ ରୋବେର୍ଟୋ ଆଜେଭେଡୋ ସମାଲୋଚନାର ଶିକାର ହୋଇ ନିଜ ପଦ ଛାଡ଼ିଛନ୍ତି। ଗୁରୁବାର ଅନୁଷ୍ଠିତ ଡବ୍ଲ୍ୟୁଏଚ୍‌ଓ ବୈଠକରେ ସେ ଏଭଳି ଘୋଷଣା କରିଛନ୍ତି। ବର୍ଷକ ପୂର୍ବରୁ ସେ ନିଜ ପଦ ଛାଡ଼ି ଉତ୍ତରାଧିକାରୀ ନିଯୁକ୍ତି ଲାଗି ପଥ ପରିଷ୍କାର କରିଥିବା କହିଛନ୍ତି। ବାଣିଜ୍ୟିକ କାରବାର ହ୍ରାସ ଓ ଆର୍ଥିକ କ୍ଷତି ଯୋଗୁ ତାଙ୍କୁ ହଟାଇବା ଲାଗି ବିଭିନ୍ନ ଆଡୁ ଚାପ ପଡୁଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡବ୍ଲ୍ୟୁଟିଓ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ବାଣିଜ୍ୟିକ କ୍ଷତି ସହ ଶିଳ୍ପାୟନକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରିଥିଲେ। ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ଚାଇନାକୁ ଫାଇଦା ପହଞ୍ଚାଉଥିବା ଅଭିଯୋଗ ଆଣିଥିଲେ। ଭାରତ ସହ ବାଣିଜ୍ୟିକ ବିବାଦର ସମାଧାନ ଲାଗି ଆମେରିକା ଡବ୍ଲ୍ୟୁଟିଓ ଉପରେ ଚାପ ପକାଇ ଆସୁଥିଲା। କରୋନା ସ୍ଥିତି ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିବାରୁ ବାଧ୍ୟହୋଇ ନିଜ ପଦରୁ ହଟିଯାଇଥିବା ଆଜେଭେଡୋ ପ୍ରକାଶ କରିଛନ୍ତି।



ରୋବେର୍ଟୋ ଆଜେଭେଡୋ

## ପାନ, ଗୁଟ୍‌ଖା ବିକ୍ରି ନିଷିଦ୍ଧ କର

### ରାଜ୍ୟଗୁଡ଼ିକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** କରୋନା ସଂକ୍ରମଣ ରୋକିବା ଲାଗି ରାଜସ୍ଥାନ ଓ ଝାଡ଼ଖଣ୍ଡ ସରକାର ପାନ, ଗୁଟ୍‌ଖା ବିକ୍ରି ଓ ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ନିଷିଦ୍ଧ କରିଛନ୍ତି। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନେ ଅନୁରୂପ ପଦକ୍ଷେପ ନେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ନିବେଦନ କରିଛନ୍ତି। ସବୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ହର୍ଷବର୍ଦ୍ଧନ କହିଛନ୍ତି, ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ପାନ, ଗୁଟ୍‌ଖା ଖାଉଥିବା ଲୋକମାନଙ୍କର ଅଭ୍ୟାସ। ସେମାନଙ୍କର ଏହି ଖରାପ ଅଭ୍ୟାସ କେବଳ କରୋନା ନୁହେଁ, ଯକ୍ଷ୍ମା, ସ୍ୱାଇନ୍ ଫ୍ଲୁ, ଏନ୍‌ସେଫାଲାଇଟ୍ସ ଆଦି ରୋଗ ସଂକ୍ରମଣର କାରଣ ହୋଇଥାଏ। ଧୂମହୀନ ତମାଖୁର ବ୍ୟବହାର ଏକ ଅସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରିଥାଏ। ଏହିସବୁ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ ଆଗରେ ଭିଡ଼ ଜମୁଥିବାରୁ ତାହା କୋଭିଡ୍‌-୧୯ ସଂକ୍ରମଣର ଅନ୍ୟତମ କାରଣ ମଧ୍ୟ ହୋଇଥାଏ। ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାରୁ ଏହା ବ୍ୟବହାର ନ କରିବା ଓ ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଜନସାଧାରଣଙ୍କୁ ଅନୁରୋଧ କରିଆସୁଛି। ଛେପ ପକାଇବାକୁ ନିଷିଦ୍ଧ କରାଗଲେ ସ୍ୱଚ୍ଛ ଭାରତ ସହିତ ସୁସ୍ଥ ଭାରତ ଗଠନରେ ସହାୟକ ହୋଇପାରିବ ବୋଲି ହର୍ଷବର୍ଦ୍ଧନ କହିଛନ୍ତି।

## କରୋନା ଖାଇଯିବ ୮.୮ ଟ୍ରିଲିୟନ ଡଲାର

### ଏଡିବି ରିପୋର୍ଟ




- କରୋନା ଯୋଗୁ କ୍ଷତି ସହିବ ବିଶ୍ୱ ଅର୍ଥନୀତି
- ଦକ୍ଷିଣ ଏସିଆର ଜିଡିପି ଉପରେ ୧୪୨ରୁ ୨୧୮ ବିଲିୟନ ଡଲାର ପ୍ରଭାବ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତିକୁ ୫.୮ରୁ ୮.୮ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡ଼ିପାରେ ବୋଲି ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ପକ୍ଷରୁ ଆକଳନ କରାଯାଇଛି। ଏହା ବିଶ୍ୱ ଜିଡିପି (ମୋଟ ଘରୋଇ ଉତ୍ପାଦ)ର ୬.୪ରୁ ୯.୭ ପ୍ରତିଶତ। ସେଥିରୁ ଦକ୍ଷିଣ ଏସିଆର ଜିଡିପି ଉପରେ ୧୪୨ରୁ ୨୧୮ ବିଲିୟନ ଡଲାର ପର୍ଯ୍ୟନ୍ତ ପ୍ରଭାବ ପଡ଼ିବ ବୋଲି କୁହାଯାଇଛି।

ଏଡିବି ରିପୋର୍ଟ ଅନୁଯାୟୀ ଭାରତ, ପାକିସ୍ତାନ, ବାଂଲାଦେଶ ଭଳି ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ କରୋନା ସଂକ୍ରମଣ ରୋକିବା ପାଇଁ କଡ଼ା କଟକଣା ଲାଗୁ କରାଯାଇଥିବାରୁ ଏହା ଜିଡିପିକୁ ପ୍ରଭାବିତ କରିବ। ଫଳରେ ଦକ୍ଷିଣ ଏସିଆରେ ଜିଡିପି ୩.୯ରୁ ୬.୦ ପ୍ରତିଶତ ହ୍ରାସ ପାଇବ ବୋଲି କୁହାଯାଇଛି। ମହାମାରୀ ପାଇଁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୩ ମାସରେ ୧.୭ ଟ୍ରିଲିୟନ ଡଲାର କ୍ଷତି ହେବାକୁ ଥିବାବେଳେ ୬ ମାସରେ ଏହା ୨.୫ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ମାନିଲାସ୍ଥିତ ଏଡିବି ମୁଖ୍ୟାଳୟ ପକ୍ଷରୁ ଆକଳନ କରାଯାଇଛି। ଏହା ବିଶ୍ୱର ମୋଟ କ୍ଷତି ପରିମାଣର ପାଖାପାଖି ୩୦ ପ୍ରତିଶତ। ଚାଇନା ୧.୧ରୁ ୧.୬ ଟ୍ରିଲିୟନ ଡଲାର କ୍ଷତିର ସମ୍ମୁଖୀନ ହୋଇପାରେ। ଗତ ଏପ୍ରିଲ ୩ରେ ପ୍ରକାଶିତ ଏସିଆନ ଡେଭେଲପମେଣ୍ଟ ଆଉଟଲୁକ୍‌ରେ କୋଭିଡ୍‌-୧୯ ଯୋଗୁ ବିଶ୍ୱକୁ ୨ରୁ ୪.୧ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏବେ ନୂଆ ଆକଳନ ଦୁଇଗୁଣରୁ ଅଧିକ ହୋଇଛି।

କରୋନା ଜନିତ ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପମାନ ଗ୍ରହଣ କରାଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ବ୍ୟୟବରାଦ କରାଯିବା ସହ ଆୟ ଓ ରାଜସ୍ୱ କ୍ଷତି ଭରଣା ଲାଗି ସିଧାସଳଖ ସହାୟତା ଯୋଗାଇଦିଆଯାଉଛି। ଏଭଳି ପଦକ୍ଷେପ ଯୋଗୁ କୋଭିଡ୍‌-୧୯ର ଆର୍ଥିକ କ୍ଷତି ୩୦ରୁ ୪୦ ପ୍ରତିଶତ କମାଯାଇପାରିବ ବୋଲି ନୂଆ ରିପୋର୍ଟରେ କୁହାଯାଇଛି। ଫଳରେ ମହାମାରୀ ଯୋଗୁ ବିଶ୍ୱର ଆର୍ଥିକ କ୍ଷତି ୪.୧ରୁ ୫.୪ ଟ୍ରିଲିୟନ ଡଲାରକୁ ହ୍ରାସ ପାଇବ ବୋଲି ଏଡିବି କହିଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦ ଲକ୍ଷ ଟପିଥିବାବେଳେ ୯୬ଟି ପ୍ରଭାବିତ ଅର୍ଥନୀତିକୁ ବିଶ୍ଳେଷଣ କରି ଏଡିବି ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ମହାମାରୀ ଯୋଗୁ ପର୍ଯ୍ୟଟନ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ ହେବା ସହ ଲୋକଙ୍କ ବ୍ୟୟ କ୍ଷମତା ହ୍ରାସ ପାଇଛି। ପୁଞ୍ଜିନିବେଶ, ବାଣିଜ୍ୟଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ସବୁ ପ୍ରଭାବିତ ହୋଇଛି।

ଧରିତ୍ରୀ
DHARITRI
ଶନିବାର, ୧୬ ମେ, ୨୦୨୦

## ଭିମ୍ସାର ପରିସରରେ ଉତ୍ତେଜନା




ସମ୍ବଲପୁର,୧୫।୫(ବ୍ୟୁରୋ): ଜଣେ ସୁରକ୍ଷାକର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ କେନ୍ଦ୍ରକରି ବୁର୍ଲାସ୍ଥିତ ଭିମସାରରେ ଉତ୍ତେଜନା ଦେଖାଦେଇଛି। ଆକ୍ରମଣରେ ସମ୍ପୃକ୍ତ ଘରୋଇ ଆମ୍ବୁଲାନ୍ସ ମାଲିକଙ୍କୁ ଗିରଫ କରିବା ଦାବିରେ ସୁରକ୍ଷାକର୍ମୀମାନେ ଫାଣ୍ଡି ଘେରାଉ କରିଛନ୍ତି।



## ସଂକ୍ଷେପରେ

### ଇପିଏଫ୍ ଦେୟ ବିଳମ୍ବରେ ଜରିମାନା ଲାଗିବନି

ନୂଆଦିଲ୍ଲୀ,୧୫।୫: ସଙ୍ଗଠିତ କ୍ଷେତ୍ର କମ୍ପାନୀଙ୍କ ଲାଗି ଆଶ୍ୱସ୍ତି। ଲକ୍‌ଡାଉନ ସମୟରେ ଭବିଷ୍ୟନିଧି ଦେୟ ଜମା କରିବା କ୍ଷେତ୍ରରେ ବିଳମ୍ବ ହେଲେ କୌଣସି ଜରିମାନା ଲାଗିବ ନାହିଁ। କମ୍ପାନୀଗୁଡ଼ିକ ବିରୋଧରେ କୌଣସି ଜରିମାନା ନ ଲାଗୁ କରିବାକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ପକ୍ଷରୁ ନିଷ୍ପତ୍ତି ହୋଇଛି। କରୋନା ଯୋଗୁ କାରବାର ଠପ୍ ହୋଇଥିବାରୁ କମ୍ପାନୀଗୁଡିକ ବର୍ତ୍ତମାନ ସମସ୍ୟାରେ ରହିଛନ୍ତି। ଏଭଳି ଚ୍ୟାଲେଞ୍ଜିଂ ସମୟରେ ଯଦି କୌଣସି କମ୍ପାନୀ ଭବିଷ୍ୟନିଧି ଦେୟ ପ୍ରଦାନରେ ବିଳମ୍ବ କରୁଛନ୍ତି କଠୋର ମନୋଭାବ ପୋଷଣ କରାଯିବ ନାହିଁ ବୋଲି ଇପିଏଫ୍‌ଓ ପ୍ରକାଶ କରିଛି।

### କଳା ତାଲିକାଭୁକ୍ତ ହେଲା ଠିକାସଂସ୍ଥା



■ ସୁକ୍‌ତେଲ ବ୍ରିଜ୍ ଭୁଶୁଡ଼ିବା ଘଟଣା

ବଲାଙ୍ଗୀର ଅଫିସ/ପାଟଣାଗଡ଼,୧୫।୫ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ତମିଆଁ-ମୁଦଲସର ସୁକ୍‌ତେଲ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଠିକାସଂସ୍ଥା ମେସର୍ସ ରାମକୁମାର ଅଗ୍ରୱାଲ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିଃକୁ ସରକାର କଳା ତାଲିକାଭୁକ୍ତ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଭୁବନେଶ୍ୱର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ଅଫିସରୁ ଏନେଇ ଜାରି ନିର୍ଦ୍ଦେଶନାମାରେ ଠିକାସଂସ୍ଥାର ସ୍ପେଶାଲ କ୍ଲାସ୍ ଠିକାଦାରଙ୍କ ରେଜିଷ୍ଟ୍ରେଶନ୍ ନଂ. ୨୯୫ଇଏଫ୍‌୬୮୨କୁ କଳା ତାଲିକାଭୁକ୍ତ କରାଯାଇଥିବା ଘୋଷଣା କରାଯାଇଛି। ଏହି ଠିକାସଂସ୍ଥାର ଠିକାଦାର ଆଗକୁ ସରକାରୀ ବିଡିଂରେ ଭାଗ ନେଇପାରିବେ ନାହିଁ ଓ ଓଡ଼ିଶା ସରକାରଙ୍କ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୌଣସି ବ୍ୟବସାୟିକ ନେଣଦେଣ କରିପାରିବେ ନାହିଁ। ତମିଆଁ-ମୁଦଲସର ବ୍ରିଜ୍‌ର ସ୍ପାନ୍ ନମ୍ବର ୪ ନିମ୍ନମାନର ହୋଇଥିଲା। ସ୍ପାନ୍ ନଂ. ୪କୁ ଭାଙ୍ଗିବା ପାଇଁ ସେ ଅନୁମତି ନ ନେଇ ଭାଙ୍ଗୁଥିଲେ। ସ୍ପାନ୍ ଭାଙ୍ଗିବା ବେଳେ ଆବଶ୍ୟକ ସୁରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା କରି ନ ଥିଲେ। ଫଳରେ ବ୍ରିଜ୍ ସ୍ପାନ୍ ଭୁଶୁଡ଼ି ଘଟଣାସ୍ଥଳରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲା ଓ ଅନ୍ୟ ଦୁଇଜଣ ଆହତ ହେଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ୨୯ରେ ସୁକ୍‌ତେଲ ବ୍ରିଜ୍ ମରାମତି ବେଳେ ଭୁଶୁଡ଼ି ପଡ଼ିଥିଲା। ବ୍ରିଜ୍‌ର ୪ର୍ଥ ସ୍ପାନ୍ ତଳେ ଚାପି ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ୨୦୧୪ରେ ଆରମ୍ଭ ହୋଇଥିବା ଏହି ବ୍ରିଜ୍ କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ୍ ୨୦୧୫ରେ ଶେଷ ହୋଇଥିଲା। ଏଥିପାଇଁ ଏହି ଠିକାସଂସ୍ଥାକୁ ସେତେବେଳେ ବିଭାଗ ପକ୍ଷରୁ ୫୩ ଲକ୍ଷ ଟଙ୍କାର ପୁରସ୍କାର ଦିଆଯାଇଥିଲା। କିଛି ମାସ ତଳେ ବ୍ରିଜ୍‌ର ସ୍ପାନ୍ ଦବି ଯାଉଥିବା ଜଣାପଡ଼ିଥିଲା। ଦିଲ୍ଲୀର ଜଣେ ବ୍ରିଜ୍ ଏକ୍ସପର୍ଟ ଡ. ରାଇନା ବ୍ରିଜ୍ ପରିଦର୍ଶନ କରି ରିପୋର୍ଟ ଦେଇଥିଲେ। ପରେ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଠିକାସଂସ୍ଥା ଉକ୍ତ ବ୍ରିଜ୍ ସ୍ପାନ୍‌କୁ ଭାଙ୍ଗି ଆଉ ଥରେ ନିର୍ମାଣ କରିବେ ବୋଲି କୁହାଯାଇଥିଲା। ବ୍ରିଜ୍ ଭୁଶୁଡିବା ପରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ସତ୍ୟଜିତ୍ ଚକ୍ରବର୍ତ୍ତୀ ଓ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର (ବ୍ରିଜ୍) ହେମନ୍ତ କୁମାର ଦତ୍ତ ସୁକ୍‌ତେଲ ବ୍ରିଜ୍ ପରିଦର୍ଶନ କରି ବିଭାଗକୁ ରିପୋର୍ଟ ଦେଇଥିଲେ। ପୂର୍ବରୁ ଠିକାସଂସ୍ଥାର ଜଣେ କର୍ମଚାରୀଙ୍କୁ ପୋଲିସ ଗିରଫ କରିଥିଲା ବେଳେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଣ୍ଟୋନୀ କିଶାନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଏହି ଦୁର୍ଘଟଣା ପରେ ଠିକାସଂସ୍ଥାର ଠିକାଦାର ସଞ୍ଜୟ କୁମାର ମିଶ୍ର ଫେରାର ଥିବା ଚର୍ଚ୍ଚାର ବିଷୟ ହୋଇଛି।

### ଏମ୍‌ଏସ୍‌ପି କ୍ରୟ ଲାଗି ସହାୟତା

ନୂଆଦିଲ୍ଲୀ, ୧୫।୫: ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବାବଦ କ୍ରୟ ଲାଗି ସରକାର ୭୪,୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସହାୟତା ରାଶି ପ୍ରଦାନ କରିଛନ୍ତି। ପିଏମ୍ କିଷାନରେ କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୮,୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଫସଲ ବୀମା କ୍ଲେମ୍ ବାବଦ ପେମେଣ୍ଟ ୬୪୦୦ ଟଙ୍କା ରହିଛି।

# କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଗୁରୁତ୍ୱ

ଭୁବନେଶ୍ୱର/ଛତ୍ରପୁର/ରାୟଗଡ଼ାଅଫିସ /ପାରଳାଖେମୁଣ୍ଡି,୧୫।୫

କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲାରେ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫-ଟି ବିଭାଗ ସଚିବ ଭି.କେ. ପାଣ୍ଡିଆନ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଗଞ୍ଜାମ, ରାୟଗଡା, ଗଜପତି ଜିଲା ଗସ୍ତକରି ବିଭିନ୍ନ କୋଭିଡ ହସ୍ପିଟାଲ ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର(ଟିଏମ୍‌ସି) ପରିଦର୍ଶନ କରିଥିଲେ। କରୋନା ମୁକାବିଲା, ପ୍ରବାସୀ ଓଡ଼ିଆଙ୍କୁ ଟିଏମ୍‌ସି କେନ୍ଦ୍ରରେ ମିଳୁଥିବା ସୁବିଧା ବିଷୟରେ ସମୀକ୍ଷା କରିଥିଲେ। ଜିଲାଗୁଡିକରେ କୃଷିକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳମାନଙ୍କୁ ସେମାନେ ନିର୍ଦ୍ଦେଶ ଦେଇଥିଲେ।

ପାଣ୍ଡିଆନ୍ ଶୁକ୍ରବାର ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ, ଶେରଗଡ, ପୋଲସରା ଓ ଆସିକା ବ୍ଲକକୁ ଯାଇ ସରପଞ୍ଚମାନଙ୍କ ସହ କରୋନା ମୁକାବିଲା ଓ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକର ସୁପରିଚାଳନା, ପ୍ରବାସୀ ତଥା ଅନ୍ତେବାସୀମାନଙ୍କୁ କିଭଳି ଖାଦ୍ୟ ମଳୁଛି ଏବଂ ଲକ୍‌ଡାଉନ୍ ଗାଇଡ୍‌ଲାଇନ୍ କିପରି କାର୍ଯ୍ୟକାରୀ ହେଉଛି ସେ ନେଇ ଆଲୋଚନା କରିଥିଲେ। ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ହୋଇଥିବା କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରିଥିଲେ। ସେହିପରି ଉନ୍ନୟନ କମିଶନର ଏବଂ ୫-ଟି ସଚିବ ରାୟଗଡ଼ା ଓ ଗଜପତି ଜିଲା ଗସ୍ତ କରି କରୋନା ସ୍ଥିତି ସମୀକ୍ଷା କରିଥିଲେ। ପ୍ରବାସୀ ଶ୍ରମିକଙ୍କୁ ସଙ୍ଗରୋଧରେ ରଖିବା ଏବଂ ସଂକ୍ରମିତଙ୍କ ଚିକିତ୍ସା ସୁବିଧା ଆଦି ଭିତ୍ତିଭୂମିର ତଦାରଖ କରିଥିଲେ। ଦୁଇ ଅଧିକାରୀ ପ୍ରଥମେ ରାୟଗଡ଼ା ଜିଲାର ଜେକେପୁର ଇଏସ୍‌ଆଇ ହସ୍ପିଟାଲ ପରିସରସ୍ଥ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଥିଲେ। ଜରୁରୀ ପରିସ୍ଥିତିରେ ଅନ୍ୟ ଜିଲା ଉପରେ ନିର୍ଭର ନ କରି ଯେପରି ରୋଗୀଙ୍କ ଚିକିତ୍ସା ହୋଇପାରିବ, ସେଥିପାଇଁ ଏହି ହସ୍ପିଟାଲରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ବ୍ୟବସ୍ଥା କରିବାକୁ ପାଣ୍ଡିଆନ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରୋଗୀଙ୍କ ପାଇଁ ହସ୍ପିଟାଲରେ କ'ଣ ବ୍ୟବସ୍ଥା ରହିଛି ସେ ନେଇ ମେଡିକାଲ ଅଫିସର ଡା. ଲକ୍ଷ୍ମୀକାନ୍ତ ସାହୁଙ୍କୁ ସେ ପଚାରି ବୁଝିଥିଲେ। ପରେ ସେମାନେ ଗଜପତି ଜିଲା ରାଜସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଥିଲେ। ପ୍ରବାସୀଙ୍କ ପାଇଁ ଜିଲାରେ ସଙ୍ଗରୋଧ କେନ୍ଦ୍ର ଏବଂ କୋଭିଡ୍ ହସ୍ପିଟାଲରେ କିଭଳି ବ୍ୟବସ୍ଥା ରହିଛି, ତାହାର ଅନୁଧ୍ୟାନ କରିଥିଲେ।



ଗଜପତି ଜିଲା ରାଜସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟମାନେ।

**କରୋନା ସ୍ଥିତି ସମୀକ୍ଷା**

- ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲା ପରିଦର୍ଶନ କଲେ ୫ ଟି ସଚିବ
- କୋଭିଡ ହସ୍ପିଟାଲ, ଟିଏମସି ପରିଦର୍ଶନ କଲେ ୫ ଟି ସଚିବ, ଉନ୍ନୟନ କମିଶନର

### ସୁସ୍ଥ ହେଲେ ସମସ୍ତ ୨୦ଶିଶୁ

ଭୁବନେଶ୍ୱର, ୧୫।୫(ବ୍ୟୁରୋ): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ଯୁବବର୍ଗ ରହିଥିବାବେଳେ ବହୁ ଶିଶୁ ମଧ୍ୟ ସଂକ୍ରମିତ ହୋଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟାକୁ ନେଇ ଚିନ୍ତା ବଢ଼ିଥିବାବେଳେ ପ୍ରତିଦିନ ବହୁ ଆକ୍ରାନ୍ତ ସୁସ୍ଥ ହେବା ଖବର ଆଶ୍ୱସ୍ତ କରିଛି। ଇତିମଧ୍ୟରେ ରାଜ୍ୟରେ ୧୬୬ଜଣ ସୁସ୍ଥ ହେଲେଣି। ତେବେ ଆଉ ଏକ ଖୁସିର କଥା ହେଲା କରୋନା ସହ ଲଢ଼ି ଶିଶୁମାନେ ମଧ୍ୟ ବିଜୟ ଲାଭ କରିଛନ୍ତି। ରାଜ୍ୟରେ ଆକ୍ରାନ୍ତ ହୋଇଥିବା ସମସ୍ତ ୨୦ଜଣ ଶିଶୁ ସୁସ୍ଥ ହୋଇଛନ୍ତି। ଏମାନଙ୍କ ବୟସ ୧୪ ବର୍ଷରୁ କମ୍ ଓ ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି ବୋଲି ରାଜ୍ୟ ସରକାରଙ୍କ କରୋନା ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଆମେରିକାରେ ଭାରତ ତୁଳନାରେ କରୋନା ଭୂତାଣୁ ୧୭ଗୁଣ ଅଧିକ। ସେହିପରି ସିଙ୍ଗାପୁରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ। ରାଜ୍ୟ ସରକାର ବିଦେଶରୁ ଶିକ୍ଷା ଗ୍ରହଣ କରି ରାଜ୍ୟରେ ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲର ପରିକଳ୍ପନା କରିଥିଲେ। ଏଥିରୁ ରାଜ୍ୟବାସୀଙ୍କୁ ଉପକାର ମିଳିଛି ବୋଲି ବାଗ୍‌ଚୀ କହିଛନ୍ତି।

## ପ୍ରଥମରୁ ଅଷ୍ଟମ ସମସ୍ତେ ପାସ୍

**ନବମ ଓ ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ସର୍ତ୍ତମୂଳକ ପାସ୍ ବ୍ୟବସ୍ଥା**

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

କରୋନା ମହାମାରୀ ଓ ଲକ୍‌ଡାଉନ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ୍ କରିଦିଆଯାଇଛି। ୨୦୧୯-୨୦ ଶିକ୍ଷା ବର୍ଷର ଏହି ଛାତ୍ରୀଛାତ୍ର ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ନବମରୁ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ସର୍ତ୍ତମୂଳକ ପାସ୍ ବ୍ୟବସ୍ଥା କରାଯାଇଛି। ଯେଉଁ ବିଦ୍ୟାଳୟଗୁଡିକରେ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଶେଷ ହୋଇସାରିଛି, ସେ କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ରଖିଥିବା ନମ୍ବରକୁ ବିଚାରକୁ ନିଆଯାଇ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବ। ଯଦି ବାର୍ଷିକ ପରୀକ୍ଷାରେ କୌଣସି ବିଷୟରେ ପରୀକ୍ଷା ହୋଇନାହିଁ, ତେବେ ଷାଣ୍ମାସିକ ପରୀକ୍ଷାରେ ସେହି ବିଷୟରେ ଥିବା ନମ୍ବରକୁ ନେଇ ପାସ୍ କରାଯିବ। କୌଣସି ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ କିମ୍ବା ଅନ୍ୟ କୌଣସି ଜରୁରୀ କାରଣ ପାଇଁ ଷାଣ୍ମାସିକ ପରୀକ୍ଷା ଦେଇ ନ ଥିଲେ ସମସ୍ତ ୟୁନିଟ୍ ଟେଷ୍ଟର ହାରାହାରି ମାର୍କକୁ ହିସାବକୁ ନିଆଯିବ। ତେବେ ସର୍ବନିମ୍ନ ଉପସ୍ଥାନ ହାର ସମ୍ପର୍କିତ ନିୟମ ବଳବତ୍ତର ରହିବ। ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନରେ ଥିବା ସମସ୍ତ ଓଡ଼ିଆ ମିଡିୟମ୍ ସ୍କୁଲ, ମାଦ୍ରାସା ଓ ସଂସ୍କୃତ ଟୋଲ୍ ପାଇଁ ଏହି ନିୟମ ଲାଗୁ ହେବ।

ସେପଟେ ଯୁକ୍ତ୨ ପ୍ରଥମ ବର୍ଷରୁ ଦ୍ୱିତୀୟ ବର୍ଷକୁ ମଧ୍ୟ ସର୍ତ୍ତମୂଳକ ପ୍ରମୋଶନ ଦିଆଯାଇଛି। ବାର୍ଷିକ ପରୀକ୍ଷା ପୂର୍ବରୁ ହୋଇଥିବା ଷାଣ୍ମାସିକ ପରୀକ୍ଷା ବା ୟୁନିଟ୍ ଟେଷ୍ଟ ଆଧାରରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେ। ଯଦି ଜରୁରୀ କାରଣରୁ କେହି ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବେ ତେବେ ସେ କ୍ଷେତ୍ରରେ ବିଦ୍ୟାଳୟ ଖୋଲିଲେ ସେମାନଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ପୃଥକ୍ ପୃଥକ୍ ଭାବେ ୩ଟି ବିଜ୍ଞପ୍ତି ପ୍ରକାଶ ପାଇଛି।

# ପଞ୍ଚଭୂତରେ ଲୀନ ସଂଗ୍ରାମୀ ଭବାନୀ ଚରଣ

ଭୁବନେଶ୍ୱର,୧୫।୫(ବ୍ୟୁରୋ)/ ନିମାପଡ଼ା,(ଡି.ଏନ.ଏ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଗାନ୍ଧିବାଦୀ ନେତା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଗୁରୁବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଥିଲା। ଶୁକ୍ରବାର ଜନ୍ମମାଟି ପୁରୀ ଜିଲା ଅନ୍ତର୍ଗତ ନିମାପଡ଼ା ବ୍ଲକ୍ ଗଡ଼ଅଣ୍ଡିଆକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଭବାନୀ ଚରଣଙ୍କ ଶେଷ ଦର୍ଶନ ଓ ଶୋଭାଯାତ୍ରା ଥିଲା ବେଶ୍ ଶୋକାକୁଳ। ସକାଳେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ତାଙ୍କ ଅଶୋକନଗରସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଛୋଟପିଲାଙ୍କୁ ଭଲପାଉଥିବା ଭବାନୀ ଚରଣଙ୍କ ଶେଷ ଦର୍ଶନ କରିବାକୁ ଆଶାୟେଁର ବହୁ କୁନି କୁନି ପିଲା ତାଙ୍କ ବାସଭବନକୁ ଯାଇଥିଲେ। ସକାଳ ୯ଟା ୩୦ରେ ତାଙ୍କ ପ୍ରାର୍ଥିବ ଶରୀରକୁ କଂଗ୍ରେସ ଭବନକୁ ଶୋଭାଯାତ୍ରାରେ ନିଆଯିବା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅଖିଳ ଭାରତ କଂଗ୍ରେସ କମିଟି ସଦସ୍ୟ ଶୁଭେନ୍ଦୁ ମହାନ୍ତିଙ୍କ ସମେତ ବହୁ ନେତା ଓ ସାଧାରଣ ଜନତା ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ୟୁନିଟ୍-୯ସ୍ଥିତ ଶହୀଦ ସ୍ମୃତି ଭବନକୁ ନିଆଯାଇ ସେଠାରୁ ନିମାପଡ଼ା ଅଭିମୁଖେ ବାହାରିଥିଲା ଶୋଭାଯାତ୍ରା। ବାଟରେ ସାମନ୍ତରାପୁର ଛକରେ ରୁଚିକା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପିପିଲି ଟୋଲ ଗେଟ୍‌ଠାରେ ପିପିଲି ସାଂସ୍କୃତିକ ପରିଷଦ ଉପଦେଷ୍ଟା ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସ୍ୱର୍ଗତ ପଟ୍ଟନାୟକଙ୍କ ମରଶରୀର ଜନ୍ମମାଟି ଗଡ଼ଅଣ୍ଡିଆ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଓ ସହର ପରିକ୍ରମା ସମୟରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ରାଜନୈତିକ ଦଳର ନେତୃବୃନ୍ଦ ଶେଷ ଦର୍ଶନ କରିଥିଲେ। ପରେ ଗଡ଼ଅଣ୍ଡିଆ ଗ୍ରାମ ଶ୍ମଶାନରେ ସଶସ୍ତ୍ର ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୁବାସ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଶୋଭାଯାତ୍ରାରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସାମିଲ ହୋଇଥିଲେ। ଶ୍ମଶାନ ଘାଟରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପୁରୀର ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳେଇ, ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ପୋଲିସ ପଦାଧିକାରୀମାନେ ଉପସ୍ଥିତ ରହି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ବେଳେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟମାନେ।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ
- ଶେଷ ଦର୍ଶନ କଲେ ରାଜ୍ୟପାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି

## ଖରିଫ୍‌ରେ ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୫(ବ୍ୟୁରୋ): କରୋନା ପ୍ରଭାବିତ କୃଷିକୁ ବଳ ଯୋଗାଇବା ଲାଗି ଚାଷୀଙ୍କୁ ସୁବିଧାରେ ଉନ୍ନତମାନର ଅଧିକ ଅମଳକ୍ଷମ ବିହନ ଯୋଗାଇ ଦେବାକୁ ରାଜ୍ୟ ବିହନ ନିଗମକୁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶୁକ୍ରବାର ନିଗମ ଦ୍ୱାରା ପରିଚାଳିତ ସାମନ୍ତପୁରସ୍ଥିତ ବିହନ ପ୍ରକ୍ରିୟାକରଣ କେନ୍ଦ୍ର, ରାଜ୍ୟ ବିହନ ପରୀକ୍ଷାଗାର, ଜିନ୍ ବ୍ୟାଙ୍କ୍ ଏବଂ ଚନ୍ଦକାସ୍ଥିତ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ପରିଦର୍ଶନ କରିବା ସହ ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ଜିନ୍ ବ୍ୟାଙ୍କରେ ସାଇତା ବିହନ ଦେଖିବା ସହ ଚନ୍ଦକାସ୍ଥିତ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ମିଶ୍ର ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବା ଅବସରରେ ଚାଷୀଙ୍କୁ ବିହନ ଯୋଗାଣ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀମାନେ ଯେପରି ଠିକଣା ସମୟରେ ଉନ୍ନତ ମାନର ବିହନ ସହଜରେ ପାଇପାରିବେ ସେଥି ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ୪୮ ନୂଆ ପଜିଟିଭ୍, ସଂଖ୍ୟା ଛୁଇଁଲା ୬୭୨

ଭୁବନେଶ୍ୱର, ୧୫।୫(ବ୍ୟୁରୋ): ରାଜ୍ୟରେ ଆଉ ୪୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ୧୨ଜଣ ଥିବାବେଳେ ବାଲେଶ୍ୱରରୁ ୧୨, ପୁରୀରୁ ୧୦, ଭଦ୍ରକରୁ ୬, ନୟାଗଡ଼ରୁ ୩, ଯାଜପୁରରୁ ୨, ସୁନ୍ଦରଗଡ଼, କଟକ ଓ ଦେବଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଫଳରେ ଗୁରୁବାର ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬୭୨କୁ ବୃଦ୍ଧି ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନାନୁସାରେ, ଗଞ୍ଜାମରେ ଚିହ୍ନଟ ହୋଇଥିବା ୧୨ ନୂଆ ଆକ୍ରାନ୍ତ ହେଉଛନ୍ତି ସୁରଟ ଫେରନ୍ତା। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୪ରେ ପହଞ୍ଚିଛି। ସେପଟେ ବାଲେଶ୍ୱରେ ଜିଲାରେ ୧୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏଠାରେ ମୋଟ ପଜିଟିଭ୍ ସଂଖ୍ୟା ୧୦୨ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୭ଜଣ ପଶ୍ଚିମବଙ୍ଗ, ୨ଜଣ ସୁରଟ, ଜଣେ ମହାରାଷ୍ଟ୍ର ଓ ଜଣେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡ଼ିଛି। ଆଉଜଣେ ପୂର୍ବଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେହିଭଳି ପୁରୀରୁ ଚିହ୍ନଟ ହୋଇଥିବା ନୂଆ ୧୦ ଆକ୍ରାନ୍ତ ମଧ୍ୟ ସୁରଟ ଫେରନ୍ତା। ଏମାନେ ସମସ୍ତେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ ଛୁଇଁଛି। ଭଦ୍ରକର ନୂଆ ୬ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବାବେଳେ ଏବେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୬ରେ ପହଞ୍ଚିଛି। ନୟାଗଡ଼ ଜିଲାରେ ଚିହ୍ନଟ ନୂଆ ୩ ଆକ୍ରାନ୍ତ ସୁରଟ ଫେରନ୍ତା ଓ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଫଳରେ ଗୋଟିଏ ଆକ୍ରାନ୍ତ ଥିବା ନୟାଗଡ଼ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଅନ୍ୟପଟେ ଯାଜପୁରରେ ଆଉ ୨ଜଣ ଚିହ୍ନଟ ହେବାପରେ ଏହି ଜିଲାରେ ଏବେ ଆକ୍ରାନ୍ତ ସଂଖ୍ୟା ୯୦ରେ ପହଞ୍ଚିଛି। ତେବେ ସୁନ୍ଦରଗଡ଼, କଟକ ଓ ଦେବଗଡ଼ରୁ ଚିହ୍ନଟ ୩ଜଣ ଅହମ୍ମଦାବାଦ ଫେରନ୍ତା ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ରାଜ୍ୟରେ ଶୁକ୍ରବାର ଆଉ ୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସୁସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ଯାଜପୁରର ୪ଜଣ ଥିବାବେଳେ ଭଦ୍ରକର ୨, ବାଲେଶ୍ୱର ଓ କେନ୍ଦୁଝରରର ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ଏବେ ରାଜ୍ୟରେ ମୋଟ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୬ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ଢେଙ୍କାନାଳ ଆମ୍ବକୁ କରୋନା ମାଡ଼

ଢେଙ୍କାନାଳ ଅଫିସ, ୧୫।୫

- କାଳ ହେଲା ଲକ୍‌ଡାଉନ୍ କଟକଣା
- ଦେଖାରଖା ହୋଇପାରିଲା ନାହିଁ
- କମିଗଲା ୬୦% ଉତ୍ପାଦନ
- ଦିଲ୍ଲୀ, ବାଂଲାଦେଶ ରପ୍ତାନି ହେବନି

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଆମ୍ବଚାଷ ଉପରେ ପଡ଼ିଛି କରୋନା ଚଡ଼କ। ଲକ୍‌ଡାଉନ୍ କଟକଣା ନିୟମ ଭିତରେ ରକ୍ଷଣାବେକ୍ଷଣ ହୋଇ ନ ପାରିବାରୁ ଉତ୍ପାଦନ ପାଖାପାଖି ୬୦% କମିଯାଇଛି। ଫଳରେ ଚଳିତବର୍ଷ ବାହାରକୁ ଆମ୍ବ ରପ୍ତାନି ହୋଇପାରିବ ନାହିଁ ବୋଲି ଚାଷୀମାନେ କହିଛନ୍ତି।

ଏ ବର୍ଷ ଦିଲ୍ଲୀ, ଝାଡ଼ଖଣ୍ଡ ଏବଂ ବାଂଲାଦେଶ ବଜାରରେ ଦେଖିବାକୁ ମିଳିବନି ଢେଙ୍କାନାଳର ଆମ୍ରପଲ୍ଲୀ ଏବଂ ଦଶେରୀ ଭଳି ରସାଳ ଆମ୍ବ। ବାହାରକୁ ରପ୍ତାନି କରିବା ତ ଦୂରର କଥା ସ୍ଥାନୀୟ ଅଞ୍ଚଳର ଚାହିଦା ମେଣ୍ଟାଇବା ବି କଷ୍ଟକର ହୋଇପଡ଼ିବ। କାରଣ କରୋନା ଲାଗି ପାଖାପାଖି ଦୁଇମାସ ହେଲା ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଚାଷୀମାନେ ଆମ୍ବଗଛ ଏବଂ ଫଳିଥିବା ଆମ୍ବର ଯତ୍ନ ନେଇପାରିଲେ ନାହିଁ। କରୋନା ପ୍ରଭାବିତ ଜିଲାକୁ ନିଲାମକାରୀ ଆସିବାକୁ ଆଗ୍ରହୀ ହେଲେନାହିଁ। ଚାଷୀମାନେ ତୋଟାକୁ ଯାଇ ନ ପାରିବାରୁ ଯିଏ ପାରିଲା ସିଏ ଆମ୍ବ ତୋଳି ନେଇଗଲେ। ବିଭିନ୍ନ କାରଣରୁ ଫଳିଥିବା ଆମ୍ବ ନଷ୍ଟ ହୋଇଗଲା, ଯାହା ଉତ୍ପାଦନକୁ ପ୍ରଭାବିତ କରିଥିବା ଜଣାପଡ଼ିଛି। ଉଦ୍ୟାନ କୃଷି ବିଭାଗ ପାଖରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତବର୍ଷ ଜିଲାରେ ୪୩,୨୦୦ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥିଲା। ଆମ୍ରପଲ୍ଲୀ ଓ ଦଶେରୀ ଆମ୍ବ ବାଂଲାଦେଶ ସମେତ ନୂଆଦିଲ୍ଲୀ, ବିହାର, ଝାଡଖଣ୍ଡକୁ ରପ୍ତାନି ହୋଇଥିଲା। ହେଲେ ଚଳିତ ବର୍ଷ ମାତ୍ର ୧୫,୨୪୦ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି।

ଏ ନେଇ ଜିଲା ଉଦ୍ୟାନକୃଷି ବିଭାଗ ଉପନିର୍ଦ୍ଦେଶକ ଭଗବାନ ଦାସ କୁହନ୍ତି, ଚଳିତବର୍ଷ ଆମ୍ବ ଉତ୍ପାଦନ କମିଛି। ତେଣୁ ଆମ୍ବ ବାହାରକୁ ରପ୍ତାନି କରିବା ସମ୍ଭବ ହେବନାହିଁ। ମ୍ୟାଙ୍ଗୋ ହବ୍‌କୁ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ଏହାକୁ ନିୟନ୍ତ୍ରିତ ବଜାର କମିଟିକୁ ହସ୍ତାନ୍ତର କରିବା ଲାଗି ପ୍ରସ୍ତାବ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଆମ୍ବ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରା ନ ଗଲେ ଦେଶ ବିଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ଢେଙ୍କାନାଳ ଆମ୍ବ ପରିଚୟ ହଜାଇ ବସିବ ବୋଲି ସାଧାରଣରେ ଆଲୋଚନା ହେଉଛି।




ବନ୍ଦ ପଡିଥିବା ମ୍ୟାଙ୍ଗୋହବ୍।

### ମ୍ୟାଙ୍ଗୋ ହବ୍ ସ୍ଥାଣୁ

ଜିଲାର ଆମ୍ବଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ୬ବର୍ଷ ତଳେ କାର୍ଯ୍ୟକ୍ଷମ ହୋଇଥିବା ମ୍ୟାଙ୍ଗୋହବ୍ ସ୍ଥାଣୁ ପାଲଟିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ରଖି ଏହାକୁ ସ୍ଥାପନ କରାଯାଇଥିଲା, ତାହା କାମରେ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପିପିପି ମୋଡ୍‌ରେ ୨୦୧୩ ଜୁନ୍ ୨୭ରେ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ମ୍ୟାଙ୍ଗୋ ହବ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିରେ ରାଜ୍ୟ ସରକାର ୧୦ କୋଟି ଏବଂ ଚାଷୀମାନେ ୧ କୋଟି ଟଙ୍କା ବ୍ୟୟ କରିଥିଲେ। ୨୦୧୪ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ଏହାର ୨ବର୍ଷ ପରେ ପରିଚାଳନାଗତ ତ୍ରୁଟି ଯୋଗୁ ମ୍ୟାଙ୍ଗୋହବ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ସରକାର କିମ୍ବା ଉଦ୍ୟାନ କୃଷି ବିଭାଗ ଆନ୍ତରିକତା ଦେଖାଉ ନ ଥିବାବେଳେ ଚାଷୀମାନେ ନିଜ ସୁବିଧା ଅନୁଯାୟୀ ଆମ୍ବ ବିକ୍ରି କରୁଛନ୍ତି।

38

**ଆଜିର ମନ୍ତବ୍ୟ**

ଇ-ଫାଇଲିଂ ଭର୍ଚୁଆଲ କୋର୍ଟ ପାଇଁ ବାଟ ଫିଟାଉଛି। ଏଥିରୁ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ।
**-ଜଷ୍ଟିସ୍ ଏସ୍.ଏ. ବୋବ୍ଡେ, ପ୍ରଧାନ ବିଚାରପତି**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ଲୋଭେନିଆ କରୋନା ମୁକ୍ତ

ଲୁବଲଜାନା, ୧୫।୫ : ମହାମାରୀ କରୋନା କବଳରେ ବିଶ୍ୱର ସ୍ଥିତି ଜଟିଳ ଥିବାବେଳେ ପ୍ରଥମ ୟୁରୋପୀୟ ଦେଶ ଭାବେ ସ୍ଲୋଭେନିଆ ନିଜକୁ କରୋନା ମହାମାରୀ ମୁକ୍ତ ଘୋଷଣା କରିଛି। ଇଟାଲୀକୁ ଲାଗି ରହିଥିବା ଏହି ପାର୍ବତ୍ୟାଞ୍ଚଳରେ ୨୦ ଲକ୍ଷ ଲୋକ ବାସକରନ୍ତି। ଏଠାରେ ମୋଟ ୧,୫୦୦ ସଂକ୍ରମିତ ହୋଇଥିବାବେଳେ ୧୦୩ ଜୀବନ ଯାଇଛି। ଏବେ ବି ଏଠାରେ ସଂକ୍ରମିତ ଜାରି ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ଦେଶକୁ କରୋନାମୁକ୍ତ ଘୋଷଣା କରାଯାଇ ୟୁରୋପୀୟ ନାଗରିକଙ୍କ ଲାଗି ସୀମା ଖୋଲି ଦିଆଯାଇଛି। ପ୍ରକାଶଥାଉ କି, ଦୁଇମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାନେଜ୍ ଜାନ୍ସା ମହାମାରୀ ଘୋଷଣା କରିଥିଲେ।

ଏବେ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ରହିଛି। ଜନସମାଗମ ଉପରେ ରୋକ ଲଗାଯାଇଛି। କେନେକ ଦୋକାନ, ହୋଟେଲ ଖୋଲିବା ଲାଗି ଅନୁମତି ମିଳିଛି। ମେ ୨୩ରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯିବ ବୋଲି ଘୋଷଣା କରାଯାଇଛି।


ଜାନେଜ୍ ଜାନ୍ସା

# ଭୂତାଣୁର ଭଣ୍ଡାର ଆମାଜନ ଜଙ୍ଗଲ

- ବିପଦକୁ ଡାକୁଛି ମଣିଷର ଅଯଥା ହସ୍ତକ୍ଷେପ
- ଜୁନୋସିସ୍ ସଂକ୍ରମଣ ଆଶଙ୍କା ବଢୁଛି
- ଚେତାବନୀ ଦେଲେ ପରିବେଶ ବିଜ୍ଞାନୀ



ବ୍ରାସିଲିଆ: ଅନେକ ଅସମାହିତ ପ୍ରଶ୍ନର ଗନ୍ତାଘର ଆମାଜନ ଜଙ୍ଗଲ। ବିଚିତ୍ର ଜୈବ ବିବିଧତାରେ ଭରପୂର ଏହି ଘଞ୍ଚ ଅରଣ୍ୟ ଆଗାମୀ ଦିନରେ କରୋନା ହଟ୍‌ସ୍ପଟ୍ ପାଲଟିବ। ବୃଦ୍ଧି ପାଉଥିବା ଭୂତାଣୁ ସଂକ୍ରମଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ଚେତାବନୀ ଦେଇଛନ୍ତି ବ୍ରାଜିଲ୍‌ର ବିଶିଷ୍ଟ ପରିବେଶବିତ୍ ଡେଭିଡ୍ ଲେପୋଲା। ଏହାକୁ ଅଧିକ ସ୍ପଷ୍ଟ କରି ଡେଭିଡ୍ କହିଛନ୍ତି ଯେ, ଆମାଜନର ବିଶାଳ ଚିରହରିତ୍ ଜଙ୍ଗଲ ମାରାତ୍ମକ ଭୂତାଣୁର ଭଣ୍ଡାର। ଏଠାରେ ବହିରାଗତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗଢ଼ି ଉଠିଥିବା ଜନବସତି ଲାଗି ଶତାଧିକ ଗଛ କଟାଯାଉଛି। ଜୀବଜନ୍ତୁମାନଙ୍କ ପ୍ରାକୃତିକ ଆବାସସ୍ଥଳୀରେ ବଳପୂର୍ବକ ପ୍ରବେଶ କରୁଛି ମଣିଷ, ଯାହା ଜୁନୋସିସ୍ ସଂକ୍ରମଣ ଆଶଙ୍କା ବଢ଼ାଉଛି। ଉଲ୍ଲେଖଯୋଗ୍ୟ ଯେ, ଜୁନୋସିସ୍ ହେଉଛି ଏପରି ଏକ ଦୁରାରୋଗ୍ୟ ବ୍ୟାଧି, ଯାହା ବନ୍ୟଜୀବଙ୍କ ଶରୀରରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ଏହା ହେଲେ ଭୂତାଣୁ ସଂକ୍ରମଣ ହାର ଦ୍ରୁତ ହେବ। ଥରେ ଜନବସତିରେ ଭୂତାଣୁ ପ୍ରବେଶ କରିଗଲେ ଏହାକୁ ରୋକିବା ଅସମ୍ଭବ ବ୍ୟାପାର ହୋଇଯିବ ବୋଲି ୩୮ ବର୍ଷୀୟ ଲେପୋଲା ସ୍ପଷ୍ଟ କରିଛନ୍ତି।

ଆମାଜନ ଜଙ୍ଗଲର ବିଚିତ୍ର ପ୍ରକୃତି ଉପରେ ଦୀର୍ଘଦିନ ହେଲା ଗବେଷଣା କରି ଆସୁଛନ୍ତି ଡେଭିଡ୍। ପରିବେଶ ଉପରେ ମଣିଷର ଜୋରଜବରଦସ୍ତ ହସ୍ତକ୍ଷେପ ଆମାଜନ ଜଙ୍ଗଲ ପାଇଁ ବିପଦ ସୃଷ୍ଟି କରିଚାଲିଛି। ଏହା ଜାରି ରହିଲେ ଆଗାମୀ ଦିନରେ ମାନବଜାତିକୁ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ସତର୍କ କରାଇଛନ୍ତି। ଆମାଜନ ଜଙ୍ଗଲ ଉପରେ ସହରୀକରଣର ପ୍ରଭାବ ଅନୁଭୂତ ହେଲାଣି। ଏହାଦ୍ୱାରା ଜୁନୋସିସ୍ ଡିଜିଜ୍ ବଢ଼ିବାରେ ଲାଗିଛି। ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି କରିଥିବା କରୋନା ଭାଇରସ୍ ମଧ୍ୟ ଏହି ତାଲିକାରେ ରହିଛି। ବାଦୁଡ଼ି କିମ୍ବା ଚେମେଣି ଭଳି ଜୀବ ଶରୀରରୁ କରୋନା ଭାଇରସ୍ ଚାଇନାରେ କାୟା ବିସ୍ତାର କରିଥିଲା। ଏହାପରେ ଦିନ କେଇଟାରେ ଏହା ସାରା ବିଶ୍ୱକୁ ବ୍ୟାପିଗଲା। ଏବେଠୁ ସଚେତନ ନ ହେଲେ ଆମାଜନ ଜଙ୍ଗଲର ଭୂତାଣୁ କରୋନାଠାରୁ ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ପରିବେଶ ବିଜ୍ଞାନୀ ଆଶଙ୍କା କରୁଛନ୍ତି।

ଡେଭିଡ୍ ଆହୁରି ମଧ୍ୟ ଚେତାଇ ଦେଇଛନ୍ତି ଯେ, ପୃଥିବୀର ସବୁଠାରୁ ବଡ଼ ଚିରହରିତ୍ ଜଙ୍ଗଲ ଧ୍ୱଂସାଭିମୁଖୀ। ନିକଟରେ ବ୍ରାଜିଲର ନ୍ୟାଶନାଲ ସ୍ପେସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଜଙ୍ଗଲର ସାଟେଲାଇଟ୍ ଚିତ୍ର ନିଆଯାଇଥିଲା, ଯେଉଁଥିରେ ଜାନୁୟାରୀରୁ ଏପ୍ରିଲ ଯାଏ ୧୨୦୨ ବର୍ଗ କି.ମି. ଜଙ୍ଗଲ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏହି ଧାରା ଜାରି ରହିଲେ ପରିବେଶ ସନ୍ତୁଳନ ବିଗିଡ଼ିଯିବ। ବନ୍ୟଜୀବଙ୍କଠାରୁ ମଣିଷ ଶରୀରକୁ ଭାଇରସ୍ ପହଞ୍ଚିବାରେ ଡେରି ହେବନାହିଁ। ପୃଥିବୀବାସୀ ଏଡ୍ସ, ଡେଙ୍ଗୁ, ଇବୋଲା ଭଳି ଭୂତାଣୁର ଭୟଙ୍କର ରୂପ ଦେଖିସାରିଛନ୍ତି। ଏହା ପଛର କାରଣ ହେଉଛି ଜୁନୋସିସ୍। ଏହାକୁ ରୋକିବାକୁ ସମାଜ ଏବଂ ଜଙ୍ଗଲ ଭିତରେ ଭଲ ସମ୍ପର୍କ ରକ୍ଷା କରିବା ନିତାନ୍ତ ଆବଶ୍ୟକ। ଯଦି ଏପରି ନ ହୁଏ ତେବେ କରୋନା ଭଳି ଅଧିକ ଭୟଙ୍କର ଭୂତାଣୁର ରାଜୁତି ଆରମ୍ଭ ହେବ, ଯାହାର ପରିଣାମ ବିଷୟରେ କଳନା କରିବା କଷ୍ଟକର ହେବ ବୋଲି ଡେଭିଡ୍ ଚେତାବନୀ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ସମସ୍ୟାର ସମାଧାନ ପୂର୍ବକ କର୍ମଧାରାରେ ପରିବର୍ତ୍ତନ ଆଣିବାରେ ସମର୍ଥ ହେବେ। ହାତକୁ ନେଇଥିବା କାର୍ଯ୍ୟ ସାଧନ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବାର ଆଶା ରହିଛି। ଏକାଧିକ ବାଧା ଓ ପ୍ରତିବନ୍ଧକ କାରଣରୁ ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ।

**ବୃଷ**

କର୍ମକ୍ଷେତ୍ରରେ ସହଯୋଗର ଆଶାରଖି ଅନ୍ୟମାନଙ୍କୁ ମନେଇବାରେ ସଫଳତା ପାଇବେ। ସାମାନ୍ୟ ବଚସାକୁ ନେଇ କେନ୍ଦ୍ରକରି କ୍ରୋଧଜନିତ କଡ଼ା କଥା କହିବା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ**

ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ୍ୟ ହେବେ। ସାମୂହିକ କାର୍ଯ୍ୟ, ରାଜନୀତି, ପ୍ରଶାସନ, ସଭାସମିତି କ୍ଷେତ୍ରରୁ ସଫଳତା ମିଳିବ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ**

ଆଜି କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରି ଅଯଥା କଳହକୁ ନିମନ୍ତ୍ରଣ କରିବେ। ସରକାରୀ ସ୍ତରରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ**

ସରଳ ସମାଧାନ ସକାଶେ ବନ୍ଧୁଙ୍କ ନେହୁରା ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମନୋବଳ ବୃଦ୍ଧି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା**

କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବାର ସୂଚନା ରହିଛି।

**ତୁଳା**

ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। କଠୋରଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିପାରେ। ପ୍ରକାଶନ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ।

**ବିଛା**

ଆବଶ୍ୟକତାରୁ ଅଧିକ କଥା କହି ଶେଷରେ ଉପହସିତ ହେବା ସହ ସମସ୍ୟାର ଆଶଙ୍କା ସୃଷ୍ଟିହେବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ ସ୍ଥିତି, ପ୍ରଶାସନିକ କାମ, ଯାନବାହନର ମରାମତି, ନିର୍ମାଣାଧୀନ କାର୍ଯ୍ୟ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**

କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ।

**ମକର**

କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିପାରିବେ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। କଞ୍ଚାମାଲ ଅଭାବରୁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିବାର ଆଶଙ୍କା ରହିଛି। ଆର୍ଥିକ ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ।

**କୁମ୍ଭ**

କାମରେ ପ୍ରବେଶ ଅନୁପ୍ରବେଶକରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟହେବେ।

**ମୀନ**

ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ଅପଦସ୍ଥ ହୋଇପାରନ୍ତି। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ନବମୀ ଯୁକ୍ତ ଦଶମୀ ଶନିବାର, ଉତ୍କଳେ ଭଉଁରି, ଶ୍ରୀକ୍ଷେତ୍ରେ ହଳଦୀପାଣି, ମେ ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର- ଦିବା ଘ.୧୧.୦୫ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ତତ୍ପରେ ପୂର୍ବଭାଦ୍ରପଦ ନକ୍ଷତ୍ର ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୧.୫୨ମି. ଗତେ ଘ.୦୩.୩୬ମି. ମଧ୍ୟେ, ସନ୍ଧ୍ୟା ଘ. ୦୬.୫୬ ମି. ଗତେ ଘ.୦୭.୪୦ ମି. ମଧ୍ୟେ, ରାତ୍ରି ଘ.୧୧.୨୦ ମି. ଗତେ ଘ. ୦୧.୩୩ ମି. ମଧ୍ୟେ, ଘ. ୦୩ .୦୧ମି. ଗତେ ଘ.୦୫.୧୩ମି. ମଧ୍ୟେ ଅମୃତବେଳା।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁଠାରେ ଖଡ୍ଡୁ ଗଡ୍ଡୁ**
**କେଉଁଠାରେ ମୁଦି**
**କେଉଁଠାରେ ବୋଲାଉଛ**
**କରୁଣା ବାରିଧି**

ପିତ୍ତଳ ଧାତୁରେ ଖଡ୍ଡୁ,ଗଡ୍ଡୁ ଛୋଟ ଲୋଟା ଓ ମୁଦି ଆଦି ଗଢାଯାଇ ଥାଏ। ଏ ସବୁକୁ କେହି ବେଶି ପ୍ରାଧାନ୍ୟ ଦେଇ ନ ଥାନ୍ତି । କିନ୍ତୁ ପିତ୍ତଳରେ ଦେବଦେବୀଙ୍କ ମୂର୍ତ୍ତି ଗଢ଼ା ହେଲେ ତାଙ୍କୁ ଫୁଲ ଚନ୍ଦନ ଓ ନୈବେଦ୍ୟ ଦେଇ ପୂଜା କରିଥାନ୍ତି। ସ୍ଥାନ ଓ ଉଦ୍ଦେଶ୍ୟ ଅନୁସାରେ ବସ୍ତୁର ପ୍ରାଧାନ୍ୟରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କାହାର ଧନ କିଏ ନଉଚି**
**ଯୋଗିଆ ମାଇପ ରାଣ୍ଡ ହଉଛି ।**

ଧୂର୍ତ୍ତ ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି । ଚଞ୍ଚକତା କରି ଅନ୍ୟର ଧନ ସମ୍ପତ୍ତି ଲୁଟି ନେଇଥାନ୍ତି । ତାଙ୍କର ଏହି କଳାକାରନାମା ବିଷୟରେ କେହି ଟେର ପାଇ ପାରି ନ ଥାନ୍ତି । ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି । ଫଳସ୍ୱରୂପ କିଛି ନ କରି ମଧ୍ୟ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି । ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :

## ପ୍ରଥମ ପୃଷ୍ଠାରୁ...

### ଉପକୂଳର ୪ ଜିଲାକୁ ...

ହୋମ ଦାୟିତ୍ୱରେ ରହିବେ। ପୋଲିସ, ଅଗ୍ନିଶମ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ସହ ପ୍ରାଥମିକ ଆଲୋଚନା ହୋଇଛି। ସମବାୟ, ଶକ୍ତି, ଜଳ ସମ୍ପଦ ବିଭାଗ ସତର୍କ ରହିବା ପାଇଁ କୁହାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ। ଗତ ଦୁଇଦିନ ଧରି ଚାଲିଥିବା ପ୍ରାକ୍ ପ୍ରସ୍ତୁତି କ୍ରମରେ ଅଧିକ ସଂଖ୍ୟାରେ ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ପୂର୍ବରୁ ଷ୍ଟାଣ୍ଡାର୍ଡ ଡ୍ରିଲ ଆରମ୍ଭ ହୋଇଛି। ବାତ୍ୟା ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନ ଥିବା ଅନୁମାନ କରାଯାଉଛି। ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ୧୨ଟି ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଜିଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଏସ୍‌ଆରସି କହିଛନ୍ତି। ଅମଳ ହେବାକୁ ଥିବା ଫସଲ ଘରକୁ ନେଇଯିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସମୁଦ୍ରକୂଳରେ ରହୁଥିବା ଲୋକଙ୍କୁ ନିରାପଦ ଜାଗାକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲାରେ ଥିବା କାଳ ଓ ସୁନେଇ ଡ୍ୟାମର ଗୋଟିଏ ଲେଖାଏ ଗେଟ ଖୋଲି ଦିଆଯାଇଛି। ଡ୍ୟାମର ୭୦ ପ୍ରତିଶତ ପାଣି ରଖି ଅବଶିଷ୍ଟ ଖାଲି କରାଯାଉଛି।

### ୧୦ ସହର ପାରଦ ୪୦ ଡିଗ୍ରୀ ଟପିଲା: ଟିଟିଲାଗଡ଼ ୪୨ ଡିଗ୍ରୀ

ଭୁବନେଶ୍ୱର,୧୫।୫(ବ୍ୟୁରୋ)-ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ବାତ୍ୟା ଦାନା ବାନ୍ଧୁଥିବାରୁ ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ୧୦ ସହରରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨, ସମ୍ବଲପୁର ୪୦.୨, ଭବାନୀପାଟଣା ୪୦.୮, ବଲାଙ୍ଗୀର ୪୧, ସୋନପୁର ୪୦, ବୌଦ୍ଧ ୪୦, ପାରାଦୀପ ୪୦ , ମାଲକାନଗିରି ୪୧.୨, ସୁନ୍ଦରଗଡ ୩୯.୫ ଏବଂ ହୀରାକୁଦରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୧୮ ତାରିଖ ଯାଏ ରାଜ୍ୟରେ ତାତି ବୃଦ୍ଧି ପାଇବ। ୧୯ରୁ ୨୨ ତାରିଖ ଯାଏ ବାତ୍ୟା ପ୍ରଭାବ ରହୁଥିବାରୁ ପାରଦ ସାମାନ୍ୟ ଖସିବ। ପୁଣି ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଆସନ୍ତା ୨୩ ତାରିଖରୁ ବୃଦ୍ଧି ପାଇବ ବୋଲି ପାଣପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଗୁଜରାଟ ପୋଲିସ ...

ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସତ୍ୟଙ୍କ ଫେରିବା ବାଟକୁ ଚାହିଁ ରହିଥିବା ତାଙ୍କ ସ୍ତ୍ରୀ ଓ ୮ ବର୍ଷର ପୁଅ ସମେତ ପରିବାରବର୍ଗ ଭାଙ୍ଗିପଡ଼ିଛନ୍ତି। ଅପରାହ୍ଣରେ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରକାଶ ଯେ, ସତ୍ୟ ସ୍ୱାଇଁ (୪୦) ତାଙ୍କ ବଡ଼ଭାଇ ସନ୍ତୋଷଙ୍କ ସହ ସୁରଟର ଅଞ୍ଜନି ଶିଳ୍ପାଞ୍ଚଳରେ ରହି କାମ କରୁଥିଲେ। ସନ୍ତୋଷ ଜାନୁୟାରୀରେ ଘରକୁ ଚାଲିଆସିଥିବାବେଳେ ଲକ୍‌ଡାଉନ ଯୋଗୁ ସତ୍ୟ ଫେରିପାରି ନ ଥିଲେ। ଘରକୁ ଫେରିବା ଲାଗି ଗତ ୨ ତାରିଖରେ ସେ ସ୍ଥାନୀୟ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ଗୁରୁବାର ସେ ସ୍ତ୍ରୀ ପ୍ରତିମାଙ୍କୁ ଫୋନ୍ କରି ଦିନେ ଦୁଇଦିନ ମଧ୍ୟରେ ଟିକେଟ ମିଳିଲେ ଘରକୁ ଫେରିଯିବେ ବୋଲି କହିଥିଲେ। ଏହାପରେ ବିଳମ୍ବିତ ରାତିରେ ସେ ଓ ତାଙ୍କ ସାଙ୍ଗମାନେ ରହୁଥିବା ବିଲ୍ଡିଂ ବାହାରକୁ ବୁଲିବାକୁ ଆସିଥିଲେ। ପୋଲିସ ଭ୍ୟାନ ପହଞ୍ଚିବାରୁ ସେମାନେ ଦୌଡି ଘରେ ପଶିଯାଇଥିଲେ। କିନ୍ତୁ ପୋଲିସ ସତ୍ୟଙ୍କୁ କାବୁ କରିନେଇ ନିସ୍ଠୁର ପିଟିବା ପରେ ଛାଡ଼ି ଚାଲିଯାଇଥିଲା। ସାଙ୍ଗମାନେ ଆମ୍ବୁଲାନ୍ସ ଡାକି ମେଡିକାଲ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ଭାଇ ସନ୍ତୋଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୬ଷ୍ଠ ବେତନ କର୍ମଚାରୀଙ୍କ ...

ସରକାରୀ କର୍ମଚାରୀଙ୍କ ସହିତ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀମାନେ ମଧ୍ୟ ପାଇବେ। ଏଥିସହିତ ଯେଉଁ କର୍ମଚାରୀମାନେ ୨୦୧୯ ଜୁଲାଇ ପହିଲା ପର୍ଯ୍ୟନ୍ତ ଚାକିରିରେ ଥିଲେ ସେମାନେ ମଧ୍ୟ ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ମେ ମାସ ଦରମା ବିଲ୍ ସହିତ କିମ୍ବା ଏହା ପରେ ବକେୟା ବିଲ୍ ଟ୍ରେଜେରିରେ ଦାଖଲ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ମୋଦିଙ୍କ ଗଣିତ ...

ବିରାମ ଦେବୁ। କାରଣ ସେମାନେ ଏପରି ଏକ କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ଯାହା ଆମ ଟ୍ରେଡ୍ ଡିଲ୍‌ର ଏକ ଅଂଶ। ତେଣୁ ଆପଲ୍ ପାଇଁ ଏପରି କରିବା ଭଲ ହେବ ନାହିଁ। ଏହାକୁ ଆମେ ଆଉ ଅନୁମତି ଦେବୁ ନାହିଁ। ଅନ୍ୟ ରାଷ୍ଟ୍ରଗୁଡ଼ିକ ଭଳି ଆମେ ଆମେରିକାର ସୀମାରେ କଟକଣା ଜାରି କଲେ ଆପଲ୍ ତା'ର ୧୦୦% ଉତ୍ପାଦ ଆମେରିକାରେ ହିଁ ନିର୍ମାଣ କରିବ। ଆମେରିକୀୟ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ସେମାନଙ୍କ ମାନିଫେକ୍ଚରିଂ ସିଷ୍ଟମ୍‌କୁ ସ୍ୱଦେଶକୁ ଫେରାଇଆଣିବା ଉଚିତ ପଦକ୍ଷେପ ହେବ। ଏହି ପରିପ୍ରେକ୍ଷୀରେ ଚାଇନାରେ ମାନିଫେକ୍ଚରିଂ ବେସ୍ ପ୍ରତିଷ୍ଠା କରିବାକୁ ନେଇ କରାଯାଉଥିବା ଯୁକ୍ତିକୁ ଟ୍ରମ୍ପ ଉପହାସ କରିଛନ୍ତି। ସେ କହିଛନ୍ତି, ଯୁକ୍ତରାଷ୍ଟ୍ର ନିକଟରେ ସମସ୍ତ ଯୋଗାଣ ଶୃଙ୍ଖଳ ରହିବା ଉଚିତ। ତାହା ସାରା ବିଶ୍ୱରେ ବିସ୍ତାର ହେବା ଠିକ୍ ନୁହେଁ। ଅନ୍ୟପକ୍ଷରେ ଆମେରିକା ନୂଆ ବାଣିଜ୍ୟିକ କଟକଣା ଜାରି କଲେ ୧୯୩୦ ଦଶକର ଗ୍ରେଟ୍ ଡିପ୍ରେଶନ ବା ମହା ମାନ୍ଦାବସ୍ଥା ଭଳି ସ୍ଥିତି ସୃଷ୍ଟି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଅନେକ କମ୍ପାନୀ ସେମାନଙ୍କ ମାନିଫେକ୍ଚରିଂ ବେସ୍‌କୁ ଏକାଧିକ ରାଷ୍ଟ୍ରକୁ ପରିବର୍ଦ୍ଧିତ କରିବା ଲାଗି ଯୋଜନା କରୁଛନ୍ତି। ଏହି ସ୍ଥଳେ ସେମାନଙ୍କୁ ଏକ ଫଳପ୍ରଦ ଭବିଷ୍ୟତର ପ୍ରତିଶ୍ରୁତି ଦେଇ ଭାରତ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ଉଦ୍ୟମ ଚଳାଇଛି। ଦେଶବାସୀଙ୍କ ଉଦ୍ଦେଶ୍ୟରେ ନିଜ ସଦ୍ୟ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳର ଏକ ଦୃଢ଼ ଭାଗରେ ପରିଣତ କରିବା ନେଇ ଆହ୍ୱାନ ଦେଇଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ଭାରତ ଅନେକ ଆଇନରେ ସଂଶୋଧନ ଆଣିବା ସହ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗିଛି। ସେହିପରି ରାଜ୍ୟ ସରକାରମାନେ ମଧ୍ୟ ଏହି ଦିଗରେ ଉଦ୍ୟମ ଚଳାଇଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାର ନେତୃତ୍ୱ ନେଇ ନିଜ ରାଜ୍ୟରେ ବିଭିନ୍ନ କମ୍ପାନୀ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି।

### କୃଷି ଭିତ୍ତିଭୂମି ପାଇଁ ...

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶବାସୀଙ୍କୁ ବିସ୍ତୃତ ବିବରଣୀ ଦେଉଛନ୍ତି। ଏହି କ୍ରମରେ ଘୋଷଣାର ତୃତୀୟ ଦିନ ଗଣମାଧ୍ୟମକୁ ସୀତାରାମନ୍ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପକୁ ପ୍ରୋତ୍ସାହନ ପୂର୍ବକ ପ୍ୟାକେଜରେ କୃଷିକ୍ଷେତ୍ର ଭିତ୍ତିଭୂମି, ଲଜିଷ୍ଟିକ୍ ଏବଂ କ୍ଷମତା ବୃଦ୍ଧି ଉପରେ ଫୋକସ୍ କରାଯାଉଛି। ଗତ ୨ ମାସରେ ସରକାର କୃଷକଙ୍କୁ ସହାୟତା ଦେବା ଦିଗରେ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଅବସରରେ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠି ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଫାର୍ମଗେଟ୍ ଏବଂ ଆଗ୍ରିଗେଶନ ପଏଣ୍ଟରେ ବିଭିନ୍ନ ପ୍ରକଳ୍ପ ଲାଗି ପାଣ୍ଠି ଯୋଗାଣ ସୁବିଧା କରିବ। କୃଷି ଉତ୍ପାଦର ଅମଳ ପରିଚାଳନା ଦିଗରେ ସହାୟକ ହେବ। ଏହାବାଦ ସୀତାରାମନ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅଣୁ ଏଣ୍ଟରପ୍ରାଇଜେସ, ଗୋସମ୍ପଦ ଟିକାକରଣ, ଡେଏରି କ୍ଷେତ୍ର, ଔଷଧୀୟ ବୃକ୍ଷରୋପଣ, ମହୁମାଛି ଚାଷ, ଫଳ ଏବଂ ପନିପରିବା ଚାଷ ଭଳି କ୍ଷେତ୍ରକୁ ନେଇ ବିଭିନ୍ନ ଘୋଷଣା କରିଛନ୍ତି। ସୀତାରାମନ କହିଛନ୍ତି, ସରକାର କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଆଗ୍ରିଗେଟର, କୃଷି ଉତ୍ପାଦକ ଅନୁଷ୍ଠାନ(ଏଫ୍‌ପିଓ), ପ୍ରାଥମିକ କୃଷି ସମବାୟ ସମିତି, କୃଷି ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ୧ ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ। ଯଥାଶୀଘ୍ର ଏହି ପାଣ୍ଠି ଗଠନ କରାଯିବ। ଦେଶରେ ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ସୁବିଧା ନ ଥିବା ଯୋଗୁ ଅମଳ ପରେ ସଂରକ୍ଷଣ ନେଇ ଅସୁବିଧା ସୃଷ୍ଟି ହେଉଛି। ସେହିଭଳି ଫୁଡ୍ ପ୍ରୋସେସିଂ ବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୨ ଲକ୍ଷ ଅଣୁ ଉଦ୍ୟୋଗ ଲାଗି ୧୦ ହଜାର କୋଟି ଟଙ୍କାର ପାଣ୍ଠି ଘୋଷଣା କରାଯାଇଛି। ଏହି ଉଦ୍ୟୋଗଗୁଡ଼ିକ ସ୍ୱାସ୍ଥ୍ୟ, ୱେଲ୍‌ନେସ, ହର୍ବାଲ, ଅର୍ଗାନିକ ଏବଂ ପୋଷଣ ପ୍ରଡକ୍ଟ ପ୍ରସ୍ତୁତି ଦିଗରେ ଯୋଗଦାନ ରଖିବେ ବୋଲି କୁହାଯାଇଛି। ସରକାର ୨୦ ହଜାର କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ସମ୍ପର୍କରେ ମଧ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ସାମୁଦ୍ରିକ ଏବଂ ମଧୁରଜଳ ମତ୍ସ୍ୟଚାଷ ବିକାଶ ଦିଗରେ ବିଭିନ୍ନ ଯୋଜନା ହାତକୁ ନିଆଯିବ। ଏହା ମଧ୍ୟରେ ୧୧ ହଜାର କୋଟି ମାଛଚାଷ ଲାଗି ପୋଖରୀ ଖୋଳା ଏବଂ ଅନ୍ୟ ଆନୁଷଙ୍ଗିକ ସୁବିଧା ଲାଗି ଖର୍ଚ୍ଚ ହେବ। ୯ ହଜାର କୋଟି ଫିସରି ହାର୍ବର, କୋଲ୍ଡ ଚେନ୍ ଏବଂ ବଜାର ବିକାଶ ଲାଗି ବିନିଯୋଗ କରାଯିବ। ଏହି ଯୋଜନାରେ ୫୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିଭଳି ମତ୍ସ୍ୟ ରପ୍ତାନି ୨ ଗୁଣ ବଢ଼ି ୧ ଲକ୍ଷ କୋଟି ଛୁଇଁବ।

ସେ ପୁଣି କହିଛନ୍ତି ଯେ, ପଶୁ ସମ୍ପଦଙ୍କୁ ୧୦୦% ଟିକାକରଣ କରାଯିବ। ଏଥିଲାଗି ୧୩,୩୪୩ କୋଟି ଟଙ୍କା ବିନିଯୋଗ ହେବ। ପଶୁ ସମ୍ପଦ ଭିତ୍ତିଭୂମି ବିକାଶ ପାଣ୍ଠି ଲାଗି ୧୫ ହଜାର କୋଟି ଟଙ୍କା ଘୋଷଣା କରାଯାଇଛି। ପଶୁଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମି ବିକାଶ, ଡେଏରି ପ୍ରୋସେସିଂ ୟୁନିଟ, ଭାଲ୍ୟୁ ଆଡିଶନ ଭଳି କ୍ଷେତ୍ରରେ ନିବେଶ କରାଯିବ। ଏହାବାଦ ସରକାର ଔଷଧୀୟ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ଲାଗି ୪ ହଜାର କୋଟି ଟଙ୍କାର ଏକ ପାଣ୍ଠି ଘୋଷଣା କରିଛନ୍ତି। ସାରା ଦେଶରେ ୧୦ଲକ୍ଷ ହେକ୍ଟର ଜମିରେ ଔଷଧୀୟ ବୃକ୍ଷ ଚାଷ କରାଯିବାକୁ ଯୋଜନା ରଖାଯାଇଛି। ଏହାଦ୍ୱାରା କୃଷକମାନେ ପ୍ରାୟ ୫ ହଜାର କୋଟି ଟଙ୍କାର ଆୟ କରିବାକୁ ସକ୍ଷମ ହେବେ। ଗଙ୍ଗା କୂଳରେ ୮୦୦ ହେକ୍ଟର ଜମିରେ ଔଷଧୀୟ ବୃକ୍ଷ ରୋପଣ ଲାଗି ଯୋଜନା ରଖାଯାଇଛି। ମହୁମାଛି ପାଳନକୁ ପ୍ରୋତ୍ସାହିତ କରିବା ଲାଗି ୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅପରେଶନ ଗ୍ରୀନ୍‌ରେ ଟମାଟୋ, ପିଆଜ, ଆଳୁ ସହ ଅନ୍ୟ ପନିପରିବା ଚାଷକୁ ପ୍ରୋତ୍ସାହିତ କରିବାକୁ ସରକାର ଅତିରିକ୍ତ ୫୦୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ସଂରକ୍ଷଣ ଏବଂ ପରିବହନ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯିବାକୁ ଯୋଜନା ରଖାଯାଇଛି।

ଲକ୍‌ଡାଉନ୍‌ର ୨ ମାସରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ ଲାଗି ୭୩,୩୦୦ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହାବାଦ ପିଏମ୍ କିଷାନ ଫଣ୍ଡ ଦ୍ୱାରା କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୮,୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶସ୍ୟବୀମା ପ୍ରଦାନ ବାବଦ ୬,୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଲକ୍‌ଡାଉନ ସମୟରେ ଦୁଗ୍ଧ ସମବାୟ ସଂସ୍ଥାଗୁଡିକ ଦୈନିକ ୫୬୦ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରିଛନ୍ତି। ଦୈନିକ ବିକ୍ରି ୩୬୦ ଲକ୍ଷ ଲିଟର ରହୁଥିଲେ ମଧ୍ୟ ସଂସ୍ଥାଗୁଡିକ ଅଧିକ ଦୁଗ୍ଧ ସଂଗ୍ରହ କରିଛନ୍ତି। ମୋଟ ୧୧୧ କୋଟି ଲିଟର ଅତିରିକ୍ତ ସଂଗ୍ରହ କରାଯିବା ସହ ୪,୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସୀତାରାମନ ପୁଣି କହିଛନ୍ତି ଯେ, ଦୁଗ୍ଧ ସମବାୟଗୁଡ଼ିକ ଲାଗି ନୂଆ ଯୋଜନା ସରକାର ଲାଗୁ କରାଇବେ। ଏଥିରେ ବାର୍ଷିକ ୨% ସୁଧ ରିହାତି ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା କାର୍ଯ୍ୟକାରୀ ହେଲେ ପ୍ରାୟ ୨ କୋଟି ଦୁଗ୍ଧ ଚାଷୀ ଲାଭବାନ ହୋଇ ପାରିବେ। ସୁଧ ଛାଡ଼ ହେବା ଦ୍ୱାରା ସେମାନଙ୍କ ହାତକୁ ପ୍ରାୟ ୫ ହଜାର କୋଟି ଟଙ୍କାର ନଗଦ ଆସିପାରିବ ବୋଲି ଜଣାପଡ଼ିଛି।


## classified




**SALE**

Excellent condition ford Aspire, fiesta, Santro, Eon, Ecosport, Indigo for sale. Contact- 9337823360, 7504997794, 8763576428, 9238307474. D-17304




**SALE**

Gold on Booking. 4/5 BHK Duplex at Balianta. Construction- 2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17303

**Plot sale Jharpada, Bhubaneswar, plot Area 3900sft. BDA yellow zone, buyers contact-DEEPAK-9937329999** D-68079




Newly open ayurvedic/ herbal body massage with smart therapist, 9777167531. D-59947


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ନିର୍ଗୁଣ୍ଡି ଷ୍ଟେଶନରେ ଓହ୍ଲାଇଲେ ୭୯୩ ପ୍ରବାସୀ

**ଚୌଦ୍ୱାର,୧୫।୫(ଡି.ଏନ୍.ଏ):** ହାଇଦ୍ରାବାଦ୍‌ରୁ ପ୍ରବାସୀଙ୍କୁ ନେଇ ଏକ ଶ୍ରମିକ ସ୍ପେଶାଲ୍ ଟ୍ରେନ ଆସି ଶୁକ୍ରବାର ରାତି ୯ଟାରେ ଟାଙ୍ଗୀ ନିର୍ଗୁଣ୍ଡି ଷ୍ଟେଶନରେ ପହଞ୍ଚିଛି। ଏହି ଟ୍ରେନଟି ଦିନ ୧ଟାରେ ନିର୍ଗୁଣ୍ଡିରେ ପହଞ୍ଚିବ ବୋଲି ପୂର୍ବରୁ ପ୍ରଶାସନ କହିଥିଲା। ମାତ୍ର କୌଣସି କାରଣରୁ ତାହା ୮ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ଏହି ଟ୍ରେନରେ କଟକର ୫, ଜଗତ୍‌ସିଂହପୁରର ୧୨୫, କେନ୍ଦ୍ରାପଡ଼ାର ୬୬୨ ଓ ଗଞ୍ଜାମ ଜିଲାର ଜଣଙ୍କୁ ମିଶାଇ ମୋଟ ୭୯୩ ଜଣ ପ୍ରବାସୀ ଆସି ଓହ୍ଲାଇଛନ୍ତି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଦୂରତା ରକ୍ଷା କରି ସାନିଟାଇଜ କରାଯାଇଥିଲା। ପରେ ଥର୍ମାଲ ସ୍କ୍ରିନିଂ, ନାମ ପଞ୍ଜୀକରଣ କରାଯାଇ ପ୍ରଶାସନିକ ବିଧି ବ୍ୟବସ୍ଥା ପରେ ସେମାନଙ୍କ ଜିଲାରୁ ଆସିଥିବା ୫୦ଟି ବସରେ ନିଜ ଅଞ୍ଚଳକୁ ପଠାଯାଇଥିଲା। ସେ ଅଞ୍ଚଳର ଜିଲା ପ୍ରଶାସନ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିବେ ବୋଲି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜର ରଖି ଷ୍ଟେଶନ ଚତୁଃପାର୍ଶ୍ୱ ୧କି.ମି. ପର୍ଯ୍ୟନ୍ତ ଗୁରୁବାର ରାତି ୯ଟାରୁ ୧୪୪ ଧାରା ଲାଗୁ କରାଯାଇଥିଲା। ଷ୍ଟେଶନରେ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।

# ଦିଲ୍ଲୀରୁ ଆସିଲେ ୪୯୬ ପ୍ରବାସୀ, ଗଲେ ୪୨୭

**ଭୁବନେଶ୍ୱର,୧୫।୫ (ବ୍ୟୁରୋ)**





**ଭୁବନେଶ୍ୱର ରେଳ ଷ୍ଟେଶନ**
- ପହଞ୍ଚିଲା ପ୍ରଥମ ଟ୍ରେନ୍, ଦିଲ୍ଲୀ ବାହାରିଲା ଦ୍ୱିତୀୟ ଟ୍ରେନ୍
- ସ୍ଥିତି ଯାଞ୍ଚ କଲେ ଶ୍ରମ ସଚିବ, ବିଏମ୍‌ସି କମିଶନର, ପୋଲିସ କମିଶନର
- ସ୍ୱତନ୍ତ୍ର ଗାଡ଼ିରେ ନିଜ ଅଞ୍ଚଳକୁ ଗଲେ ପ୍ରବାସୀ

ଦିଲ୍ଲୀରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ଆସିଥିବା ପ୍ରଥମ ସ୍ୱତନ୍ତ୍ର ଟ୍ରେନ୍ ଶୁକ୍ରବାର ସନ୍ଧ୍ୟା ୭ଟା ୧୦ରେ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲା। ନୂଆଦିଲ୍ଲୀ-ଭୁବନେଶ୍ୱର ସ୍ପେଶାଲ ଏକ୍ସପ୍ରେସ (୦୨୮୨୪)ର ୧୮ ବଗିରେ ଆସିବାକୁ ୧୫୦୩ଜଣ ପ୍ରବାସୀ ପଞ୍ଜୀକରଣ କରିଥିବାବେଳେ ଭୁବନେଶ୍ୱରରେ ୪୯୬ଜଣ ଓହ୍ଲାଇଥିଲେ। ତେବେ ଅନ୍ୟମାନେ ବାଟରେ ଖୋର୍ଦ୍ଧାରୋଡ୍ ଓ ଅନ୍ୟ ଷ୍ଟେଶନରେ ଓହ୍ଲାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସକାଳ ୧୦ଟା ୧୫ରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଦ୍ୱିତୀୟ ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀ ଅଭିମୁଖେ ବାହାରିଛି। ସେଥିରେ ୪୨୭ ଜଣ ଯାତ୍ରୀ ଦିଲ୍ଲୀ ଯାଇଥିବା ଜଣାପଡିଛି। ତେବେ ଷ୍ଟେଶନକୁ ପ୍ରବେଶ ଓ ଟ୍ରେନ୍‌ରୁ ଓହ୍ଲାଇବା ପରେ ସମସ୍ତ ଯାତ୍ରୀଙ୍କର ସ୍କ୍ରିନିଂ କରାଯାଇଥିଲା।

ଦିଲ୍ଲୀରୁ ଆସିଥିବା ଟ୍ରେନ୍‌ଟି ୧ନଂ. ପ୍ଲାଟ୍ ଫର୍ମରେ ଲାଗିବା ପୂର୍ବରୁ ପ୍ରଶାସନ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଥିଲା। ଶ୍ରମ ବିଭାଗ ସଚିବ ଅନୁ ଗର୍ଗ, ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧରୀ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଅନୁପ ସାହୁ ଷ୍ଟେଶନରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ଯାତ୍ରୀମାନେ ଓହ୍ଲାଇବା ପରେ କିଭଳି ସୁରୁଖୁରୁରେ ସ୍ୱାସ୍ଥ୍ୟ ପରୀକ୍ଷା କରି ପୋଲିସ ସୁରକ୍ଷାରେ ଷ୍ଟେଶନ ବାହାରକୁ ବାହାରିବେ ସେନେଇ ବ୍ୟବସ୍ଥା କରାଯାଇଥିଲା। ବିଏମ୍‌ସି ପକ୍ଷରୁ ୯ଟି ସ୍ୱତନ୍ତ୍ର ପଞ୍ଜୀକରଣ କାଉଣ୍ଟର ଖୋଲା ଯାଇଥିଲା। ଟ୍ରେନ୍‌ରୁ ପର୍ଯ୍ୟାୟକ୍ରମେ ଯାତ୍ରୀ ଓହ୍ଲାଇବା ପରେ ସାମାଜିକ ଦୂରତ୍ୱ ରକ୍ଷା କରି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଦିଲ୍ଲୀରେ ସେମାନଙ୍କ ସ୍କ୍ରିନିଂ କରାଯାଇଥିଲେ ବି ଏଠାରେ ମଧ୍ୟ ପୁଣି ସ୍କ୍ରିନିଂ କରାଯାଇଥିଲା। ଯେଉଁମାନେ ପଞ୍ଜୀକରଣ କରି ନ ଥିଲେ ସେମାନେ ପଞ୍ଜୀକରଣ କରିଥିଲେ। ସେମାନଙ୍କ ହାତରେ ଅଲିଭାକାଳି ମଧ୍ୟ ଲଗାଯାଇଥିଲା। ଯାଞ୍ଚରେ ନିୟୋଜିତ ଥିବା କର୍ମଚାରୀଙ୍କ ସୁରକ୍ଷା ପାଇଁ ପିପିଇ କିଟ୍ ଦିଆଯାଇଥିଲା। ପୋଲିସ ପକ୍ଷରୁ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମସ୍ତ ପ୍ରକ୍ରିୟା ସରିବା ପରେ ସରକାରଙ୍କ ପକ୍ଷରୁ କରାଯାଇଥିବା ବସ୍‌ରେ ପ୍ରବାସୀମାନଙ୍କୁ ନିଜ ଜିଲାକୁ ପଠାଇ ଦିଆଯାଇଥିଲା। କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ପାଇଁ ୧୦ଟି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଯେଉଁମାନେ ବସ୍‌ରେ ଯିବାକୁ ଚାହିଁ ନ ଥିଲେ ସେମାନଙ୍କ ପାଇଁ କ୍ୟାବ୍ ବ୍ୟବସ୍ଥା ହୋଇଥିଲା। ତେବେ ସମସ୍ତଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ପ୍ରତିଦିନ ଗୋଟିଏ ଟ୍ରେନ୍ ସକାଳ ୧୦ଟା ୧୫ରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଦିଲ୍ଲୀ ଅଭିମୁଖେ ବାହାରିବ ଓ ରାତି ୭ଟାରେ ଭୁବନେଶ୍ୱରରେ ପହଞ୍ଚିବ ବୋଲି ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି।

## ତାମିଲନାଡୁରୁ ଫେରିଲେ ୬୮୧ ପ୍ରବାସୀ



**ଖୋର୍ଦ୍ଧା ଅଫିସ,୧୫।୫**

ତାମିଲନାଡୁ କୋଏମ୍ବାଟୁରରୁ ଭଦ୍ରକକୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଶୁକ୍ରବାର ମଧ୍ୟାହ୍ନରେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଥିଲା। ୨୦ ଜିଲାର ୬୮୧ ପ୍ରବାସୀ ଏହି ଷ୍ଟେଶନରେ ଓହ୍ଲାଇଥିଲେ। ଆସିଥିବା ସମସ୍ତ ପ୍ରବାସୀଙ୍କ ମଧ୍ୟରେ ଅନୁଗୋଳ ୮, ବଲାଙ୍ଗୀର ୪୯, ବୌଦ୍ଧ ୧୭, କଟକ ୧୪, ଢେଙ୍କାନାଳ ୨୬, ଗଜପତି ୧୪, ଗଞ୍ଜାମ ୧୯୨, ଜଗତ୍‌ସିଂହପୁର ୩୪, କଳାହାଣ୍ଡି ୬୦, କନ୍ଧମାଳ ୧୭, କେନ୍ଦ୍ରାପଡ଼ା ୩୧, ଖୋର୍ଦ୍ଧା ୪, ନୂଆପଡ଼ା ୧୨, ପୁରୀ ୨୬, ରାୟଗଡ଼ା ୨୯, ସମ୍ବଲପୁର ୨୯, ସୁବର୍ଣ୍ଣପୁର ୬୪, ସୁନ୍ଦରଗଡର ୧୨ ଜଣ ରହିଥିଲେ। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଟ୍ରେନ୍‌ରୁ ଏକସଙ୍ଗେ ଓହ୍ଲାଇବାକୁ ବାରଣ କରାଯାଇଥିଲା। ଗୋଟିଏ ଲେଖାଏ ବଗିରୁ ପର୍ଯ୍ୟାୟକ୍ରମେ ଓହ୍ଲାଯାଇ ବାହାରକୁ ଅଣାଯାଇଥିଲା। ପରେ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀମାନେ ଫେରିଥିବା ପ୍ରବାସୀ ଓଡ଼ିଆଙ୍କ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଷ୍ଟାମ୍ପିଙ୍ଗ୍ କରାଇଥିଲେ। ପରେ ବସ୍ ପର୍ଯ୍ୟନ୍ତ ଅଣାଯାଇ ସେମାନଙ୍କୁ ଜିଲାକୁ ପଠାଯାଇଥିଲା। ଏମାନଙ୍କୁ ନେଇ ବସ୍ ଯାଉଥିବା ରୁଟ୍‌ରେ କଟକଣା କଡ଼ାକଡ଼ି କରାଯାଇଥିଲା। ଏହି ଟ୍ରେନ ଭଦ୍ରକ ଅଭିମୁଖେ ଅପରାହ୍ଣ ୧ଟା ୪୬ରେ ଷ୍ଟେଶନ ଛାଡିଥିଲା। ପ୍ରବାସୀମାନେ ନିଜ ଜିଲାକୁ ଫେରିଯିବା ପରେ ପ୍ଲାଟଫର୍ମ, ଷ୍ଟେଶନ ବାହାର ଅଞ୍ଚଳ ଆଦି ବିଶୋଧନ କରାଯାଇଥିଲା। ଜିଲା ପ୍ରଶାସନିକ ଅଧିକାରୀ, ରେଲୱେ କର୍ତ୍ତୃପକ୍ଷ, ଜିଆରପି, ଆରପିଏଫ ଓ ସ୍ଥାନୀୟ ପୋଲିସ, ପୌର ପ୍ରଶାସନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।

## ଚାଲିଚାଲି ଗଲେ ଛତିଶଗଡ଼ ପ୍ରବାସୀ



**ସହଯୋଗ କଲାନି ପ୍ରଶାସନ**

**ଖୋର୍ଦ୍ଧା ଅଫିସ,୧୫।୫**

ଖୋର୍ଦ୍ଧା ଜିଲା ଜଟଣୀ ନିକଟ ତରାବୋଇର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ୧୦ଜଣ ଶ୍ରମିକ ଗୁରୁବାର ବିଳମ୍ବିତ ରାତିରେ ପରିବାର ସହ ଛତିଶଗଡ ଚାଲିଚାଲି ଯାଇଛନ୍ତି। ସେମାନେ କାନ୍ଧରେ ଶିଶୁ ଓ ମୁଣ୍ଡରେ ଆସବାବପତ୍ର ଧରି ଯାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, ଶ୍ରମିକମାନେ ଜଣେ ଠିକାଦାରଙ୍କ ଅଧୀନରେ ରହି ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ୍‌ରେ କାମ ବନ୍ଦ ହୋଇଯିବାରୁ ଠିକାଦାର ସେମାନଙ୍କୁ ଦରମା ଦେବାକୁ ମନା କରିଦେଇଥିଲେ। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ପ୍ରଶାସନ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଳିଥିବା ଶୁଖିଲା ଖାଦ୍ୟରେ କିଛି ଦିନ ପରିବାର ଚଳିଯାଇଥିଲା। ପରେ ପରିବାର ଚଳାଇବା କଷ୍ଟକର ହେବାରୁ ନିଜ ଗ୍ରାମକୁ ଫେରିବା ଲାଗି ସରକାରଙ୍କ ୱେବ୍‌ସାଇଟରେ ଗତ ୧୦ତାରିଖରେ ନାମ ପଞ୍ଜୀକରଣ କରିଥିଲେ। ଫେରିଯିବା ଲାଗି ପ୍ରଶାସନକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ନିରାଶ ହେବା ପରେ ଚାଲିଚାଲି ଯିବାକୁ ନିଷ୍ପତ୍ତି ନେଇଥିଲୁ। ପିଲାଙ୍କୁ ଖାଇବାକୁ ଦେବାକୁ ପାଖରେ ଟଙ୍କା ନାହିଁ, ପୁଣି ଲମ୍ବା ରାସ୍ତା ଯିବାକୁ ପଡିବ। ଯେଉଁ ପର୍ଯ୍ୟନ୍ତ ଚାଲି ପାରିବୁ ଚାଲିବୁ ବୋଲି ଶ୍ରମିକମାନେ କହିଛନ୍ତି। କୌଣସି ସୂତ୍ରରୁ ଖବରପାଇ ଖୋର୍ଦ୍ଧା ବିକାଶ ପରିଷଦ କର୍ମକର୍ତ୍ତା ଶୋଭନ ଘୋଷ, ସୁଜନ ମିଶ୍ର ସେମାନଙ୍କୁ ସହାୟତାର ହାତ ବଢାଇବା ସହ କିଛି ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ସୂଚନାଥାଉକି, ପଞ୍ଜାବରୁ ଉତ୍ତରପ୍ରଦେଶ ଯାଉଥିବା ଜଣେ ଶ୍ରମିକ ମା' ଥକିପଡ଼ିଥିବା ଶିଶୁକୁ ସୁଟକେଶରେ ଶୁଆଇ ଦୌଡି ଯୋଗେ ଟାଣି ଟାଣି ନେଉଥିବା ଦୃଶ୍ୟ ଭିଡିଓ ଭାଇରାଲ ହୋଇଥିଲା।

# 'ପଞ୍ଚାୟତର ସବୁ କର୍ମଚାରୀଙ୍କ ଲାଗି ସ୍ୱାସ୍ଥ୍ୟବୀମା କରାଯାଉ'

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି**

କେବଳ ସ୍ୱାସ୍ଥ୍ୟକର୍ମୀ କିମ୍ବା ସରପଞ୍ଚ ନୁହନ୍ତି ବରଂ ପଞ୍ଚାୟତସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରାଯାଉ। ଏହାଦ୍ୱାରା ସ୍ଥାୟୀ ନିଯୁକ୍ତି ପାଇ ନ ଥିବା ଏବଂ ସ୍ୱଳ୍ପ ଦରମାରେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକଙ୍କୁ ସେବା ଯୋଗାଉଥିବା କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କ ମାନସିକ ସାନ୍ତ୍ୱନା ମିଳିବ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି।

ବିରୋଧୀ ଦଳ ନେତା ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠିରେ ଲେଖିଛନ୍ତି, ସରକାର ସରପଞ୍ଚମାନଙ୍କ ପାଇଁ ୫୦ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ ସମ୍ପର୍କରେ ଘୋଷଣା କରିଛନ୍ତି। ଯଦି କୌଣସି ସରପଞ୍ଚ କୋଭିଡ୍-୧୯ କାର୍ଯ୍ୟ କରିବା ସମୟରେ ମୃତ୍ୟୁମୁଖରେ ପଡ଼ନ୍ତି ତେବେ ତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ସହାୟତା ମିଳିବ। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟରେ ୬୭୯୮ ପଞ୍ଚାୟତ ରହିଛି। ଏହାମଧ୍ୟରୁ ୪୮୬୨ ପଞ୍ଚାୟତରେ ପିଇଓ(ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଅଛନ୍ତି। ଫଳରେ ଅଧିକାଂଶ ପିଇଓ ଦୁଇଟି ଲେଖାଏ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ସେହିଭଳି ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। ଜଣେ ଲେଖା ଜିଆର୍‌ଏସ୍‌ଙ୍କ ଦାୟିତ୍ୱରେ ଦୁଇଟି ଲେଖା ପଞ୍ଚାୟତ ରହୁଛି। ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ ଏବଂ ରାତ୍ରି ଜଗୁଆଳିମାନେ ସ୍ଥାୟୀ ନିଯୁକ୍ତି ପାଇନାହାନ୍ତି, ଏହାସହ ସେମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ଏହାସତ୍ତ୍ୱେ ସେମାନେ ଦିନରାତି କାମକରି ଲୋକଙ୍କୁ ସେବା ଯୋଗାଉଛନ୍ତି। ତେଣୁ ତୃଣମୂଳସ୍ତରରୁ ତର୍ଜମା କରାଯାଇ ପଞ୍ଚାୟତର ସବୁ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯାଉ। ଏହାଦ୍ୱାରା କରୋନାରେ କର୍ମଚାରୀଙ୍କ ଜୀବନ ଗଲେ ତାଙ୍କ ପରିବାରଲୋକ ଉପକୃତ ହୋଇପାରିବେ। ଏହାବ୍ୟତୀତ ଉକ୍ତ କର୍ମଚାରୀମାନେ ମଧ୍ୟ ମାନସିକସ୍ତରରେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଇପାରିବେ ବୋଲି ବିରୋଧୀ ଦଳ ନେତା ଚିଠି ମାଧ୍ୟମରେ ଜଣାଇଛନ୍ତି।

# ଅନ୍‌ଲାଇନରେ କାର୍ଯ୍ୟକ୍ରମ କରିବ ସଂସ୍କୃତି ବିଭାଗ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

**କଳାକାର, ଶିଳ୍ପୀଙ୍କୁ ପ୍ରୋତ୍ସାହନ**

କରୋନା ଲକ୍‌ଡାଉନ୍ ପାଇଁ ରାଜ୍ୟର ବହୁ ଚିତ୍ରଶିଳ୍ପୀ ଓ ସ୍ଥାପତ୍ୟଶିଳ୍ପୀ ଘରେ ହାତବାନ୍ଧି ବସିଛନ୍ତି। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ସମସ୍ତ ବର୍ଗର କଳାକାରମାନେ ରୋଜଗାର ହରାଇଛନ୍ତି। ଏଭଳିସ୍ଥଳେ ସେମାନଙ୍କ ମନରେ ଉତ୍ସାହ ଭରିଦେବାକୁ ଓଡ଼ିଶା ଲଳିତ କଳା ଏକାଡେମୀ ଅଣ୍ଟା ଭିଡିଛି। ଅନ୍‌ଲାଇନ୍‌ରେ ସୃଜନଶୀଳ କଳା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର କରିଛି। ତେଣୁ କଳାକାର ଓ ଶିଳ୍ପୀଙ୍କ ମଧ୍ୟରେ ବର୍ତ୍ତମାନ ସମୟରେ ସୃଜନଶୀଳତା ଏବଂ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରୁ ଏହି ସୂଚନା ମିଳିଛି।

ଏହି ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ୧୮ ରୁ ୩୦ ବର୍ଷ ବୟସ ମଧ୍ୟରେ ଥିବା ୧ ହଜାର ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯିବ। ମନୋନୀତ ପ୍ରତିଭାମାନେ ପ୍ରତ୍ୟେକ ୧ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବେ। ସେହିପରି ୩୦ରୁ ଊର୍ଦ୍ଧ୍ୱ ବୟସର ଶିଳ୍ପୀଙ୍କ ମଧ୍ୟରୁ ୩୦୦ ଜଣଙ୍କୁ ମନୋନୀତ କରାଯାଇ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏଥିସହିତ ଲଳିତକଳା ଏକାଡେମୀ ସ୍ୱୀକୃତୀପ୍ରାପ୍ତ ସନ୍‌ଡେ ଆର୍ଟ ସ୍କୁଲଗୁଡ଼ିକରୁ ୧୦୦ଟି ଶ୍ରେଷ୍ଠ ସ୍କୁଲକୁ ମନୋନୀତ କରି ପ୍ରତି ସ୍କୁଲ୍‌କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ଅନ୍‌ଲାଇନ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଖୁବ୍‌ଶୀଘ୍ର ଏନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଏକମାସ ଧରି ଚାଲିବ ଓ ଏଥିରେ ଭିଜୁଆଲ୍ ଆର୍ଟ ସହ ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା ଇତ୍ୟାଦି ରହିବ। ଅଂଶଗ୍ରହଣକାରୀମାନେ ନିଜ ଚିତ୍ରକଳାକୁ ଅନ୍‌ଲାଇନରେ ପଠାଇବେ ଏବଂ ସଂଗୃହୀତ କଳାକୃତିଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ କଳାକୃତିକୁ ରାଜ୍ୟର ପ୍ରତିଷ୍ଠିତ କଳାକାରମାନେ ଚୟନ କରିବେ। ଏହି ବୈଠକରେ ଲଳିତକଳା ଏକାଡେମୀର ଅଧ୍ୟକ୍ଷ ସୁଦର୍ଶନ ପଟ୍ଟନାୟକ, ଏକାଡେମୀର ସମ୍ପାଦକ ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

## ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବାରେ ରେକର୍ଡ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଲକ୍‌ଡାଉନ୍ ଜାରି ରହିଥିବାବେଳେ ମାର୍ଚ୍ଚ ଓ ଏପ୍ରିଲ୍‌ରେ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ରେକର୍ଡ ସଂଖ୍ୟକ ରୋଗୀଙ୍କୁ ଜରୁରୀକାଳୀନ ସେବା ଯୋଗାଇଛି। ମୟୂରଭଞ୍ଜରେ ୧୦୮ ଆମ୍ବୁଲାନ୍ସ ଜରିଆରେ ସର୍ବାଧିକ ଲୋକ ସେବା ପାଇଛନ୍ତି। ସେହିଭଳି ଅନୁଗୋଳ ଜିଲାରେ ୧୦୨ ଆମ୍ବୁଲାନ୍ସ ଜରିଆରେ ସର୍ବାଧିକ ଗର୍ଭବତୀ ମହିଳା ଏବଂ ଶିଶୁ ସେବା ପାଇପାରିଥିବା ଜଣାପଡିଛି। ୧୦୮ ସେବା ପାଇବାରେ ମୟୂରଭଞ୍ଜ, କଟକ ଏବଂ ଖୋର୍ଦ୍ଧା ଜିଲା ଆଗରେ ରହିଥିବାବେଳେ ୧୦୨ ଆମ୍ବୁଲାନ୍ସ ସେବା ପାଇବାରେ ଅନୁଗୋଳ, ବାଲେଶ୍ୱର ଏବଂ ବରଗଡ଼ ଆଗରେ ରହିଛି। ମୟୂରଭଞ୍ଜ ଜିଲାରେ ମୋଟ ୩୪ଟି ୧୦୮ ଆମ୍ବୁଲାନ୍ସ ସେବା ଯୋଗାଉଥିବାବେଳେ ମାର୍ଚ୍ଚ ଓ ଏପ୍ରିଲରେ ଯଥାକ୍ରମେ ୪୫୭୧ ଏବଂ ୪୧୯୬ ଜଣ ରୋଗୀ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। କଟକ ଜିଲାରେ ୨୬ଟି ଆମ୍ବୁଲାନ୍ସ କାର୍ଯ୍ୟ କରୁଥିବାବେଳେ ଯଥାକ୍ରମେ ୩୯୨୩ ଏବଂ ୩୬୦୭ଜଣ ରୋଗୀ ସେବା ପାଇଛନ୍ତି। ଖୋର୍ଦ୍ଧା ଜିଲାରେ ୨୩ଟି ଆମ୍ବୁଲାନ୍ସ ରହିଥିବାବେଳେ ଯଥାକ୍ରମେ ୩୮୯୯ ଏବଂ ୩୫୫୩ ଜଣ ରୋଗୀ ସେବା ପାଇପାରିଛନ୍ତି। ସେହିପରି ଅନୁଗୋଳରେ ୧୬ଟି ୧୦୨ ଆମ୍ବୁଲାନ୍ସ ଯୋଗେ ଦୁଇମାସରେ ଯଥାକ୍ରମେ ୧୩୧୧ ଏବଂ ୧୪୮୯ ଜଣଙ୍କୁ ହସ୍ପିଟାଲକୁ ଯାଇଛନ୍ତି। ବାଲେଶ୍ୱରରେ ୨୯ଟି ଆମ୍ବୁଲାନ୍ସରେ ଯଥାକ୍ରମେ ୨୯୪୨ ଏବଂ ୩୩୫୭ ଜଣଙ୍କୁ ସେବା ମିଳିଛି। ବରଗଡ଼ ଜିଲାରେ ୧୫ଟି ୧୦୨ ଆମ୍ବୁଲାନ୍ସମାଧ୍ୟମରେ ଯଥାକ୍ରମେ ୧୪୪୪ ଜଣ ଏବଂ ୧୫୪୮ଜଣ ସେବା ପାଇଛନ୍ତି।

**ଆବଶ୍ୟକ**
ଫର୍ଣ୍ଣିଚର ଓ ଟିମ୍ବର କମ୍ପାନୀ ପାଇଁ
ଲେବର : ୧୦ଜଣ
ସୁପରଭାଇଜର : ୫ଜଣ
ସେଲ୍‌ସ ଗାର୍ଲ : ୨ଜଣ
ଡ୍ରାଇଭର : ୨ଜଣ
ମୋ: 7381202200, 9692676868

**REQUIREMENT**
Retired Government Officer from RWSS, PHED & WRD/ Civil Engineer B.Tech / Diploma (Experience 7-10 years), Accountant, All type of Civil Contractor works related to water supply:- WTP, Intake well, Building work, Over Head Tank / CWR, Pipeline (DI/MS/HDPE/GI), House Connection Team, Labour Suppliers on contract base.
Send your Resume:-
Email: balajiamrutodisha@gmail.com
Mob- 9413512148

**WANTED**
Looking for sales coordinator for Aelite Logistics & Marketing Pvt. Ltd with 3 yrs. exp. in agriculture field, qualification B.Sc. Agri/ MBA (Graduates can also apply).
Cont.: 9553869938

Your classified advertisement published in Dharitri will be listed free in Dharitri online edition : www.dharitri.com

**ପୂର୍ବ ତଟ ରେଳପଥ**
**ଅସ୍ଥାୟୀ ଭିତ୍ତିରେ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର୍ ଏବଂ ପାରାମେଡ଼ିକାଲ କର୍ମଚାରୀଙ୍କ ନିଯୁକ୍ତି**

**ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନରଙ୍କ ନିଯୁକ୍ତି**
ନିଯୁକ୍ତି ସୂଚନା ସଂ. 04/2020-CMP ତା.14.05.2020 ରିଖ
ତିନି ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅସ୍ଥାୟୀ ଭିତ୍ତିରେ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର(CMPs)ଙ୍କ ନିଯୁକ୍ତି।
ମୋଟ ଖାଲି ପଦବୀ ସଂଖ୍ୟା : GDMO-102 ଗୋଟି।

**ଚୁକ୍ତିଭିତ୍ତିକ ପାରା ମେଡ଼ିକାଲ କର୍ମଚାରୀଙ୍କ ନିଯୁକ୍ତି**
ନିଯୁକ୍ତି ସୂଚନା ସଂ. P/KUR/Med/Cont. Para-Med/2020/2, ତା.13.05.2020ରିଖ
ଏକ ମାସ ସମୟାବଧି ନିମନ୍ତେ ଚୁକ୍ତି ଭିତ୍ତିରେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପାରା-ମେଡ଼ିକାଲ କର୍ମଚାରୀଙ୍କ ନିଯୁକ୍ତି।
ମୋଟ ଖାଲି ପଦବୀ ସଂଖ୍ୟା - 561 ଗୋଟି : ନର୍ସିଙ୍ଗ୍ ସୁପରିନ୍‌ଟେଣ୍ଡେଣ୍ଟ-255 ଗୋଟି, ଫାର୍ମାସିଷ୍ଟ-51 ଗୋଟି ଏବଂ ଡ୍ରେସର/OTA/ହସ୍ପିଟାଲ ଆଟେଣ୍ଡାଣ୍ଟ-255 ଗୋଟି।
କିପରି ଆବେଦନ କରିବେ : ପ୍ରଶଂସାପତ୍ରଗୁଡ଼ିକର ସ୍କାନ୍ ହୋଇଥିବା ନକଲ, ନିର୍ଦ୍ଧାରିତ ଫର୍ମାଟରେ ଦରଖାସ୍ତ ଫର୍ମ ଏବଂ କାର୍ଯ୍ୟ ଅଭିଜ୍ଞତା ପ୍ରମାଣପତ୍ର (ଯଦି ଥାଏ) ଇତ୍ୟାଦିକୁ ଇ-ମେଲ ଆଇଡ଼ି- srdmohkur@gmail.com କୁ ଇ-ମେଲ୍ କରାଯାଇପାରେ। ପରିଶେଷରେ ବିସ୍ତର ଆଲୋଚନା ପରେ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇ-ମେଲ୍ ମାଧ୍ୟମରେ ସୂଚିତ କରାଯିବ।
ଦ୍ରଷ୍ଟବ୍ୟ : ତା.22.05.2020ରିଖ ପରେ ପ୍ରାପ୍ତ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।
ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା, ବୟସ, ପାରିଶ୍ରମିକ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ : www.eastcoastrail.indianrailways.gov.in (About us>Divisions>Khurda Road Division>Recruitment) ଅବଲୋକନ କରନ୍ତୁ।
PR-39/L/20-21
ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ଖୋର୍ଦ୍ଧା ରୋଡ଼

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଧମାକା ଋଣ ଧମାକା ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର
PM ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ ବ୍ୟବସାୟ ରାଶନକାର୍ଡ ପର୍ସନାଲ ପ୍ରପର୍ଟି ଗ୍ରୁପ୍ ଋଣ ଗୃହ ଋଣ ପଶୁପାଳନ
କମ୍ କାଗଜ-ପତ୍ର କାମ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929883586
8929889612
Shahajahanabad, Bhopal (MP)

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ଶ୍ରୀରାମ ଫାଇନାନ୍ସ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
2% ସୁଧ 50% ଛାଡ଼
ଋଣ ଧମାକା
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
89029-77099

GANPATI FINANCE
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। -ଶ୍ରୀମା

# ଦୁର୍ଦ୍ଦିନରେ ଲାଗିଛି ଝଗଡ଼ା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଞ୍ଜାବର ମୁଖ୍ୟ ଶାସନ ସଚିବ କରଣ ଅବତାର ସିଂ ଏକ ବିବାଦରେ ପଡ଼ିଯାଇଛନ୍ତି।ଏହାର ରାଜନୈତିକ ପ୍ରତିକ୍ରିୟା ଥିବା ଭଳି ମନେହେଉଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତାଙ୍କ ସହଯୋଗୀ ଏବଂ ପ୍ରଶାସକଙ୍କ ମଧ୍ୟରେ ଲାଗିଥିବା ଏହି ବିବାଦକୁ କମାଇବା ପାଇଁ ପ୍ରୟାସ କରୁଥିବା ସ୍ପଷ୍ଟ ଅନୁମାନ କରାଯାଉଛି। ମଦ ଠିକାଦାରମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଚାହୁଁଥିବା ମୁଖ୍ୟମନ୍ତ୍ରୀଙ୍କ ଅବକାରୀ ନୀତି ରାଜ୍ୟର ମନ୍ତ୍ରୀ ପରିଷଦକୁ ବିଭାଜିତ କରିଛି। ମୁଖ୍ୟ ଶାସନ ସଚିବ ସିଂ ବିତ୍ତ ଆୟୁକ୍ତ ଟିକସ (ଟ୍ୟାକ୍ସେସନ) ଏବଂ ପଞ୍ଜାବ ଅବକାରୀ ବିଭାଗର ପ୍ରଶାସନିକ ସଚିବ ଦାୟିତ୍ୱରେ ମଧ୍ୟ ରହିଛନ୍ତି ଓ ତାଙ୍କ ଖରାପ ବ୍ୟବହାର ଯୋଗୁ ସେ ଏବେ ମନ୍ତ୍ରୀମାନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଉକ୍ତ ଘଟଣା ଉପରେ ଅନୁଷ୍ଠିତ ଶେଷ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ମନୋଭାବକୁ ପ୍ରତିବାଦ କରି ଅଧାରୁ ସବୁ ମନ୍ତ୍ରୀ ବାହାରକୁ ଚାଲିଯାଇଥିଲେ। ସୂତ୍ରରୁ ଜଣାପଡିଛି ଯେ, ଯେଉଁ ବୈଠକରେ କରଣ ଅବତାର ସିଂ ଉପସ୍ଥିତ ରହିବେ ସେଥିରେ ସବୁମନ୍ତ୍ରୀ ଯୋଗଦେବେ ନାହିଁ ବୋଲି ଶପଥ ନେଇଛନ୍ତି। ସ୍ପଷ୍ଟ ଜଣାପଡୁଛି ଯେ, ଏହି ଝଗଡ଼ା ସମାଧାନ କରିବା ପାଇଁ ଅମରିନ୍ଦରଙ୍କ ପ୍ରୟାସ ତାଙ୍କ ସହଯୋଗୀମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ତେବେ ଅବକାରୀ ବିଭାଗରେ ସରକାର ଓ ଠିକାଦାରଙ୍କ ମଧ୍ୟରେ କିଛି ସମ୍ପର୍କ ରହିଛି ବୋଲି ଜଣେ ଦଳୀୟ ବିଧାୟକ କହିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏହି ସୁଯୋଗରେ ପଞ୍ଜାବର କଂଗ୍ରେସ ନେତା ତଥା ରାଜ୍ୟସଭା ସଦସ୍ୟ ପ୍ରତାପ ସିଂ ବାଜୱା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ସ୍ୱଚ୍ଛତାର ବାହାନା କରୁଛନ୍ତି ବୋଲି କଡ଼ା ତଥା ଅକ୍ରମଣାତ୍ମକ ମନ୍ତବ୍ୟ ଦେଇଛନ୍ତି। ବାଜୱା କହିଛନ୍ତି,ମୁଖ୍ୟ ଶାସନ ସଚିବ ଏହି ଅଭିଯୋଗର ସ୍ପଷ୍ଟୀକରଣ ଦିଅନ୍ତୁ କିମ୍ବା ପଦ ଛାଡ଼ନ୍ତୁ । ଏଭଳି କହି ସେ ମୁଖ୍ୟମନ୍ତ୍ରୀଙ୍କୁ ଅଡୁଆ ପରିସ୍ଥିତିରେ ପକାଇଦେଇଛନ୍ତି। ପର ବୈଠକରେ ମନ୍ତ୍ରୀମାନେ ସମ୍ପୂର୍ଣ୍ଣ ବିଜୟ ଲାଭ କରିପାରନ୍ତି। କାରଣ ମୁଖ୍ୟ ସଚିବ ସିଂ ହାଫ୍ ଡେ' ଲିଭ୍‌ରେ ରହି ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଗୃହ ସଚିବ ସତୀଶ ଚନ୍ଦ୍ରଙ୍କୁ ବୈଠକରେ ଅଧ୍ୟକ୍ଷତା କରିବା ଲାଗି ଅଧିକାର ଦେଇଛନ୍ତି। ଏବେ ଚାପ ଆଗରେ ମୁଣ୍ଡ ନୁଆଁଇ ଅମରିନ୍ଦର ମୁଖ୍ୟ ସଚିବଙ୍କଠାରୁ ବିତ୍ତ ଆୟୁକ୍ତ (ଟିକସ) ଅତିରିକ୍ତ ଦାୟିତ୍ୱ କାଢି ନେଇଛନ୍ତି। ରାଜ୍ୟ କରୋନା ଭାଇରସ୍ ସଂକ୍ରମଣ ବିରୋଧରେ ଲଢୁଥିବା ବେଳେ ରାଜ୍ୟରେ ଏହା ଏକ ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି କରିଛି। ଶେଷରେ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଏଭଳି ଏକ ଝଗଡା ଏ ସମୟରେ କ'ଣ ମୁଖ୍ୟମନ୍ତ୍ରୀ ଚାହାନ୍ତି । ଝଗଡା ଯୋଗୁ ଏହି ଦୁର୍ଦ୍ଦିନରେ ଉଭୟ ରାଜସ୍ୱ କ୍ଷତିଗ୍ରସ୍ତ ହେବା ସହ ଓ ପୀଡିତମାନେ ସମ୍ପୂର୍ଣ୍ଣ ଭାବେ ଉପେକ୍ଷିତ ହେଉଛନ୍ତି।

### ରାନୀଙ୍କ ଇସ୍ତଫା ଖାରଜ

ଆଇଏଏସ୍ ଅଧିକାରୀ ରାନୀ ନାଗରଙ୍କ ଇସ୍ତଫାକୁ ହରିୟାଣା ସରକାର ଖାରଜ କରିଦେଇଛନ୍ତି। ଏହା ବଦଳରେ ତାଙ୍କ ନିଜ ରାଜ୍ୟ ଉତ୍ତରପ୍ରଦେଶ କ୍ୟାଡର୍‌କୁ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୪ ବ୍ୟାଚ୍‌ର ଏହି ଅଧିକାରୀ ୪ ମେ'ରେ ଇସ୍ତଫା ଦେଇଥିଲେ। ସରକାରୀ କାର୍ଯ୍ୟରେ ବ୍ୟକ୍ତିଗତ ସୁରକ୍ଷା ପ୍ରସଙ୍ଗକୁ ଭିତ୍ତିକରି ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କେଶନି ଆନନ୍ଦ ଆରୋରାଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି। ଏହି ଇସ୍ତଫାପତ୍ରକୁ ତାଙ୍କ ଫେସ୍‌ବୁକରେ ମଧ୍ୟ ପୋଷ୍ଟ କରିଛନ୍ତି। ଏହି ଆଇଏଏସ୍ ଅଧିକାରୀ ହରିୟାଣା ଅଭିଲେଖାଗାର ବିଭାଗର ନିର୍ଦ୍ଦେଶକ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଦାୟିତ୍ୱରେ ରହିଛନ୍ତି। ଲକ୍‌ଡାଉନ ପରେ ଚାକିରିରୁ ଇସ୍ତଫା ଦେଇ ସେ ତାଙ୍କ ଜନ୍ମସ୍ଥାନ ଉତ୍ତରପ୍ରଦେଶ ଫେରିଯିବା ଲାଗି ଇଚ୍ଛା ପ୍ରକାଶ କରିବା ବିଷୟ ଫେସ୍‌ବୁକରେ ପୋଷ୍ଟ କରିଥିଲେ। ଗତ ମାସରେ ସେ ଏହି ପୋଷ୍ଟ କରି ସେଥିରେ ତାଙ୍କ ସୁରକ୍ଷା ସମ୍ପର୍କିତ କଥା ମଧ୍ୟ ଦର୍ଶାଇଥିଲେ। ରାନୀ ୨୦୧୮ରେ ଜଣେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସ୍ତରର ଅଧିକାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ଖବର ବି ପ୍ରକାଶ ପାଇଥିଲା। ସୂତ୍ରରୁ ଜଣା ପଡିଛି ଯେ, ଏହି ଅଭିଯୋଗକୁ ଆଧାରକରି ରାଜ୍ୟ ସରକାର ଏହା ଉପରେ ତଦନ୍ତ କରିଥିଲେ, କିନ୍ତୁ ସେହି ଅଧିକାରୀଙ୍କୁ ଦୋଷୀ କରି ନ ଥିଲେ। କେରଳର ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ ଗତ ବର୍ଷ ଇସ୍ତଫା ଦେବା ଘଟଣା ପରେ ରାନୀ ନାଗରଙ୍କ ଘଟଣା ପଦାକୁ ଆସିଛି। କିନ୍ତୁ ସରକାର ଗୋପୀନାଥନଙ୍କ ଇସ୍ତଫା ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଏହା ପରିବର୍ତ୍ତେ କରୋନା ଭାଇରସ୍ ସଂକ୍ରମଣ ସମୟରେ କାର୍ଯ୍ୟରେ ଯୋଗ ନ ଦେବାରୁ ସରକାର ତାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ହେଲେ ରାନୀ ନାଗରଙ୍କ ମାମଲା ଭଲରେ ଶେଷ ହେବ ବୋଲି ଆଶା କରାଯାଏ।

Email: dilipcherian@gmail.com

# କୋଭିଡ୍-୧୯ରୁ ଶିକ୍ଷା

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆଖିକୁ ଦିଶୁ ନ ଥିବା କ୍ଷୁଦ୍ରାପି କ୍ଷୁଦ୍ର ଭୂତାଣୁଟିଏ। ହେଲେ ତା'ର ପ୍ରକୋପ ପୁଣି ଏତେ ଯେ, ଗ୍ରହ-ଗ୍ରହାନ୍ତର ଜୟ କରିସାରିଥିବା ଏବଂ ସମଗ୍ର ବିଶ୍ୱକୁ ନିମିଷକ ମଧ୍ୟରେ ଧ୍ୱଂସ କରିଦେବାର ଅହମିକା ପୋଷଣ କରୁଥିବା ମଣିଷର ବୁଦ୍ଧିକୁ ହଜାଇ ଦେଇଛି। କାରଣ ଏହାଦ୍ୱାରା ଉତ୍ପନ୍ନ ନୂତନ କରୋନା ରୋଗ ବା କୋଭିଡ୍-୧୯ ସାବ୍ୟସ୍ତ ହୋଇଛି ମହାମାରୀର ଇତିହାସରେ ସବୁଠାରୁ ଘାତକ ରୂପେ। ମୁଖ୍ୟତଃ କୋଭିଡ୍-୧୯ ଭୂତାଣୁ ପ୍ରସାରିତ ହେଉଛି ଜଣେ ରୋଗୀ ଛିଙ୍କିବା, କାଶିବା, ହାଇମାରିବା ଏବଂ କଥା କହିବା ସମୟରେ ତହିଁରୁ ବାହାରୁଥିବା ଶ୍ଲେଷ୍ମ କଣିକା ସହିତ ନିର୍ଗତ ହୋଇ ଏବଂ ସୁସ୍ଥ ଲୋକକୁ ସଂକ୍ରମିତ କରୁଛି ତା'ର ଆଖି, ନାକ ଓ ପାଟି ମଧ୍ୟ ଦେଇ। ତେବେ ସୌଭାଗ୍ୟବଶତଃ ଏହି ସୂକ୍ଷ୍ମ ଜୀବଟି ଆର୍‌ଏନ୍‌ଏଧାରୀ ଭୂତାଣୁମାନଙ୍କ ମଧ୍ୟରେ ସର୍ବବୃହତ୍ ହୋଇଥିବାରୁ ଅତି ସୂକ୍ଷ୍ମ କଣିକାରେ ତାହା ସବାର ହୋଇପାରେ ନାହିଁ। ଫଳରେ ବାୟୁରେ ତାହା ମାତ୍ର ୧ ମିଟର ପର୍ଯ୍ୟନ୍ତ ଗତି କରିପାରେ- ତହିଁରୁ ଅଧିକ ନୁହେଁ। ସେଇଥି ପାଇଁ ଏହାର ସଂକ୍ରମଣରୁ ରକ୍ଷା ପାଇବା ଲାଗି ଅତି କମ୍‌ରେ ଲୋକେ ପରସ୍ପରଠାରୁ ଏତିକି ସାମାଜିକ ଦୂରତା ରଖିବାକୁ ଉପଦେଶ ଦିଆଯାଉଛି।

ଏପରି କରିବା ଆମର ଏକ ପୁରୁଣା ଅଭ୍ୟାସ ଥିଲା। ଏହି ସମୟରେ ଆମଠାରେ ଥିବା ବିବିଧ ଜୀବାଣୁ ନିର୍ଗତ ହୋଇ ପାଖରେ ଥିବା ଅନ୍ୟମାନଙ୍କୁ ତଥା ବାୟୁକୁ ସଂକ୍ରମିତ କରେ ବୋଲି ଆମେ ଜାଣୁ। ଉଦାହରଣ ସ୍ୱରୂପ ଜଣେ ଯକ୍ଷ୍ମାରୋଗୀ ୫ ସେକେଣ୍ଡ ପାଇଁ କାଶିଲେ ତା'ଠାରୁ ୬୦୦ରୁ ୧୫୦୦ ପର୍ଯ୍ୟନ୍ତ ଜୀବାଣୁ ନିଷ୍କାସିତ ହେଉଥିବାର କୁହାଯାଏ। ତେବେ, ଆମେ ସେଥିପ୍ରତି ଗୁରୁତ୍ୱାରୋପ କରୁ ନ ଥିଲୁ। ଏବେ ତାହା କୋଭିଡ୍-୧୯ ସଂକ୍ରମଣର ପ୍ରଧାନ ମାର୍ଗ ରୂପେ ଜଣାପଡ଼ିଲାଣି। ସେଥିପାଇଁ ସାମାଜିକ ଦୂରତ୍ୱ ରକ୍ଷା ସଙ୍ଗେ ସଙ୍ଗେ ମୁହଁରେ ମାସ୍କ ବା ମୁଖା ପିନ୍ଧି ବାହାରକୁ ଯିବା ଲାଗି ପରାମର୍ଶ ଦିଆଯାଉଛି। କିନ୍ତୁ ଏହି ଆପାତକାଳ ହଟିଲା ପରେ ମଧ୍ୟ ଡାକ୍ତରଖାନା, ବଡ଼ ବଡ଼ ମଲ୍ କିମ୍ବା ଉତ୍ସବ ଆଦିକୁ ଗଲାବେଳେ ଆମେ ଏହି ଅଭ୍ୟାସକୁ ଜାରି ରଖିବା ଉଚିତ ହେବ। ନଚେତ୍ ତାହା ହୁଏତ ହଠାତ୍ କେବେ ବିପଜ୍ଜନକ ହୋଇଯାଇପାରେ ବୋଲି ଆମକୁ ବର୍ତ୍ତମାନର ପରିସ୍ଥିତିରୁ ଶିକ୍ଷା କରିବାକୁ ପଡ଼ିବ।

ପୁନଶ୍ଚ ଏ ଭୂତାଣୁ ସଂକ୍ରମିତ ଲୋକର ହାତ ଦେଇ ସେ ସ୍ପର୍ଶ କରୁଥିବା ବିବିଧ ସାମଗ୍ରୀରେ ଲାଖି ରହିପାରେ। ଅନ୍ୟ ଜଣେ ତାକୁ ଛୁଇଁ ସେହି ହାତରେ ଆଖି, ନାକ ବା ପାଟିକୁ ଛୁଇଁଲେ ସଂକ୍ରମଣର ଶିକାର ହୋଇଥାଏ। ଏହି କାରଣରୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ଭାରତୀୟ ଚିକିତ୍ସା ସଂସ୍ଥାନଠାରୁ ଆରମ୍ଭ କରି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି ଯେ କୌଣସି କାମ କରିସାରିଲା ପରେ ବାନ୍ଧିବାର ହାତକୁ ଭଲ ଭାବେ ଧୋଇବାକୁ।

ହାତ ଆମର ସବୁଠାରୁ ବେଶି ବ୍ୟବହୃତ ହେଉଥିବା ଅଙ୍ଗ। ଏଣୁ ଏହା ସଂକ୍ରମିତ ହେବାର ସମ୍ଭାବନା ସର୍ବାଧିକ। ସେଥିପାଇଁ ଏହାକୁ ପରିଷ୍କାର ରଖିବା ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମ। କିନ୍ତୁ ଅଧିକାଂଶ ସମୟରେ ଆମେ ଏହା ଏଡ଼ାଇଯାଉ। ଏହାକୁ ଦୃଷ୍ଟିରେ ରଖି ଏ ସଚେତନତାର ପ୍ରସାର ଲାଗି ୨୦୦୬ ମସିହାରୁ କାର୍ଯ୍ୟ କରିଆସୁଛି ଆମେରିକାର "ଗ୍ଲୋବାଲ୍ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରଶିପ୍ ଫର୍ ହ୍ୟାଣ୍ଡୱାଶିଂ" ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା। ଏହାର ଆକଳନ ଅନୁସାରେ ଅପରିଷ୍କାର ହାତ ମାଧ୍ୟମରେ ହିଁ ବ୍ୟାପିଥାଏ ଶର୍ଦ୍ଦି, ଏନ୍‌ଫ୍ଲୁଏଞ୍ଜା, ହାଡ଼ଫୁଟି, ଗାଲୁଆ, ଶ୍ୱାସ, ଆମାଶୟଠାରୁ ଆରମ୍ଭ କରି ବିବିଧ କରୋନା ଜାତୀୟ ରୋଗର ଜୀବାଣୁ ଓ ଭୂତାଣୁ। ସେଥିପାଇଁ ଏହାରି ଆନୁକୂଲ୍ୟରେ ପ୍ରତି ବର୍ଷ ଅକ୍ଟୋବର ୧୫କୁ "ବିଶ୍ୱ ହାତଧୁଆ ଦିବସ' ରୂପେ ପାଳନ କରାଯାଉଛି।

ପରୀକ୍ଷାରୁ ଜଣାପଡ଼ିଛି, ରୋଗୀର ଚିକିତ୍ସା କରିସାରିଲା ପରେ ଜଣେ ଡାକ୍ତର, ନର୍ସ ବା ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ୪୦୦ରୁ ୧୫୦୦ ଜୀବାଣୁ ବା ଭୂତାଣୁ ଲାଗିଥାନ୍ତି। ସେହିପରି ବଜାର ସଉଦା ସାରି ଫେରିଥିବା ଲୋକ ଏବଂ ସ୍କୁଲରୁ ଲେଉଟିଥିବା ପିଲାର ହାତରେ ଏହା ୨୦୦ରୁ ୧୨୦୦ ପର୍ଯ୍ୟନ୍ତ ଥିଲାବେଳେ ଶୌଚ ହେଲାପରେ ଭଲକରି ହାତ ଧୋଉ ନ ଥିବା ଲୋକର ହାତରେ ଏହାର ସଂଖ୍ୟା ୨୦୦ରୁ ୭୦୦। ତେବେ, ଆମେ ସେଥିପ୍ରତି ସଚେତନ ନୋହୁଁ। ଉପରୋକ୍ତ ଅନୁଷ୍ଠାନ ଏହି କାରଣରୁ କାହାରି ସହିତ କର ମର୍ଦ୍ଦନକୁ ମଧ୍ୟ ବାରଣ କରିଛି। ବର୍ତ୍ତମାନ କୋଭିଡ୍-୧୯ ଆମକୁ ଏସବୁ ପାଇଁ ଉଚିତ ଶିକ୍ଷା ଦେଇଛି। ତେଣୁ ଆମେ ସାମାନ୍ୟ କିଛି କାମ କଲାପରେ ସାନିଟାଇଜର ଲଗାଉଛୁ କିମ୍ବା ସାବୁନ ପାଣିରେ ହାତ ଧୋଉଛୁ ଏବଂ କରମର୍ଦ୍ଦନ ବଦଳରେ କାହାରିକୁ ଶ୍ରଦ୍ଧା ବା ସମ୍ମାନ ଜଣାଇବା ଲାଗି ନମସ୍କାର କରୁଛୁ।

ରୋଗୀର ଛେପ ଜୀବାଣୁ ଓ ଭୂତାଣୁଙ୍କ ଗନ୍ତାଘର। କିନ୍ତୁ ଯେଉଁଠି ନାହିଁ ସେଇଠି ଛେପ ପକାଇଦେବା ଆମର ଗୋଟାଏ ବଦଭ୍ୟାସ। ପାନ, ଗୁଟ୍‌ଖା ଆଦି ଖାଉଥିବା ଲୋକେ ଏହା ଅଧିକ କରିଥାନ୍ତି। ଏହା ଦ୍ୱାରା ନୂତନ କରୋନା ବା କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ବ୍ୟାପକ ହେବାର ସମ୍ଭାବନା ଥିବାରୁ ଏବେ ଏହାକୁ ନିଷେଧ କରାଯାଇଛି। ସର୍ବସାଧାରଣରେ ଏପରି କରୁଥିବା ଲୋକ ପ୍ରତି ଦଣ୍ଡ ଧାର୍ଯ୍ୟ କରାଯାଇଛି। ତେବେ ଏପରି ନ କରିବା ଲାଗି ଅନେକ ଆଗରୁ ସଚେତନତା ଆରମ୍ଭ କରିଥିଲା ମୁମ୍ବାଇର ଏକ ସ୍ୱେଚ୍ଛାସେବୀ ସଂସ୍ଥା। ୨୦୦୬ରେ ଏହାଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ୧୦ ମିଲିଲିଟର ପାନପିକରେ ଥା'ନ୍ତି ୨୦୦୦ରୁ ୨୩୦୦୦ ଜୀବାଣୁ ଓ ଭୂତାଣୁ। ସେହି କାରଣରୁ ସର୍ବସାଧାରଣରେ ଏହା ପକାଇଲେ ଦିଲ୍ଲୀରେ ୨୫୦ ଏବଂ ମୁମ୍ବାଇରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଥିଲା। ଏହାକୁ କେହି ଗୁରୁତର ସହ ଗ୍ରହଣ କରୁ ନ ଥିଲେ। ବର୍ତ୍ତମାନ କୋଭିଡ୍-୧୯ ଏ ସମସ୍ୟାକୁ ଜଟିଳ କରିଛି। ତେଣୁ ଏଥିପାଇଁ ଅଧିକ କଠୋର ଦଣ୍ଡର ବ୍ୟବସ୍ଥା ହୋଇଛି। ଅତଏବ ଆମକୁ ମିଳିଛି ଏକ ଉପଯୁକ୍ତ ଶିକ୍ଷା।

ଏବେ ବିଚାରକୁ ନେବା ଆମ ଦେଶରେ ନିରାମିଷ ଭୋଜନ ପରମ୍ପରାର ଗୁରୁତ୍ୱ କଥା। ମଣିଷ ଯେ ଏକ ନିରାମିଷାଶୀ ପ୍ରାଣୀ ତା' ଶାରୀରିକ ଗଠନ ଓ କ୍ରିୟା ପ୍ରକ୍ରିୟାରୁ ସୁସ୍ପଷ୍ଟ। ତେବେ, ବର୍ତ୍ତମାନର ବିଶ୍ୱରେ ପ୍ରାୟ ୮୭ ଶତାଂଶ ଲୋକ ଅଳ୍ପବହୁତ ଆମିଷ ଭୋଜନ କରନ୍ତି। ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଏ ଖାଦ୍ୟର ଚାହିଦା ମଧ୍ୟ ବଢ଼ି ଚାଲିଛି। ଫଳରେ ପରିବେଶ ଓ ପରିସଂସ୍ଥାଠାରୁ ଆରମ୍ଭ କରି ଜଳସଂପଦ ଉପରେ ଚାପ ବଢୁଛି। କାରଣ ଏହାର ଉତ୍ପାଦନ ପାଇଁ ଆବଶ୍ୟକ ହେଉଛି ଅଧିକ ପ୍ରାକୃତିକ ସଂସାଧନ। ଏପରି କି ଅନେକ ସମୟରେ ଏଥିରୁ ଉତ୍ପନ୍ନ ହେଉଛି ଜନସ୍ୱାସ୍ଥ୍ୟ ପ୍ରତି ଘୋର ବିପତ୍ତି। ବିଗତ ବର୍ଷମାନଙ୍କରେ ଘଟିଯାଇଥିବା ବାର୍ଡଫ୍ଲୁ, ସ୍ୱାଇନ୍ ଫ୍ଲୁ, ମ୍ୟାଡ୍ କାଓ ଡିଜିଜ୍ ଆଦି ମୂଳରେ ପ୍ରଥମ କାରଣଟି ଏବଂ ବର୍ତ୍ତମାନର କୋଭିଡ୍-୧୯ ମୂଳରେ ଦ୍ୱିତୀୟଟି ଥିବାର ମନେହୁଏ। ଅତଏବ ଆମର ଆମିଷ ଭୋଜନକୁ ପରିବେଶ, ପରିସଂସ୍ଥା ତଥା ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ସୀମିତ ଓ ଶୃଙ୍ଖଳିତ କରିବା ଦରକାର। ଏହି ସଚେତନତାର ପ୍ରସାର ଲାଗି ଜାତିସଂଘ ତରଫରୁ ପ୍ରତି ବର୍ଷ ପାଳନ ହୋଇ ଆସୁଛି 'ନୋ ମିଟ୍ ଡେ'। ପୁନଶ୍ଚ ପ୍ରସିଦ୍ଧ ପରିବେଶବିତ୍ ତଥା ନୋବେଲ ପୁରସ୍କାର ବିଜେତା ରାଜେନ୍ଦ୍ର କୁମାର ପଚଉରୀ ଏହାକୁ ଏକ ସପ୍ତାହକୁ ଏବଂ ତତ୍ପରେ ଅଲଗା ଅଲଗା ସମୟରେ ସପ୍ତାହେ ସପ୍ତାହେ ଧରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଆମେ ଏଥିପ୍ରତି ଗୁରୁତ୍ୱ ଦେବା ଲାଗି ଶିକ୍ଷା ଦେଇଛି ବର୍ତ୍ତମାନର କୋଭିଡ୍-୧୯। ଏସବୁ କେବଳ ମାନବ ଜାତି କାହିଁକି, ସମଗ୍ର ଜୀବଜଗତ ଲାଗି ଏକାନ୍ତ ପ୍ରୟୋଜନ।

ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ପୁଣି ମଦ

ପ୍ରକାଶ ତ୍ରିପାଠୀ

କୋଭିଡ୍-୧୯ ଯୋଗୁ ସାରା ଦେଶରେ ଲକ୍‌ଡାଉନ୍ ଚାଲିଥିଲାବେଳେ କେତେକ ସର୍ତ୍ତରେ ମଦଦୋକାନ ଖୋଲିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗାଇଡଲାଇନ୍ ଜାରି କରିଥିଲେ। କିଛି ରାଜ୍ୟରେ ମଦ ଦୋକାନ ଖୋଲିବା ପରେ ଯେଉଁ ଦୃଶ୍ୟ ନଜରକୁ ଆସିଲା ସେଥିରୁ ଅନ୍ତତଃ ଏତିକି ପ୍ରମାଣ ମିଳିଲା ଯେ, କିଛି ଲୋକଙ୍କ ପାଇଁ ମଦ କେତେ ଅପରିହାର୍ଯ୍ୟ ଓ ସରକାର ମଦ ବିକିବା ପାଇଁ କେତେକ ଆତୁର। ମଦ ନ ପିଇ ଦୀର୍ଘ ୪୦ ଦିନ ଏମାନେ କିପରି ଜିଇଥିଲେ ତାହା ମଧ୍ୟ ଭାବିବାର ବିଷୟ। ସକାଳ ୯ଟାରେ ମଦ ଦୋକାନ ଖୋଲାଯିବାକୁ ଧାର୍ଯ୍ୟ ଥିଲାବେଳେ ସକାଳ ୬ଟାରୁ ଦୋକାନ ଆଗରେ ଧାଡ଼ିବାନ୍ଧି ଠିଆ ହୋଇଥିଲେ ମଦପ୍ରେମୀମାନେ। ଦୋକାନ ଆଗରେ ଧାଡ଼ି ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଥିଲା ଓ ମଦପ୍ରେମୀ ଲୋକମାନେ ଧାର୍ଯ୍ୟଦରଠାରୁ ଶତକଡ଼ା ୭୫ ଅଧିକ ଦାମ୍‌ରେ ବି ମଦ କିଣିବାକୁ ପଛାଇ ନ ଥିଲେ। ଛଅଫୁଟ୍ ସାମାଜିକ ଦୂରତା, ଦୋକାନ ସମ୍ମୁଖରେ ୫ଜଣ ଗରାଖରୁ ଅଧିକ ଠିଆ ନ ହେବାକୁ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଘୋଷଣା ହୋଇଥିଲେ ବି ଦୋକାନ ଖୋଲୁ ଖୋଲୁ ମଦପ୍ରେମୀମାନେ ଏପରି ଆତୁର ହୋଇ ଉଠିଥିଲେ ଯେ, କୋଭିଡ୍-୧୯ କଟକଣା ଆଉ ସେମାନଙ୍କ ସ୍ମୃତିରେ ନ ଥିଲା। ଏପରି କି ମଦ ପାଇଁ ହୋଇଥିବା ଲମ୍ବାଧାଡ଼ିରେ କିଛି ମହିଳା ବି ନଜରକୁ ଆସିଥିଲେ। ପ୍ରଥମ ଦିନରେ କର୍ଣାଟକରେ ୪୫ କୋଟି, ଉତ୍ତରପ୍ରଦେଶରେ ୧୦୦ କୋଟି ଟଙ୍କା ମଦ ବିକ୍ରି ପ୍ରମାଣ ଦେଇଥିଲା ଯେ, ସରକାର ମଦ ଦୋକାନ ଖୋଲିବା ପାଇଁ କାହିଁକି ବ୍ୟଗ୍ର। ମଦ ବିକ୍ରି ସୂଚାଇଥିଲା ସରକାରଙ୍କ ରାଜକୋଷକୁ ମଦର ଅବଦାନ କେତେ। ତେବେ କୋଭିଡ୍ ୧୯ ସଂକ୍ରମଣ ଦୃଷ୍ଟିରୁ ଓ ମଦ ଦୋକାନ ସମ୍ମୁଖରେ ଅସମ୍ଭବ ଭିଡ଼ ଜନିତ ସାମାଜିକ ଦୂରତା ବ୍ୟବସ୍ଥା ଖଣ୍ଡିତ ହେବା ଦୃଷ୍ଟିରୁ ସରକାର ମଦ ଦୋକାନ ଆଗରେ ମଦ ବିକ୍ରି ପାଇଁ ଅନୁମତି ପ୍ରଦାନ ବଦଳରେ ହୋମ୍ ଡେଲିଭେରି କିମ୍ବା ଅନ୍ ଲାଇନ୍‌ରେ ଗରାଖଙ୍କୁ ମଦ ଯୋଗାଇ ଦେବାକୁ ଇତି ମଧ୍ୟରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ମଦ ଓ ମଦପ୍ରିୟ ଲୋକଙ୍କର ଗୁରୁତ୍ୱ ଉପଲବ୍ଧି ହୋଇଛି।

ମଦକୁ ନେଇ ହିନ୍ଦୀରେ ଏକ ସୁନ୍ଦର ସାୟରି ଶୁଣିବାକୁ ମିଳିଥାଏ। 'ବହତ ଅମିର ହୋତି ହୈ ୟେ ସରାବ୍ କି ବୋତ୍‌ଲେଁ, ପୈସା ଚାହେ ଯୋ ଭି ଲଗ୍‌ଯାଏ ସାରେ ଗମ୍ ଖରିଦ୍ ଲେତି ହୈ।' ଅଭ୍ୟାସଗତ ମଦୁଆଙ୍କ ପାଇଁ ମଦର ଦରବୃଦ୍ଧି କିଛି ଫରକ୍ ପକାଏ ନାହିଁ। ସେ କେବଳ ପିଇବା ହିଁ ଜାଣେ ଦାମ୍ ଯାହା ବି ହେଉ। ନିଶାସେବନ ପ୍ରତି ସାଧାରଣରେ ଆସକ୍ତି ଓ ଦୁର୍ବଳତା ସୃଷ୍ଟି ହେବା ସ୍ୱାଭାବିକ। ରାଜସ୍ୱ ବୃଦ୍ଧି ଆଳରେ ଏହି ଦୁର୍ବଳତାର ଫାଇଦା ଉଠାଇବା ସରକାରଙ୍କ ପକ୍ଷେ କେତେଦୂର ଯୁକ୍ତିଯୁକ୍ତ? ଏଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କିଛି ସୂଚନା ପ୍ରଦାନ ଆବଶ୍ୟକ। ତଥ୍ୟ ଅନୁଯାୟୀ ଭାରତରେ ମଦପ୍ରିୟ ଲୋକଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟୁଛି। ୨୦୦୫ରେ ଜଣେ ଭାରତୀୟଙ୍କ ପିଛା ହାରାହାରି ୨.୪ ଲିଟର ମଦ ସେବନ ହେଉଥିଲାବେଳେ ୨୦୧୦ରେ ଏହା ୪.୩ ଲିଟରକୁ ବୃଦ୍ଧି ଘଟିଥିଲା ଓ ୨୦୧୬ବେଳକୁ ଏହା ୫.୭ ଲିଟରକୁ ପହଞ୍ଚିଛି। ଅର୍ଥାତ୍ ଦଶ ବର୍ଷରେ ମଦ୍ୟପଙ୍କ ସଂଖ୍ୟା ଦୁଇଗୁଣାରୁ ଅଧିକ ବଢ଼ିଛି। କେବଳ ପୁରୁଷଙ୍କ କ୍ଷେତ୍ରରେ ନୁହେଁ, ଭାରତୀୟ ମହିଳାଙ୍କ କ୍ଷେତ୍ରରେ ମଧ୍ୟ ଏହା ଆଦୃତି ଲାଭ କରିବାକୁ ଯାଉଛି। ପୁରୁଷଙ୍କ କ୍ଷେତ୍ରରେ ୪.୨ ଲିଟର ମଦ ବ୍ୟୟ ହେଉଥିଲା ବେଳେ ମହିଳାଙ୍କ କ୍ଷେତ୍ରରେ ଏହାର ପରିମାଣ ୧.୫ ଲିଟର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଆହୁରି କୁହେ ଯେ, ଭାରତରେ ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ମଦ୍ୟପାନ କରି ଅସାବଧାନତାରେ ଗାଡି ଚଳାଇବା ଯୋଗୁଁ ପ୍ରାଣ ହରାଇଥାନ୍ତି। ଏଥିସହ ମଦ୍ୟପାନଜନିତ କ୍ୟାନ୍‌ସର ରୋଗରେ ପ୍ରତିବର୍ଷ ପ୍ରାୟ ୩୦ ହାଜର ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତି। ସେହିପରି ମଦ୍ୟପାନ ଯୋଗୁଁ ୧ ଲକ୍ଷ ୪୦ ହଜାର ଲୋକ ଲିଭର ସିରୋସିସ୍ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି। ଅର୍ଥାତ୍ ଭାରତରେ ପ୍ରତିବର୍ଷ ପ୍ରାୟ ଦୁଇ ଲକ୍ଷ ସତୁରି ହଜାର ଲୋକ ମଦ ଯୋଗୁଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏହା ସତ୍ତ୍ୱେ ବି ମଦ ପିଇବା ପାଇଁ ଜନସାଧାରଣରେ ବର୍ଦ୍ଧିତ ଉତ୍ସାହ ଓ ମଦ ବିକ୍ରୟଜନିତ କର ସଂଗ୍ରହ ପାଇଁ ସରକାରଙ୍କ ଆଗ୍ରହ ଚିନ୍ତାର ବିଷୟ। ସରକାର କ'ଣ ବୁଝିପାରନ୍ତି ନାହିଁ ଯେ, ମଦରୁ ଯେତିକି ରାଜସ୍ୱ ମିଳିଥାଏ, ତା'ଠାରୁ ଅଧିକ ଅର୍ଥ ମଦପାନଜନିତ କ୍ଷୟକ୍ଷତି ଭରଣା ପାଇଁ ସରକାର ବ୍ୟୟ କରିଥାନ୍ତି। ପାରିବାରିକ ଅଶାନ୍ତି, ଆୟହାନି, ରୁଗ୍‌ଣ ସ୍ୱାସ୍ଥ୍ୟ, ଅସାମାଜିକ ପରିବେଶ, ଅପରାଧ ବୃଦ୍ଧି, ସାମାଜିକ ଅସ୍ଥିରତା, କାର୍ଯ୍ୟଦକ୍ଷତା ହ୍ରାସ, ଉତ୍ପାଦନରେ ବାଧା ଓ ସର୍ବୋପରି ଦେଶର ଭବିଷ୍ୟତ କୁହାଯାଉଥିବା କିଶୋର ଓ ଯୁବଗୋଷ୍ଠୀଙ୍କ ଉପରେ ସର୍ବାଧିକଙ୍କୁ ପ୍ରଭାବ ପକାଉଥିବା ମଦର ପ୍ରସାର ପାଇଁ ସରକାରୀ ପ୍ରୋତ୍ସାହନ କେତେଦୂର ଯୁକ୍ତିଯୁକ୍ତ। ସରକାରଙ୍କ ମଦବିକ୍ରି ଆଦେଶରୁ ବୁଝାପଡ଼େ ନାହିଁ ଯେ, ମଦ ସରକାରଙ୍କ ପାଇଁ ଆବଶ୍ୟକ ନା ଲୋକଙ୍କ ପାଇଁ। ୪୦ଦିନର ବିରାମ ପରେ ସେହି ଘରର ମହିଳାମାନେ ଦୁଃଖୀ ହୋଇଥିବେ, ଯେଉଁ ଘରେ ପ୍ରତ୍ୟେକ ଦିନ ମଦ୍ୟପାନ କରି ପୁରୁଷମାନେ ଅଶାନ୍ତି ସୃଷ୍ଟି କରୁଥିବେ। ମଦ ଦୋକାନ ଖୋଲିବା ପରେ ସେହି ଘରର ପିଲାମାନେ ପୁଣି ଦୁଃଖୀ ହୋଇଥିବେ ଯେଉଁଘରକୁ ବାପାମାନେ ମଦ ପିଇ ଆସି ସେମାନଙ୍କୁ ଓ ସେମାନଙ୍କ ମାଆମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ପୂର୍ବକ ବାଡ଼ାଉଥିବେ। ଏପରି ଏକ ସମୟରେ ମଦ ଦୋକାନ ଖୋଲାଯିବାର ନିଷ୍ପତ୍ତି ନିଆଗଲା ଯେତେବେଳେ କି ସମସ୍ତ ଶିକ୍ଷାନୁଷ୍ଠାନ ଓ ସମସ୍ତ ଧର୍ମୀୟ ଉପାସନାପୀଠଗୁଡିକ ବି ବନ୍ଦ ରହିଛି। ଘରୋଇ ହିଂସା ଓ ଅପରାଧ ବୃଦ୍ଧିର ମୁଖ୍ୟକାରଣ ସାଜିଥିବା ମଦ ଏପରି ଏକ ସମୟରେ ଉପଲବ୍ଧ ହେବାକୁ ନିଷ୍ପତ୍ତି ନିଆଗଲା, ଯେତେବେଳେ କି ରୋଜଗାର ବନ୍ଦ ଓ ଲୋକଙ୍କ ପାଖରେ ଅର୍ଥର ଘୋର ଅଭାବ। ଜୀବନ ଆଗ, ଆଉସବୁ ପଛ ନ୍ୟାୟରେ ଯେଉଁଠି ସରକାର ଜନସାଧାରଣଙ୍କ ଜୀବନ ବଞ୍ଚାଇବା ପାଇଁ ବାହାରକୁ ବାହାରିବାକୁ ବାରଣ କରୁଛନ୍ତି, ବଞ୍ଚିବା ନିମନ୍ତେ ଦୈନିକ ରାଶନ ପ୍ରଦାନ କରି କରୋନା ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି, ସେଇଠି ମଦ ଦୋକାନ ଖୋଲି ଦୁଇଗୁଣା ଅଧିକ ଦାମ୍‌ରେ ମଦ ବିକିବା ପାଇଁ ଅନୁମତି ପ୍ରଦାନ କରିବା ସାଧାରଣରେ ବିସ୍ମୟଭାବ ସୃଷ୍ଟି କରିଛି। ଅଧିକ ଦାମ୍‌ରେ ମଦ କିଣିବା ପାଇଁ ଜଣେ ଅଭାବୀ ମଦପ୍ରିୟ ମଣିଷ ପକ୍ଷେ ଅପରାଧ ଘଟାଇବା କିଛି ଅସମ୍ଭବ ନୁହେଁ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କର ରାଜସ୍ୱର ପ୍ରାୟ ୩୦ ଭାଗ ମଦବିକ୍ରିରୁ ସଂଗୃହୀତ ହୋଇଥାଏ। ମଦ ଆଧାରିତ ଅର୍ଥ ବ୍ୟବସ୍ଥା ଉପରେ ଚାଲୁଥିବା ସରକାର ଭୁଲିଯାଇଥାନ୍ତି ଯେ, ଭାରତୀୟ ନୋଟ୍ ଉପରେ ସ୍ଥାନ ପାଇଥିବା ଜାତିର ଜନକ ମହାତ୍ମା ଗାନ୍ଧୀ ଥିଲେ ମଦର ତୀବ୍ର ବିରୋଧୀ। ଚୋରି ଓ ବ୍ୟଭିଚାରଠାରୁ ସେ ଅଧିକ ଘୃଣା କରୁଥିଲେ ମଦ୍ୟପାନକୁ। ସେ କହୁଥିଲେ ଯଦି ଭାରତରେ ମଦ୍ୟପାନକୁ ବନ୍ଦ କରା ନ ଯାଏ ତେବେ ଆମର ସ୍ୱତନ୍ତ୍ରତା ବି ଗୋଲାମି ହୋଇ ରହିଯିବ। ତାଙ୍କ ଆଶଙ୍କା ଆଜି ସତ୍ୟ ପ୍ରମାଣିତ ହୋଇଛି ଓ ମଦ ଦୋକାନ ଖୋଲିବା ଆମର ପ୍ରାଥମିକତା ହୋଇଯାଇଛି। ମଦର ଅଭ୍ୟାସ ମନୁଷ୍ୟର ଆତ୍ମାକୁ ନାଶ କରିଦେଇଥାଏ। ପତ୍ନୀ, ମାଆ ଓ ଭଉଣୀ ମଧ୍ୟରେ ଫରକ ଦେଖିପାରି ନ ଥାଏ। ଏହା ଧୀରେ ଧୀରେ ମଣିଷକୁ ପଶୁ କରିଦେଇଥାଏ। ବେମାର କେବଳ ଶରୀରକୁ କ୍ଷତି ପହଞ୍ଚାଇଥାଏ। ମାତ୍ର ମଦ ଉଭୟ ଶରୀର ଓ ଆତ୍ମାକୁ ନଷ୍ଟ କରିଦେଇଥାଏ। ସେ ଗରିବ ହେବାକୁ ପସନ୍ଦ କରିବେ, ମାତ୍ର ମଦ୍ୟପ ହେବାକୁ ଆଦୌ ପସନ୍ଦ କରିବେ ନାହିଁ ବୋଲି ଗାନ୍ଧୀଙ୍କ ମତ ଆଜି ସତେ ଯେପରି ଅଲୋଡ଼ା ଓ ଅନାବଶ୍ୟକ। ଯେଉଁ ଦେଶରେ ଗୁଜରାଟ, ବିହାର, ମଣିପୁର, ନାଗାଲାଣ୍ଡ ଆଦି ରାଜ୍ୟରେ ମଦ ବିକ୍ରିକୁ ନିଷେଧ କରାଯାଇ ରାଜ୍ୟର ରାଜସ୍ୱ ଆଦାୟକୁ ଚଳଚଞ୍ଚଳ ରଖାଯାଇପାରୁଛି, ତେବେ ସମଗ୍ର ଭାରତ ବର୍ଷରେ ଏହା ସମ୍ଭବ ହେବନାହିଁ କାହିଁକି ? କୋଭିଡ୍-୧୯ଜନିତ ଲକ୍‌ଡାଉନ୍ ଏକ ସୁବର୍ଣ୍ଣ ସୁଯୋଗ ଆଣିଥିଲା ମଦପ୍ରସାରକୁ ରୋକିବା ପାଇଁ। ମାତ୍ର ଏ ସୁଯୋଗକୁ ହାତଛଡ଼ା କରାଗଲା। ମଦଠାରୁ କ୍ରମଶଃ ଦୂରେଇ ଯାଉଥିବା ମଣିଷଙ୍କୁ ପୁଣିଥରେ ମଦ ପ୍ରତି ଆକୃଷ୍ଟ ହେବାର ସୁଯୋଗ ପ୍ରଦାନ କରାଗଲା।

ମୋ-୯୪୩୭୨୩୨୪୬୩
ଇମେଲ-prakas.tripathy09@gmail.com

## ଏଇ ଭାରତରେ

କୋଲକାତାର ମୈତ୍ରୀ ବାନାର୍ଜୀ ଚାକିରି ଛାଡ଼ି ଅବହେଳିତ ପିଲାମାନଙ୍କ ସେବାରେ ଲାଗିଛନ୍ତି। ରେଳଷ୍ଟେଶନରେ ରହୁଥିବା ଅବହେଳିତ ପିଲାମାନଙ୍କ ମୁହଁରେ ହସ ଫୁଟାଉଛନ୍ତି। ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ଦକ୍ଷିଣେଶ୍ୱରର ମୈତ୍ରୀ ବିବାହ କରିଥିଲେ। ସେଠାରୁ କୋଲକାତା ଆସି ଚାକିରି କରି ପରେ ଚାକିରି ଛାଡି ଶେଓରାଫୁଲି, ବଣ୍ଡେଲ୍ ଓ ରସୁଲ୍‌ପୁର ଅଞ୍ଚଳର ଅବହେଳିତ ପିଲାମାନଙ୍କ ଭବିଷ୍ୟତ ଗଢୁଛନ୍ତି। ପ୍ରଥମେ ସେ ଘର ଘର ବୁଲି ପୋଷାକ, ବ୍ୟାଗ, ଜୋତା ଏବଂ କମ୍ବଳ ଯୋଗାଡ଼ କରି ପିଲାମାନଙ୍କୁ ଦେଉଥିଲେ। ମୈତ୍ରୀଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ 'ମହାଜୀବନ' ନାମକ ଏକ ବେସରକାରୀ ସଂସ୍ଥା ତାଙ୍କୁ ସାହାଯ୍ୟ କରୁଛି। ଏହି ସଂସ୍ଥା ସହ ମିଶି ମୈତ୍ରୀ ପିଲାମାନଙ୍କ ପାଇଁ ଦୈନିକ ଭୋଜନ ବ୍ୟବସ୍ଥା କରୁଛନ୍ତି। ଦିନବେଳା ଅନ୍ୟ ଜଣେ ଶିକ୍ଷକଙ୍କ ସହଯୋଗରେ ପଢାଉଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ପିଲା ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ହସ୍ତକଳା ସମ୍ପର୍କରେ ଶିକ୍ଷା ମଧ୍ୟ ଦେଉଛନ୍ତି। ଏବେ ସୁଦ୍ଧା ମୈତ୍ରୀ ୧୧୦ଜଣ ପିଲାଙ୍କୁ ଉଦ୍ଧାର କରିସାରି ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟାସ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୫

- ଦକ୍ଷିଣ ରେଳବାଇର ଦୋଲାରପେଟାଇ ସାଲେମ ସେକ୍‌ସନରେ ରେଳ ଦୁର୍ଘଟଣା ଘଟି ୬୦ଜଣ ଯାତ୍ରୀଙ୍କ ମୃତ୍ୟୁ।
- ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଜୋସେ ବର୍ଡନଙ୍କୁ ପଛରେ ପକାଇ କାର୍ଲୋସ ମେନେମ ଆର୍ଜେଣ୍ଟିନାର ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି।
- ବ୍ରିଟେନ ରାଣୀ ଦ୍ୱିତୀୟ ଏଲିଜାବେଥଙ୍କ ସମ୍ପତ୍ତିର ମୂଲ୍ୟ ଆଶାତୀତ ଭାବେ ୭୦୦୦ ନିୟୁତ ପାଉଣ୍ଡରୁ ୪୫୦ ନିୟୁତକୁ ଖସିଯାଇଥିବା ଜଣାପଡ଼ିଛି।

## ଚିରନ୍ତନୀ

ଭୁଲିଯାଏଁ ମୋର ସ୍ୱପନ-ରାଇଜେ
ବିପୁଳ ସୁଖ ଶୋଚନା
ଦିବସ ନିଶାର ବିରାମ ବିହୀନ
ଉଜାଗର ଅରଚନା
ମୋର ନୟନର ଅଞ୍ଜନ ସମା
ଶୋଉ ଏ ପତାରେ ଆଗୋ ଉତ୍ତମା !
(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | 3 | | A | 1 | 2 | E | | | B | | 7 | |
| | | 7 | 6 | | | D | | | E | 2 | 5 | | | |
| | | | C | | E | | | | | 3 | | 5 | | |
| | | | 0 | | | B | 5 | | D | 8 | | | | 4 |
| | B | 1 | | | | | 9 | 6 | | | | | | |
| | E | | | | | 5 | 8 | | | C | 2 | | 1 | |
| 4 | | | 1 | E | 8 | | 6 | A | 7 | | 3 | | | |
| | | | | | | | | B | | | | 3 | | |
| | | | | | | | E | | 4 | | | | A | |
| | | 9 | | | D | 0 | | C | | | 6 | | | 7 |
| | 0 | | 8 | | C | | | | | | 4 | | | |
| | | D | | | 1 | E | 4 | 7 | | | | | | |
| | A | | | 2 | 5 | | | | C | D | | | | |
| C | | 2 | | D | 7 | 9 | | | | | | | | A |
| | 6 | B | 4 | | | 3 | | | A | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | 9 | A | D | E | 4 | 5 | 6 | B | 2 | 1 | 7 | 3 | C |
| 1 | 3 | 4 | 0 | 5 | 9 | D | 8 | C | E | 7 | A | 2 | 6 | B |
| D | E | 5 | B | C | 6 | 2 | 3 | 7 | 0 | 8 | 9 | 4 | A | 1 |
| 6 | C | B | 7 | 1 | 2 | 0 | A | E | 4 | 3 | D | 8 | 5 | 9 |
| 7 | A | 2 | 4 | 3 | 8 | B | 9 | 1 | 5 | C | 6 | D | E | 0 |
| C | 1 | A | E | 2 | D | 8 | B | 0 | 9 | 6 | 7 | 5 | 4 | 3 |
| E | 4 | 3 | 1 | B | 0 | 9 | 6 | D | 2 | 5 | 8 | C | 7 | A |
| B | 6 | 7 | 8 | A | 5 | E | C | 2 | 1 | 4 | 3 | 9 | 0 | D |
| 8 | 2 | D | 9 | 7 | C | 5 | 4 | 3 | A | E | 0 | B | 1 | 6 |
| 9 | 5 | 0 | 6 | 4 | 3 | 7 | 1 | A | D | B | C | E | 8 | 2 |
| 5 | D | 1 | 3 | 0 | B | A | 7 | 8 | C | 9 | E | 6 | 2 | 4 |
| 2 | 7 | C | 5 | 6 | 1 | 3 | 0 | 9 | 8 | D | 4 | A | B | E |
| 3 | B | E | C | 9 | A | 6 | 2 | 4 | 7 | 0 | 5 | 1 | D | 8 |
| 4 | 9 | 6 | D | 8 | 7 | 1 | E | B | 3 | A | 2 | 0 | C | 5 |
| A | 0 | 8 | 2 | E | 4 | C | D | 5 | 6 | 1 | B | 3 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବ ପିତାମାତାଙ୍କୁ ଚିନ୍ତା

ମହାଶୟ,

କରୋନାର କରାଳ ଛାୟା ସାରା ବିଶ୍ୱକୁ ଆଚ୍ଛାଦିତ କରିଥିବା ବେଳେ ଆମ ଦେଶ ଏବଂ ରାଜ୍ୟ ସରକାର ତା'ର ପ୍ରତିକାର ସ୍ୱରୂପ 'ସଙ୍ଗରୋଧ' ନିୟମକୁ କଡ଼ାକଡ଼ି ପାଳନ କରି ଲୋକମାନଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ଲୋକମାନେ ଘରେ ରହି ନିଜକୁ ନିରାପଦ ମଣୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପିଲାମାନଙ୍କ ପାଠ ପଢ଼ିବା କଥା ଚିନ୍ତା କରି କିପରି ସେମାନେ ଘରେ ରହି ପାଠ ପଢ଼ିପାରିବେ ସେଥିପାଇଁ ମୋବାଇଲ ମାଧ୍ୟମରେ ଅନ୍‌ଲାଇନ୍ ପାଠ ପଢ଼ାଇବା ପାଇଁ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନ୍ୟପକ୍ଷରେ ଦେଖିଲେ ଗରିବ ଲୋକମାନଙ୍କ ପାଇଁ ଏହା ଚିନ୍ତା ବଢ଼ାଇ ଦେଇଛି। ଗରିବ ଲୋକମାନେ ଖଣ୍ଡିଏ ଆଣ୍ଡ୍ରଏଡ୍ ମୋବାଇଲ କିଣିବେ ଏବଂ ସେମାନଙ୍କ ପିଲାମାନେ ପାଠ ପଢ଼ିବେ। ବର୍ତ୍ତମାନର କରୋନା ରୋଗ ପାଇଁ ଲୋକମାନେ ନିଜର ଖାଦ୍ୟ ଗଣ୍ଡିଏ ପାଇଁ ବାହାରକୁ ଯାଇପାରୁ ନ ଥିବା ସମୟରେ ପୁଣି ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ତୁଲେଇବା ଖୁବ୍ କଷ୍ଟକର। ପବ୍ଲିକ୍ ସ୍କୁଲମାନଙ୍କରେ ଧନୀ ଶ୍ରେଣୀୟ ପିଲାମାନେ ପାଠ ପଢୁଥିବା ବେଳେ ସରକାରୀ ସ୍କୁଲରେ ଗରିବ, ଅଭାବୀ ପିଲାମାନେ ପାଠ ପଢ଼ନ୍ତି। ଏଣୁ ସରକାର ଏଥିପ୍ରତି ସଦୟ ଦୃଷ୍ଟି ଦେବେ ବୋଲି ଆଶା। ନଚେତ ଗରିବ ପିଲାମାନେ ମୋବାଇଲ ଶିକ୍ଷାରୁ ନିଶ୍ଚୟ ବଞ୍ଚିତ ହେବେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କରୋନା ମୃତ୍ୟୁ: ୬୫ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ବିପଦ ୩୪ଗୁଣ କମ୍

**ଲଣ୍ଡନ,୧୫ା୫**

ବ୍ରିଟେନ୍‌ରେ କରୋନା ଭାଇରସ୍ ଜନିତ ମୃତ୍ୟୁ ତଥ୍ୟକୁ ଅନୁଧ୍ୟାନ କଲେ ୬୫ ବର୍ଷରୁ କମ୍ ବୟସ୍କଙ୍କ ଜୀବନହାନି ଆଶଙ୍କା ୩୪ଗୁଣ କମ୍ ବୋଲି ଜଣାପଡ଼ିଛି। ବ୍ରିଟେନରେ ଏପର୍ଯ୍ୟନ୍ତ ପ୍ରାୟ ୩୪,୦୦୦ ଲୋକଙ୍କ ଏହି ମହାମାରୀ ଭୂତାଣୁରେ ମୃତ୍ୟୁ ଘଟିଛି। ହେଲେ ଏହି ସଂଖ୍ୟା ଦେଶର ହସ୍ପିଟାଲଗୁଡ଼ିକରେ ଘଟୁଥିବା ମୃତ୍ୟୁକୁ ନେଇ ଆଧାରିତ। ବାସ୍ତବରେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି।

ହସ୍ତଗତ ମୃତ୍ୟୁସଂଖ୍ୟା ଅନୁଯାୟୀ, ବ୍ରିଟେନରେ ୬୫ ବର୍ଷରୁ କମ୍ ବୟସର ୪,୦୬୬ ଜଣଙ୍କ ଜୀବନହାନି ଘଟିଛି, ଯାହାକି ପ୍ରାୟ ୧୨%। ହେଲେ ବର୍ତ୍ତମାନ ଯାଏ କାର୍ଯ୍ୟରତ ଥିବା ୬୫ ବର୍ଷରୁ କମ୍ ବୟସ୍କଙ୍କ କଥା ଦେଖିଲେ, ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରେ ୮.୪ଜଣଙ୍କ ମୃତ୍ୟୁ ଘଟିଛି। ଏହା ତୁଳନାରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରୁ ୨୮୬ଜଣଙ୍କ ମୃତ୍ୟୁ ଘଟିଛି। ଏହାର ଅର୍ଥ ହେଉଛି କମ୍ ବୟସ୍କଙ୍କ ଅପେକ୍ଷା ପେନ୍‌ସନ ଭୋଗୀମାନଙ୍କ ପ୍ରତି କରୋନା ମୃତ୍ୟୁ ବିପଦ ୩୪ ଗୁଣ ଅଧିକ। ସେହିପରି ୪୫ବର୍ଷରୁ କମ୍ ୪୦୧ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ଏହି ବର୍ଗର ୧ ଲକ୍ଷ ଲୋକଙ୍କ



ମଧ୍ୟରେ ଜଣଙ୍କର ମୃତ୍ୟୁ ଘଟିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଓଏନ୍‌ଏସ୍) ଅନୁଯାୟୀ, କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ୬୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗର, ଯେଉଁଥିରେ ୩୦,୯୭୮ ଜଣଙ୍କ ମୃତ୍ୟୁ ଘଟିଛି।

ପୂର୍ବରୁ ଏକ ଅନୁସନ୍ଧାନରୁ ଜଣାପଡିଥିଲା ଯେ, ବ୍ରିଟେନର କୃଷ୍ଣକାୟ, ଏସୀୟ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ କରୋନାରେ ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି। ଆଉ ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କରୋନାରେ ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ମୃତ୍ୟୁ ଆଶଙ୍କା ଅଧିକ। ନାଗରିକଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ବୟସ ହେଉଛି ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଆଧାର କରି ସରକାର ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଘରେ ରହିବାକୁ ପରାମର୍ଶ ଦେଉଛନ୍ତି। ଲିଙ୍ଗ ଅନୁଯାୟୀ ମୃତ୍ୟୁହାର ଦେଖିଲେ, ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୫.୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ ପ୍ରତି ୧ ଲକ୍ଷ ପୁରୁଷଙ୍କ ମଧ୍ୟରୁ ୯.୯ଜଣ ପ୍ରାଣ ହରାଉଛନ୍ତି।

ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡିଛି ଯେ, ମୃତ୍ୟୁହାର ଲୋକଙ୍କ ବୃତ୍ତି ଦ୍ୱାରା ପ୍ରଭାବିତ। ବିଶେଷକରି ସ୍ୱାସ୍ଥ୍ୟସେବା ଓ ପରିବହନ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ, ଶ୍ରମିକମାନେ କରୋନା ଭୂତାଣୁ ସଂସ୍ପର୍ଶରେ ଅଧିକ ଆସିଥାନ୍ତି। ଉଲ୍ଲେଖଥାଉ କି ଓଏନ୍‌ଏସ୍‌ର ପୂର୍ବ ତଥ୍ୟ ଦର୍ଶାଇଥିଲା ଯେ, ଶାରୀରିକ କାମରେ ନିୟୋଜିତ ସ୍ୱଳ୍ପ ବେତନଭୋଗୀମାନଙ୍କ ପ୍ରତି ବିପଦ ଅଧିକ। ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ ଏବଂ ଟ୍ରପିକାଲ ମେଡିସିନ୍‌ର ପ୍ରଫେସର ତଥା ମହାମାରୀ ବିଜ୍ଞାନ ବିଶେଷଜ୍ଞ ନେଲ୍ ପର୍ସଙ୍କ କହିବାନୁଯାୟୀ, ପ୍ରାୟତଃ ଧନୀ ଲୋକଙ୍କ ଅପେକ୍ଷା ଶ୍ରମିକ ଶ୍ରେଣୀର ପୁରୁଷ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ରହିଥାଏ। କିନ୍ତୁ ଦେଖିବାକୁ ମିଳୁଛି ଯେ, ଶ୍ରମିକ ଶ୍ରେଣୀର ଚାକିରିରେ ଥିବା ଲୋକମାନେ ଜନସାଧାରଣଙ୍କ ସହ ବିଶେଷ ଭାବେ ଯୋଗାଯୋଗରେ ରହିଥାନ୍ତି। ଉଦାହରଣ ସ୍ୱରୂପ, ଟ୍ୟାକ୍ସି ଏବଂ ବସ୍ ଚାଳକମାନଙ୍କ କରୋନା ମୃତ୍ୟୁହାର ବହୁତ ଅଧିକ ଥିବାବେଳେ ସେହି ତୁଳନାରେ ଭାରି ଟ୍ରକ୍ ଡ୍ରାଇଭରମାନଙ୍କ ପ୍ରତି ସେଭଳି ବିପଦ ନାହିଁ।

## ସଂକ୍ଷେପରେ

### କେରଳରେ ଫସିଛନ୍ତି ୩ଶହ ଯୁବତୀ
#### ବିଡିଓଙ୍କୁ ଭେଟି ଉଦ୍ଧାର ପାଇଁ ନିବେଦନ

**ରାଜନଗର,୧୫ା୫(ଡି.ଏନ.ଏ.):** ରାଜନଗର ନିର୍ବାଚନମଣ୍ଡଳୀର ୩ଶହ ଯୁବତୀ କେରଳରେ ଫସି ରହିଛନ୍ତି। ସେମାନଙ୍କୁ ଫେରାଇଆଣିବା ପାଇଁ ଅଭିଭାବକମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜନଗର ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ରାଜନଗର ବ୍ଲକର କଣ୍ଡିରା, ବେଲପାଳ, କୁରୁଣ୍ଟି, ଚାନ୍ଦିବାଉଁଶମୂଳ, ସାତଭାୟା, ଈଶ୍ୱରପୁର, ହାତିନା, ବ୍ରାହ୍ମଣସାହି, ଗୁପ୍ତି, ଡେରା, ମହୁଲିଆ, ଓସ୍ତିଆ ଓ ପଟ୍ଟାମୁଣ୍ଡାଇ ବ୍ଲକ ଖଣତା ପଞ୍ଚାୟତର ୩ଶହ ଯୁବତୀ କେରଳର କିଟେକ୍ସ ଗାରମେଣ୍ଟ୍ସ କମ୍ପାନୀରେ ସିଲାଇ କାମ କରନ୍ତି। ଲକ୍‌ଡାଉନ ଘୋଷଣା ହେବା ପରେ ସେମାନେ ସେଠାରେ ଫସି ରହିଛନ୍ତି। ରାଜ୍ୟ ସରକାର ପ୍ରବାସୀ ଓଡିଆଙ୍କୁ ଫେରାଇ ଆଣିବା ପାଇଁ କରିଥିବା ନିୟମ ମୁତାବକ ଯୁବତୀମାନେ ରେଜିଷ୍ଟ୍ରେଶନ କରିଛନ୍ତି। ସରକାର ଟ୍ରେନ ଯୋଗେ କେରଳରୁ ପ୍ରବାସୀ ଓଡିଆଙ୍କୁ ଆଣିବା ଆରମ୍ଭ କରିବା ପରେ ଝିଅମାନେ ଗାଁକୁ ଆସିବାକୁ ବାହାରିଥିଲେ। କମ୍ପାନୀ ମାଲିକ ଏହା ଜାଣିବା ପରେ ସେମାନଙ୍କୁ ଯିବାକୁ ଦେଇ ନ ଥିଲେ। ଗତ ୧୫ଦିନ ହେଲା ଖାଇବା ପାଇଁ ଜଣପିଛା ଦିନକୁ ୧୫୦ ଟଙ୍କା ଦାବି କରୁଛନ୍ତି। ଏପରି କି ସେମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ଯୁବତୀଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶତାଧିକ ଅଭିଭାବକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମନ୍ଦରଧର ମହାଳିକ ଓ ତହସିଲଦାର ଭୋଳାନାଥ ସେଠୀଙ୍କୁ ଦାବିପତ୍ର ଦେଇ ଝିଅମାନଙ୍କୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି।

### ଏମ୍‌ଏସ୍‌ଏମ୍‌ଇ ଷ୍ଟାର୍ଟଅପ୍ ଲାଗି ହେବ ବିଶୋଧନ ମେଳା

**ଭୁବନେଶ୍ୱର, ୧୫ା୫ (ବ୍ୟୁରୋ):** କୋଭିଡ୍-୧୯(କରୋନା) ଦ୍ୱାରା ପ୍ରଭାବିତ ରାଜ୍ୟର ଶିଳ୍ପାଞ୍ଚଳ ୟୁନିଟ୍‌ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ଶୁକ୍ରବାର ଲୋକସେବା ଭବନର କନ୍‌ଫରେନ୍ସ ହଲ୍‌ରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର ବିଭିନ୍ନ ଦିଗ ଉପରେ ତଥ୍ୟ ଉପସ୍ଥାପନ କରିଛନ୍ତି। ରାଜ୍ୟର ସ୍ଥିତିକୁ ତର୍ଜମାକରି ମୁଖ୍ୟ ଶାସନ ସଚିବ ଏମ୍‌ଏସ୍‌ଏମ୍‌ଇ ଷ୍ଟାର୍ଟଅପ୍ ଏବଂ ଶିଳ୍ପାଞ୍ଚଳ ୟୁନିଟ୍‌ଗୁଡ଼ିକୁ ସଚେତନ କରାଇବା ପାଇଁ ରାଜ୍ୟ ଏବଂ ଜିଲାସ୍ତରୀୟ ବିଶୋଧନ ମେଳା ଆୟୋଜନ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସେହି ୟୁନିଟ୍‌ଗୁଡ଼ିକୁ ଅଧିକ ସକ୍ରିୟ କରାଇବାକୁ ଉପଲବ୍ଧ ଥିବା ପ୍ୟାକେଜ ଯୋଗାଯୋଗ ବୋଲି ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶିଳ୍ପ ପାଇଁ ବିଧିଗତ କ୍ଲିୟରାନ୍ସ ପ୍ରମାଣପତ୍ର ଏବଂ ଶିଳ୍ପାଞ୍ଚଳରେ ଶ୍ରମିକ ହଷ୍ଟେଲ ପ୍ରତିଷ୍ଠାର ସମୟସୀମା ହ୍ରାସ କରିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି।

### ଟ୍ରକ୍ ଧକ୍କାରେ ଦାଦା ଝିଆରୀ ମୃତ

**ରାଜନଗର, ୧୫ା୫(ଡି.ଏନ.ଏ.):** ରାଜନଗର ଥାନା ରାଜନଗର ମଦନପୁର ରାସ୍ତାର ଫରେଷ୍ଟ ଅଫିସ ନିକଟରେ ଶୁକ୍ରବାର ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ଓସ୍ତିଆ ଗ୍ରାମର ନିତ୍ୟାନନ୍ଦ ସାହୁ ଓ ତାଙ୍କ ଝିଆରୀ ବବୁଲଙ୍କ ମୃତ୍ୟୁ ହୋଇଛି। ରାଜନଗର ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଟ୍ରକ୍ ଓ ମୃତଦେହ ଜବତ କରାଯାଇଛି। ନିତ୍ୟାନନ୍ଦ ବାଇକ୍‌ରେ ଝିଆରୀଙ୍କୁ ବସାଇ ରାଜନଗରକୁ ଯାଉଥିଲେ। ବିପରୀତ ପଟୁ ଆସୁଥିବା ସିମେଣ୍ଟ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଛି।

# ମାଲବାହୀ ଗାଡ଼ିରେ ଫେରୁଛନ୍ତି ପ୍ରବାସୀ



ଏକ ମାଲ୍‌ବାହୀ ଟ୍ରକ୍‌ରେ ଫେରୁଥିବା ପ୍ରବାସୀମାନେ।

**ଯାଜପୁର ଅଫିସ,୧୫ା୫**

**ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଅଞ୍ଚଳରୁ ୧୪୪ ଧାରା ପ୍ରତ୍ୟାହୃତ**

ଯାଜପୁର ଜିଲାକୁ ଶୁକ୍ରବାର ସୁଦ୍ଧା ବିଭିନ୍ନ ରାଜ୍ୟରୁ ୪୪୭୭ ପ୍ରବାସୀ ପଞ୍ଜୀକୃତ ହୋଇ ଫେରିଛନ୍ତି। କିନ୍ତୁ ବେସରକାରୀ ଭାବେ ଏହାର ଦୁଇଗୁଣ ପ୍ରବାସୀ ବିଭିନ୍ନ ମାଲବାହୀ ଗାଡ଼ିରେ ଫେରିଥିବା ଅନୁମାନ କରାଯାଉଛି। ଶୁକ୍ରବାର ୬ ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱର-ଭଦ୍ରକ ରାସ୍ତାରେ ଏକାଧିକ ମାଲବାହୀ ଗାଡ଼ିରେ ବିପଦପୂର୍ଣ୍ଣ ଅବସ୍ଥାରେ ପ୍ରବାସୀ ଓଡ଼ିଆମାନେ ଫେରୁଥିବା ଦେଖିବାକୁ ମିଳିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ହଜାର ହଜାର ପ୍ରବାସୀ ଜିଲାର ବିଭିନ୍ନ ଗ୍ରାମକୁ ଫେରିଥିଲେ ହେଁ ସେମାନଙ୍କ ହିସାବ କାହାରି ପାଖରେ ନାହିଁ। ପୂର୍ବରୁ ଅନୁରୂପ ଭାବେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗଳାବାଟ ଦେଇ ପ୍ରବାସୀମାନେ ଜିଲାକୁ ପ୍ରବେଶ କରିଥିଲେ। ଏମାନଙ୍କ ସଂକ୍ରମଣରେ ଜିଲାରେ କରୋନା ବ୍ୟାପିଥିବା ଜଣାପଡ଼ିଛି। ତେଣୁ ଯେଉଁ ଶ୍ରମିକମାନେ ବିଭିନ୍ନ ମାଲବାହୀ ଗାଡ଼ିରେ ଜିଲା ମଧ୍ୟକୁ ପ୍ରବେଶ କରୁଛନ୍ତି ସେମାନଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି। ଏହି ଅଣପଞ୍ଜୀକୃତ ଶ୍ରମିକମାନଙ୍କ ଉପରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ଜାରି କରାଯାଇଥିବା ୧୪୪ ଧାରାକୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଶୁକ୍ରବାର ପ୍ରତ୍ୟାହାର ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟ ସରକାରଙ୍କୁ ଏନ୍‌ଜିଟିର କାରଣ ଦର୍ଶାଅ ନୋଟିସ

**କେନ୍ଦ୍ରାପଡ଼ା ଅଫିସ, ୧୫ା୫**

**ଖରସ୍ରୋତା ପାଣି ଭଦ୍ରକକୁ ନେବା ଘଟଣା**

ଭଦ୍ରକ ଜିଲାର ୪ ବ୍ଲକ ଅଞ୍ଚଳ ପାଇଁ ନିର୍ମାଣାଧୀନ ମେଗା ପାଣି ପ୍ରକଳ୍ପ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଛାଟ ବାଜିଛି। ଭଦ୍ରକ ଜିଲାରେ ଥିବା ବୈତରଣୀ, ସାଳନ୍ଦୀ, ମନ୍ତେଇ, କାଂଶବାଂଶ ନଦୀର ମଧୁର ଜଳ କାହିଁକି ବ୍ୟବହାର ହେବ ନାହିଁ ବୋଲି ଏନ୍‌ଜିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରାଯାଇଛି। ଗୁରୁବାର ଏହି ଶୁଣାଣି ହୋଇଥିବା ବେଳେ ଆସନ୍ତା ୩୦ ଦିନ ମଧ୍ୟରେ ଏହାର ଜବାବ ରଖିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲାର ଚାନ୍ଦବାଲି, ତିହିଡି, ବାସୁଦେବପୁର ଓ ଧାମନଗର ବ୍ଲକ ଅଞ୍ଚଳକୁ କେନ୍ଦ୍ରାପଡା ଜିଲାରେ ପ୍ରବାହିତ ଖରସ୍ରୋତା ନଦୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯିବା ପାଇଁ ୭୫୪ କୋଟି ଟଙ୍କା ବ୍ୟୟ ବରାଦରେ ରାଜ୍ୟ ସରକାର ହାଇଦ୍ରାବାଦସ୍ଥ ମେଘା ଇଞ୍ଜିନିୟରିଂ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ସହିତ ୨୦୧୯ ଜାନୁୟାରୀ ୨୯ରେ ଏମ୍‌ଓୟୁ କରିଛନ୍ତି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଜିଲାରେ ଜନ ଆନ୍ଦୋଳନ ତେଜିଥିଲା। ଏ ନେଇ ସାମାଜିକ କର୍ମୀ ସଞ୍ଜୟ ବେଉରାଙ୍କ ସମେତ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଏନ୍‌ଜିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନ୍‌ଜିଟିର ନ୍ୟାୟିକ ସଭ୍ୟ ଜଷ୍ଟିସ ଏସ୍. ପି. ୱାଙ୍ଗଡି ଓ ବିଶାରଦ ସଭ୍ୟ ସିଦ୍ଧାନ୍ତ ଦାସ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

# ପୋଖରୀରେ ବୁଡ଼ି ବାଳକ ମୃତ

**ମାହାଙ୍ଗା,୧୫ା୫(ସ୍ୱ.ପ୍ର.):** ପୋଖରୀରେ ବୁଡ଼ି ଶୁକ୍ରବାର ଜଣେ ୭ବର୍ଷ ବାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବାଳକ ହେଲେ ମାହାଙ୍ଗା ଥାନା ହଳଦିଆ ଗ୍ରାମର ନିତ୍ୟାନନ୍ଦ ଦାସଙ୍କ ପୁତ୍ର ରାକେଶ। ସେ ସକାଳେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରିବା ପରେ ପାଇ ନ ଥିଲେ। ମଧ୍ୟାହ୍ନରେ ଘର ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା।

# ରାତି ଅଧରେ ବୁଲିଲେ ପ୍ରବାସୀ

**ମାହାଙ୍ଗା,୧୫ା୫(ସ୍ୱ.ପ୍ର.)**

- ପ୍ରଶାସନିକ ଅଧିକାରୀଙ୍କ ଦେଖା ନ ଥିଲା
- ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା

ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀଙ୍କୁ ସରକାର ସଙ୍ଗରୋଧ କେନ୍ଦ୍ରରେ ରଖିବା ବ୍ୟବସ୍ଥା କରିଛନ୍ତି। ଏପରି କି ପ୍ରବାସୀମାନେ କିପରି ଠିକ୍‌ରେ ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମାତ୍ର ଏ ସବୁ ସତ୍ତ୍ୱେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ସୁରଟ ଏବଂ କୋଲକାତା ଫେରନ୍ତା ୭୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ବସରୁ ଓହ୍ଲାଇ କୁଆଁପାଳ ବଜାରରେ ବୁଲୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ନ ଥିଲା। ଫଳରେ ସେମାନେ ଏଣେତେଣେ ବୁଲିବା ସହ ଦୋକାନ ବାରଣ୍ଡାରେ ବସାଉଠା କରିଥିଲେ। କେତେଜଣ ବଜାର ନଳକୂପ ବ୍ୟବହାର କରିବା ସହ ମନ୍ଦିର ଓ ଦୋକାନ ବାରଣ୍ଡାରେ ଶୋଇଥିଲେ। ମାହାଙ୍ଗା ପୋଲିସ ରାତି ୩ଟାରେ ପାଟ୍ରୋଲିଂ କରୁଥିବାବେଳେ ପ୍ରବାସୀ ବୁଲାବୁଲି କରୁଥିବା ଦେଖିବାକୁ ପାଇଥିଲା। ତେଣୁ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ବିଡିଓଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ପରେ ବ୍ଲକ ମୁଖ୍ୟ ଫାଟକ ଖୋଲାଯାଇ ସେମାନଙ୍କୁ ବ୍ଲକ ପରିସରରେ ରଖାଯିବା ସହ ପର୍ଯ୍ୟାୟକ୍ରମେ ବିଭିନ୍ନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରବାସୀ ଫେରୁଥିବା ଜାଣି ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ ଅନୁପସ୍ଥିତ ରହିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କୁଆଁପାଳ ଦମକଳବାହିନୀ ପକ୍ଷରୁ ସ୍ଥାନୀୟ ବଜାର, ହାଟ ଓ ବ୍ଲକ କାର୍ଯ୍ୟାଳୟ ପରିସର ସାନିଟାଇଜ କରାଯିବା ପରେ ବଜାର ଖୋଲିଥିଲା। ବ୍ଲକ ପ୍ରଶାସନର ଏହି ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ଏକ ତଦନ୍ତ ପାଇଁ ଜିଲାପାଳ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଚିବଙ୍କ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିହାର ରଞ୍ଜନ ମଲ୍ଲିକ କହିଛନ୍ତି, ଏଠାକୁ ଆସିଥିବା ପ୍ରବାସୀଙ୍କ ସମ୍ପର୍କରେ ସୂଚନା ନ ଥିଲା। ସେମାନେ ବସ୍ ଯୋଗେ ଆସି ବିଳମ୍ବିତ ରାତିରେ ପହଞ୍ଚିଥିଲେ। ଆମେ ଖବର ପାଇବା ପରେ ସେମାନଙ୍କୁ ତାଙ୍କ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦେଇଛୁ। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ଜେ.ଏନ୍ କଲେଜରେ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ସେଠାରେ ଅନ୍ୟ ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ଗାଡ଼ିରେ ଏଠାକୁ ଅଣାଯାଇଥାଏ। ପରେ ନିଜ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଥାଏ। ଏହି କାରଣରୁ ପ୍ରବାସୀମାନେ ସେଠାରେ ଓହ୍ଲାଇ ଥିଲେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭ୍ରମ ସଂଶୋଧନ ନଂ.୧**

ଟେଣ୍ଡର ବିଜ୍ଞପ୍ତିରେ ନିର୍ଦ୍ଧାରିତ ସମାପ୍ତି ତାରିଖକୁ ସଂଶୋଧନ କରାଯାଇ ନିମ୍ନଲିଖିତ ଭ୍ରମ ସଂଶୋଧନ ଜାରି କରାଯାଉଛି:- କ୍ର.ସଂ. ୧. ଇ-ଟେଣ୍ଡର ନଂ.: ଡିଆରଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୮-୨୦୨୦-୨୧। ଟେଣ୍ଡର ସମାପ୍ତିର ନିର୍ଦ୍ଧାରିତ ତାରିଖ: ୦୮।୦୫।୨୦୨୦। ସଂଶୋଧିତ ସମାପ୍ତି ତାରିଖ: ୧୮।୦୫।୨୦୨୦। ବିଜ୍ଞପ୍ତିରେ ଉପରୋକ୍ତ ଭ୍ରମ ସଂଶୋଧନର ସମ୍ପୂର୍ଣ୍ଣ ସୂଚନା ଆମ ୱେବ୍‌ସାଇଟ: www.ireps.gov.inରେ ଉପଲବ୍ଧ ଇ-ଟେଣ୍ଡର ବିଜ୍ଞପ୍ତିରେ ଦେଖାଯାଇପାରିବ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.)
CPR/10/66 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**ଏସ୍.ଇ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୧-ଟେଣ୍ଡର-ଇଏଲ୍‌ସିଓଏନ୍-ସିକେପି-୨୦-୨୧, ତାରିଖ: ୧୪।୦୫।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଏକ୍ଜିକ୍ୟୁଟିଭ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ସିଓଏନ୍), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖର ୧୫.୦୦ ଘଟିକାରେ ବନ୍ଦ ହେବ। କାର୍ଯ୍ୟର ବର୍ଣ୍ଣନା: ବଣ୍ଡମୁଣ୍ଡା: ଏସ୍.ଇ. ରେଳପଥର ଚକ୍ରଧରପୁର ଡିଭିଜନଠାରେ କଭର୍ ଶେଡ୍ ଓ ସିସି ଫ୍ଲୋରିଂର ସମ୍ପ୍ରସାରଣ। ମୂଲ୍ୟ: ₹୬୨,୬୬,୫୪୦/-। ଇଏମ୍‌ଡି: ₹୧,୨୫,୩୦୦/-। ସମାପ୍ତି ଅବଧି: ୦୬ ମାସ। ଧାର୍ଯ୍ୟ ତାରିଖ: ୧୮।୦୬।୨୦୨୦, ୧୫.୦୦ ଘଟିକା। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-39)

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., (OSCSC), SUNDARGARH DISTRICT**
Tender Call Notice No. 1753/1754 Dt.12.05.2020

**TENDER**

District Manager, Odisha State Civil Supplies Corporation Ltd., Sundargarh invites tenders through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection & appointment of Transport Contractor (i) Level-I for Transportation of wheat from Food Storage Depot (FSD), FCI to Rice Receiving Centre (RRC), (ii) Level-II for Transportation of food grains from Rice Receiving Center (RRC) to Retail Centre (FPS) |
| 2 | Availability of Bid document in the Portal | 12.05.2020 |
| 3 | Last date/time for receipt of bids in the portal | 26.05.2020 upto 05.30 P.M. |
| 4 | Date & Time of opening of Technical Bid | Level-I, Dt.27.05.2020 at 11.00 A.M.<br>Level-II, Dt.28.05.2020 at 11.00 A.M. |

Tender documents & other details can be seen from the e-procurement portal https://www.tendersodisha.gov.in along with amendments/corrigendum/cancellation/retender etc. if any shall be published only in the website.

Sd./- District Manager
OSCSC Ltd., Sundargarh

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., CUTTACK**
Phone : 9438200037
District Web site : www.cuttack.nic.in

Tender No. 1614 Dt-15.05.2020

The District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment Level-II Transport Contractor for Transportation of food grains from RRC to Retail Centers (FPS) of Nischintakoili Block for biennial year 2019-21. |
| 2 | Availability of bid document in the portal | From 16.05.2020 |
| 3 | Last Date / Time for receipt of bids in the portal | Dt.30.05.2020 up to 03.00 (P.M.) |
| 4 | Date/Time of Opening of Technical bid | Dt.01.06.2020 at 11.00 (A.M.) |
| 5 | Name and Address of officer inviting tender | The District Manager, O.S.C.S.C. Ltd Cuttack |

Tender documents and other details can be seen from the e-procurement portal www.tenderodisha.gov.in / www.cuttack.nic.in along with district website. Amendments / corrigendum / cancellation / retenders etc. if any shall be published only in above website.

Sd/-
District Manager,
O.S.C.S.C. Ltd, Cuttack

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2430197 (O), 2430741 (R), FAX: 0663-2430712
E-mail: srgmhps_burla@yahoo.co.in

No.: HHEP/Tech-W-56/2234 Date: 14.05.2020

**e-TENDER NOTICE NO. HHEP-28/2020**

No.: CAD-35- Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No. | Name of Work | Approx. tender value of Work (In Rs.) | Class of Contractor | Cost of Tender (Non-refundable) | EMD in Rs. |
|---|---|---|---|---|---|
| 1 | Damage repair of boundary walls with provision of storm water escape vent at back side of DF-6, CF-1 & DF-3 blocks of residential colony of HHEP, Burla | 647101/- | D & C | Rs. 4720/- (Rs. 4000/- + GST 18%) | 6500/- |

- Availability of Bids Online : 18.05.2020 (11.00 A.M.) to 01.06.2020 (05.00 P.M.)
- Last date and time of receipt of bid Online : 01.06.2020 upto 05.00 P.M.
- Date & time of opening of tender : 02.06.2020 at 11.30 A.M.
- The bidders shall have to participate in online only in the portal https://tendersodisha.gov.in

Further details can be seen from the e-procurement portal https://tendersodisha.gov.in/ www.ohpcltd.com.

Sd./- Unit Head, HHEP, Burla
OIPR-04007/11/0003/2021

**ନୟାଗଡ଼ ବନଖଣ୍ଡ, ନୟାଗଡ଼**

ବିଜ୍ଞପ୍ତି: ୧୩୯ ତା୧୨।୦୫।୨୦୨୦

ପ୍ରାପ୍ତେଷୁ

**ଶ୍ରୀ ସୁମନ୍ତ ପରିଡ଼ା, ବନପାଳ**

No.: MM-02: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଗତ ୧୩।୦୩।୨୦୨୦ରିଖରୁ ଆପଣଙ୍କ କାର୍ଯ୍ୟସ୍ଥଳୀରୁ ବିନା ଅନୁମତିରେ ଅନୁପସ୍ଥିତ ଅଛନ୍ତି। ଆପଣ ଜଣେ ଖାକି ପୋଷାକଧାରୀ ବନବିଭାଗ କର୍ମଚାରୀ ଅଟନ୍ତି। ବର୍ତ୍ତମାନର COVID-19 ସମୟରେ ଜଙ୍ଗଲ ବିଭାଗକୁ Partially Critical Service ରୂପେ ଗ୍ରହଣ କରାଯାଇଅଛି। ପୁନଶ୍ଚ ଆପଣଙ୍କୁ ପ୍ରେରିତ ପତ୍ର ସଂଖ୍ୟା ୧୯୪୧ ତା୧୪।୦୩।୨୦୨୦, ପତ୍ର ସଂଖ୍ୟା ୨୧୨୩ ତା୧୮।୦୩।୨୦୨୦, ପତ୍ର ସଂଖ୍ୟା ୨୩୧୪ ତା୦୨।୦୪।୨୦୨୦ ଓ ପତ୍ର ସଂଖ୍ୟା ୨୫୮୦ ତା୨୭।୦୪।୨୦୨୦କୁ ଜାଣିଶୁଣି ଗ୍ରହଣ କଲେ ନାହିଁ। ଏହି ପତ୍ରକୁ ଆପଣଙ୍କ ପାଖକୁ ରେଜେଷ୍ଟ୍ରି ଡାକ ମାଧ୍ୟମରେ ପ୍ରେରିତ କରାଯାଇଥିଲା, କିନ୍ତୁ ଆପଣ ଏହାକୁ ଗ୍ରହଣ ନ କରିବା ଫଳରେ ଡାକ ଫେରସ୍ତ ଆସିଅଛି। ଆପଣଙ୍କୁ ଦେଇଥିବା ଚିଠିକୁ ପାଥେୟ କରି ଏବଂ ଆପଣଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ଓ ବର୍ତ୍ତମାନର କାର୍ଯ୍ୟକୁ ବିଚାର କରି କାର୍ଯ୍ୟଦକ୍ଷ ଅଧିକାରୀ 5T ଅଧୀନରେ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି ଏବଂ ଆପଣଙ୍କୁ କାହିଁକି ସରକାରୀ ଚାକିରିରୁ ବହିଷ୍କାର କରା ନ ଯିବ ତାହାର କୈଫିୟତ ୧୫ଦିନ ମଧ୍ୟରେ ଦାଖଲ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି।

ଆପଣ ଆପଣଙ୍କର ହେଡକ୍ୱାର୍ଟରରେ ଅନୁପସ୍ଥିତ ଥିବା କାରଣରୁ ଏବଂ ଆପଣଙ୍କ ନନ୍ଦିଘୋରସ୍ଥିତ ବାସଭବନରେ ମଧ୍ୟ ଅନୁପସ୍ଥିତ ଥିବାରୁ ଏହି ପତ୍ରଟିକୁ ଆପଣଙ୍କୁ ହସ୍ତାନ୍ତର କରିବା ସମ୍ଭବପର ହେଲା ନାହିଁ। ଆପଣଙ୍କ ନନ୍ଦିଘୋରସ୍ଥିତ ଘର ଉପରେ ମଧ୍ୟ ପତ୍ର ଗୁଡ଼ିକ ଟଙ୍ଗା ତଥା ଲଟକା ହୋଇଅଛି।

ତେଣୁ ଏହି ବିଜ୍ଞପ୍ତି ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଇଅଛି ଯେ, DFOଙ୍କ ଚିଠି ଅନୁସାରେ ଆପଣ ଯେକୌଣସି କାର୍ଯ୍ୟ ଦିବସରେ ଗ୍ରହଣ କରି, ଯଦି ଏହା ବିରୁଦ୍ଧରେ ଆପଣଙ୍କ କିଛି ଅଭିଯୋଗ ଥାଏ ତେବେ ତାହାକୁ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଦାଖଲ କରିବେ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ।

ସ୍ୱା./- ବନଖଣ୍ଡ ଅଧିକାରୀ
ନୟାଗଡ଼ ବନଖଣ୍ଡ, ନୟାଗଡ଼
OIPR-08026/11/0001/2021

**GOVERNMENT OF ODISHA**
**'e' - PROCUREMENT NOTICE**
**OFFICE OF THE EXECUTIVE ENGINEER**
**PURI (R&B) DIVISION, PURI**
Phone/Fax: (06752) 223433, E-mail: eerbpuri@yahoo.co.in

Invitation for Bids

**Bid Identification No.E.E. (R&B) Puri-5/2020-21**

No.AB-07:-

| | | |
|---|---|---|
| 1 | The Executive Engineer, Puri (R&B) Dividion, Puri on behalf of Governor of Odisha invites percentage rate bids in Single/Double Cover system in ONLINE MODE only. | |
| 2 | Nature of works | : Buildings |
| 3 | No. of work | : 3 Nos. |
| 4 | Tender paper cost | : Rs.10,000/- for Sl No.1 & Rs.6,000/- for Sl.No.2&3 to be remit online only |
| 5 | Class of contractor | : For Sl.No.1'B' & 'A' & for Sl.No.2 'D' & 'C' and for Sl.No.3 'B' & 'C' |
| 6 | Availability of bid documents in the website | : From Dt.16.05.2020 at 10.00 hours to Dt.26.05.2020 at 17.00 |
| 7 | Date of opening of bid | : Dt.27.05.2020 at 11.30 |
| 8 | EMD/Bid security | : As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Executive Engineer, Puri (R&B) Division, Puri
OIPR-34064/11/0001/2021

**OFFICE OF THE EXECUTIVE ENGINEER**
**RWS&S DIVISION, JAGATSINGHPUR**
Tel.No.06724-223485, e-mail-eerwss_ictc@nic.in
**"e" Procurement Notice**
**Bid Identification No.03 of 2020-21**

No.O-39:- The Executive Engineer, RWS&S Division, Jagatsinghpur on behalf of Governor of Odisha invites Percentage/Lump sum bids in Single & Double Cover system in online mode for Execution of Rural piped water supply schemes from eligible contractor.

1. Name of work : Execution of Augmentation & O.M. Rural Pipe Water Supply Schemes
2. No. of work : 09 Nos.
3. Estimated cost : Rs.7,18,457/- to Rs.73,20,248/-
4. Cost of tender paper : Rs.4,000/-, Rs.6,000 & Rs.10,000/-
5. Class of contractor : 'D', 'C', 'B' & 'A'
6. Availability of tender in website : 21.05.2020 to 05.06.2020
7. Submission of bid in online : 21.05.2020 to 05.06.2020
8. Date of seeking clarification : 21.05.2020 to 29.05.2020
9. Date of opening of bids : 06.06.2020 (10.00 A.M.)
10. Name and address of O.I.T. : Executive Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and bid security should be submitted in online mode.
13. Subsequent corrigendum/addendum if required shall only be appeared in above website.

*Sd./- Executive Engineer, RWS&S Divn., Jagatsinghpur*
OIPR-25024/11/0001/2021

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଓଏମ୍‌ସି କର୍ମଚାରୀଙ୍କ ୪୦ଲକ୍ଷ ଟଙ୍କା ଦାନ

**ଭୁବନେଶ୍ୱର,୧୫।୫:** କୋଭିଡ୍-୧୯ ମହାମାରୀର ନିୟନ୍ତ୍ରଣ ଦିଗରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଏବଂ ଓଡ଼ିଶା ମିନେରାଲ ଏକ୍ସପ୍ଲୋରେଶନ କର୍ପୋରେଶନ ଲିମିଟେଡ (ଓଏମଇସିଏଲ)ର କର୍ମଚାରୀମାନେ ସାମିଲ ହୋଇଛନ୍ତି। ଏହି କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଗୋଟିଏ ଦିନର ବେତନ ପ୍ରାୟ ୪୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଓଡିଶା ସରକାରଙ୍କ ଅଧୀନ ଓଏମ୍‌ସି ହେଉଛି ଦେଶର ଏକ ପ୍ରମୁଖ ଅଭିବୃଦ୍ଧି ହେଉଥିବା ଖଣିଜ ଉତ୍ତୋଳନ କମ୍ପାନୀ। ସେହିପରି ଓଏମ୍‌ସିର ଅନ୍ୟ ଏକ କମ୍ପାନୀ ଓଏମ୍‌ଇସିଏଲ୍ ୨୦୧୬ରେ ନୂତନ ଭାବରେ ଗଠନ ହୋଇଛି।

### ଭବାନୀ ଚରଣଙ୍କ ବିୟୋଗରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ପଟ୍ଟନାୟକଙ୍କ ସହ ମୋର ଆତ୍ମୀୟ ସମ୍ପର୍କ ଥିଲା। ମୋ ପିତାଙ୍କ ସହିତ ମଧ ତାଙ୍କର ଘନିଷ୍ଠ ବନ୍ଧୁତ୍ୱ ରହିଥିଲା। ସ୍ୱର୍ଗତ ପଟ୍ଟନାୟକ ଜୀବନର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସର୍ବଦା ଗାନ୍ଧିବାଦୀ ଆଦର୍ଶରେ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିଲେ। ସେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସହକର୍ମୀ ଭାବେ କାର୍ଯ୍ୟ କରିଥିଲେ। ଜୀବନସାରା ଚଳଚଞ୍ଚଳ ରହି ଜଣେ ଦେଶଭକ୍ତ, ସମାଜସେବକ ଓ କର୍ମଯୋଗୀ ଭାବେ ସମସ୍ତଙ୍କୁ ପ୍ରେରଣା ଯୋଗାଇ ଆସୁଥିଲେ। ତାଙ୍କର ବିୟୋଗ ରାଜ୍ୟ, ଦେଶ ତଥା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ମନ୍ତ୍ରୀ କହିବାସହ ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ଦୁଇ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ
#### ଦାୟିତ୍ୱରେ ଅବହେଳା

**କଟକ ଅଫିସ,୧୫।୫:** ଦାୟିତ୍ୱରେ ଅବହେଳା ଦେଖାଇଥିବା ଯୋଗୁ କଟକ ଗ୍ରାମ୍ୟ ନିର୍ମାଣ ବିଭାଜନର ଦୁଇ ଜଣ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେମାନେ ହେଲେ ଚୌଦ୍ୱାରର ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବଳ ଓ କନ୍ତପଡ଼ାର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁ। ବିଭାଜନର ନିର୍ବାହୀ ଯନ୍ତ୍ରୀ ଏହି ନୋଟିସ୍ ଜାରି କରିଛନ୍ତି।ସୂଚନା ଅନୁଯାୟୀ, ଗତ ୪ ତାରିଖରେ ବିଭାଜନ ସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ଉଭୟ ଯନ୍ତ୍ରୀ ଏହି ବୈଠକରେ ଅନୁପସ୍ଥିତ ଥିଲେ। କନ୍ତପଡ଼ା କନିଷ୍ଠ ଯନ୍ତ୍ରୀ ମନୋଜଙ୍କୁ ହ୍ୱାଟସ୍‌ଆପ୍‌ରେ ବୈଠକ ପାଇଁ ସୂଚନା ମିଳିଥିଲେ ମଧ ସେ ଅନୁପସ୍ଥିତ ରହିଲେ। ତାଙ୍କ ଅନୁପସ୍ଥିତି ଯୋଗୁ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇପାରି ନ ଥିଲା। ନିର୍ବାହୀ ଯନ୍ତ୍ରୀ ନିଜେ କାର୍ଯ୍ୟସ୍ଥଳ ଓ ସେକ୍ସନ ଅଫିସ୍‌କୁ ଯାଇଥିଲେ। କିନ୍ତୁ ସେଠାରେ ମଧ୍ୟ ସେ ନ ଥିଲେ। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ, ତାହାର ଉତ୍ତର ତିନି ଦିନ ମଧ୍ୟରେ କଟକ ସବ୍-ଡିଭିଜନ୍ ଏସ୍‌ଡିଓଙ୍କ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଚୌଦ୍ୱାରର ସହକାରୀ ଯନ୍ତ୍ରୀ ଅଞ୍ଜନ ପ୍ରାୟ ବୈଠକରେ ଅନୁପସ୍ଥିତ ରହୁଛନ୍ତି କିମ୍ବା ବିଳମ୍ବରେ ଆସୁଛନ୍ତି। ସେ ଉଦ୍ଦେଶ୍ୟମୂଳକ ଭାବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି। ସାଲେପୁର ଏସ୍‌ଡିଓଙ୍କ ଜରିଆରେ ତିନିଦିନ ଭିତରେ ଉତ୍ତର ରଖିବା ପାଇଁ ତାଙ୍କୁ କୁହାଯାଇଛି।

### କରୋନା ମୁକାବିଲା ଲାଗି ଶ୍ରୀମନ୍ଦିର ପ୍ରଶାସନ ଦେଲା ଦେଢ଼ କୋଟି

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧କୋଟି ୫୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କରୋନା ସଂକ୍ରମଣ ମୁକାବିଲା ପାଇଁ ମାଇନିଂ, ମିନେରାଲ ଏବଂ ମ୍ୟାଟେରିଆଲ ସୋସାଇଟି ଅଫ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୩ହଜାର ୧୧୭ଟଙ୍କା ପ୍ରଦାନ କରିଛନ୍ତି। ସୋସାଇଟି ପ୍ରତିଷ୍ଠାତା ସଦସ୍ୟ ଏନ୍ .ଡି.ରାଓ ଏହି ଚେକ୍ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି।

# କେନ୍ଦ୍ର ଦୂରରେ ଥିଲେ ଶିକ୍ଷକଙ୍କୁ ଯାତ୍ରା, ରହଣି ସୁବିଧା

**ମାଟ୍ରିକ୍ ଖାତା ମୂଲ୍ୟାୟନ ପ୍ରସଙ୍ଗ**

**୨ ମାମଲାର ଶୁଣାଣିକରି ନିର୍ଦ୍ଦେଶ ଦେଲେ ହାଇକୋର୍ଟ**

କଟକ ଅଫିସ,୧୫।୫

ମାଟ୍ରିକ୍ ଖାତା ମୂଲ୍ୟାୟନ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଦାଏର ହୋଇଥିବା ଦୁଇଟି ମାମଲାର ଶୁକ୍ରବାର ଶୁଣାଣି ହୋଇଛି। ଯଦି କୌଣସି ଶିକ୍ଷକଙ୍କ ଘର ମୂଲ୍ୟାୟନ କେନ୍ଦ୍ରଠାରୁ ୧୦ କିମିରୁ ଅଧିକ ଦୂରରେ ଥାଏ, ତେବେ ସଂପୃକ୍ତ ଶିକ୍ଷକଙ୍କ ଯାତ୍ରା, ରହଣି ଏବଂ ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରିଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶୋକ ମହାନ୍ତି ଓ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ଯୁକ୍ତି ଉପସ୍ଥାପନ କରିଥିଲେ।

ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ, କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ଖାତା ମୂଲ୍ୟାୟନ ଯୋଗୁ ଶିକ୍ଷକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। କେତେକ ରାଜ୍ୟରେ ଉତ୍ତର ଖାତାକୁ ଶିକ୍ଷକମାନେ ନିଜ ଘରକୁ ନେବା ପାଇଁ ମଧ ଅନୁମତି ଦିଆଯାଇଛି। ଓଡ଼ିଶାରେ ମଧ୍ୟ ଏହା କାର୍ଯ୍ୟକାରୀ କରିବାକୁ ନିବେଦନ କରାଯାଇଥିଲା। କୋର୍ଟ ଦର୍ଶାଇଥିଲେ ଯେ, ଖାତା ମୂଲ୍ୟାୟାନକୁ ନେଇ ଶିକ୍ଷକଙ୍କ ମନରେ ଅନେକ ଆଶଙ୍କା ରହିଛି। ବିଭାଗ ଯେଉଁସବୁ ବ୍ୟବସ୍ଥା ଗ୍ରହଣ କରିଛି, ତାହା ଲକ୍‌ଡାଉନ୍ ନିୟମକୁ ଉଲ୍ଲଂଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ମୂଲ୍ୟାୟନ ଆରମ୍ଭ (ମେ' ୨୦) ପୂର୍ବରୁ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ହେବ। ଏଣୁ ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକମାନେ କେମିତି ପହଞ୍ଚିବେ, ସେନେଇ ମଧ୍ୟ ସନ୍ଦେହ ଦେଖାଦେଇଛି। ରାଜ୍ୟ ସରକାର, ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ କୋର୍ଟରେ ଯୁକ୍ତି ରଖାଯାଇଥିଲା ଯେ, ମୂଲ୍ୟାୟନ ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯାଇଛି, ତାହା ଲକ୍‌ଡାଉନ୍ ନିୟମକୁ ଉଲ୍ଲଂଘନ କରୁନାହିଁ। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍‌ର ସମସ୍ତ ନିୟମ ପାଳନ କରାଯିବ। ମୂଲ୍ୟାୟନରେ ସାମିଲ୍ ହେବାକୁ ଥିବା ଶିକ୍ଷକଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ ନ କରି ଶିକ୍ଷକମାନେ ଯେଉଁ ସବୁ ଦାବି ରଖିଛନ୍ତି, ସେଗୁଡ଼ିକ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୌଣସି ଶିକ୍ଷକଙ୍କୁ ଦୂରଦୂରାନ୍ତର ସ୍ଥାନରେ ଥିବା ମୂଲ୍ୟାୟନ କେନ୍ଦ୍ରରେ ନିୟୋଜିତ ନ କରିବା ଏବଂ ଭିଡ଼ କମାଇବା ଦିଗରେ ପଦକ୍ଷେପ ନେବାକୁ କୋର୍ଟ ଉପରୋକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅମ୍ଫନ ପାଇଁ ପ୍ରସ୍ତୁତ ରୁହ

**ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କଲେ ଡିଜିପି**

କଟକ ଅଫିସ,୧୫।୫

ସମ୍ଭାବ୍ୟ ବାତ୍ୟା 'ଅମ୍ଫନ' ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲାରେ ବ୍ୟାପକ ଫୋର୍ସ ମୁତୟନ ଓ ଏହା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱାରୋପ କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସେ ଆଲୋଚନା କରିଛନ୍ତି। ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିବା ଏହି ବୈଠକରେ ସ୍ୱତନ୍ତ୍ର ଡିଜି ଗୋଇନ୍ଦା, ଅତିରିକ୍ତ ଡିଜି ରେଲୱେ, ସମସ୍ତ ରେଞ୍ଜ ଆଇଜି, ଡିଆଇଜି, ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକ, କଟକ ଓ ରାଉରକେଲା ରେଲୱେ ପୋଲିସ ଅଧୀକ୍ଷକ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ନିରାପତ୍ତା ବ୍ୟବସ୍ଥା ଓ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ପ୍ରସଙ୍ଗର ସମୀକ୍ଷା କରିଛନ୍ତି ଡିଜିପି। ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯିବା କାର୍ଯ୍ୟକ୍ରମ, କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ଓ ମାସ୍କ ଯୋଗାଣ, ରାଜ୍ୟର ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ପ୍ରସଙ୍ଗ, ପୋଲିସ କର୍ମଚାରୀଙ୍କ କଲ୍ୟାଣ ଓ ସେମାନଙ୍କ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଉପରେ ଏହି ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ରେଖା ଲୋହାନି, ଯତୀନ୍ଦ୍ର କୋଏଲ, ଏଆଇଜି ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍‌ରେ ମିଳିବ କୋର୍ଟ କାର୍ଯ୍ୟ ସୁବିଧା

**ଇ-ସେବା କେନ୍ଦ୍ର ଉଦ୍‌ଘାଟିତ**

କଟକ ଅଫିସ,୧୫।୫



ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ଶୁକ୍ରବାର ଇ-ସେବା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା ହାଇକୋର୍ଟ ଓ ଜିଲା କୋର୍ଟ କମ୍ପ୍ଲେକ୍ସଠାରେ ଶୁକ୍ରବାର ଇ-ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରୁ ଅନ୍‌ଲାଇନରେ ହେଉଥିବା ବିଭିନ୍ନ ପ୍ରକାର କୋର୍ଟ କାର୍ଯ୍ୟର ସୁବିଧା ପାଇବେ ଆଇନଜୀବୀ ଓ ଏତଲାକାରୀ। ମାମଲା ସ୍ଥିତି, ଭିଡିଓ କନଫରେନ୍ସ ଜରିଆରେ ଶୁଣାଣିରେ ଭାଗନେବା, ଶୁଣାଣିର ନକଲ, ଇ-ମୁଲାକାତ୍ ପାଇଁ ଆବେଦନ ସହ ଅନ୍ୟ ଆଇନ୍‌ଗତ ସୁବିଧା ମିଳିବ। ଯେଉଁମାନେ ଏହି କେନ୍ଦ୍ରକୁ ଯାଇ ନ ପାରିବେ, ସେମାନଙ୍କୁ ଏହି ସବୁ ସୁବିଧା ହାଇକୋର୍ଟର ୱେବ୍‌ସାଇଟ୍‌ରେ ମଧ୍ୟ ମିଳିବ। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଜିଲା ଓ ତାଲୁକାସ୍ତରୀୟ କୋର୍ଟରେ ମଧ୍ୟ ଇ-ସେବା କେନ୍ଦ୍ର ଖୋଲାଯିବ। କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଡଭୋକେଟ୍ ଜେନେରାଲ୍, ଆସିଷ୍ଟାଣ୍ଟ ସଲିସିଟର୍ ଜେନେରାଲ୍, ହାଇକୋର୍ଟ ବାର୍ ଆସୋସିଏଶନ ପଦାଧିକାରୀ ଏବଂ ହାଇକୋର୍ଟ ରେଜିଷ୍ଟ୍ରାର ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବାତ୍ୟା ବଢ଼ାଇଛି ଚିନ୍ତା

**ସଜାଗ ପ୍ରଶାସନ, ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ**

ପୁରୀ ଅଫିସ,୧୫।୫

ମହାମାରୀ କରୋନା ଏବେ ସମସ୍ତଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏଭଳି ସମୟରେ ସମ୍ଭାବ୍ୟ ବାତ୍ୟାର ଭୟ ସୃଷ୍ଟି ହୋଇଛି। ପ୍ରାୟ ବର୍ଷକ ତଳେ ଅର୍ଥାତ୍ ୨୦୧୯ ମେ ୩ ତାରିଖରେ ପୁରୀ ଜିଲାରେ ବାତ୍ୟା ଫନୀ ତାଣ୍ଡବ ରଚିଥିଲା। ଏ ପର୍ଯ୍ୟନ୍ତ ସେହି ଦୁଃଖ ଦୂର ହୋଇ ନ ଥିବାବେଳେ ଅଚାନକ ମାଡ଼ି ଆସିଲା କରୋନା। ଏହି ପ୍ରାଣଘାତୀ ଭୂତାଣୁ ସମସ୍ତଙ୍କ ଜୀବନ ଜୀବିକାକୁ ବିପନ୍ନ କରିଦେଇଛି। ଏବେ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲାବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ସମାନ୍ତରାଳ ଭାବେ କରୋନା ମୁକାବିଲା ସହ ସମ୍ଭାବ୍ୟ ବାତ୍ୟା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଶୁକ୍ରବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏ ନେଇ ସର୍କିଟ ହାଉସ୍‌ରେ ଅଧିକାରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ସେ କହିଛନ୍ତି। ଜିଲାକୁ ପ୍ରାୟ ୩୬ହଜାର ପ୍ରବାସୀ ଫେରିବା ନିମନ୍ତେ ପଞ୍ଜୀକରଣ କରିଥିବାରୁ ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା ପରାମର୍ଶ ଦେଇଛନ୍ତି। ପ୍ରବାସୀମାନେ ସଙ୍ଗରୋଧ ଭାବେ ରହୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳ, ଶୌଚାଳୟ, ଜଳଯୋଗାଣ ଏବଂ ଖାଦ୍ୟ ବ୍ୟବସ୍ଥାକୁ ସୁସଙ୍ଗତ କରିବାକୁ ସେ କହିଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ପ୍ରବାସୀଙ୍କୁ ତୁରନ୍ତ ହିତାଧିକାରୀ ତାଲିକାରେ ସାମିଲ ପାଇଁ ପଦକ୍ଷେପ ନେବାକୁ ଦାସବର୍ମା ବିଡିଓମାନଙ୍କୁ କହିଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି ଏବଂ ମଣ୍ଡିଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପଲିଥିନ ମହଜୁଦ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧ ଭାବେ ରହୁଥିବା ବୃଦ୍ଧ ବ୍ୟକ୍ତି ଏବଂ ଅନ୍ୟ ରୋଗୀଙ୍କ ଲାଗି ତୁରନ୍ତ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବାକୁ ହେବ। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ମରାମତି ସହ କଚାଘରେ ରହୁଥିବା ଲୋକଙ୍କୁ ଚିହ୍ନଟ କରିବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ଫସଲ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସଚେତନତା ସୃଷ୍ଟି ଲାଗି ପରାମର୍ଶ ଦିଆଯାଇଛି। ଅମଳ ହେବାକୁ ଥିବା ଜମିର ଠିକ୍ ମୂଲ୍ୟାୟନ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ କୃଷି ଅଧିକାରୀମାନଙ୍କୁ କୁହାଯାଇଛି। ଏହି ବୈଠକରେ ଜିଲାପାଳଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.ଚନ୍ଦ୍ରଶେଖର ରାଓ, ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଜିଲାପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା, ଓସୱାନର ପୀୟୂଷ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଚକ, ୨୨ ଜଳଯନ୍ତ୍ର ନିର୍ମାଣ ଶେଷ

ପୁରୀ ଅଫିସ,୧୫।୫

ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ନଜରରେ ରଖି ଚଳଚଞ୍ଚଳ ହୋଇଛି ରଥଖଳା। ତିନି ମୁଖ୍ୟ ମହାରଣା ସେବକଙ୍କ ନେତୃତ୍ୱରେ ଦ୍ରୁତଗତିରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ଶୁକ୍ରବାର ଭଉଁରି ଅବସରରେ ପରମ୍ପରା ଅନୁଯାୟୀ, ତିନିରଥର ୬ଟି ଚକରେ ଅଖ ସଂଯୋଗ କରାଯାଇଛି। ଏହି ୬ ଚକ ବାଦ୍ ତିନିରଥର ଆଉ ୨ଟି ଲେଖାଏ ଅର୍ଥାତ ମୋଟ ୧୨ଟି ଚକ ତିଆରି ସରିଛି। ସେହିପରି ୨ଟି ଲେଖାଏ ଚକରେ ଅର ଲାଗି ଶେଷ ହୋଇଛି। ଏଥିସହ ତିନିରଥର ପାର୍ଶ୍ୱ ଦେବତାଙ୍କ ବିଜେ ଆସ୍ଥାନ ଜଳଯନ୍ତ୍ର ନନ୍ଦିଘୋଷ ରଥର ୯ଟି, ତାଳଧ୍ୱଜ ରଥର ୯ଟି ଏବଂ ଦର୍ପଦଳନ ରଥର ୪ଟି ସମ୍ପୂର୍ଣ୍ଣ ହୋଇଛି। ସେହିପରି ଚାରି ନାହାକା ଉପରେ ସ୍ଥାପନ ପାଇଁ ଦୁଇଟି ଲେଖାଏ ଓରା ପ୍ରସ୍ତୁତି ସରିଛି। ଏହାବ୍ୟତୀତ ଦୋଳବେଦି କୋଣସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ମଧ କାମରେ ଲାଗିପଡ଼ିଛନ୍ତି। ତିନିରଥ ପାଇଁ ଅରକଣ୍ଟା ୨୦୦ଟି, ବଳା ୧୨ଟି ଏବଂ ପନ୍ଦାରୀ ୧୫ ଯୋଡ଼ା ପ୍ରସ୍ତୁତ କରିଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣରେ ସମ୍ପୃକ୍ତ ମହାରଣାମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି।



ଭୋଇ ସେବକଙ୍କ ଦ୍ୱାରା ଚକରେ ଅଖ ସଂଯୋଗ ପରେ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ନନ୍ଦିଘୋଷ ରଥ ଚକରେ ଆଜ୍ଞାମାଳ ବିଜେ କରାଯାଉଛି।

## ୧୮୮ ସେବକଙ୍କ ସ୍ୱାବ ସଂଗ୍ରହ ସରିଲା

ପୁରୀ ଅଫିସ,୧୫।୫

କରୋନା ପାଇଁ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ରଥ ନିର୍ମାଣରେ ନିୟୋଜିତ ସେବକମାନଙ୍କୁ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରରେ ରଖିବା ଲାଗି ପଦକ୍ଷେପ ନିଆଯାଉଛି। ସେମାନଙ୍କୁ ସଙ୍ଗରୋଧରେ ରଖାଯିବା ସହ ପ୍ରତିଦିନ ସ୍କ୍ରିନିଂ କରାଯାଉଛି। ସେମାନେ ଯେପରି ଶେଷ ପର୍ଯ୍ୟନ୍ତ କରୋନା ସଂକ୍ରମଣମୁକ୍ତ ରହିବେ ସେଥିଲାଗି କୋଭିଡ ଟେଷ୍ଟ କରାଯାଉଛି। ଗତ ବୁଧବାରଠାରୁ ସେବକଙ୍କ ସ୍ୱାବ ସଂଗ୍ରହ ଆରମ୍ଭ ହୋଇଥିଲା। ଶୁକ୍ରବାର ୫୮ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସମ୍ପ୍ରତି ରଥଖଳାରେ କାମ କରୁଥିବା ସମସ୍ତ ୧୮୮ ଜଣଙ୍କ ସ୍ୱାବ୍ ସଂଗ୍ରହ ଶେଷ ହୋଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ବର୍ତ୍ତମାନ ରଥଖଳାରେ ମହାରଣା, ଭୋଇ, ରୂପକାର ଓ କମାର ସେବକଙ୍କୁ ମିଶାଇ ୧୮୮ଜଣ ସେବକଙ୍କ ଉପସ୍ଥାନ ପଡୁଛି। ସେମାନେ ଭକ୍ତନିବାସରେ ସଙ୍ଗରୋଧରେ ରହୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ ବୁଧବାର ପ୍ରଥମ ଦିନରେ ୫୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଗୁରୁବାର ୭୫ ଏବଂ ଶୁକ୍ରବାର ୫୮ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଛି। ଆଗକୁ ଚିତ୍ରକର ସେବକ ଏବଂ ଅନ୍ୟ ସେବକ ସାମିଲ ହେଲେ ସେମାନଙ୍କର ବି କୋଭିଡ ଟେଷ୍ଟ କରାଯିବ। ବର୍ତ୍ତମାନ କାର୍ଯ୍ୟରତ ୧୮୮ ଜଣଙ୍କ ସ୍ୱାବ୍ ସଂଗ୍ରହ ପ୍ରକ୍ରିୟା ସରିଛି ବୋଲି ଜେନା କହିଛନ୍ତି।



ଭଉଁରି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କଠାରୁ ଆଜ୍ଞାମାଳ ନେଇ ପୂଜାପଣ୍ଡା ସାମନ୍ତମାନେ ବିଜେ କରୁଛନ୍ତି।

## ଶ୍ରୀମନ୍ଦିର ଭିତରେ ହେଲା ବିଧି ରକ୍ଷା

ପୁରୀ ଅଫିସ,୧୫।୫

ପ୍ରତିବର୍ଷ ଶ୍ରୀକ୍ଷେତ୍ର ଭଉଁରି ଆଡମ୍ବର ସହକାରେ ସମ୍ପନ୍ନ ହୋଇଥାଏ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ୨୦ତମ ଦିବସରେ ଭଉଁରି ଯାତ ହୁଏ। ଏହି ପବିତ୍ର ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଥାନ୍ତି। ହେଲେ ଏଥର କରୋନା ପାଇଁ ଖାଁ ଖାଁ ନରେନ୍ଦ୍ର ପୁଷ୍କରିଣୀ। ନରେନ୍ଦ୍ରରେ ଚାପ ଖେଳି ନ ଥିଲେ ମହାପ୍ରଭୁ କି ଭକ୍ତଙ୍କ ଗହଳି ନ ଥିଲା ଏହି ପୁଷ୍କରିଣୀ କୂଳେ। ଶ୍ରୀମନ୍ଦିର ଭିତରେ ଭଉଁରି ଯାତର ବିଧି ରକ୍ଷା କରାଯାଇଥିଲା। ଶୁକ୍ରବାର ଶ୍ରୀମନ୍ଦିର ଭିତରେ ଚାଲିଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ଶନିବାର ଶ୍ରୀମନ୍ଦିର ଭିତରେ ହଳଦିପାଣି ନୀତି ସମ୍ପନ୍ନ ହେବ।

## ରଥଖଳାରେ ପଡ଼ିଲା ପାଲ



ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ରଥଖଳାକୁ ଅଧିକ ପ୍ରସ୍ତୁତ କରାଯାଇଛି। ରଥଖଳା ଉପରେ କେବଳ ନଡ଼ିଆ ଚାଞ୍ଚରା ପଡ଼ିଥିଲା। ବର୍ଷା, ପବନରେ ଏହା ଉଡ଼ିଯିବା ସମ୍ଭାବନା ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ରଥଖଳା ଉପରେ ପାଲ ପକାଯାଇଛି। ସେହିପରି ବାହାରର ମଇଳା ପାଣି ରଥଖଳା ଭିତରକୁ ନ ପଶିବା ଲାଗି ରଥଖଳା ଚତୁଃପାର୍ଶ୍ୱରେ ଦେଢ ଫୁଟ ଉଚ୍ଚରେ ଏହି ବନ୍ଧ ତିଆରି ହୋଇଛି। ବର୍ଷା ପାଣି କିମ୍ବା ଡ୍ରେନ୍ ପାଣି ରଥଖଳାରେ ନ ପଶିବା ଲାଗି ଏହା କରାଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

## ଚକ ଡେରା ନୀତି ସମ୍ପନ୍ନ

**ରଥଖଳାରୁ...**

ପୁରୀ ଅଫିସ,୧୫।୫

ଶୁକ୍ରବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ଦିବସରେ ରଥଖଳାରେ ମହାପ୍ରଭୁଙ୍କ ତିନି ରଥର ୬ଟି ନାହାକା ଚକ ଡେରା ନୀତି ସମ୍ପନ୍ନ ହୋଇଛି। ତିନି ନାହାକା ଅଖ ଏବଂ ୬ ନାହାକା ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ତିନିରଥର ନାହାକା ଚକ ଓ ନାହାକା ଅଖକୁ ସ୍ନାନ କରାଯାଇଥିଲା। ପରେ ୬ଟି ଚକ ପନ୍ଦାରୀରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡେଇଥିଲେ। ପୂର୍ବାହ୍ନ ୧୦ଟା ୪୦ରେ ତିନି ବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳାରେ ପହଞ୍ଚିଥିଲେ। ଏହାପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକ ସହିତ ଅଖ ସଂଯୋଗ କରି ଡେରିଥିଲେ। ଭକ୍ତଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚକ ଡେରା କାର୍ଯ୍ୟ ସମ୍ପନ୍ନ ପରେ ତିନି ପୂଜାପଣ୍ଡା ସାମନ୍ତ ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ଦିଆଯାଇଥିଲା। ଏହାପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ରଥ ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ତିନି ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ମହାରଣାମାନେ ଚର୍ଚ୍ଚିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

## କରୋନା ସଚେତନ ହେଲେ ଦଇତାପତି ସେବକ

ପୁରୀ ଅଫିସ,୧୫।୫

ଆଗକୁ ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା। ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବାକୁ ହେଲେ ସମ୍ପୃକ୍ତ ସେବକମାନଙ୍କୁ ଏବେଠାରୁ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବାକୁ ହେବ। ତେଣୁ ଆଗୁଆ ସତର୍କତା ଅବଲମ୍ବନ କରିଛି ଶ୍ରୀମନ୍ଦିର ପ୍ରଶାସନ। ସ୍ନାନଯାତ୍ରା ଓ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ସେବକଙ୍କ କୋଭିଡ ଟେଷ୍ଟ ସହ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ଲାଗି ନିଷ୍ପତ୍ତି ହୋଇଛି। କରୋନାଠାରୁ କିପରି ଦୂରେଇ ରହିହେବ, କ'ଣ ପ୍ରତିଷେଧକ ବ୍ୟବସ୍ଥା ଆବଶ୍ୟକ, ସଙ୍ଗରୋଧର ନିୟମ କ'ଣ ସେ ସବୁ ବିଷୟରେ ଶୁକ୍ରବାର ଦଇତାପତି ସେବକମାନଙ୍କୁ ସଚେତନ କରାଯାଇଛି। ହାତ ସଫା ରଖିବା, ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ପରିଧାନ ପାଇଁ ପରାମର୍ଶ ଦିଆଯାଇଥିଲା।

ନିଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର, ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫ଶହ କର୍ମଚାରୀଙ୍କୁ ଛଟେଇ କଲା ଜମାଟୋ

**ନୂଆଦିଲ୍ଲୀ,୧୫।୫:** ବର୍ତ୍ତମାନ କୋଭିଡ୍-୧୯ ଯୋଗୁ ବଜାର କ୍ଷତିଗ୍ରସ୍ତ ରହିଥିବା ବେଳେ ପ୍ରମୁଖ ଫୁଡ୍ ଡେଲିଭରି କମ୍ପାନୀ ଜମାଟୋ ଏହାର ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରିଛି। କମ୍ପାନୀ ଗତ କିଛି ମାସ ହେଲା ମାନ୍ଦାବସ୍ଥାରେ ଚାଲୁଛି । କରୋନା ସଂକ୍ରମଣ କମ୍ପାନୀର ବାଣିଜ୍ୟ ଉପରେ ମାଡ କରିଛି । ଏଥି ଯୋଗୁ ସାରା ଦେଶରେ ସବୁ ବର୍ଗର ହୋଟେଲ ଆପାତତଃ ବନ୍ଦ ଥିବାରୁ ଅର୍ଡର ବହୁ ଅନୁପାତରେ କମିଛି।ଏଥିରେ ବର୍ତ୍ତମାନ ସୁଦ୍ଧା ସୁଧାର ଆସିବ ବୋଲି ଠିକ୍ ଅନୁମାନ କରି ହେଉନି। ଗ୍ରାହକମାନେ ବର୍ତ୍ତମାନ ସୁଦ୍ଧା ମନ ମୁତାବକ ଅର୍ଡର କରୁନାହାନ୍ତି। ଫଳରେ କମ୍ପାନୀ ଅନେକ ସମସ୍ୟା ଦେଇ ଗତି କରୁଛି । ସାରା ଦେଶରେ କମ୍ପାନୀର ୪ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି । କମ୍ପାନୀ ସଙ୍କଟ ସମୟ ଦେଇ ଗତି କରୁଥିବା ସିଇଓ ଦୀପିନ୍ଦର ଗୋୟଲ ଟୁଇଟ୍ ଯୋଗ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆସନ୍ତା ୬ମାସ ପର୍ଯ୍ୟନ୍ତ କମ୍ପାନୀ ୫୦% ବେତନ ପ୍ରଦାନ କରିବ। କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ କର୍ମଚାରୀମାନଙ୍କୁ ମେଲ୍ ମାଧମରେ ସୂଚାଇ ଦିଆଯାଇଛି ।

### ୯୩୨ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ଫେରିଛନ୍ତି ୧୧ଲକ୍ଷ ପ୍ରବାସୀ

**ନୂଆଦିଲ୍ଲୀ,୧୫।୫:** ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ଘରକୁ ପଠାଇବା ଲାଗି ରେଳ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ୯୩୨ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ମାଧମରେ ୧୧ଲକ୍ଷ ପ୍ରବାସୀଙ୍କୁ ପଠାଇ ସାରିଛି। ଏହି ସମସ୍ତ ପ୍ରବାସୀଙ୍କ ଗସ୍ତ ଖର୍ଚ୍ଚ ବାବଦ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୮୫-୧୫% ହିସାବରେ ବହନ କରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୭୧୭ଟି ଟ୍ରେନ ବିଭିନ୍ନ ଷ୍ଟେଶନରେ ପହଞ୍ଚି ସାରିଥିବା ବେଳେ ଅବଶିଷ୍ଟ୨୧୫ଟି ଟ୍ରେନ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରି ସାରିଛି । ପ୍ରତି ଟ୍ରେନରେ ୧୨୦୦ଜଣ ଯାତ୍ରୀ ଏବଂ ୨୪ଟି ବଗି ସହ ଏହି ଟ୍ରେନଗୁଡିକ ଯାତ୍ରା କରୁଛି । ପ୍ରତି ବଗିରେ ୭୨ସିଟ୍ ଓ ୫୪ ଜଣ ଯାତ୍ରୀ ସରକାରଙ୍କ କୋଭିଡ୍-୧୯ କଟକଣା ଓ ନିୟମ ଅନୁସାରେ ଯାତ୍ରା କରୁଛନ୍ତି ।

### ଅନୁଗୋଳରେ ଅଂଶୁଘାତ ମୃତ୍ୟୁ

**ବନ୍ତଳା, ୧୫।୫(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଳା ଥାନା ନୂଆଖେତା ସାରୁଆଳି ଗ୍ରାମ ନିକଟରେ ଶୁକ୍ରବାର ଅଂଶୁଘାତରେ ଜଣେ ମାଛ ବିକାଳିଙ୍କ ମୃତ୍ୟୁ ହୋଇଛି। ମୃତକ ବନ୍ତଳା ଅଞ୍ଚଳର ପ୍ରମୋଦ ସାହୁ(୪୫) ବୋଲି ଜଣାପଡିଛି। ଅପରାହ୍ନ ପ୍ରାୟ ୨ଟାରେ ସେ ମାଛ ବିକ୍ରି କରିବାକୁ ଯାଇଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଭାଇ ରାମଚନ୍ଦ୍ର ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତେବେ ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଘନଶ୍ୟାମ ବେହେରା କହିଛନ୍ତି।

# ରୋଗ ରୋକିଦେଲା ରୋଜଗାର

**(ଦିନେଶ ଦେହୁରୀ)**
**ବନ୍ତଳା,୧୫।୫**



ପ୍ରସ୍ତୁତ ସାମଗ୍ରୀ ସହ ନନ୍ଦପୁର ଗ୍ରାମର ବାଉଁଶ କାରିଗରମାନେ।

- ହାତବାନ୍ଧି ବସିଛନ୍ତି ୩୫୦ ବାଉଁଶ କାରିଗର
- ବିକ୍ରି ହୋଇପାରୁନି ପ୍ରସ୍ତୁତ କୁଲା, ଡାଲା, ବିଞ୍ଚଣା
- ହିଙ୍ଗୁଳା, କୋଶଳା ଯାତ୍ରାରୁ ମିଳେ ବର୍ଷକର ଆୟ

ବାଲୁତରୁ ଆସି ପାକଳ ହେଲୁଣି, ହେଲେ ଏମିତି ସମୟ କେବେ ଆସି ନ ଥିଲା। ବନ୍ୟା, ବାତ୍ୟା ପରି ଆସିଥିବା ଅନେକ ବିପର୍ଯ୍ୟୟ ମଧ୍ୟ ହାତ ବାନ୍ଧି ଦେଇ ନ ଥିଲା। କିନ୍ତୁ ଏ କେମିତିକା ରୋଗ କେଜାଣି ପୂଜା, ମେଳା ସବୁ ବନ୍ଦ କରିଦେଲା। ବର୍ଷକର ରୋଜଗାର ବି ରୋକିଦେଲା। ହାଟ ବଜାରରୁ ବଳି ପଡୁଥିବା ସାମଗ୍ରୀ ପ୍ରତିବର୍ଷ ହିଙ୍ଗୁଳା ପୂଜା ଓ କୋଶଳା ପୂଜାରେ ବିକ୍ରି ହୋଇଯାଉଥିଲା। ମାତ୍ର ଚଳିତବର୍ଷ ଏସବୁ ପୂଜା ପରମ୍ପରା କେବଳ ପୀଠରେ ସୀମିତ ଥିବାରୁ ଆମ ପରି ଅନେକ ପରିବାର ବେରୋଜଗାର ହୋଇଯାଇଛନ୍ତି ବୋଲି କହିଛନ୍ତି ଅନୁଗୋଳ ଜିଲା ବନ୍ତଳା ଥାନା ନନ୍ଦପୁର ଓ ବ୍ରହ୍ମପୁର ଗ୍ରାମର ବାଉଁଶ କାରିଗରମାନେ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ଦୁଇ ଗ୍ରାମର ୭୨ ପରିବାର ବର୍ଷ ତମାମ ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ସେଥିରେ କୁଲା, ଡାଲା, ଗାଣ୍ଡୁଆ, ଟୋକେଇ, ଝୁଡ଼ି, ବିଞ୍ଚଣା, ଫୁଲଦାନି ଆଦି ବହୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଛୋଟରୁ ବଡ଼ ଯାଏ ପରିବାରଗୁଡ଼ିକର ୩୫୦ ସଦସ୍ୟ ଦିନ ତମାମ ଏହି କାର୍ଯ୍ୟରେ ଲାଗିଥାନ୍ତି। ଗାଁ ପାଖ ହାଟ, ବଜାର ଓ ବିଭିନ୍ନ ଯାନିଯାତ୍ରାରେ ସେସବୁ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହା ହିଁ ସେମାନଙ୍କ ମୁଖ୍ୟ ତଥା ଆୟର ଏକମାତ୍ର ପନ୍ଥା। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ପ୍ରତିପୋଷଣ କରିଥାନ୍ତି। ବିବାହ ଆଦି ମାଙ୍ଗଳିକ କାର୍ଯ୍ୟକୁ ବାଦ୍ ଦେଲେ ତାଳଚେରର ହିଙ୍ଗୁଳା ଯାତ୍ରା, କୋଶଳା ଯାତ୍ରା, ଦଶଦୋଳରେ ଭଳିକି ଭଳି ସାମଗ୍ରୀ ବିକି ସେମାନେ ବର୍ଷକର ଖୋରାକ ଯୋଗାଡ଼ କରିଥାନ୍ତି। ଏହାଛଡ଼ା ଖରା ଟାଣ ଧରିଲେ ବିଞ୍ଚଣା ବେପାରରୁ ବି ବେଶ୍ ଭଲ ଅର୍ଥ ହାତକୁ ଆସେ। କିନ୍ତୁ ଚଳିତବର୍ଷ ମହାମାରୀ କରୋନା ପାଇଁ ସେମାନଙ୍କ ବେପାରରେ ତାଲା ପଡ଼ିଯାଇଛି। ହାଟ, ବଜାରରେ ଗହଳି ନ ଥିବା ବେଳେ ପୂଜା, ବିବାହ, ବ୍ରତ ଆଦି କେବଳ ବିଧି ପାଳନରେ ସୀମିତ ରହିଯାଇଛି। ତେଣୁ ଘରେ ଘରେ ପ୍ରସ୍ତୁତ ସାମଗ୍ରୀ ମହଜୁଦ କରି ରଖିବା ଛଡ଼ା କିଛି ଉପାୟ ନାହିଁ। ବେଡି ବେହେରାଙ୍କ ୨୦୦ ବିଞ୍ଚଣା ବିକ୍ରି ହୋଇପାରି ନାହିଁ। ବନିତା ବେହେରାଙ୍କ ୧୫୦ ଫୁଲତୋଳା ଚାଙ୍ଗୁଡ଼ି, ନାରଣ ବେହେରାଙ୍କ ୨୫୦ କୁଲା ଓ ବିଞ୍ଚଣା, ସୁମିତ୍ରା ବେହେରାଙ୍କ ୧୧୦ ଗାଣ୍ଡୁଆ, ନର୍ମଦା ବେହେରାଙ୍କ ୩୫୦ ବିଞ୍ଚଣା, ଶାନ୍ତିଲତା ବେହେରାଙ୍କ ୭୫ କୁଲା, ସୁମତି ବେହେରାଙ୍କ ୪୦୦ ଗାଣ୍ଡୁଆ ଓ ଡାଲା, ଜିତୁ ବେହେରାଙ୍କ ୧୫୦ ଗାଣ୍ଡୁଆ, ବିପ୍ର ବେହେରାଙ୍କ ୫୫୦ ଗାଣ୍ଡୁଆ, ବିଞ୍ଚଣା, ଫୁଲଦାନି, ଡାଲା, କୁଲା ଆଦି ଘରେ ପଡ଼ିରହିଛି। ପୁରୁଣା ସାମଗ୍ରୀ ବିକ୍ରି ହୋଇପାରୁ ନ ଥିବାରୁ ନୂଆ ବି ପ୍ରସ୍ତୁତ କରାଯାଇପାରୁ ନାହିଁ। ଏମିତି ଏମିତିରେ ଅଧା ବରଷ ବିତିଯିବାକୁ ବସିଥିବା ବେଳେ ହାତକୁ ଦୁଇପଇସା ଆସିପାରୁ ନାହିଁ। ତେଣୁ ସରକାର ଆମକୁ ଉଦ୍ଧାର ନ କଲେ ଗାଁର ଏହି କାରିଗର ପରିବାରମାନେ ଉପବାସରେ ରହିବା ସାର ହେବ ବୋଲି ବେଡି ବେହେରା, ବନିତା ବେହେରା ଓ ସୁମିତ୍ରା ବେହେରା ପ୍ରକାଶ କରିଛନ୍ତି।

## ବିଡିଓଙ୍କ ଦୁର୍ବ୍ୟବହାର ଘଟଣାର ତଦନ୍ତ

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୫।୫**

ଅନୁଗୋଳ ଜିଲା ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେର୍କେଟା ବୁଧବାର ବିଳମ୍ବିତ ରାତିରେ କ୍ୱାରାଣ୍ଟାଇନ ପାଇଁ ବରପଦା ଆସିଥିବା କେତେଜଣ ମହିଳା ଶ୍ରମିକଙ୍କୁ ଫୋନରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁକ୍ରବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଘଟଣାର ତଦନ୍ତ କରିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଛେଣ୍ଡିପଦା ବ୍ଲକରେ ପହଞ୍ଚି ବିଡିଓଙ୍କୁ ପଚରାଉଚରା କରିଥିଲେ। ଅତିରିକ୍ତ ଜିଲାପାଳଙ୍କ ସହ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକା, ଥାନା ଅଧିକାରୀ କନକ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଏ ନେଇ ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ମହାନ୍ତି ସୂଚନା ଦେଇଛନ୍ତି।

## ଯୋଗ୍ୟ ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲକର: ମନ୍ତ୍ରୀ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

କରୋନା ମୁକାବିଲା ଲାଗି ସାରା ରାଜ୍ୟରେ ଲକ୍‌ଡାଉନ ବଳବତ୍ତର ରହିଛି। ଜନସାଧାରଣଙ୍କ ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଜିଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହିସାବରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରି ରାଶନ ସାମଗ୍ରୀ ତୁରନ୍ତ ଯୋଗାଇଦେବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏଥିସହିତ କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀମାନଙ୍କ ମଧ୍ୟରେ ଯୋଗ୍ୟଙ୍କୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାର୍ଚ୍ଚ ୨୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ୮୬,୨୬୮ଟି ପରିବାରର ୨ଲକ୍ଷ ୩୭ହଜାର ୧୨୧ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଏହି ପ୍ରକ୍ରିୟା ଚାଲୁ ରହିଥିବାବେଳେ ଧାର୍ଯ୍ୟଲକ୍ଷ୍ୟ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ସାମିଲ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ୯ ଜିଲାର ଅଧିକ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ରାଶନ କାର୍ଡଧାରୀଙ୍କୁ ଆଗୁଆ ୩ ମାସର ରାଶନ ସାମଗ୍ରୀ ଏକକାଳୀନ ପ୍ରଦାନ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ମୋଟ ୯୨ ଲକ୍ଷ ୬୦ ହଜାର ୮୮୫ କାର୍ଡଧାରୀ ପରିବାରକୁ ଚାଉଳ ଓ ଗହମ ଯୋଗାଇ ଦିଆଯାଇଛି।

## କଥାବାର୍ତ୍ତା ବେଳେ ଜଳକଣା ଦ୍ୱାରା ବ୍ୟାପିଥାଏ କରୋନା

**ନୂଆଦିଲ୍ଲୀ,୧୫।୫**



କରୋନା ମହାମାରୀ ଏବେ ସାରା ବିଶ୍ୱକୁ ଚିନ୍ତାରେ ପକାଇ ଦେଇଥିବା ବେଳେ ଏହାର ଚିକିତ୍ସା ପାଇଁ ଦିନରାତି ଚାଲିଛି ଗବେଷଣା। ଏପରି କି ଏହାର ସଂକ୍ରମଣକୁ ନେଇ ମଧ୍ୟ ଗବେଷଣା ଚାଲିଛି। ଆଉ ପ୍ରାୟ ପ୍ରତିଦିନ କରୋନା ସମ୍ପର୍କିତ କିଛି ନା କିଛି ନୂଆ କଥା ଜାଣିବାକୁ ମିଳୁଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କଥାବାର୍ତ୍ତା ସମୟରେ ନିଃଶ୍ୱାସ ସହ ବାହାରୁଥିବା ଛୋଟ ଛୋଟ ଜଳକଣା (ରେସ୍ପିରେଟୋରି ଡ୍ରପ୍‌ଲେଟ୍ସ) ବାୟୁରେ ୧୪ ମିନିଟ ବା ତଦୂର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରହିପାରେ। ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ଅଧିକ ଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡାଇବେଟିଜ୍ ଆଣ୍ଡ କିଡ୍‌ନୀ ଡିଜିଜ' ଓ ପେନସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମିଶି ଏହି ଅଧ୍ୟୟନ କରିଛନ୍ତି। ଏ ସମ୍ପର୍କରେ 'ପ୍ରୋସିଡିଙ୍ଗସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍‌ସେସ୍'ରେ ପ୍ରକାଶ ପାଇଛି। କାର୍ଯ୍ୟାଳୟ, ହସ୍ପିଟାଲ, ଘର, କ୍ରୁଜ୍ ଭଳି କମ୍ ବାୟୁ ଚଳାଚଳ ସ୍ଥାନରେ କାହିଁକି କରୋନା ସଂକ୍ରମଣ ଦ୍ରୁତ ଗତିରେ ହେଲା ସେ ସମ୍ପର୍କରେ ଜାଣିବା ଲାଗି ଏହି ଅଧ୍ୟୟନ କରାଯାଇଥିଲା। ତେବେ କଥାବାର୍ତ୍ତା ସମୟରେ ବାହାରୁଥିବା ଜଳକଣା ଉପରେ ଲେଜର ଲାଇଟ ପ୍ରୟୋଗ କରାଯାଇଥିଲା। ଏହା ପରେ ଜଣାପଡ଼ିଥିଲା ଯେ, କଥାବର୍ତ୍ତା ସମୟରେ ହଜାର ହଜାର ଜଳକଣା ପାଟିରୁ ବାହାରି ବାୟୁରେ ମିଶିଥାଏ। ଫଳରେ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଇଥାଏ। ଏହା ପୂର୍ବରୁ ଦକ୍ଷିଣ କୋରିଆରେ ଏକ କଲ୍ ସେଣ୍ଟରରେ ବହୁ ପରିମାଣରେ କୋଭିଡ୍ ସଂକ୍ରମଣ ଦେଖିବାକୁ ମିଳିଥିଲା। ଏହା ମଧ୍ୟ ଜଳକଣା କାରଣରୁ ହୋଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଚାଇନାର ଜନଗହଳି ସ୍ଥାନ ବା ରେସ୍ତୋରାଁରେ ମଧ୍ୟ କରୋନା ସଂକ୍ରମଣ ପଛର କାରଣ ଏହି ଜଳକଣା ବୋଲି କୁହାଯାଉଛି। କାରଣ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ପାଟିରୁ ବାହାରୁଥିବା ଜଳକଣା ସଂସ୍ପର୍ଶରେ ଆସୁଥିବା ଲୋକଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ତେବେ କରୋନା ସଂକ୍ରମଣ ଲାଗି ଏହି ଜଳକଣାକୁ ସମ୍ପୂର୍ଣ୍ଣ ମାତ୍ରାରେ ଦାୟୀ କରାଯାଇ ନ ପାରେ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି।

ସେମାନେ କହିଛନ୍ତି ଯେଉଁମାନେ ମାସ୍କ ବ୍ୟବହାର କରୁନାହାନ୍ତି ସେମାନେ ଅଧିକ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହାକୁ ନେଇ ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ କହିଛି, ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କଠାରୁ ଅତି କମ୍‌ରେ ୬ ଫୁଟ୍ ଦୂରତ୍ୱରେ ରହିଲେ ଏହି ଜଳକଣା ଦ୍ୱାରା ହେଉଥିବା ସଂକ୍ରମଣକୁ ଅନେକାଂଶରେ ଏଡ଼ାଇ ଦିଆଯାଇ ପାରେ। ହେଲେ ଏହାକୁ ନେଇ କେତେଜଣ ବୈଜ୍ଞାନିକ କହିଛନ୍ତି, ରେସ୍ପିରେଟୋରି ଡ୍ରପ୍‌ଲେଟ୍ସ ୬ଫୁଟ୍‌ରୁ ଅଧିକ ଦୂରତା ପର୍ଯ୍ୟନ୍ତ ଗତିକରି ପାରେ। ଫିଜିକାଲ ଡିଷ୍ଟାନ୍ସିଂ ବା ଶାରୀରିକ ଦୂରତ୍ୱ ରକ୍ଷାକଲେ ମଧ୍ୟ କରୋନା ସଂକ୍ରମଣର ଆଶଙ୍କାକୁ କମ୍ କରାଯାଇ ପାରେ ବୋଲି କହିଛନ୍ତି ଭର୍ଜିନିଆ ଟେକର ସିଭିଲ ଆଣ୍ଡ ଏନଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ଲିସନେ ମାର୍। ଅବଶ୍ୟ ସେ ଏହି ଅଧ୍ୟୟନରେ ସାମିଲ ନାହାନ୍ତି। କିନ୍ତୁ ସେ ତାଙ୍କର ନିଜସ୍ୱ ମତ ପ୍ରଦାନ କରିଛନ୍ତି।

**ବିପଦସଙ୍କୁଳ ଯାତ୍ରା**



ଆନ୍ଧ୍ରପ୍ରଦେଶରୁ ବାହାରିଥିବା ପ୍ରବାସୀ ଶ୍ରମିକ ଶୁକ୍ରବାର ଖୋର୍ଦ୍ଧା-ଭୁବନେଶ୍ୱର ଜାତୀୟ ରାଜପଥରେ ଏକ ମାଲବାହୀ ଟ୍ରକ୍‌ରେ ବସି ବାଲେଶ୍ୱର ଅଭିମୁଖେ ଯାଉଛନ୍ତି।

## କୋଏମ୍ବାଟୁର, କୁର୍‌ନୁଲରୁ ଆଜି ପହଞ୍ଚିବ ୨ ଶ୍ରମିକ ସ୍ପେଶାଲ ଟ୍ରେନ୍

**ବଲାଙ୍ଗୀର ଅଫିସ, ୧୫।୫**

- ବଲାଙ୍ଗୀରରେ ଓହ୍ଲାଇବେ ୧୪୦୦ ପ୍ରବାସୀ
- ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଅଞ୍ଚଳରେ କର୍ଫ୍ୟୁ

ବଲାଙ୍ଗୀର ରେଲୱେ ଷ୍ଟେଶନ୍‌ରେ ଶନିବାର ୨ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ପହଞ୍ଚିବ। ତାମିଲନାଡୁର କୋଏମ୍ବାଟୁରରୁ ଆସୁଥିବା ସ୍ପେଶାଲ ଟ୍ରେନ୍ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବଲାଙ୍ଗୀର ଷ୍ଟେଶନ୍‌ରେ ପହଞ୍ଚିବ। ଏହି ଟ୍ରେନ୍‌ଟି ଓଡିଶାର ରାୟଗଡା, ବଲାଙ୍ଗୀର, ଭଦ୍ରକ ଓ ବାଲେଶ୍ୱର ଷ୍ଟେଶନ୍‌ରେ ଅଟକିବ ବୋଲି ଜଣାପଡିଛି। ସେହିଭଳି ଆନ୍ଧ୍ରପ୍ରଦେଶର କୁରନୁଲ ସିଟିରୁ ଆଉ ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ବଲାଙ୍ଗୀର ଷ୍ଟେଶନ୍‌ରେ ଅପରାହ୍ନରେ ପହଞ୍ଚିବ। ଏହି ଟ୍ରେନ୍‌ଟି ବଲାଙ୍ଗୀର, ସମ୍ବଲପୁର, ଭଦ୍ରକ ଓ ବାଲେଶ୍ୱର ଷ୍ଟେଶନ୍ ପର୍ଯ୍ୟନ୍ତ ଯାତ୍ରା କରିବ । ଶନିବାର ଆସୁଥିବା ଏହି ଦୁଇ ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ପ୍ରାୟ ୧୪୦୦ ପ୍ରବାସୀ ବଲାଙ୍ଗୀର ଷ୍ଟେଶନ୍‌ରେ ଓହ୍ଲାଇବେ ବୋଲି ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଦୁଇ ଟ୍ରେନ୍ ଆସିବା ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରର ନିର୍ଦ୍ଦିଷ୍ଟ ଅଞ୍ଚଳରେ କର୍ଫ୍ୟୁ ଲଗାଯିବ ବୋଲି ଉପଜିଲାପାଳ ମିଶ୍ର କହିଛନ୍ତି। ଏହି ଦୁଇ ଟ୍ରେନ୍‌ରେ ଆସୁଥିବା ପ୍ରବାସୀଙ୍କ ଆଗମନ, କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟାଗମନ ପାଇଁ ସୁବ୍ୟବସ୍ଥା କରାଯାଇଛି।

## ଗରିବଙ୍କ ଆକାଉଣ୍ଟକୁ ଟଙ୍କା ପଠାଅ: ନିରଞ୍ଜନ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

**ଖବରଦାତାଙ୍କ ପାଇଁ ୫୦ଲକ୍ଷ ବୀମା ଘୋଷଣା ହେଉ**

'ଆତ୍ମନିର୍ଭର ଭାରତ' ପାଇଁ କେନ୍ଦ୍ର ସରକାର ପ୍ରତିଦିନ ପ୍ୟାକେଜ ଘୋଷଣା କରୁଛନ୍ତି। ହେଲେ ଏହା ଏକ ଋଣ ବିକ୍ରି ବିଜ୍ଞାପନ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି ଯେ, ପ୍ରତିଦିନ କିଛି ପ୍ରଚାର କରିବା ହେଲା କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ। ଯେତିକି ପ୍ୟାକେଜ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି ସେଥିରୁ ମନେହେଉଛି ୯୦ରୁ ୯୫ ପ୍ରତିଶତ ଋଣ ଏବଂ ୫ ରୁ ୧୦ ପ୍ରତିଶତ ସାହାଯ୍ୟ। ସରକାର ନିଜେ କହିଛନ୍ତି, ଦେଶରେ ୮କୋଟି ପ୍ରବାସୀ ଶ୍ରମିକ ଅଛନ୍ତି। ଏତଦ୍‌ବ୍ୟତୀତ ସହର ଓ ଗାଁ ଗଣ୍ଡାରେ କିଛି ବିନା ରାଶନ କାର୍ଡଧାରୀ ଅଛନ୍ତି। ଏପରି ବ୍ୟକ୍ତିଙ୍କର ୧୦ କେଜି ଚାଉଳ ଓ ୨ କେଜି ଡାଲିରେ ଦୁଃଖ ଯିବକି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ସେହିପରି ରାସ୍ତାକଡର ଛୋଟ ଦୋକାନୀମାନଙ୍କ ରୋଜଗାର ୨ ମାସ ହେଲା ନାହିଁ। ଯଦି ସାହାଯ୍ୟ ମନୋବୃତ୍ତି ଅଛି ସେମାନଙ୍କ ଆକାଉଣ୍ଟକୁ ସିଧାସଳଖ ୫୦୦୦ରୁ ୭,୫୦୦ ଟଙ୍କା ପଠାନ୍ତୁ। ତା'ହେଲେ ସେମାନେ ଚଳିବେ, ବ୍ୟବସାୟ କରିବେ ଏବଂ ଟଙ୍କା ବଜାରକୁ ଆସିବ। ଏହା ନ ହେଲେ ଆଗକୁ ସେମାନଙ୍କ ଅବସ୍ଥା ଆହୁରି ଭୟାନକ ହେବ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ଖବରଦାତାମାନେ ଯେଉଁଭଳି ନିଜ ଜୀବନକୁ ବାଜି ଲଗାଇ ଦିନରାତି କୋଭିଡ୍-୧୯ ଖବର ପରିବେଷଣ କରୁଛନ୍ତି, ତାହାକୁ ଯେତେ ପ୍ରଶଂସା କଲେ ବି ଊଣା ପଡ଼ିବ। ତେଣୁ ଖବରଦାତାମାନଙ୍କ ପାଇଁ ୧୫ ଲକ୍ଷ ନୁହେଁ ବରଂ ୫୦ ଲକ୍ଷ ଟଙ୍କାର ବୀମା ସହାୟତା ପ୍ରଦାନ କରାଯାଉ ବୋଲି ନିରଞ୍ଜନ ଦାବି କରିଛନ୍ତି।

## ବନ୍ଧୁକ ଦେଖାଇ ୭.୩୮ ଲକ୍ଷ ଲୁଟ୍

**ଓଡ଼ାପଡ଼ା, ୧୫।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର ପନେଇଲୋ କଲୋନୀ ସାହି ନିକଟରେ ଶୁକ୍ରବାର ବଡ଼ଧରଣର ଲୁଟ୍ ହୋଇଛି। ବନ୍ଧୁକଧାରୀ ଦୁର୍ବୃତ୍ତମାନେ ଗୁଡ଼ିଆକାଟେଣିସ୍ଥିତ ନୀଳମାଧବ ଫିଲିଂ ଷ୍ଟେଶନର ମ୍ୟାନେଜର ଶିବୁନ କୁମାର ଧୀରଙ୍କଠାରୁ ୭ଲକ୍ଷ ୩୮ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ବଳରାମପ୍ରସାଦ ଗ୍ରାମର ଶିବୁନ ସକାଳେ ବାଇକ୍‌ରେ ପେଟ୍ରୋଲ ପମ୍ପରୁ ୭ଲକ୍ଷ ୩୮ହଜାର ଟଙ୍କା ଧରି ହିନ୍ଦୋଳ ରୋଡ୍‌ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଜମା କରିବାକୁ ଯାଉଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ଆତଙ୍କରାଜ ସୃଷ୍ଟି କରିବା ସହ ଟଙ୍କା ଲୁଟିନେଇ ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ମୋଟଙ୍ଗା ଥାନାରେ ନଂ. ୧୦୫/୨୦, ଦଫା ୩୯୪ ଓ ୨୫ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି।

## ବିବାହ ପାଇଁ ବ୍ୟସ୍ତ ବିହାରୀ ଶ୍ରମିକ

**ଅନୁଗୋଳ ଅଫିସ, ୧୫।୫**



କ୍ୱାରାଣ୍ଟାଇନ୍ ସେଣ୍ଟର ସମ୍ମୁଖରେ ବିହାରୀ ଶ୍ରମିକମାନେ।

- ସଙ୍ଗରୋଧ କେନ୍ଦ୍ରରୁ ଦେଲେ ଆତ୍ମହତ୍ୟା ଧମକ
- କ୍ୱାରାଣ୍ଟାଇନ ଅବଧି ସରିଥିବାରୁ ଛାଡ଼ିବାକୁ ଦାବି
- ଗୋପାଳଗଞ୍ଜ ଜିଲାପାଳଙ୍କୁ ଲେଖାଗଲା ଚିଠି

ବିବାହ ପାଇଁ ତିଥି ନିର୍ଦ୍ଧାରଣ ସରିଛି। ଆଉ ହାତରେ ଅଧିକ ସମୟ ନାହିଁ। ସଙ୍ଗରୋଧ ଅବଧି ମଧ୍ୟ ସରିଗଲାଣି। ତୁରନ୍ତ ଆମକୁ ଗୋପାଳଗଞ୍ଜ ପଠାଅ। ନ ହେଲେ ଏଠାରେ ଆତ୍ମହତ୍ୟା କରିବୁ ବୋଲି ଅନୁଗୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ୫ ବିହାରୀ ଶ୍ରମିକ ଶୁକ୍ରବାର ପ୍ରଶାସନକୁ ଏପରି ଧମକ ଦେଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଢେଙ୍କାନାଳ ଜିଲାରେ କାମ କରୁଥିବା ଏହି ବିହାରୀ ଶ୍ରମିକମାନେ ଗତ ଏପ୍ରିଲ ୨୭ ତାରିଖରେ ଚାଲି ଚାଲି ଯାଉଥିବା ବେଳେ ଅନୁଗୋଳ ଜିଲା ପ୍ରଶାସନ ଓ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ସମସ୍ତଙ୍କୁ ପୌରପାଳିକା ପକ୍ଷରୁ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ଇତିମଧ୍ୟରେ ସେମାନଙ୍କ ୧୪ ଦିନିଆ ସଙ୍ଗରୋଧ ଅବଧି ଶେଷ ହୋଇଗଲାଣି। କିନ୍ତୁ ବିହାରରୁ କୌଣସି ଗାଡ଼ି ଏଯାଏ ଅନୁଗୋଳ ଆସି ନ ଥିବା ବେଳେ ଅନୁଗୋଳରୁ ମଧ୍ୟ ଗାଡ଼ି ଶ୍ରମିକଙ୍କୁ ଧରି ବିହାର ଅଭିମୁଖେ ବାହାରି ନାହିଁ। ତେଣୁ ବାଳିକା ଉଚ୍ଚ ବିଦ୍ୟାଳୟରେ ସମ୍ପୃକ୍ତ ବିହାରୀ ଶ୍ରମିକମାନେ ଅଟକି ରହିଛନ୍ତି। ପ୍ରଶାସନ ଗାଡ଼ି ବ୍ୟବସ୍ଥା କରୁ ନ ଥିବାରୁ ସେମାନଙ୍କୁ ଚାଲି ଚାଲି ଯିବାକୁ ଦିଆଯାଉ ବୋଲି ଶ୍ରମିକମାନେ ଅଡ଼ି ବସିବା ସହ ଆଉ ଅଟକାଇଲେ ଆତ୍ମହତ୍ୟା କରିଦେବୁ ବୋଲି ଧମକ ଦେଇଛନ୍ତି। ଘଟଣା ସମ୍ପର୍କରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଶ୍ରମିକଙ୍କ ସମସ୍ୟା ନେଇ ଗୋପାଳଗଞ୍ଜ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ବିହାରରୁ ଗାଡ଼ି ଆସିଲେ ଶ୍ରମିକମାନଙ୍କୁ ପଠାଯିବ। ନଚେତ୍ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଗାଡ଼ି ବ୍ୟବସ୍ଥା କରାଯାଇ ସେମାନଙ୍କୁ ବିହାରରେ ପହଞ୍ଚାଇ ଦିଆଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



ମହାମାରୀ କରୋନା ଭାଇରସ୍ ସଂକ୍ରମଣକୁ ବ୍ୟାପିବାରୁ ରୋକିବା ପାଇଁ କେନ୍ଦ୍ର ସରକାର ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଇତିମଧ୍ୟରେ ବିଗ୍‌ବସ୍ ଫେମ୍ ହିମାଂଶୀ ଖୁରାନାଙ୍କ ଏକ ଭିଡିଓ ଏବେ ଇଣ୍ଟରନେଟରେ ସେନ୍‌ସେସନ ପାଲଟିଛି। ଏହି ଭିଡିଓରେ ହିମାଂଶୀ ଘରେ ରୁଟି ତିଆରି କରିବା ସହ ଗୀତ ଗାଉଥିବାର ଦେଖିବାକୁ ମିଳିଛି। ଭିଡିଓଟି ଶେୟାର ହେବା ପରଠାରୁ ଏପର୍ଯ୍ୟନ୍ତ ଲକ୍ଷାଧିକ ୟୁଜର୍ସ ଦେଖିସାରିଲେଣି।



ମାଧୁରୀ ଦୀକ୍ଷିତ

# ୫୩ ବର୍ଷରେ ଧକ୍ ଧକ୍ ଗର୍ଲ

**ମୁମ୍ବାଇ:** ବଲିଉଡ୍‌ର ଧକ୍ ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ଶୁକ୍ରବାର ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଏବେ ସେ ବଡ ପରଦାରେ ଏତେଟା ନଜର ଆସୁ ନ ଥିଲେ ମଧ୍ୟ ଆଜି ବି ତାଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରି ରଖିଛି। ୯୦ ଦଶକର ଏହି ହିଟ୍ ନାୟିକାଙ୍କ ଲାଗି ସଞ୍ଜୟ ଲିଲା ଭଂସାଲିଙ୍କ ଫିଲ୍ମ 'ଦେବଦାସ'ର ଗୀତ 'କାହେ ଛେଡ ମୋହେ..' ପାଇଁ ପଣ୍ଡିତ ବିରଜୁ ମହାରାଜ କୋରିଓଗ୍ରାଫ କରିଥିଲେ। ଆଉ ଏଥିରେ ମାଧୁରୀ ଯେଉଁ ଲେହେଙ୍ଗା ପିନ୍ଧି ଡ୍ୟାନ୍ସ କରିଥିଲେ ତାହାର ଦାମ୍ ୨୦ ଲକ୍ଷ ମଧ୍ୟରେ ଥିଲା ବୋଲି କୁହାଯାଏ। ମାଧୁରୀ ଏମିତି ଜଣେ ନାୟିକା ଯାହାଙ୍କ ପ୍ରେମ କାହାଣୀ ଏତେଟା ଚର୍ଚ୍ଚିତ ହୋଇ ନ ଥିଲେ ମଧ୍ୟ ନାୟକ ଅନିଲ କପୁରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଉଭୟ ଅଭିନୟ କରିଥିବା ଫିଲ୍ମ 'ରାମ ଲଖନ', 'କିଶନ କନ୍ହେୟା', 'ବେଟା' ଆଦି ବକ୍ସ ଅଫିସରେ ହିଟ୍ ହେବା ପରେ ଏମାନଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଥିଲା। ହେଲେ ଉଭୟ ଏକଥାକୁ କେବେ ବି ସ୍ୱୀକାର କରି ନ ଥିଲେ। ଆଉ ଏକ ସମୟରେ ମାଧୁରୀଙ୍କ ନାଁ ସହ ଯୋଡି ହୋଇଯାଇଥିଲା ବଲିଉଡ୍‌ର ମୁନ୍ନାଭାଇ ଅର୍ଥାତ ସଞ୍ଜୟ ଦତ୍ତଙ୍କ ନାଁ। ହେଲେ ଏହା ବି କେବଳ ଚର୍ଚ୍ଚାରେ ରହିଯାଇଥିଲା। ମାଧୁରୀ କିନ୍ତୁ ଶେଷରେ ବିବାହ କରିଥିଲେ ଡାକ୍ତର ଶ୍ରୀରାମ ନେନେଙ୍କୁ।

# ସୋସିଆଲ ଡିଷ୍ଟାନ୍ସିଂର ଭିନ୍ନ ଚିତ୍ର

**ୱାଶିଂଟନ:** କରୋନା ଭାଇରସ୍ ସଂକ୍ରମଣକୁ ନେଇ ବିଶ୍ୱର ଅଧିକାଂଶ ଦେଶରେ ଏବେ ଲକ୍‌ଡାଉନ ଜାରି ରହିଛି। ଆମେରିକାରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିବା ବେଳେ ଏବେ ଏହି ଶକ୍ତିଶାଳୀ ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ଦୋହଲି ଯାଇଛି। ଏପରି ସ୍ଥଳେ ଏବେ ପୁଣିଥରେ ଆମେରିକା ଅଣ୍ଟାଭିଡ଼ି ଠିଆ ହେବାକୁ ଚେଷ୍ଟା କରୁଛି। ତେବେ ଲକ୍‌ଡାଉନ ଯୋଗୁ ବାଧାପ୍ରାପ୍ତ ହୋଇଥିବା ହୋଟେଲ ଶିଳ୍ପ ଏବେ ନୂଆ ଢଙ୍ଗରେ ଲୋକଙ୍କ ପାଖରେ ପହଞ୍ଚିବାକୁ ପ୍ରୟାସ କରୁଥିବା ଦେଖାଯାଇଛି। ଲକ୍‌ଡାଉନ ଖୋଲିବା ପରେ ଏବେ ଲୋକେ ହୋଟେଲ ବା ରେସ୍ତୋରାଁରେ ସୋସିଆଲ ଡିଷ୍ଟାନସିଂ ମେଣ୍ଟେନ କରିବେ ବୋଲି ଜଣାପଡିଛି। ଯେପର୍ଯ୍ୟନ୍ତ କରୋନାର କୌଣସି ଔଷଧ ବା ଭ୍ୟାକ୍ସିନ୍ ଆସିନାହିଁ ସେପର୍ଯ୍ୟନ୍ତ ଅନ୍ତତଃପକ୍ଷେ ସୋସିଆଲ ଡିଷ୍ଟାନସିଂକୁ ଗୁରୁତ୍ୱ ଦିଆଯିବ। ଏହାକୁ ଲକ୍ଷ୍ୟ କରି ନର୍ଦନ ଭର୍ଜିନିଆରେ ଥିବା ଏକ ହୋଟେଲରେ ଗ୍ରାହକମାନେ ଏକୁଟିଆ ନ ବସି ଏକ ମୂର୍ତ୍ତି ନିକଟରେ ବସି ଖାଇପାରିବେ। ଗ୍ରାହକ ଏକଲାପଣ ଅନୁଭବ ନ କରିବା ପାଇଁ ହୋଟେଲ ପକ୍ଷରୁ ଏଭଳି ଉପାୟ ଚିନ୍ତା କରାଯାଇଛି। ତେବେ ଜଣେ ଗ୍ରାହକଙ୍କ ପାଖରେ ବସିଥିବା ମୂର୍ତ୍ତି ନିକଟରେ ମଧ୍ୟ ସମାନ ଖାଦ୍ୟ ପରସା ଯିବାର ବ୍ୟବସ୍ଥା କରାଯାଇଛି। ଭର୍ଜିନିଆର ଏହି ପ୍ରସିଦ୍ଧ ହୋଟେଲରେ ଏଥର ଗ୍ରାହକଙ୍କୁ ସୋସିଆଲ ଡିଷ୍ଟାନସିଂର ଭିନ୍ନ ଅନୁଭୂତି ମିଳିବ ବୋଲି କୁହାଯାଉଛି। ତେବେ ଆମେରିକାରେ ହୋଟେଲ ଶିଳ୍ପ ଯେବେବି କାର୍ଯ୍ୟକ୍ଷମ ହେବ ସେବେ ସୋସିଆଲ ଡିଷ୍ଟାନସିଂକୁ ଏକ ନିୟମ ଭାବେ ପାଳନ କରାଯିବ ବୋଲି ଜଣାପଡ଼ିଛି।





# ହଗ୍ କର୍ଟେନ୍

**କାଲିଫର୍ଣ୍ଣିଆ:** କରୋନା ସଂକ୍ରମଣରୁ ରକ୍ଷାପାଇବା ପାଇଁ ସମସ୍ତେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଉପରେ ଜୋର୍ ଦେଉଛନ୍ତି। ସେଥିପାଇଁ ତ କେହି କାହା ପାଖକୁ ନ ଆସିବା ପାଇଁ କୁହାଯାଉଛି। କିନ୍ତୁ ସାମାଜିକ ଦୂରତା ରକ୍ଷାକରି ଜେଜେ, ଜେଜେ ମା'ଙ୍କୁ ହଗ୍ (ଆଲିଙ୍ଗନ) କରିବା ପାଇଁ ଏକ ନୂଆ ଉପାୟ ବାହାର କରିଛନ୍ତି କାଲିଫର୍ଣ୍ଣିଆର ୧୦ ବର୍ଷର ଝିଅ ପିଗି। ସୁରକ୍ଷା ସହିତ ଜେଜେ ଓ ଜେଜେ ମା'ଙ୍କୁ ହଗ୍ କରିବା ପାଇଁ ସେ ବାହାର କରିଛନ୍ତି ଏକ ସ୍ୱତନ୍ତ୍ର ଧରଣର ଉପକରଣ। ପିଗି ତିଆରି କରିଥିବା ଏହି ଉପକରଣକୁ ତାଙ୍କ ମା' ଲିଣ୍ଡସେ ଓକ୍‌ରେ ଫେସ୍‌ବୁକ୍‌ରେ ପୋଷ୍ଟକରି ତା'ର ନାଁ 'ହଗ୍ କର୍ଟେନ୍' ଦେଇଛନ୍ତି। ଏହି ଉପକରଣଟି ପ୍ଲାଷ୍ଟିକ୍‌ରେ ତିଆରି। ଦ୍ୱାର ପାଖରେ ଏହା ଏକ ପରଦା ଭଳି ଝୁଲିଥାଏ। ଏଥିରେ ନିଜର ଦୁଇହାତକୁ ଗଳାଇ ପରଦା ଏପଟରୁ ପିଗି ତାଙ୍କ ଜେଜେ ଓ ଜେଜେ ମା'ଙ୍କୁ ହଗ୍ କରିପାରୁଛନ୍ତି। ଏଭଳି ହଗ୍ କରି ଉଭୟ ବେଶ୍ ଭାବବିହ୍ୱଳ ହୋଇ ପଡୁଛନ୍ତି। ପିଗିଙ୍କ ଏଭଳି ଢଙ୍ଗରେ ହଗ୍ କରିବା ଶୈଳୀ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଲୋକେ ବେଶ୍ ଭାବପ୍ରବଣ ହୋଇ ବିଭିନ୍ନ କମେଣ୍ଟ କରିଛନ୍ତି। ଏବେ ସୁଦ୍ଧା ପିଗିଙ୍କର ଏହି ଭିଜୁଆଲକୁ ୮ ହଜାରରୁ ଅଧିକ ଲୋକ ଦେଖି ପ୍ରଶଂସା କରିଛନ୍ତି ଓ ତାଙ୍କ ଜେଜେ ଓ ଜେଜେ ମା'ଙ୍କ ଓଠରେ ସେ ହସ ଫୁଟାଇ ପାରିଛନ୍ତି ବୋଲି କମେଣ୍ଟ ଦେଇଛନ୍ତି।

# ଦୁଇମୁଣ୍ଡିଆ କଇଁଛ

**ୱାଶିଂଟନ:** ପ୍ରକୃତିରେ ବେଳେବେଳେ ଅନେକ ପ୍ରକାରର ବିସ୍ମୟ ବି ଦେଖିବାକୁ ମିଳିଥାଏ। ଠିକ୍ ଏମିତି ଏକ ବିସ୍ମୟ ଦେଖିବାକୁ ମିଳିଛି ଏକ କଇଁଛ ପାଖରେ। ସାଧାରଣତଃ କଇଁଚର ଗୋଟିଏ ମୁଣ୍ଡଥିବା ସମସ୍ତେ ଦେଖିଛନ୍ତି, କିନ୍ତୁ ଦୁଇଟି ମୁଣ୍ଡଥିବା ଏକ ବିରଳ କଇଁଛ ଏବେ ମିଳିଛି ଆମେରିକାରେ। ଏଠାରେ ଭିର୍ଜିନିଆ ଲିଭିଙ୍ଗ୍ ମ୍ୟୁଜିଅମ୍‌ରେ ଏହି କଇଁଚଟି ରହିଛି। ଦୁଇମୁଣ୍ଡ ଥିବା ଏହି କଇଁଛ ସମ୍ପର୍କରେ ସୋସିଆଲ୍ ମିଡିଆରେ ଏକ ଭିଡିଓ ପୋଷ୍ଟହେବା ପରେ ଏହି ଖବର ଜଣାପଡ଼ିଛି।

ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓ ଅନୁସାରେ କଇଁଛଟି ଏକ ଟ୍ୟାଙ୍କ୍ ମଧ୍ୟରେ ଥିବା ଶିଉଳି ଓ ଗୁଳ୍ମ ଭିତରେ ରହିଛି। ଦୁଇଟି ମୁଣ୍ଡଥିବାରୁ ଏହା ଦେଖିବା ପାଇଁ ଭିନ୍ନ ମନେ ହେଉଛି। ତେବେ ଏହାର ଦୁଇଟି ମୁଣ୍ଡ ହେବା ନେଇ ବୈଜ୍ଞାନିକମାନେ କହନ୍ତି, ଏଭଳି ସ୍ଥିତିକୁ ପଲିସିଫାଲି ଅର୍ଥାତ୍ ଦୁଇମୁଣ୍ଡବିଶିଷ୍ଟ କୁହାଯାଏ। ଏଭଳି ଘଟଣା ବିରଳ ହୋଇଥିଲେ ବି ଅନେକ ସମୟରେ କଇଁଛଙ୍କ କ୍ଷେତ୍ରରେ ଏହା ଦେଖାଯିବା ଅସମ୍ଭବ ନୁହେଁ। ତେବେ କଇଁଛର ଦୁଇଟି ମୁଣ୍ଡ ଥିବା ନେଇ ଅଧିକାଂଶ ଲୋକ ଏହାକୁ ଏକ ଭିନ୍ନ ତଥା କ୍ୟୁଟ୍ ଜୀବ ବୋଲି ବର୍ଣ୍ଣନା କରିଛନ୍ତି।



# ସର୍ବାଧିକ ସର୍ଚ୍ଚ ପ୍ରଶ୍ନ 'ସେଲ୍ଫ କେୟାର'



**ନୂଆଦିଲ୍ଲୀ:** ବିଶ୍ୱ ମହାମାରୀ କରୋନା ଚିକିତ୍ସା ପାଇଁ ଔଷଧ ନ ଥିବାରୁ ଡାକ୍ତର, ବିଶେଷଜ୍ଞମାନେ ନିଜ ନିଜ ଶରୀରର ଯତ୍ନ ନେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଉପଯୁକ୍ତ ସମୟରେ ଏବଂ ସନ୍ତୁଳିତ ଖାଦ୍ୟ ଖାଇବା, ଠିକ୍ ସମୟରେ ଶୋଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏହି ଭୟଙ୍କର ରୋଗର ପ୍ରତିଷେଧକ ନ ଥିବାରୁ ଏବେ ରୋଗ ପ୍ରତିରୋଧକ ଶକ୍ତି ମଜଭୁତ କରିବାକୁ ବିଭିନ୍ନ ଉପାୟ ଆପଣାଇବା ଲାଗି ମଧ୍ୟ କୁହାଯାଉଛି। ତେବେ ଏ ସବୁ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାକୁ ଲୋକେ ସର୍ଚ୍ଚ ଇଞ୍ଜିନ ଗୁଗଲକୁ ସାଥୀ କରିଛନ୍ତି। ବର୍ତ୍ତମାନ ସମୟରେ 'ସେଲ୍ଫ କେୟାର' (ସ୍ୱଂୟ ଯତ୍ନ) କିପରି ନେଇପାରିବା ସେନେଇ ଲୋକେ ଗୁଗଲରେ ସର୍ଚ୍ଚ କରୁଛନ୍ତି। ଏହି ପ୍ରଶ୍ନ ବର୍ତ୍ତମାନ ସମୟରେ ସର୍ବାଧିକ ଥର ସର୍ଚ୍ଚ କରାଯାଇଥିବା ନେଇ ଗୁଗଲ ପକ୍ଷରୁ ସୂଚନା ଦିଆଯାଇଛି।

ଗୁଗଲ ଏହାର ସର୍ବୋଚ୍ଚ ସନ୍ଧାନଗୁଡିକ ସମ୍ପର୍କରେ ସୂଚନା ଦେଇ କହିଛି, ଲୋକେ ଏବେ ଶାରୀରିକ ସୁସ୍ଥତା ସମ୍ପର୍କିତ ପ୍ରଶ୍ନ ଅଧିକ ମାତ୍ରାରେ ସର୍ଚ୍ଚ କରୁଛନ୍ତି। ସେଥିମଧ୍ୟରେ ସେଲ୍ଫକେୟାର, ବ୍ରିଦିଂ ଏକ୍ସରସାଇଜ୍ ବା ଶ୍ୱାସକ୍ରିୟାଜନିତ ବ୍ୟାୟାମ, ମେଡିକେଶନ, କିପରି ମନକୁ ଶାନ୍ତ ରଖିବା, ଟାଇମ୍ ପାସ୍ କରିବାର ଉପାୟ ଆଦି ଅଧିକ ଥର ସର୍ଚ୍ଚ ଲିଷ୍ଟରେ ରହିଛି। କରୋନା ଯୋଗୁ ସୀମିତ ସ୍ଥାନ ମଧ୍ୟରେ ଜୀବନ ଅଟକି ଯାଇଥିବାରୁ ଲୋକଙ୍କ ଜୀବନଶୈଳୀ ପ୍ରଭାବିତ ହୋଇଛି। ଏସବୁ ଯେପରି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ନ ପକାଏ, ସେଥିପ୍ରତି ଅଧିକାଂଶ ଲୋକେ ସଚେତନ ହେବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କ ମନରେ ଆସୁଥିବା ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଗୁଗଲରେ ସର୍ଚ୍ଚ କରୁଛନ୍ତି। ସେହିପରି ନିଜକୁ କିପରି ସଙ୍ଗଠିତ କରିହେବ, ଘର ସଜାଇବା ଶୈଳୀ ମଧ୍ୟ ଏହି ସର୍ଚ୍ଚ ତାଲିକାରେ ରହିଛି।

# କୁକୁରର ପୁସ୍ ଅପ୍ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ:** ନିଜକୁ ଫିଟ୍ ରଖିବା ପାଇଁ ସମସ୍ତେ ଯୋଗ ଏବଂ ବ୍ୟାୟାମ କରିଥାନ୍ତି। ଏବେ ତ ବିଭିନ୍ନ ପ୍ରକାରର ବ୍ୟାୟାମକୁ ନେଇ ସୋସିଆଲ୍ ମିଡିଆରେ ବିଭିନ୍ନ ପ୍ରକାରର ଚ୍ୟାଲେଞ୍ଜ ବି ଦିଆଯାଉଛି। କିଛିଦିନ ତଳେ ସୋସିଆଲ୍ ମିଡିଆରେ ଲୋକେ ପୁସ୍ ଅପ୍ ଚ୍ୟାଲେଞ୍ଜ ଦେଉଥିଲେ। ଏବେ ଏହି ଚ୍ୟାଲେଞ୍ଜକୁ କୁକୁରମାନେ ବି ଫଲୋ କରୁଛନ୍ତି। ଅର୍ଥାତ୍ କୁକୁର ବି ବ୍ୟାୟାମ କରୁଛନ୍ତି। କୁକୁରଟିଏ ପୁସ୍ ଅପ୍ କରୁଥିବାର ଏକ ଭିଜୁଆଲ୍ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚିତ ହୋଇଛି।

ବ୍ୟାୟାମ କରୁଥିବା କୁକୁରଟି ହେଉଛି ଅଷ୍ଟ୍ରେଲିଆ ପୋଲିସ୍ ଫୋର୍ସର। ଅଷ୍ଟ୍ରେଲିଆ ପୋଲିସ୍‌ଙ୍କ ସହିତ କୁକୁରଟି ଏକାଠି ବସି ପୁସ୍ ଅପ୍ ଚ୍ୟାଲେଞ୍ଜକୁ ଗ୍ରହଣ କରି ତାଙ୍କ ସହିତ ସମାନ ଭାବରେ ଏହାକୁ କରୁଛି। କୁକୁରଟିର ଏଭଳି ଭାବରେ ପୁସ୍ ଅପ୍ ମାରିବା ଲୋକଙ୍କୁ ବେଶ୍ ମଜାଦାୟକ ମନେ ହୋଇଛି। ସେଥିପାଇଁ ସୋସିଆଲ୍ ମିଡିଆରେ ଏହି ଭିଡିଓକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ଭିଡିଓଟିକୁ ଏବେ ସୁଦ୍ଧା ୧.୭ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ୮ ହଜାରରୁ ଅଧିକ କମେଣ୍ଟ ମିଳିଛି। ଭିଡିଓକୁ ଦେଖିବା ପରେ କିଛିଲୋକ ଏହାକୁ ପ୍ରେରଣାଦାୟକ କହିଥିବାବେଳେ କେତେକ ଏହାକୁ ଏକ ସୁନ୍ଦର ଆଉ ସୁନାପିଲା ଭଳି କାମ ବୋଲି କହିଛନ୍ତି। ତେବେ କୁକୁରର ପୁସ୍ ଅପ୍ ଷ୍ଟାଇଲ୍ ଲୋକଙ୍କୁ ଆକୃଷ୍ଟ କରିବା ସହ ଜୀବନରେ ବ୍ୟାୟାମର ଉପକାରିତାକୁ ମନେ ପକାଇ ଦେଇଛି। ଆଉ କେତେଜଣ ତ ଏହି ପୋଲିସ୍ କୁକୁରଟିକୁ ଜିମ୍ ଟ୍ରେନର ହେବା ପାଇଁ ପରାମର୍ଶ ଦେଇଛନ୍ତି।



# ଘର ପାଲଟିଲା ସିନେମା ହଲ୍

**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ପାଇଁ ଏବେ ସବୁ ସିନେମା ହଲ୍‌କୁ ବନ୍ଦ କରି ଦିଆଯାଇଛି। ସେଥିପାଇଁ ଘର ବାହାରେ ମନୋରଞ୍ଜନର କୌଣସି ସୁବିଧା ନାହିଁ। କିନ୍ତୁ ଏଭଳି ଏକ ସମୟରେ ନିଜ ଘରକୁ ବି ସିନେମା ହଲ୍‌ର ରୂପ ଦେଇହେବ। ଏଭଳି ଏକ ଚିନ୍ତାକୁ ରୂପ ଦେଇଛନ୍ତି ମାଇକେଲ୍ ଓ ମାରିସା। ଏହି ଦମ୍ପତ୍ତି ନିଜ ଘରକୁ ସିନେମା ହଲର ରୂପ ଦେଇ ଏକ ସୁନ୍ଦର ଟିକ୍ ଟକ୍ ଭିଡିଓ କରି ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି।

ମାଇକେଲ୍ ହିଁ ତାଙ୍କ ଜୀବନସାଥୀ ମାରିସାଙ୍କ ପାଇଁ ଘରକୁ ସିନେମା ହଲ୍‌ରେ ପରିଣତ କରି ଦେଇଛନ୍ତି। ତେଣୁ ମାରିସା ପ୍ରଥମେ ଘର ଭିତରକୁ ଆସିବା ପୂର୍ବରୁ କାଗଜରେ ଡିଜାଇନ୍ ହୋଇ ଲେଖାଥିବା ଏକ ସିନେମା ଟିକେଟ୍ ତାଙ୍କୁ ଧରାଇ ଦିଆଯାଉଛି। ଏହାପରେ ଜଣେ ତାଙ୍କୁ ଚେକ୍ କରି ଭିତରକୁ ପ୍ରବେଶ କରାଉଛି। ଭିତରକୁ ପ୍ରବେଶ କରିବା ମାତ୍ରେ ତାଙ୍କ ନିଜ ଘରେ ତାଙ୍କୁ ସିନେମା ହଲ୍ ଭଳି ଅଡିଟୋରିଅମ୍, ୱାଶ୍‌ରୁମ୍, ଟା କଫି ଆଦି ସବୁକିଛି ସ୍ୱତନ୍ତ୍ର ଶୈଳୀରେ ମିଳିଯାଉଛି। ସିନେମା ହଲ୍ ଭଳି ତାଙ୍କୁ ଏକ ବଡ଼ ଜାଗାରେ ଚିପ୍ସ ଓ ପପ୍‌କର୍ଣ୍ଣ ଦେଇ ପାଛୋଟି ନେଉଛନ୍ତି ତାଙ୍କ ସାଥୀ ମାଇକେଲ୍। ଏହାପରେ ଘର ଭିତରେ ସେମାନେ ଏକ ସୁନ୍ଦର ଆଲୋକ ସଜ୍ଜା ପରିବେଶରେ ଟିଭି ଦେଖୁଛନ୍ତି।

ମାଇକେଲଙ୍କ ଏଭଳି ଏକ ଚିନ୍ତାଧାରା ଏବେ ତାଙ୍କ ସାଥୀଙ୍କୁ ତ ଇମ୍ପ୍ରେସ୍ କରିପାରିଛି ତା'ସହ ସାଧାରଣ ଲୋକଙ୍କୁ ବି ବେଶ୍ ପସନ୍ଦ ଆସିଛି। ଏହି ଟିକ୍ ଟକ୍ ଭିଜୁଆଲ୍ ପୋଷ୍ଟ ହେବାର ମାତ୍ର ଚାରିଦିନ ପରେ ଏହାକୁ ୧.୩ ମିଲିଅନ୍‌ରୁ ଅଧିକ ଲୋକ ପସନ୍ଦ କରିଛନ୍ତି। ଏହା ସହିତ ୮ହଜାରରୁ ଅଧିକ ଲୋକ ଏନେଇ ସୁନ୍ଦର ସୁନ୍ଦର କମେଣ୍ଟ ବି ଦେଇଛନ୍ତି। ନିଜସାଥୀଙ୍କୁ ଇମ୍ପ୍ରେସ୍ କରିବା ପାଇଁ ଏତେ ସୁନ୍ଦର ଶୈଳୀର ପରିକଳ୍ପନାକୁ ନେଇ ଲୋକେ ମାଇକେଲଙ୍କୁ ଢେର୍ ପ୍ରଶଂସା କରିଛନ୍ତି।



# ଗୋଇଠିରେ ଫୁଟ୍‌ବଲ



**ନୂଆଦିଲ୍ଲୀ:** ଫୁଟବଲ୍ ଖେଳର ବିଭିନ୍ନ କୌଶଳକୁ ଆପଣାଇ ବେଳେବେଳେ ଲୋକେ ଚର୍ଚ୍ଚିତ ହୋଇଥାନ୍ତି। ତେବେ ଫୁଟବଲକୁ ନିଜ ଗୋଇଠିରେ ଚଲାଇବାର ଏକ ସ୍ୱତନ୍ତ୍ର ତଥା ଅଦ୍ଭୁତ କଳା ପ୍ରଦର୍ଶନ କରି ଇଣ୍ଟରନେଟ୍‌ରେ ଲୋକପ୍ରିୟ ହୋଇଛନ୍ତି ଜଣେ ମହିଳା ରକୁଲ୍ ବେନେଟି।

ରକୁଲ୍ ହେଉଛନ୍ତି ବ୍ରାଜିଲର ମୂଳ ବାସିନ୍ଦା, କିନ୍ତୁ ଏବେ ସେ ଇଣ୍ଟରନେଟ୍‌ରେ ଢେର୍ ଲୋକପ୍ରିୟତା ହାସଲ କରିଛନ୍ତି। ରକୁଲଙ୍କୁ ଫୁଟବଲ୍ ଖେଳ ପ୍ରତିଭା କ୍ଷେତ୍ରରେ ରାଣୀ ବୋଲି କୁହାଯାଉଛି। ତେବେ ତାଙ୍କର ଏହି ପ୍ରକାର ଗୋଇଠିରେ ଫୁଟବଲ ଚଲାଇବାର ଦକ୍ଷତା ପାଇଁ ସେ ଏତେ ଲୋକପ୍ରିୟ ହୋଇଛନ୍ତି ଯେ, ଇଣ୍ଟରନେଟ୍‌ରେ ସେ ନିଜର ଏକ ଆକାଉଣ୍ଟ ଖୋଲି କେବଳ ଫୁଟବଲ୍‌ର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ରକୁଲଙ୍କ ଫୁଟବଲ୍ ନେଇ ଏଭଳି ଦକ୍ଷତା ବହୁଦିନର ଏବଂ ସେ ଇଣ୍ଟରନେଟରେ ସେ ବହୁଦିନରୁ ସ୍ୱତନ୍ତ୍ରତା ସୃଷ୍ଟି କରିଛନ୍ତି। କିନ୍ତୁ ଏବେ ହଠାତ୍ ତାଙ୍କର ଏ ସମ୍ପର୍କିତ ଏକ ଭିଜୁଆଲ ଭାଇରାଲ୍ ହୋଇଛି। ମାତ୍ର ଦୁଇଘଣ୍ଟା ଭିତରେ ତାଙ୍କ ଭିଡିଓକୁ ବହୁସଂଖ୍ୟାରେ ଲୋକେ ଲାଇକ୍ କରିବା ସହ କମେଣ୍ଟ ବି ଦେଇଛନ୍ତି। ଏମିତିକି କ୍ରୀଷ୍ଟିନା ରୋନାଲ୍ଡୋ ଏବଂ ଲିଓନେଲ୍ ମେସିଙ୍କ ଭଳି ଫୁଟବଲ୍ ଖେଳାଳି ମଧ୍ୟ ତାଙ୍କୁ ପ୍ରଶଂସା କରି ତାଙ୍କ ଭିଡିଓକୁ ନିଜ ଆକାଉଣ୍ଟରେ ଶେୟାର କରିଛନ୍ତି।

# ଅକ୍ଷୟଙ୍କ ପୁଣି ବଦାନ୍ୟତା

**ମୁମ୍ବାଇ:** ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାରଙ୍କ ବଦାନ୍ୟତା ପୁଣି ଦେଖିବାକୁ ମିଳିଛି। କରୋନା ଯୁଦ୍ଧରେ ଆଗଧାଡିର ଯୋଦ୍ଧା ସାଜିଥିବା ମୁମ୍ବାଇ ପୋଲିସ ପାଇଁ ଏଥର ସହଯୋଗର ହାତ ବଢାଇଛନ୍ତି ଅକ୍ଷୟ। ଏଥର ସେ ମୁମ୍ବାଇ ପୋଲିସକୁ ୧ହଜାର ରିଷ୍ଟ ବ୍ୟାଣ୍ଡ ଦାନ କରିଛନ୍ତି। ଏହି ବ୍ୟାଣ୍ଡ ମାଧ୍ୟମରେ କୋଭିଡ-୧୯ର ଲକ୍ଷଣ ସମ୍ପର୍କରେ ସୂଚନା ମିଳିପାରିବ। ତେବେ ମୁମ୍ବାଇ ପୋଲିସ ପ୍ରଥମ ଅର୍ଗାନାଇଜେଶନ ଭାବେ ଏହା ବ୍ୟବହାର କରିବାକୁ ଯାଉଛି। ଏହି ବ୍ୟାଣ୍ଡ ବାନ୍ଧିବା ପରେ ଏଥିରେ ବଡି ଟେମ୍ପରେଚର, ହାର୍ଟ ବିଟ୍, ବ୍ଲଡ ପ୍ରେସର, ଷ୍ଟେପ୍ କାଉଣ୍ଟ ଓ କ୍ୟାଲୋରୀ ସମ୍ପର୍କରେ ସୂଚନା ମିଳିପାରିବ। ତେବେ ଅକ୍ଷୟ ଏହି ରିଷ୍ଟ ବ୍ୟାଣ୍ଡ ପ୍ରସ୍ତୁତକାରୀ କମ୍ପାନୀର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହାକୁ ଘଣ୍ଟା ଭଳି ଜଣେ ହାତରେ ବାନ୍ଧି ପାରିବେ। ଏଥିରେ ଥିବା ସେନ୍‌ସର ବଡି ଟେମ୍ପରେଚର, ହାର୍ଟ ବିଟ୍, ବ୍ଲଡ ପ୍ରେସର ଆଦି ବିଷୟରେ ସୂଚନା ପ୍ରଦାନ କରିବ। ସୂଚନାଯୋଗ୍ୟ, ଏହାପୂର୍ବରୁ ଅକ୍ଷୟ ମୁମ୍ବାଇ ପୋଲିସକୁ କରୋନା ସହ ଲଢିବାକୁ ୨ କୋଟିଟଙ୍କା ଦାନ କରିଥିଲେ। ଏଥିପାଇଁ ମୁମ୍ବାଇ ପୋଲିସ କମିଶନର ଅକ୍ଷୟଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ବିଏମ୍‌ସିକୁ ପିପିଇ, ମାସ୍କ ଓ ର୍‌ୟାପିଡ ଟେଷ୍ଟକିଟ୍ କ୍ରୟ କରିବାକୁ ୩ କୋଟି ଟଙ୍କାର ସାହାଯ୍ୟ ଦେଇଥିବା କୁହାଯାଏ।



## କବିତା

### ଆସ ମଜା ନେବା ଗ୍ରୀଷ୍ମର

ଗ୍ରୀଷମ ଆସିଛି ଉଷୁମ ବଢ଼ିଛି
ଶୁଖିଯାଏ ନଈ ପୋଖରୀ
ଉତ୍ତପ୍ତ ସନ୍ତପ ଜନେ ଆବୋରିଛି
ବିଷମ ଏ ଉଷ୍ମ ଭଉଁରି।
ମଲ୍ଲୀ ଫୁଟି ଉଠେ ବାସ ତହିଁ ଛୁଟେ
ନ କରି ଖରାର ଖାତିରି
କୃଷ୍ଣଚୂଡ଼ା ହସେ ଉତ୍ତାପ ପରଶେ
ଯାଏ କି ସେ ଗ୍ରୀଷ୍ମରେ ଡରି।
ରସାଳ ପଣସ ମହକ ଛାଡିଲା
ଆମ୍ବ ପାଚି ଟହଟହ



ତାଳ ସଜ ରସ ମଧୁର ସରସ
ଲଙ୍କା ଆମ୍ବ ମହମହ।
ତରଭୁଜ ଜଳ, କାକୁଡି ସଜଳ
ବେଲପଣା, ଜଳ ପୁଣି ଦହି ଘୋଳ
ଥିଲେ ଡର କି ଗ୍ରୀଷ୍ମର ?
ଧୂମାଳ ଆସୁଛି କେବେ ବର୍ଷା
ପଡେ କୁଆ ପଥରର ମାଡ଼
ବଜର ବିଜୁଳି ଅତାନେ କଚାଡେ
ସୌଦାମିନୀ ଚଡଚଡ।
ଗ୍ରୀଷ୍ମ ଆବହାୱା ବିସ୍ତାରିଛି କାୟା
ଦିବସ ରଜନୀ ବ୍ୟାପି
ସୁଖ ସହିଥିଲେ ଦୁଃଖ ବି ସହିବା
ରୀତି ଏ ଜୀବନବ୍ୟାପୀ।

**–ଶିବ ପ୍ରସାଦ ରାଉତ**
ବଛୁଦା, ଜଗନ୍ନାଥପୁର, ଭଦ୍ରକ

### ଭାରି ଭଲ ଲାଗେ

ଭାରି ଭଲ ଲାଗେ ଫୁଲ ବଗିଚାର
ସଜ ଫୁଟା ଫୁଲ ବାସ
ଭାରି ଭଲ ଲାଗେ ରାତି ଆକାଶରେ
ଚାନ୍ଦଟିର ରୁପା ହସ।
ଭାରି ଭଲ ଲାଗେ ଟିକି ଗାଆଁଟିର
ଗଛ, ଲତା ଆଉ ଡାଳ
ଭାରି ଭଲ ଲାଗେ ଟିକି ଗଛଟିର
ମିଠା କୋଳି ମିଠା ଫଳ।
ଭାରି ଭଲ ଲାଗେ ପୁନେଇଁ ପରବ
ସାଙ୍ଗସାଥୀ ଭୋଜି ଭାତ।
ଭାରି ଭଲ ଲାଗେ ଛୋଟ ପିଲାଙ୍କର
ଖେଳ ସାଥେ ନାଚ, ଗୀତ।
ଭାରି ଭଲ ଲାଗେ ଶୀତ ସକାଳର
କଅଁଳ ତ ସେଇ ଖରା
ଭାରି ଭଲ ଲାଗେ ଗଛଟିରେ ଯେବେ
ହୋଇଥିଲେ ଫୁଲ ଭରା।
ଭାରି ଭଲ ଲାଗେ କୁନି ପିଲାଟିର
ମଧୁର ମଧୁର ହସ
ଭାରି ଭଲ ଲାଗେ ମିଠା ଫଳଟିର
ଖାଇବା ପାଇଁକି ରସ।

*–ଦୀପାଳି ଦିପାନ୍ୱିତା ସିଂହ*
*ସିମିନଈ, ଢେଙ୍କାନାଳ*

## ଅପାସୋରା ସ୍ମୃତି

# ସାଇକେଲ୍

ହରବର ବା ତରବର ହୋଇ କାମ କଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିପାଇଁ ମହାପୁରୁଷମାନେ କହିଥିଲେ ; ବୁଝି ବିଚାରି କାମ କଲେ ପ୍ରମାଦ ନ ପଡଇ ଭଲେ। ଅନ୍ୟମନସ୍କତା କିମ୍ବା କାର୍ଯ୍ୟବ୍ୟସ୍ତତା ହୋଇ କୌଣସି କାମ କରିବା ଦ୍ୱାରା କୁଫଳ ମିଳିବାର ଆଶଙ୍କା ଥାଏ।



ମୋ ଜୀବନରେ ଘଟିଥିବା ଏମିତି ଏକ ଘଟଣାକୁ ମୁଁ ଏଠାରେ ଉପସ୍ଥାପନା କରୁଛି। ଅନେକ ଦିନ ତଳର କଥା। ସେତେବେଳେ ମୁଁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ ପଢୁଥାଏ। ଦିନେ ହଠାତ୍ ସ୍ଥିର କଲି ଭୁବନେଶ୍ୱର ଅଭିମୁଖେ ଯାତ୍ରା ପାଇଁ। ମୁଁ ଭୁବନେଶ୍ୱର ଯିବାର ଏକ ଅଣସଂରକ୍ଷିତ ଟିକେଟ୍ ଲାଗି ମୋର ଆଟ୍ଲାସ୍ ସାଇକେଲରେ ସମ୍ବଲପୁର ରୋଡ୍ ରେଳ ଷ୍ଟେସନକୁ ଯାଇଥିଲି। ପ୍ରଥମେ ଟିକେଟ୍ କାମ ସାରିବାକୁ ଭାବିଲି। ମୋ ସାଇକେଲରେ ଚାବି ନ ଥିଲା। ସାଇକେଲ ଚୋରି ହେବାର ଯଥେଷ୍ଟ ଆଶଙ୍କା ଥିଲା । ସେତିକିବେଳେ ବାଧ ହୋଇ ମା' ସମଲେଇଙ୍କୁ ସ୍ମରଣ କରି ମୋ ସାଇକେଲଟିକୁ ଷ୍ଟେଶନକଡରେ ଥିବା କାନ୍ଥରେ ଡେରି ଦେଇ ଷ୍ଟେଶନ ଭିତରକୁ ଗଲି। ସେଦିନ ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ବେଶୀ ଭିଡ ନ ଥିଲା। ତେଣୁ କାମ ଶୀଘ୍ର ସରିଗଲା। ମୋର ମନ ସାଇକେଲ ପାଖରେ ଥାଏ। ହେଲେ ତରବରରେ ଅନ୍ୟମନସ୍କ ଭାବେ ମୁଁ ମୋ ସାଇକେଲଟିକୁ ଛାଡି ଅନ୍ୟଜଣଙ୍କର ସାଇକେଲ ଧରି ବହି ଦୋକାନକୁ ପୁସ୍ତକ କିଣିବା ପାଇଁ ଚାଲି ଗଲି। ସେ ସାଇକେଲଟି ମଧ ଆଟ୍ଲାସ୍ ଥିଲା। ଆଉ ସେଥିରେ ମୋ ସାଇକେଲ ଭଳି ଚାବି ନ ଥିଲା। କିଛି ସମୟ ପରେ ବହି ଦୋକାନରୁ ପୁସ୍ତକ କିଣିସାରି ମୁଁ ଯେତେବେଳେ ସାଇକେଲ ନିକଟକୁ ଆସିଲି ଜାଣିବାକୁ ପାଇଲି ଯେ ଉକ୍ତ ସାଇକେଲଟି ମୋର ନୁହେଁ। ମୁଁ ଭାବିଲି ଲୋକଟି ବୋଧ ହୁଏ ମୋ ସାଇକେଲଟି ନେଇଯାଇ ସେ ତା' ସାଇକେଲଟି ଛାଡି ଯାଇଛି । ଏବେ ମୁଁ କ'ଣ କରିବି ଚିନ୍ତାରେ ପଡ଼ିଗଲି। ମୁଁ କିଛି କ୍ଷଣ ଭାବିଲି ; ମୋ ଛଡ଼ା ତ ସେ ବହି ଦୋକାନକୁ ଆଉ କେହି ଆସି ନ ଥିଲେ ! ଭୁଲ୍‌ବଶତଃ ସାଇକେଲଟିକୁ ଷ୍ଟେଶନ ନିକଟରୁ ନେଇ ଆସିଥାଇ ପାରେ ବୋଲି ମୋ ମନକୁ ସନ୍ଦେହ ହେଲା। ଆଉ ବିଳମ୍ବ ନ କରି ସଙ୍କୋଚ ମନରେ ଷ୍ଟେଶନ ଅଭିମୁଖେ ପୁଣି ଥରେ ବାହାରି ଗଲି। ସେଠାରେ ପହଞ୍ଚି ମୋ ସାଇକେଲଟି ଯଥା ସ୍ଥାନରେ ରହିଥିବାର ଦେଖିବାକୁ ପାଇଲି। ଭୁଲ୍‌ରେ ନେଇଯାଇଥିବା ସାଇକେଲଟିକୁ ଯଥା ସ୍ଥାନରେ ରଖି ଦେଇ ତୁରନ୍ତ ସେଠାରୁ ବାହାରି ଆସିଲି। ମନରେ ଭାଳି ହେଉଥାଏ ; କେହି ମୋତେ ଏହି ସାଇକେଲ ସହ ଦେଖୁ ନାହାନ୍ତି ତ ! ମୋ ଦେହରୁ ସେତିକିବେଳେ ଗମ୍‌ଗମ୍ ଝାଳ ବାହାରୁଥାଏ । ଭାଗ୍ୟ ଭଲ ଯେ ସେହି ସାଇକେଲ ମାଲିକର କାମ ବୋଧ ହୁଏ ସରି ନ ଥିଲା । ସେଥିପାଇଁ ମୁଁ ବିପଦରୁ ବଞ୍ଚିଗଲି। ନଚେତ କିଏ ମୋତେ ଦେଖିଥିଲେ ସାଇକେଲ ଚୋରି କରୁଛ ବୋଲି କହିଥାନ୍ତା। ଆବଶ୍ୟକସ୍ଥଳେ ଉତ୍ତମ ମଧ୍ୟମ ମଧ ଖାଇଥାନ୍ତି। ସେଥିପାଇଁ କଥାରେ ଅଛି ; ଧୀର ପାଣି ପଥର କାଟେ, ହରବର ହେଲେ ଆଣ୍ଠୁ ଫାଟେ। ତରବରିଆ ବା ହରବର କିମ୍ବା ଅନ୍ୟମନସ୍କ ଭାବେ କୌଣସି କାମ କରିବା ଦ୍ୱାରା ବିପଦ ଯେ ପାଖେଇ ଆସେ ମୁଁ ସେଦିନ ଅନୁଭବ କରିଥିଲି।

**–ସାଇପ୍ରସାଦ ସାହୁ**
ସିନ୍ଧେକେଲା, ବଲାଙ୍ଗୀର

## ଆଇନା



ଜିଜ୍ଞାସା
୯ ବର୍ଷ

## ଶିଶୁ ପ୍ରତିଭା

# କୁନି ଚିତ୍ରକର

ତାଙ୍କର ବୟସ ମାତ୍ର ୪ ବର୍ଷ। କିନ୍ତୁ ଜଣେ ଅଭିଜ୍ଞ ଚିତ୍ରକର ଭଳି ସେ ସୁନ୍ଦର ଚିତ୍ର ସବୁ ଆଙ୍କି ପାରୁଛନ୍ତି। ଏହି କୁନି ଚିତ୍ରକର ଜଣକ ହେଉଛନ୍ତି ଶାନ୍ତନୁ ଶାନ୍ତିସ୍ୱରୂପ। ଶାନ୍ତନୁ ଏବେ ପୋଖରୀପୁଟ ଶୋଭନୀୟ ପ୍ଲେ ସ୍କୁଲରେ ପଢୁଛନ୍ତି। ପାଠ ପଢ଼ିବା ସହ ଛୋଟବେଳରୁ କଳାପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଘରେ ଯେତେବେଳେ ସେ ଖାଲି ସମୟରେ ବସିଥାନ୍ତି କିଛି ନା କିଛି ଚିତ୍ର ଆଙ୍କିବାକୁ ବସି ପଡ଼ନ୍ତି। ତାଙ୍କର ଏଭଳି ଏକ କଳାମନସ୍କତାକୁ ଦେଖି ଏବେ ଘର ଲୋକେ ତାଙ୍କୁ ରଙ୍ଗ ତୂଳୀ ସବୁ ଯୋଗାଇ ଦେଇଛନ୍ତି। ଶାନ୍ତନୁଙ୍କ ବାପା ସୁଶାନ୍ତ କୁମାର ସାହୁ ହେଉଛନ୍ତି ଜଣେ ସାମାଜିକ କର୍ମୀ ଆଉ ମାଆ ଅନସୂୟା ଗୃହିଣୀ। ବଡ଼ କଥା ହେଉଛି ଶାନ୍ତନୁ ବିଭିନ୍ନ ଥିମ୍ ନେଇ ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ଚିତ୍ର ସବୁ ଆଙ୍କିଥାନ୍ତି। ଏମିତିକି ସେ ଦେଖୁଥିବା ବିଭିନ୍ନ କାର୍ଟୁନ ଚରିତ୍ରକୁ ବି ନିଜ ପେଣ୍ଟିଂରେ ଦର୍ଶାଇଥାନ୍ତି। ଭବିଷ୍ୟତରେ କଳା କ୍ଷେତ୍ରରେ ଶାନ୍ତନୁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବେ ବୋଲି ତାଙ୍କ ପରିବାର ଲୋକେ ଆଶା ରଖିଛନ୍ତି।




ଶାନ୍ତନୁ

## ଖିଲିଖିଲି ହସ



ଥରେ ଚିଣ୍ଟୁ ତା' ମା'ଙ୍କ ସହ ଟ୍ରେନ୍‌ରେ ଯାଉଥିଲା। ଟ୍ରେନ୍ ଭିତରେ ଚିଣ୍ଟୁର ଦୁଷ୍ଟାମି ଦେଖି ମା' କହିଲେ, ''ଚିଣ୍ଟୁ, ତୁ ଯଦି ଏମିତି ଦୁଷ୍ଟ ହେବୁ ତା'ହେଲେ ତୋତେ ମାଡ଼ ଦେବି।'' ଏକଥା ଶୁଣି ଚିଣ୍ଟୁ କହିଲା–''ମା' ତମେ ଯଦି ମୋତେ ମାଡ଼ ଦେବ ତେବେ ମୁଁ ଟିଟିଆଇଙ୍କୁ ମୋର ଅସଲ ବୟସ କହିଦେବି।''

–ପ୍ରିୟଦର୍ଶିନୀ ସାହୁ, ପାରାଦୀପ, ଜଗତ୍‌ସିଂହପୁର

(ସୋମ୍ ଏବଂ ଓମ୍ ମଧ୍ୟରେ କଥାବାର୍ତ୍ତା)
ସୋମ୍ : ଓମ୍, ତୁ ଜାଣିଛୁ, ମୋ ବାବା କେବେ ସେଲୁନ୍ ଯାଆନ୍ତି ନାହିଁ।
ଓମ୍ : କାହିଁକି ?
ସୋମ୍ : କାରଣ ତାଙ୍କର ଆଦୌ କେଶ ନାହିଁ ଅର୍ଥାତ୍ ସେ ଚନ୍ଦା।

**–ପ୍ରଶାନ୍ତ ନାୟକ,**
ସୁନାବେଡା, କୋରାପୁଟ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସାଇକେଲ୍ ଚଳାଇ ବିଦେଶ ଭ୍ରମଣ



ପିଲାମାନେ, ତୁମମାନଙ୍କ ମଧ୍ୟରୁ ଅନେକ ସାଇକେଲ୍ ଚଲାଇବା ଶିଖିଥିବ। କେହି କେହି ସାଇକେଲ ନେଇ ସ୍କୁଲ କିମ୍ବା ଟ୍ୟୁଶନ୍ ଯାଉଥିବ। କିନ୍ତୁ ସାଇକେଲ ଚଲାଇ ବିଭିନ୍ନ ଦେଶକୁ ଯିବା କଥା କେବେ କେହି ଚିନ୍ତା କରି ନ ଥିବ। ମାତ୍ର ଏଭଳି ଏକ କାମକୁ ସଫଳ କରି ଗିନିଜ୍ ୱାର୍ଲଡ ରେକର୍ଡର ଅଧିକାରୀ ହୋଇଛନ୍ତି ଜେନି ଗ୍ରାହମ୍। ବର୍ଲିନରୁ ସାଇକେଲରେ ଲଗାତର ୧୨୪ ଦିନ ଯାତ୍ରା କରି ସେ ଏସିଆ ଓ ୟୁରୋପର ବିଭିନ୍ନ ଦେଶ ଭ୍ରମଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମ ମହିଳା ଭାବରେ ସେ ଏପରି ସଫଳତା ହାସଲ କରିଛନ୍ତି। ଏହି ପରିଭ୍ରମଣ ସମୟରେ ସେ ଦିନକୁ ୧୧ ଘଣ୍ଟା ଲେଖାଏ ସାଇକେଲ ଚଲାଇ ୧୮,୦୦୦ ମାଇଲ୍ ଅତିକ୍ରମ କରିଥିଲେ। ଏଭଳି ଏକ ଯାତ୍ରା କରିବା ନିମନ୍ତେ ସେ ବହୁ ଆଗରୁ ପ୍ରସ୍ତୁତି ଚଳାଇଥିଲେ। ନିଜକୁ ଫିଟ୍ ରଖିବା ପାଇଁ ବିଭିନ୍ନ ପ୍ରକାରର ଏକ୍ସରସାଇଜ୍ ସହିତ ତାଙ୍କ ଗନ୍ତବ୍ୟସ୍ଥଳ ନିମନ୍ତେ ଭିଜା ପାଇଁ ମଧ ଆବେଦନ କରିଥିଲେ। ଜେନି ବର୍ଲିନରୁ ଯାତ୍ରା ଆରମ୍ଭ କରି ୟୁରୋପର ପୋଲାଣ୍ଡ, ଲିଥୁଆନିଆ, ଲାଟ୍‌ଭିଆ ଏବଂ ରୁଷିଆ, ମଙ୍ଗୋଲିଆ ଓ ଚାଇନାର ବିଭିନ୍ନ ଅଞ୍ଚଳକୁ ଯାଇ ଫେରିଥିଲେ। ଏଭଳି ଏକ ଯାତ୍ରାରେ ଜେନି ବହୁ ପ୍ରକାର କଷ୍ଟ ସହିଥିଲେ। ଖରା ବର୍ଷା ସାଙ୍ଗକୁ ଅନେକ ସମୟରେ ଖରାପ ଓ ଝଡ଼ବାତ୍ୟାକୁ ବି ସେ ସାମ୍ନା କରିଥିଲେ। କିନ୍ତୁ ଏସବୁ ସତ୍ତ୍ୱେ ନିଜ ଗନ୍ତବ୍ୟସ୍ଥଳରୁ କେବେ ପଛକୁ ହଟି ନ ଥିଲେ। ସେଥିପାଇଁ ଆଜି ସେ ଗିନିଜ୍ ରେକର୍ଡ କରିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ଟଗଲା ଭୀମୁ




## ଜଣା ଅଜଣା

# ଅଜବ ଦେଶ ସିଙ୍ଗାପୁର

– ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତିଙ୍କ ଦେଶ ସିଙ୍ଗାପୁର। ଏଠାରେ ପ୍ରତି ଛଅ ଜଣରେ ଜଣେ ବ୍ୟକ୍ତି ଲକ୍ଷପତି।

– ଏହି ଦେଶର ମୋଟ ଲୋକସଂଖ୍ୟା ତୁଳନାରେ ଏଠାକୁ ଅଧିକ ପର୍ଯ୍ୟଟକ ଆସିଥାନ୍ତି। ଗତ ବର୍ଷ ଏଠାକୁ ୧ କୋଟି ୨୦ ଲକ୍ଷ ଲୋକ ବୁଲିବାକୁ ଆସିଥିଲେ, କିନ୍ତୁ ଏହି ଦେଶର ମୋଟ ଲୋକସଂଖ୍ୟା ହେଉଛି ୫୭ ଲକ୍ଷ।

– ଏହି ଦେଶରେ ଆପଣ ଚୁଇଁଗମ୍ ଚୋବାଇ ପାରିବେ ନାହିଁ। କାହିଁକିନା ସିଙ୍ଗାପୁରରେ ଚୁଇଁଗମ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଠାରେ କେହି ଚୁଇଁଗମ୍ ଖାଇବା କିମ୍ବା ବିକ୍ରି କରିବାବେଳେ ଯଦି ଧରା ପଡ଼ନ୍ତି ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ୨ ବର୍ଷର କାରାଦଣ୍ଡ ଓ ୧ ଲକ୍ଷ ଡଲାର ଜରିମାନା ଦେବାକୁ ପଡ଼ିଥାଏ।



## ତୁମ ତୂଳୀରୁ



**ଗୀତେସ୍ ରାଉତ୍,**
କ୍ଲାସ୍- ୪,
ବିବେକାନନ୍ଦ ସ୍କୁଲ ଅଫ୍ ଏଜୁକେସନ୍,
ଶିମିଳିପୁର, ବାଙ୍କୀ







**ପାୟଲ ନନ୍ଦୀ,**
କ୍ଲାସ–୯, ଶବର ରେଖା ସରକାରୀ ଉଚ୍ଚ ବିଦ୍ୟାଳୟ,
ବାଦାଗିମୁଲିଆ,
ବାଲିଆପାଳ



**ଧୃତିକାନ୍ତ ବାରିକ,**
କ୍ଲାସ୍–୭, ଡିଏଭି ପବ୍ଲିକ୍ ସ୍କୁଲ ଆଇଟିପିଏସ୍,
ବନହରପାଲି,
ଝାରସୁଗୁଡ଼ା



## ମତାମତ

►ଗତ ସପ୍ତାହରେ ପ୍ରକାଶିତ ଗପ ପଢ଼ି ଅନେକ କଥା ଜାଣିହେଲା।

*–ଶାଶ୍ୱତ କୁମାର ସାହୁ, ଢେଙ୍କାନାଳ*

►ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ତଥା ଶିକ୍ଷଣୀୟ ହୋଇଥିଲା।

*–ଅମିତ କୁମାର ରାଉତ, ଯାଜପୁର*

►ଗତ ସପ୍ତାହରେ 'ବିଜ୍ଞାନ କଥା' ସ୍ତମ୍ଭରେ ପ୍ରକାଶିତ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇପାରିଛି।

*–ତନୁଜା ଦାସ, ପୁରୀ*

►'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସବୁ ସ୍ତମ୍ଭ ପଠନୀୟ ଏବଂ ଶିକ୍ଷଣୀୟ ହୋଇପାରୁଛି।

*–ପୁଣ୍ୟତୋୟା ମହାନ୍ତି,*
*ବଡବିଲ, କେନ୍ଦୁଝର*

## ପ୍ରସ୍ତୁତ ହେଲା ଅଗ୍ନିଶମ ବାହିନୀ

ପୁରୀ ଅଫିସ: ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସଜାଗ କରିଦିଆଯାଇଛି। ଜିଲା ଅଗ୍ନିଶମ ବାହିନୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଶୁକ୍ରବାର ଅଗ୍ନିଶମ ବାହିନୀ କର୍ମଚାରୀମାନେ ବିଭିନ୍ନ ଉପକରଣଗୁଡ଼ିକୁ ବାହାର କରି ସେ ସବୁକୁ ଟେଷ୍ଟ କରିଛନ୍ତି। ବିଶେଷକରି କଟିଙ୍ଗ, ଲାଇଟିଂ, ରେସ୍କ୍ୟୁ ଗିୟର ଆଦି ଠିକ୍ ଭାବେ ଚାଲୁଛି କି ନାହିଁ ତାହାକୁ ପରଖୁଛନ୍ତି। ଗତବର୍ଷ ଫନୀରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିବା ଅଗ୍ନିଶମ ବାହିନୀ ଆଗାମୀ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପ୍ରବାସୀ ଶ୍ରମିକଙ୍କୁ ବସ୍ ଭଡ଼ା, ଖାଦ୍ୟ ଦିଅ

କଟକ ଅଫିସ,୧୫।୫: ପ୍ରବାସୀ ଶ୍ରମିକଙ୍କୁ ବିନା ଭଡ଼ାରେ ବସ୍‌ଯାତ୍ରା, ଖାଦ୍ୟ ଓ ପାନୀୟ ଜଳ, ମେଡିକାଲ୍ ଗାଇଡ୍‌ଲାଇନ ଅନୁଯାୟୀ ଉପଯୁକ୍ତ କ୍ୱାରାଣ୍ଟାଇନ ବ୍ୟବସ୍ଥା, ଅଶାଳୀନ ବ୍ୟବହାର ଦେଖାଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏଭଳି ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)। କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ସମ୍ପାଦକ ଖଗେଶ୍ୱର ସେଠୀ, ସଦସ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ସଂଗଠକ ପାଭେଲ୍ ପ୍ରିୟଦର୍ଶନ, ସ୍ୱାଧୀନୀ ବେହେରା ବିକ୍ଷୋଭରେ ସାମିଲ୍ ଥିଲେ।

### ଜଗା-କାଳିଆଙ୍କୁ ଭେଟିଲେ ମୋକିମ

କଟକ ଅଫିସ,୧୫।୫: ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ନ୍ୟୁରୋ ସର୍ଜରୀ ବିଭାଗରେ ଚିକିତ୍ସାଧୀନ ଥିବା ଜଗା-କାଳିଆଙ୍କୁ ଶୁକ୍ରବାର ଭେଟିଛନ୍ତି ବିଧାୟକ ଇଂ ମହମ୍ମଦ ମୋକିମ୍। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ନିୟମିତ ଖାଦ୍ୟ ଓ ଆନୁଷଙ୍ଗିକ ଚିକିତ୍ସା ରାଜ୍ୟ ସରକାର ବହନ କରୁଥିବାରୁ ସେମାନଙ୍କ ପ୍ରତି ଅବହେଳା ଆଦୌ ସମୀଚିନ ନୁହେଁ ବୋଲି ମୋକିମ କହିଛନ୍ତି। ଏହି ଅବସରରେ ସେମାନଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଅର୍ଥରାଶି ସହାୟତା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ପୁରୁଣା ଭୁବନେଶ୍ୱର,୧୫।୫(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ଗ୍ରାମର ପ୍ରଶାନ୍ତ ମହାପାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୧ ତାରିଖରେ ପାରିବାରିକ କଳହ ସମାଧାନ କରିବା ବାହାନାରେ କେତେଜଣ ଯୁବକ ପ୍ରଶାନ୍ତଙ୍କ ଘରକୁ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରଶାନ୍ତ ମୁଣ୍ଡରେ ଆଘାତ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପ୍ରଶାନ୍ତ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଆକ୍ରମଣକାରୀମାନେ ବୁଲୁଥିବା ଦେଖି ପ୍ରଶାନ୍ତ ପୁଣି ଥାନାରେ ଏତଲା ଦେଇଛନ୍ତି।

### ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୪ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର

ନିଶ୍ଚିନ୍ତକୋଇଲି,୧୫।୫(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଦୁଇ କ୍ୱାରାଣ୍ଟାଇନ କେନ୍ଦ୍ରରୁ ୪ଜଣଙ୍କୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ବଡ଼ଖିର ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ ଓ ନିଶ୍ଚିନ୍ତକୋଇଲିରୁ ଜଣେ ରହିଛନ୍ତି। ଏମାନେ କରୋନା ସଂକ୍ରମିତ ବୋଲି ଚର୍ଚ୍ଚା ହେଉଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ୧୦ତାରିଖରେ ପଞ୍ଚାୟତ ଅହେମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟକୁ ୪୫ ଓ ବଡ଼ଖିର ପଞ୍ଚାୟତର ବାବା ମୁକୁନ୍ଦଦାସ ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୭ଜଣ ପ୍ରବାସୀ ଆସିଥିଲେ।

### ସଂଗ୍ରାମୀ ଭବାନୀଚରଣଙ୍କ ସ୍ମୃତିଚାରଣ

କଟକ ଅଫିସ,୧୫।୫: ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ବିୟୋଗରେ କଟକ ଜିଲା ଉତ୍କଳ ସମ୍ମିଳନୀ ଶୋକ ପ୍ରକାଶ କରିଛି। କାର୍ଯ୍ୟନିର୍ବାହୀ ସଭାପତି ଦେବୀପ୍ରସାଦ ନନ୍ଦ, ସାଧାରଣ ସଂପାଦକ ଶ୍ୟାମସୁନ୍ଦର ସାହୁ, ସଂଗଠନ ସଂପାଦକ ନରସିଂହ ମହାପାତ୍ର, ସଂପାଦକ ଡା. ରାଜକିଶୋର ମହାନ୍ତି, ଶତ୍ରୁଘ୍ନ ପଟ୍ଟନାୟକ, ମାଧବ ମିଶ୍ର, ଆଇନଜୀବୀ ଇଂ ଆକାଶ ଭୂୟାଁ, ଗଗନ ମେହେର, ପ୍ରଶାନ୍ତ ନାୟକ, ବୈଷ୍ଣବ ଦାସ, ଭୁବନାନନ୍ଦ ମହାନ୍ତି, ଡ. ବସନ୍ତ ମଞ୍ଜରୀ ନନ୍ଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସେହିଭଳି ସମ୍ବାଦପତ୍ର ବିକ୍ରେତା ସଂଘ ମଧ ତାଙ୍କର ସ୍ମୃତିଚାରଣ କରିଛି। ଅନୁଷ୍ଠିତ ସଭାରେ ସଂଘ ସଭାପତି ବିଜୟ ପଡ଼ିହାରୀ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ସନ୍ତୋଷ ମହାନ୍ତି, ହାଡ଼ିବନ୍ଧୁ ବେହେରା ଓ ପ୍ରଭାସ ପ୍ରଧାନ ଶୋକ ଜଣାଇଛନ୍ତି।

# ପୁରୀ: ୧୦ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୧୫।୫

- ସମସ୍ତେ ସୁରଟ ଫେରନ୍ତା, କ୍ୱାରାଣ୍ଟାଇନ୍‌ରେ ଥିଲେ
- ୫ ଦିନରେ ଚିହ୍ନଟ ହେଲେଣି ୧୩
- ମୋଟ ୧୪ ଜଣଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି

ପୁରୀ ଜିଲାରେ ପୁଣି ୧୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ ଛୁଇଁଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବା ବେଳେ ୧୩ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତ ନୂଆ ଆକ୍ରାନ୍ତ ସୁରଟ ଫେରନ୍ତା। କିନ୍ତୁ ଗତ ୫ ଦିନରେ ୧୩ ଆକ୍ରାନ୍ତ ଚିହ୍ନଟ ହେବାକୁ ନେଇ ଜିଲାବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଗୁରୁବାର ରାତିରେ ଚିହ୍ନଟ ୧୦ ଜଣ ନୂଆ ଆକ୍ରାନ୍ତ କଣାସ ବ୍ଲକର। ଏମାନେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଙ୍ଗରୋଧ ଭାବେ ରହୁଥିଲେ। ଗତ ୯ତାରିଖରେ ଏମାନଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ୧୪ ତାରିଖ ରାତିରେ ରିପୋର୍ଟ ପଜିଟିଭ ବାହାରିଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସମସ୍ତେ ସୁସ୍ଥ ଥିବା ଜିଲାପାଳ ସୂଚନା ଦେଇଛନ୍ତି। ଆକ୍ରାନ୍ତ ରହୁଥିବା କେନ୍ଦ୍ରକୁ ବିଶୋଧନ କରାଯିବା ସହ ସେଠାରେ ରହୁଥିବା ପ୍ରବାସୀଙ୍କ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ ତାରିଖରେ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହୀର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନରୁ ଫେରିଥିଲେ। ସେ ସୁସ୍ଥ ହୋଇ ଏବେ ଘରେ ଅଛନ୍ତି। ଏହାପରେ ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ କେସ୍ ବାହାରି ନ ଥିଲା। ଫଳରେ କେନ୍ଦ୍ର ସରକାରଙ୍କ ତାଲିକାରେ ପୁରୀ ଗ୍ରୀନ୍ ଜୋନ୍‌ରେ ରହିଥିଲା। ତେବେ ଗତ ୧୦ ତାରିଖରେ ପୁରୀ ସହରରୁ ୨ ଏବଂ ୧୨ ତାରିଖରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ମାସକରେ ଧରାପଡ଼ିଲେଣି ୧୦

ବେଗୁନିଆ,୧୫।୫(ଡି.ଏନ୍.ଏ.)

**ଲକ୍‌ଡାଉନ ବେଳେ ନିଶା କାରବାର**

କରୋନା ଲକ୍‌ଡାଉନ୍ ସମୟରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଗଞ୍ଜେଇ, ରନ୍ଧା ମଦ ଚୋରା ଚାଲାଣ ଚାଲିଛି। ଗତ ଏକ ମାସ ମଧ୍ୟରେ ଅବକାରୀ ବିଭାଗ ଓ ପୋଲିସ ମିଳିତଭାବେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ନିଶା ସାମଗ୍ରୀ ଜବତ କରିବା ସହ ୧୦ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ କହିଛନ୍ତି, ବିଭିନ୍ନ ସ୍ଥାନରେ ନିଶା କାରବାର ଚାଲୁଥିବା ଖବରପାଇ ଚଢ଼ାଉ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଉଛି। ତେବେ କେତେକ କ୍ଷେତ୍ରରେ ପ୍ରମାଣ ଅଭାବରୁ ଜାମିନ ମିଳିଯାଉଛି। ତଥାପି ବିଭାଗ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ସୂଚନାଥାଉ କି, ଏହି ଥାନା ଅଞ୍ଚଳର ସିଉଳା, ଏକଡାଳିଆ, ବଡ଼ପଦର, ରାସୋଳ, ଗେଡିଆପଲ୍ଲୀ, ବୋଲଗଡ଼ ଥାନା ଅଧୀନ ଅସରଳା ଆଦି ଗ୍ରାମରୁ ୮୩ କେଜି ଗଞ୍ଜେଇ, ୮ ବାଇକ୍, ୨ କାର, ୮ହଜାର ଲିଟର ଦେଶୀ ମଦ, ୧୩ହଜାର ଲିଟର ପୋଚ ସହିତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଏହି ବେଆଇନ କାରବାରରେ ୨ ମହିଳାଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପଟେ ବେଗୁନିଆ ପୋଲିସ ଶୁକ୍ରବାର ଏକଡ଼ାଳିଆ ଗ୍ରାମରେ ଚଢ଼ାଉ କରି ୨ହଜାର ଲିଟର ପୋଚ ଜବତ କରିଛି।

# ୨୫ ପ୍ରବାସୀ ଶ୍ରମିକଙ୍କୁ ବସ୍‌ରେ ପଠାଇଲା ପୋଲିସ



ନିଜ ରାଜ୍ୟକୁ ଯିବାପାଇଁ ପ୍ରବାସୀମାନେ ବସ୍‌ରେ ଚଢ଼ୁଛନ୍ତି।

ପିପିଲି,୧୫।୫(ଡି.ଏନ.ଏ./ସ୍ୱ.ପ୍ର.)

ପଶ୍ଚିମବଙ୍ଗ ଓ ବିହାରକୁ ଚାଲିଚାଲି ଯାଉଥିବା ୨୪ଜଣ ଶ୍ରମିକଙ୍କୁ ପିପିଲି ପୋଲିସ ଠାବ କରିବା ପରେ ଶୁକ୍ରବାର ସକାଳେ ଏକ ସ୍ୱତନ୍ତ୍ର ବସ ଯୋଗେ ସେମାନଙ୍କ ଅଞ୍ଚଳକୁ ପଠାଇଛି। ପିପିଲି ଥାନା ଆଇଆଇସି ଶରତ କୁମାର ସାହୁଙ୍କ ସୂଚନା ମୁତାବକ, ଗୁରୁବାର ଏହି ଶ୍ରମିକମାନେ ଜାତୀୟ ରାଜପଥରେ ଭୁବନେଶ୍ୱର ଅଭିମୁଖେ ଚାଲିଚାଲି ଯାଉଥିବାବେଳେ କୌଶଲ୍ୟାଗଙ୍ଗଠାରେ ଥିବା ଚେକପୋଷ୍ଟରେ ପୋଲିସ ନଜରରେ ଆସିଥିଲେ। ପୋଲିସ ସେମାନଙ୍କୁ ଥାନାକୁ ଆଣି ଖାଦ୍ୟପେୟ ଦେଇ ଗନ୍ତବ୍ୟସ୍ଥଳ ସମ୍ପର୍କରେ ପଚାରି ବୁଝିଥିଲେ। ଆଇଆଇସି ସାହୁ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଜଣାଇବା ପରେ ସେମାନଙ୍କ ଫେରିବା ନେଇ ଏସ୍‌ପି ଡ. ଉମାଶଙ୍କର ଦାଶ ଓ ଜିଲାପାଳ ବଲୱନ୍ତ ସିଂ ତତ୍ପରତା ଦେଖାଇଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ଅଧିକାରୀ ବସ୍ ଯୋଗାଇ ଦେଇଥିଲେ। ଶୁକ୍ରବାର ସକାଳେ ଏହି ଶ୍ରମିକମାନେ ବସ୍‌ରେ ଯାତ୍ରା ଆରମ୍ଭ କରିଥିଲେ। ଏମାନଙ୍କ ମଧ୍ୟରେ ବିହାର ଔରଙ୍ଗାବାଦର ଜଣେ ମହିଳାଙ୍କ ସମେତ ୭ଜଣ ଓ ପଶ୍ଚିମବଙ୍ଗ ମୁର୍ଶିଦାବାଦର ୧୮ଜଣ ଶ୍ରମିକ ରହିଛନ୍ତି। ବସ୍ ଏମାନଙ୍କୁ ସେମାନଙ୍କ ରାଜ୍ୟର ସୀମାରେ ଛାଡ଼ିବ ବୋଲି ଥାନା ଆଇଆଇସି ସାହୁ କହିଛନ୍ତି। ପୋଲିସଙ୍କ ଏହି ସହାୟତା ପାଇଁ ପ୍ରବାସୀ ଶ୍ରମିକମାନେ ସାଧୁବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଶ୍ରମିକମାନେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ଲକଡାଉନ ଯୋଗୁ ସବୁ ବନ୍ଦ ହୋଇଯାଇଥିଲା। ଟଙ୍କା ଶେଷ ହୋଇଯିବା ପରେ ସେମାନେ ନିଜ ଗ୍ରାମକୁ ଚାଲି ଚାଲି ଯିବାକୁ ସ୍ଥିର କରିଥିଲେ।

### ବସ୍‌ରେ ଫେରିଲେ ପ୍ରବାସୀ

ଖୋର୍ଦ୍ଧା ଅଫିସ,୧୫।୫

ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ଚାଲିଚାଲି ଯାଉଥିବା ପ୍ରବାସୀଙ୍କୁ ଶୁକ୍ରବାର ଖୋର୍ଦ୍ଧା ପୋଲିସ ଉଦ୍ଧାର କରି ଏକ ସ୍ୱତନ୍ତ୍ର ବସ୍‌ରେ ପଠାଇଛି। ସୂଚନା ଅନୁଯାୟୀ, ବିଶାଖାପାଟଣାରୁ ୫୨ଜଣ ଶ୍ରମିକ ତାଙ୍କ ପରିବାର ସହ ଜାତୀୟ ରାଜପଥରେ ଚାଲିଚାଲି ପଶ୍ଚିମବଙ୍ଗ ମାଲଦା ଏବଂ ମୁର୍ଶିଦାବାଦ ଅଞ୍ଚଳକୁ ଯାଉଥିବା ପୋଲିସକୁ ଖବର ମିଳିଥିଲା। ଏସ୍‌ପି କାର୍ଯ୍ୟାଳୟ ନିକଟରେ ପୋଲିସ ସେମାନଙ୍କୁ ଅଟକାଇବା ସହ ସେଠାରେ ସମସ୍ତଙ୍କ ଖାଦ୍ୟର ବ୍ୟବସ୍ଥା କରିଥିଲେ। ପରେ ଏକ ଡାକ୍ତରୀ ଟିମ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ଓଏସଆରଟିସି ଏକ ସ୍ୱତନ୍ତ୍ର ବସରେ ସେମାନଙ୍କୁ ପଠାଯାଇଥିଲା। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଲାରନାଥଙ୍କ ଚନ୍ଦନ ବେଶ ଫିକା

ବ୍ରହ୍ମଗିରି,୧୫।୫(ଡି.ଏନ.ଏ)

ମହାମାରୀ କରୋନା ଧୀରେ ଧୀରେ କରାଳ ରୂପ ନେଉଥିବାବେଳେ ଅନ୍ୟପଟେ ଗ୍ରୀଷ୍ମର ପ୍ରଖର ରୌଦ୍ରତାପ ଜନସାଧାରଣଙ୍କୁ ଅତିଷ୍ଠ କରିଦେଇଛି। ଏହି ସମୟରେ ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥଙ୍କ ଚନ୍ଦନ ବେଶ ହୋଇଥାଏ। ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ଅକ୍ଷୟ ତୃତୀୟାଠାରୁ ଶ୍ରୀଜୀଉ କରିଥାନ୍ତି ଜଳକ୍ରୀଡ଼ା। ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ଚନ୍ଦନ ପୋଖରୀରେ ଜଳକ୍ରୀଡ଼ା(ଭଉଁରି ଉତ୍ସବ) କରିବା ସମୟରେ ଭଉଁରି ଦିନ ଶ୍ରୀଜିଉଙ୍କୁ ସର୍ବାଙ୍ଗ ଚନ୍ଦନ ବେଶ୍ କରାଯାଇଥାଏ। ଏ ନେଇ ପ୍ରତ୍ୟେକ ସେବାୟତ ଓ ଶ୍ରଦ୍ଧାଳୁମାନେ ପ୍ରତିକାତ୍ମକ ଭାବେ ନିଜ ଦେହରେ ଚନ୍ଦନ ଲଗାଇ ମଧ ଚନ୍ଦନ ଉତ୍ସବ ପାଳିଥାନ୍ତି। ଠାକୁର ଅଲାରନାଥଙ୍କ ଏହି ଚନ୍ଦନ ବେଶ ସ୍ୱତନ୍ତ୍ର ଓ ଦୁର୍ଲ୍ଲଭ ହୋଇଥାଏ। କିନ୍ତୁ ମହାମାରୀ କରୋନା ଯୋଗୁ ଏସବୁ ଫିକା ପଡ଼ିଯାଇଛି। ଏଥର ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚନ୍ଦନ ପୋଖରୀରେ ଚାପ ଖେଳିନାହାନ୍ତି। ଫଳରେ ଶୁକ୍ରବାର ନୀତି ସମ୍ପନ୍ନ ପାଇଁ ମହାପ୍ରଭୁଙ୍କ ଭଉଁରି ଉତ୍ସବ ତଥା ଚନ୍ଦନ ବେଶ ମନ୍ଦିର ଭିତରେ ପ୍ରତୀକାତ୍ମକ ଭାବେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରକୁ ଭକ୍ତଙ୍କ ଦର୍ଶନ ପାଇଁ କଟକଣା ଥିବାରୁ ଚଳିତବର୍ଷ ଶ୍ରୀଜିଉଙ୍କ ଚନ୍ଦନ ବେଶକୁ ସର୍ବସାଧାରଣ ଦର୍ଶନ ହୋଇପାରି ନାହିଁ।

### ମଦ, ବାଇକ୍ ଜବତ: ୨ଗିରଫ

ଖୋର୍ଦ୍ଧା ଅଫିସ,୧୫।୫: ଖୋର୍ଦ୍ଧା ଆଦର୍ଶ ଓ ସଦର ଥାନା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୫ଲିଟର ମଦ ସହ ଗୋଟିଏ ବାଇକ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ପ୍ରଶାନ୍ତ ସାହୁ(୪୦) ଓ ସଦରଥାନା ଅନ୍ତର୍ଗତ ଡିହପୁର ଗ୍ରାମର ଗୌତମ ରଣସିଂ(୨୫)। ପ୍ରଶାନ୍ତ ବାଇକ୍‌ରେ ମଦ ନେଇ ବେଗୁନିଆ ଯାଉଥିଲେ। ଆଦର୍ଶ ଥାନା ପୋଲିସ ହଳଦିଆ-ଖୋର୍ଦ୍ଧା ମଝି ରାସ୍ତାରେ ତାଙ୍କ ଠାରୁ ୮୦ଲିଟର ମଦ ଜବତ କରି ଏକ ମାମଲା (ନଂ.୧୬୪/୨୦) ରୁଜୁ ହୋଇଛି। ସେହିପରି ସଦର ପୋଲିସ ଡିହପୁରରେ ଚଢ଼ାଉ କରି ୧୫ଲିଟର ମଦ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୮୯/୨୦)ରୁଜୁ ହୋଇଛି।

# ୯୬ ସେବିକାଙ୍କୁ କ୍ରିଟିକାଲ କେୟାର ତାଲିମ



ତାଲିମ୍ ଶିବିରର ଉଦ୍‌ଯାପନୀ ସମାରୋହରେ ଅତିଥି ଓ ଅନ୍ୟମାନେ।

କଟକ ଅଫିସ,୧୫।୫

ଓଡ଼ିଶାର ୧୦ଟି ଜିଲାର ୯୬ ଜଣ ସେବିକାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବିରେ କରୋନା ପାଇଁ କ୍ରିଟିକାଲ କେୟାର ତାଲିମ ଦିଆଯାଇଛି। ଅନୁଗୋଳ, ବାଲେଶ୍ୱର, କଟକ, ଝାରସୁଗୁଡ଼ା, ଜଗତ୍‌ସିଂହପୁର, କୋରାପୁଟ, ରାୟଗଡ଼ା, ସୁବର୍ଣ୍ଣପୁର, ମାଲକାନଗିରି ଓ ସମ୍ବଲପୁର ଜିଲାର ସେବିକାମାନେ ଏହି ତାଲିମ ନେଇଛନ୍ତି। ଏଥିରେ ବ୍ୟକ୍ତିଗତ ସୁରକ୍ଷା କିଟ୍‌ର (ପିପିଇ) ବ୍ୟବହାର, କରୋନା ରୋଗୀଙ୍କ ପୁଷ୍ଟି ସାଧନ, ସର୍ଭେଲାନ୍‌ସ, କ୍ୟାଥେଟେରାଇଜେଶନ, ଭେଣ୍ଟିଲେଶନ ଏବଂ ଆଇସିୟୁର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ତାଲିମ ଦିଆଯାଇଛି।

ଶନିବାର ଉଦ୍‌ଯାପନୀ ଦିବସରେ କଟକ ଅଶ୍ୱିନୀ ହସ୍ପିଟାଲର କ୍ରିଟିକାଲ କେୟାର ବିଭାଗ ଡାକ୍ତର ପି.କେ. ମିଶ୍ର 'ନିଅର ଡେଥ ଏକ୍ସପେରିଏନ୍ସ'ର ସମସ୍ତ ଦିଗ ବୁଝାଇଥିଲେ। ପରେ ରାଜ୍ୟ ସରକାରଙ୍କ କୋଭିଡ-୧୯ର ବୈଷୟିକ ମୁଖପାତ୍ର ଡାକ୍ତର ଜୟନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ କମିଶନର ସଞ୍ଜୀବିତା ରାୟ, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ଡା. ଜୟଶ୍ରୀ ମହାନ୍ତି, ନିଶ୍ଚେତକ ବିଭାଗ ମୁଖ୍ୟ ଡା. ଦୈତାରୀ ରାଉତରାୟ, ପଲମୋନାରି ମେଡିସିନ ବିଭାଗ ମୁଖ୍ୟ ଡା. ଏମ୍.ଆର୍. ପଟ୍ଟନାୟକ, ଓଡ଼ିଶା ସେବିକା କର୍ମଚାରୀ ସଂଘ ରାଜ୍ୟ ସଭାପତି ପ୍ରତିମା ସାମନ୍ତରାୟ, ସମ୍ପାଦିକା ପ୍ରଭାତି ମହାନ୍ତି, ନର୍ସିଂ କଲେଜ ଅଧ୍ୟାପିକା ବିଜୟଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ।

# ସହରବାସୀଙ୍କ ସହଯୋଗ ଲୋଡ଼ିଲା ବିଏମ୍‌ସି

ଭୁବନେଶ୍ୱର,୧୫।୫(ବ୍ୟୁରୋ)

**କରୋନା ଲଢେଇ**

- ଗୋଷ୍ଠୀ ସଦସ୍ୟ, ବରିଷ୍ଠ ନାଗରିକ ସଂଘ, ପୂଜା କମିଟିକୁ ନେଇ ବୈଠକ
- ସଙ୍ଗରୋଧ ପରିବାରକୁ ସହଯୋଗ ପାଇଁ ପଡ଼ୋଶୀଙ୍କୁ ଅନୁରୋଧ

କୌଣସି ବ୍ୟକ୍ତି ବା ପରିବାର ସଙ୍ଗରୋଧରେ ଥିଲେ ସେମାନଙ୍କୁ ସହଯୋଗ କରିବାର ଗୁରୁଦାୟିତ୍ୱ ହେଉଛି ପଡୋଶୀଙ୍କର। ସେମାନଙ୍କୁ ସାମାଜିକ ଭାବେ ବାଛନ୍ଦ କରିବା ଅନୁଚିତ୍। ମାନସିକସ୍ତରରେ ସାହସ ଦେବା ସହିତ ସେମାନଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣି ଦେବାରେ ସହଯୋଗ କରନ୍ତୁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏନେଇ ସେ ସହରବାସୀଙ୍କ ସହଯୋଗ ଲୋଡିଛନ୍ତି। କ୍ୱାରେଣ୍ଟାଇନରେ ଥିବା ପରିବାର ଯେପରି ୨୮ଦିନ ପାଇଁ ନିୟମମାନି ରହିବେ ସେଥିପାଇଁ ନଜର ରଖିବାକୁ ପଡୋଶୀ, ଆବାସିକ ସଂଘ, ପୂଜା କମିଟି, ବରିଷ୍ଠ ନାଗରିକ ସଂଘ, ସାମାଜିକ ଅନୁଷ୍ଠାନ ସଦସ୍ୟଙ୍କୁ ସେ ଅନୁରୋଧ କରିଛନ୍ତି। କରୋନା ଯୁଦ୍ଧ କେବଳ ପ୍ରଶାସନ ଓ ପୋଲିସର ଯୁଦ୍ଧ ନୁହେଁ। ଏଥିରେ ଗୋଷ୍ଠୀ ଏବଂ ସାଧାରଣ ଜନତା ସାମିଲ ହେବା ଆବଶ୍ୟକ। ସମସ୍ତଙ୍କ ସହଯୋଗ ନ ହେଲେ ଏହି ଯୁଦ୍ଧରେ ଜିତିବା କଷ୍ଟକର ବୋଲି ଶୁକ୍ରବାର ଅନୁଷ୍ଠିତ ଦୁଇଟି ସ୍ୱତନ୍ତ୍ର ବୈଠକରେ ବିଏମ୍‌ସି କମିଶନର ଏହା କହିଛନ୍ତି। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

ଉତ୍ତର ଜୋନ୍ ବୈଠକ ଶୈଳଶ୍ରୀ ବିହାର ଫେଜ୍-୨ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଦକ୍ଷିଣ ପଶ୍ଚିମ ଜୋନ୍ ବୈଠକ ସେକ୍ଟର-୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଖୋଲାଯାଇଥିବା କୋଭିଡ୍ ହସ୍ପିଟାଲ, କ୍ୱାରାଣ୍ଟାଇନ୍ ସେଣ୍ଟର ଏବଂ ଦେୟମୁକ୍ତ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ଇତ୍ୟାଦି ବାବଦରେ ଆଲୋଚନା ହେବାସହ ଟ୍ରାଞ୍ଜିଟ୍ ସ୍ଥଳ ବାବଦରେ ସୂଚନା ଦିଆଯାଇଥିଲା। ଯଦି କୌଣସି ବ୍ୟକ୍ତି କିମ୍ବା ପରିବାରରେ ଥଣ୍ଡା, ସର୍ଦ୍ଦି, କାଶ, ଗଳାଦରଜ ଭଳି କରୋନା ଲକ୍ଷଣ ଦେଖାଯାଉଥାଏ ତା'ହେଲେ ସେ ସମ୍ପର୍କରେ ତୁରନ୍ତ ୧୦୪, ୧୯୨୯ ଏବଂ ୧୦୦କୁ ଜଣାଇବାକୁ କୁହାଯାଇଥିଲା। ବୈଠକରେ ଜୟଦେବ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦ, ଏନ୍-୫ ବିକାଶ ପରିଷଦ, ରାମେଶ୍ୱର ବରିଷ୍ଠ ନାଗରିକ ସଂଘ ଏବଂ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘ, ଶୈଳଶ୍ରୀ ବିହାର, କୈଳାସ ଆବାସିକ ସଂଘ, ଉନ୍ନୟନ ପରିଷଦ ଶୈଳଶ୍ରୀ ବିହାର, ବରିଷ୍ଠ ନାଗରିକ ସଂଘ କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଦକ୍ଷିଣ ପଶ୍ଚିମ ଜୋନ୍‌ରୁ ଜେଡିସି ରବି ନାରାୟଣ ଏବଂ ଉତ୍ତର ଜୋନ୍‌ରୁ ଜେଡିସି ପ୍ରମୋଦ ପୃଷ୍ଟି ସଂଯୋଜନା କରିଥିଲେ।

# ଆର୍ଥିକ ଦୁର୍ବଳ ଶ୍ରେଣୀକୁ ରୋଜଗାର ଦିଅ

କଟକ ଅଫିସ୍,୧୫।୫

**ଲକ୍‌ଡାଉନ ବେଳେ ଦାବି ଜଣାଇଲା ଯୁବମୋର୍ଚ୍ଚା**

କରୋନା ମୁକାବିଲା ପାଇଁ ପୌରାଞ୍ଚଳରେ ଥିବା ଆର୍ଥିକ ଦୁର୍ବଳ ଶ୍ରେଣୀକୁ ରୋଜଗାର ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶହେ କୋଟି ଟଙ୍କାର ସହରାଞ୍ଚଳ ଶ୍ରମଭିତ୍ତିକ ରୋଜଗାର ଯୋଜନା ଘୋଷଣା କରିଛନ୍ତି। ମିଶନ ଶକ୍ତି ସାହାଯ୍ୟରେ ଏହି ଶ୍ରେଣୀର ଲୋକଙ୍କୁ ଡ୍ରେନ୍ ସଫେଇ, ବର୍ଜ୍ୟବସ୍ତୁ ପରିଚାଳନା ଓ ସାନିଟାଇଜେଶନ କାମରେ ଲଗାଇ ରୋଜଗାର ଦେବା ବ୍ୟବସ୍ଥା ରହିଛି। କିନ୍ତୁ ଶ୍ରମିକମାନେ ଏ ନେଇ ଅବଗତ ହୋଇ ନ ପାରି ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛି ଭାଜପା ଯୁବମୋର୍ଚ୍ଚା। ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତି ରଞ୍ଜନଙ୍କ ନେତୃତ୍ୱରେ ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସରକାରୀ ଯୋଜନାର ସବିଶେଷ ବିବରଣୀ ଖବରକାଗଜରେ ପ୍ରକାଶ କରାଯିବା ଓ ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ନିଯୁକ୍ତ କମ୍ୟୁନିଟି ଅର୍ଗାନାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସେହି ସ୍ଥାନର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପଞ୍ଜୀକୃତ କରାଇ ରୋଜଗାର ଦେବା ପାଇଁ ସେମାନେ ଦାବି କରିଛନ୍ତି। ସହର ସଂଲଗ୍ନ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଅନେକ ରାଜ୍ୟର ଶ୍ରମିକ ଯିବାଆସିବା କରୁଥିବା ବେଳେ ସେମାନଙ୍କଠାରୁ ଗୋଷ୍ଠୀ ସଂକ୍ରମଣର ଭୟ ରହିଛି। ସେମାନଙ୍କୁ ସହର ସୀମା ପାର କରାଇବା, ରାଜପଥ ସାନିଟାଇଜ କରିବା ପାଇଁ ମଧ ଦାବି ଜଣାଇଛି ଯୁବମୋର୍ଚ୍ଚା। ଅନ୍ୟମାନଙ୍କ ମଧ୍ୟରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡ୍ଡୁ, ସୁନିଲ ଦ୍ୱିବେଦୀ, ସଞ୍ଜୀବ ଟିନାରା, ଅନ୍ନଦା ଦାସ, ଅମ୍ବିକା ସାମଲ, ଆଶୁତୋଷ ଦାସ, ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ସୂର୍ଯ୍ୟସ୍ନାନ ବିଶ୍ୱାଳ, ଚନ୍ଦ୍ରଶେଖର ବିଶ୍ୱାଳ, ଅସୀମ ଅମିତାଭ ମହାନ୍ତି, ପ୍ଲାବନ ଦେବନାଥ, ଦୀପକ ବାରିକ୍, ଶିବେଶ ମିଶ୍ର, ପୃଥ୍ୱୀରାଜ ବେହେରା, ସଞ୍ଜିତ ସାମଲ ଉପସ୍ଥିତ ଥିଲେ।

# ଲକ୍‌ଡାଉନ୍ ସତ୍ତ୍ୱେ ଧାରଣା ଦେଲେ ଫନୀ ବିପନ୍ନ

ସାକ୍ଷୀଗୋପାଳ, ୧୫।୫(ଡି.ଏନ.ଏ)



ଧାରଣାରତ ଗ୍ରାମବାସୀଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

**ବାତ୍ୟାକୁ ବର୍ଷେ ବିତିଲା**

- ଏଯାବତ୍ ମିଳିନାହିଁ ଘରଭଙ୍ଗା ସହାୟତା
- ୫ ଘଣ୍ଟା ଧରି ରାସ୍ତା ଅବରୋଧ

ଲକଡାଉନ ଜାରି ରହିଥିବାବେଳେ ସରକାର ସମସ୍ତ ସଭା, ସମିତି, ଧାରଣା, ବିକ୍ଷୋଭକୁ ସ୍ଥଗିତ କରିଥିଲେ। ଏହି କଟକଣାକୁ ଖାତିର ନ କରି ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତ ଓ ଏହା ଆଖପାଖ ଗ୍ରାମର ଫନୀ ବିପନ୍ନମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫନୀ ବାତ୍ୟାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଘରଭଙ୍ଗା ସହାୟତା ରାଶି ମିଳିଲା ନାହିଁ। ବାରମ୍ବାର ଦାବି ଓ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କଲେ ବି କେବଳ ପ୍ରତିଶ୍ରୁତି ମିଳିଛି ବୋଲି ସେମାନେ କହିଛନ୍ତି। ଅନେକ ଅଯୋଗ୍ୟ ବ୍ୟକ୍ତି ଓ ଗୋଟିଏ ପରିବାର ତିନିଜଣ ଘରଭଙ୍ଗା ସହାୟତା ହାତେଇ ନେବାରେ ସକ୍ଷମ ହୋଇଥିବା ବେଳେ ବାସହରାଇ ପଲିଥିନ୍ ତଳେ ଦିନ କାଟୁଥିବା ଗରିବ ପରିବାର ସରକାରୀ ସାହାଯ୍ୟରୁ ବଞ୍ଚିତ ରହିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବାରମ୍ବାର ବିଫଳ ହେବା ପରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ଶୁକ୍ରବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଅଳଗୁମଠାରୁ ବାହାରିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ଆନ୍ଦୋଳନକାରୀମାନଙ୍କୁ ଅଳଗୁମ-ସାକ୍ଷୀଗୋପାଳ ରାସ୍ତାର ଦନେଇଁବାଙ୍କ ଛକରେ ଅଟକାଇ ଥିଲେ। ସେମାନେ ଆଗକୁ ଆସି ନ ପାରିବାରୁ ସାମାଜିକ ଦୂରତାରେ ରହି ସେଠାରେ ରାସ୍ତା ଅବରୋଧ କରି ୫ ଘଣ୍ଟା ଧରି ଧାରଣା ଦେଇଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଉପସ୍ଥିତ ପୋଲିସ ଅଧିକାରୀମାନେ ଆନ୍ଦୋଳନର ନେତୃତ୍ୱ ନେଇଥିବା ଦେବାଶିଷ ରାୟ, ପ୍ରାକ୍ତନ ସରପଞ୍ଚ ଦୀନକୃଷ୍ଣ ପ୍ରଧାନଙ୍କ ସହ ଯଯାତି କେଶରୀ ରାୟ, ଭାନୁମତି ବରାଳ, ସୁବାସ ଚନ୍ଦ୍ର ବିଶ୍ୱାଳ ଓ ଅଜୟ ବିଶ୍ୱାଳଙ୍କୁ ବୁଝାଶୁଝା କରିଥିଲେ। ସତ୍ୟବାଦୀ ବିଡିଓ ଓ ତହସିଲ କାର୍ଯ୍ୟାଳୟ ଅଧିକାରୀଙ୍କୁ ପୋଲିସ ସେମାନଙ୍କର ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଖୁବଶୀଘ୍ର ସେମାନଙ୍କର ଦାବି ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ପ୍ରଶାସନର ପ୍ରତିଶ୍ରୁତି ମିଳିବା ପରେ ଲୋକେ ଓହରିଥିଲେ।

## ସଂକ୍ଷେପରେ

### ନୟାଗଡ଼ରେ ପୁଣି ୩ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୫।୫:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ନିକଟ କରଡା ହରିହରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ପୁଣି ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଠାରେ

**ସଂଖ୍ୟା ୪ ଛୁଇଁଲା।**

ରହୁଥିବା ୪୫ ପ୍ରବାସୀ ଶ୍ରମିକଙ୍କ ସମେତ ୧୦ କର୍ମଚାରୀଙ୍କର ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ଏଥିରୁ ୪୫ ଓ ୪୭ ବର୍ଷର ଦୁଇଜଣ ପୁରୁଷ ଏବଂ ୩୮ ବର୍ଷର ଜଣେ ମହିଳାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନେ ସୁରଟ ଫେରନ୍ତା ଓ ପ୍ରଥମ ରୋଗୀଙ୍କ ନିକଟତର ଥିଲେ। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ସିଡିଏମ୍ଓ ଶ୍ୱେତ ମହାପାତ୍ରଙ୍କ ସୂଚନା ଅନୁସାରେ ହରିହରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଗତ ୪ ତାରିଖରେ ୪୬ ଜଣ ପ୍ରବାସୀ ଶ୍ରମିକ ଆସିଥିଲେ। ସ୍ୱାବ୍ ପରୀକ୍ଷଣ ପରେ ୯ ତାରିଖରେ ଜଣଙ୍କର ପଜିଟିଭ୍ ବାହାରିଥିଲା। ୧୪ ତାରିଖରେ ଆଉ ୩ଜଣଙ୍କର ପଜିଟିଭ୍ ଆସିଛି। ଏମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇ ଦିଆଯାଇଛି। ଏଥିରେ ଭୟଭୀତ ହେବାର ନାହିଁ। କାରଣ କ୍ୱାରାଣ୍ଟାଇନ୍ ସେଣ୍ଟର ଭିତରେ ପଜିଟିଭ୍ ବାହାରୁଛି। ତେବେ ସାମାଜିକ ଦୂରତ୍ୱ, ପରିଷ୍କାର ପରିଚ୍ଛନ୍ନତା ସହ ମାସ୍କ ବ୍ୟବହାର କରିବାକୁ ଜିଲାବାସୀଙ୍କୁ ଅନୁରୋଧ କରାଯାଇଛି। ଜିଲାକୁ ୧୨୦୦ ପ୍ରବାସୀ ଶ୍ରମିକ ଆସିଥିବାବେଳେ ଏଥିରୁ ୮୦୦ ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିବା ସେମାନେ କହିଛନ୍ତି।

### ସଜାଗ ରହିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ/କଣ୍ଟିଲୋ (ସ୍ୱ.ପ୍ର.),୧୫।୫:** ନୟାଗଡ଼ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଶୁକ୍ରବାର ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଡିଆରଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲାପାଳ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ପାଇଁ ସମସ୍ତ ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ସଜାଗ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକ ବୈଠକରେ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

### ଏସ୍‌ଭିଏମ୍ କଲେଜ ଆଖପାଖରେ ୧୪୪ ଧାରା

**ଜଗତ୍‌ସିଂହପୁର ଅଫିସ,୧୫।୫:** ଲକ୍‌ଡାଉନ୍ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ଫସି ରହିଥିବା ପ୍ରବାସୀ ଓଡ଼ିଆମାନେ ଏବେ ଘରକୁ ଫେରୁଛନ୍ତି। ଏହିକ୍ରମରେ ବିଭିନ୍ନ ରାଜ୍ୟରୁ ପ୍ରତ୍ୟହ ଶତାଧିକ ପ୍ରବାସୀ ଜଗତ୍‌ସିଂହପୁର ଜିଲାକୁ ଆସୁଛନ୍ତି। ଜଗତ୍‌ସିଂହପୁରରେ ପହଞ୍ଚିଲା ପରେ ସେମାନଙ୍କୁ ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ସ୍ମାରକୀ) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଟ୍ରାନ୍‌ଜିଟ୍ ପଏଣ୍ଟରୁ ବିଭିନ୍ନ ବ୍ଲକ ଅଞ୍ଚଳକୁ ପଠାଇ ଦିଆଯାଉଛି। ଯେହେତୁ ବହୁ ସଂଖ୍ୟକ ପ୍ରବାସୀ ମହାବିଦ୍ୟାଳୟ ପରିସରରେ ପହଞ୍ଚୁଛନ୍ତି ତେଣୁ ସେମାନେ ଏଣେତେଣେ ବୁଲାଚଲା କରୁଥିବାରୁ ଲୋକଙ୍କ ମଧ୍ୟରେ କରୋନା ସଂକ୍ରମଣର ଭୟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମହାବିଦ୍ୟାଳୟ ପରିସର ଓ ଆଖପାଖରେ ଶୁକ୍ରବାରଠାରୁ ୧୪୪ ଧାରା ଜାରି କରିଛନ୍ତି। ମହାବିଦ୍ୟାଳୟ ପରିସର ବିଶେଷକରି ମୁଖ୍ୟ ଫାଟକ ନିକଟରୁ ୧୦୦ ମିଟର ଦୂରତା ଭିତରେ ଏହି ଧାରା କାର୍ଯ୍ୟକାରୀ ହେବ। ପ୍ରବାସୀମାନେ ବିନା ଅନୁମତିରେ କ୍ୟାମ୍ପସ ବାହାରକୁ ଯିବା ଉପରେ କଟକଣା ଲଗାଯାଇଛି। ଏଥିସହ ମହାବିଦ୍ୟାଳୟ ଓ ଆଖପାଖ ଅଞ୍ଚଳରେ ସାମାଜିକ ଦୂରତାକୁ କଡାକଡି ପାଳନ କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଯାଜପୁରରେ ୧୫ ନୂଆ କରୋନା ପଜିଟିଭ୍

**ରସୁଲପୁର/ରତ୍ନଗିରି/ବିଞ୍ଝାରପୁର, ୧୫।୫ (ଡି.ଏନ୍.ଏ)**

- ବିଞ୍ଝାରପୁରରୁ ୧୦, ରସୁଲପୁରରୁ ୪, ବରୀରୁ ଜଣେ
- ସଙ୍ଗରୋଧରେ ଥିଲେ ୧୪
- ୧୦୫ରେ ପହଞ୍ଚିଲା ସଂକ୍ରମିତଙ୍କ ସଂଖ୍ୟା



ଯାଜପୁର ଜିଲାରୁ ଶୁକ୍ରବାର ୧୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକର ୧୦ ଜଣ ଥିବା ବେଳେ ରସୁଲପୁର ବ୍ଲକର ୪ଜଣ ଓ ବରୀ ବ୍ଲକର ଜଣେ ରହିଛନ୍ତି। ଏହାକୁ ମିଶାଇ ଯାଜପୁର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦୫ରେ ପହଞ୍ଚିଛି। ବିଞ୍ଝାରପୁରର ସମସ୍ତ ଆକ୍ରାନ୍ତ ଗତ ୧୦ ତାରିଖରୁ କୋଲକାତାରୁ ଫେରି ବରୁଣେଶ୍ୱର ମହାବିଦ୍ୟାଳୟ ସଙ୍ଗରୋଧ ଗୃହରେ ରହିଥିଲେ। ସ୍ୱାବ୍ ଟେଷ୍ଟ ପରେ ସେମାନେ କରୋନା ସଂକ୍ରମିତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରକୁଳ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ୪୮ ବର୍ଷୀୟ ଜଣେ ବ୍ୟକ୍ତି ରହିଥିବା ବେଳେ ବରପଦା ଗ୍ରାମର ଜଣେ ୫୯ ବର୍ଷୀୟ ବ୍ୟକ୍ତି, ବାଙ୍ଗରା ପଞ୍ଚାୟତ ଛଦାମୁଣ୍ଡ ଗ୍ରାମର ୩୦ ବର୍ଷୀୟ ଯୁବକ, ୫୪ ବର୍ଷୀୟ ବ୍ୟକ୍ତି ଓ ବାଙ୍ଗରା ଗ୍ରାମର ୨୨ ବର୍ଷର ଯୁବକ, ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ୪୪ ବର୍ଷୀୟ ବ୍ୟକ୍ତି, ଚିକଣା ପଞ୍ଚାୟତ ଚିକଣା ଗ୍ରାମର ୬୦ ବର୍ଷୀୟ ବୃଦ୍ଧ, ଶିଣା ପଞ୍ଚାୟତ ଶିଶିରଣା ଗ୍ରାମର ୪୯ ବର୍ଷୀୟ ବ୍ୟକ୍ତି, ବିତନା ପଞ୍ଚାୟତ ବିତନା ଗ୍ରାମର ୫୮ ବର୍ଷୀୟ ବ୍ୟକ୍ତି, ବାଲିଚନ୍ଦ୍ରପୁରର ୩୦ବର୍ଷୀୟ ଯୁବକ ଅଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସେହିପରି ବରୀ ବ୍ଲକ ଅଳିପୁର ପଞ୍ଚାୟତ ଭବାନୀପୁର ଗ୍ରାମର ଜଣେ ୪୦ ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ନିକଟରେ ଗୁଜରାଟରୁ ଫେରି ସଙ୍ଗରୋଧରେ ରହିଥିଲେ। ରସୁଲପୁର ବ୍ଲକରୁ ଚିହ୍ନଟ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ କୋଲକାତା ଫେରନ୍ତା ହୋଇଥିବା ବେଳେ ଅନ୍ୟ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ପୁଅ ବୋଲି ଜଣାପଡ଼ିଛି। ସେ ନିକଟରେ ଜାମସେଦପୁରରୁ ଫେରିଥିଲେ। ସେ ସଙ୍ଗରୋଧ ଗୃହରେ ରହୁ ନ ଥିବାରୁ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ସେ ୩୦ ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଅନ୍ୟ ୩ ଆକ୍ରାନ୍ତ ସୁଆଁସାହି ଆଶ୍ରମ ସ୍କୁଲ ସଙ୍ଗରୋଧ ଗୃହରେ ରହୁଥିଲେ।

# ୪ ସଂକ୍ରମିତ ଆରୋଗ୍ୟ

**ଯାଜପୁର ଅଫିସ,୧୫।୫**

- ୫୨ରେ ପହଞ୍ଚିଲା ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା
- ସ୍ଥିତି ଅନୁଧ୍ୟାନ କରି ଫେରିଲେ କେନ୍ଦ୍ରୀୟ ଟିମ୍

ଯାଜପୁର ଜିଲାର ପୁଣି ୪ ଜଣ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇ ଶୁକ୍ରବାର ଘରକୁ ଫେରିଛନ୍ତି। ଏହାକୁ ମିଶାଇ ଜିଲାରେ ଆରୋଗ୍ୟଙ୍କ ସଂଖ୍ୟା ୫୨ରେ ପହଞ୍ଚିଛି। ଡୁବୁରୀ କୋଭିଡ୍ ହସ୍ପିଟାଲରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନେ ଏରବାଙ୍କ ଗ୍ରାମର। ସେମାନେ ସମସ୍ତେ ପୁରୁଷ ଓ ସେମାନଙ୍କ ବୟସ ୪୮, ୫୫, ୬୦ ଓ ୬୨ ବର୍ଷ ବୋଲି ଜଣାପଡ଼ିଛି। ଶୁକ୍ରବାର ସୁଦ୍ଧା ଜିଲାରେ ୯୦ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ଅବଶିଷ୍ଟ ୩୮ ଜଣଙ୍କ ଚିକିତ୍ସା ଚାଲିଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମେଡିକାଲ ଓ ବ୍ଲକ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଉ ୧୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକର ୧୦, ରସୁଲପୁର ବ୍ଲକର ୪ ଏବଂ ବରୀ ବ୍ଲକର ଜଣେ ଥିବା ଜଣାପଡ଼ିଛି। ଏହାକୁ ମିଶାଗଲେ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ଶୁକ୍ରବାର ରାତି ସୁଦ୍ଧା ୧୦୫ରେ ପହଞ୍ଚିଥିବାବେଳେ ୫୨ ଜଣ ଆରୋଗ୍ୟ ଏବଂ ୫୩ ଜଣ ଚିକିତ୍ସିତ ଅଛନ୍ତି।

ଅନ୍ୟପକ୍ଷରେ ଯାଜପୁର ଜିଲାରେ କରୋନାର ସ୍ଥିତି ସଂକ୍ରାନ୍ତରେ ଅନୁଧ୍ୟାନ କରି ଫେରିଛନ୍ତି କେନ୍ଦ୍ରୀୟ ଟିମ୍। ପ୍ରବାସୀମାନଙ୍କ ପାଇଁ ଧାର୍ଯ୍ୟ ମାର୍ଗଦର୍ଶିକାକୁ ପାଳନ କରିବାକୁ କେନ୍ଦ୍ରୀୟ ଟିମ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ସରପଞ୍ଚମାନଙ୍କୁ ଦିଆଯାଇଥିବା ଜିଲାପାଳ କ୍ଷମତା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ସରପଞ୍ଚମାନେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବେ ବୋଲି ସେମାନେ କହିଥିଲେ। ୩ ଦିନିଆ ରହଣି ମଧ୍ୟରେ ସେମାନେ ସଂକ୍ରମିତ ଅଞ୍ଚଳ କଟିକଟା, ବାସୁଦେବପୁର, କୃଷ୍ଣପଡା, ନଠୁଆବର ଓ ସଦାନନ୍ଦପୁର ଅଞ୍ଚଳକୁ ଗସ୍ତ କରି କରୋନା ସଚେତନତା ସମ୍ପର୍କରେ ମତାମତ ସଂଗ୍ରହ କରିଥିଲେ। ଶୁକ୍ରବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରୁ ସୁସ୍ଥ ହୋଇ ଫେରୁଥିବା ବ୍ୟକ୍ତିମାନଙ୍କ ସହ ହଠାତ ମିଳାମିଶା ନ କରିବା, ସମ୍ପୃକ୍ତ ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା, ମାସ୍କ ବ୍ୟବହାର କରିବା, ଟିଏମ୍‌ସି ଓ ଆରୋଗ୍ୟଙ୍କ ଘରକୁ ସାନିଟାଇଜ୍ କରିବା ଉପରେ କେନ୍ଦ୍ରୀୟ ଟିମ୍ ସଦସ୍ୟମାନେ ଗୁରୁତ୍ୱ ଦେଇଥିଲେ। ପରେ ଡୁବୁରୀ କୋଭିଡ୍ ହସ୍ପିଟାଲକୁ ଯାଇ ରୋଗୀମାନଙ୍କ ଚିକିତ୍ସା ବ୍ୟବସ୍ଥାକୁ ସେମାନେ ଅନୁଧ୍ୟାନ କରିଥିଲେ। ଏହି କମିଟିରେ ଜାତୀୟ କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଉପନିର୍ଦ୍ଦେଶକ ଡା. ମହେଶ ୱାଘମାରେ, ସହକାରୀ ନିର୍ଦ୍ଦେଶକ ଡା. ତୁଷାର ନାଲେ, ଆରଏମ୍ଆରସିର ପ୍ରତିନିଧି ଡା. ସୋମାଲକର ପ୍ରମୁଖ ସାମିଲ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କଲେ ଗ୍ରାମବାସୀ

**ଯାଜପୁର ଅଫିସ,୧୫।୫**

**ମୃତକଙ୍କ ନାଁରେ ଚାଉଳ, ରିଲିଫ ସାମଗ୍ରୀ ହଡପ ମାମଲା**

**ଦୁର୍ନୀତିଖୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି**

ମୃତକଙ୍କ ନାମରେ ଚାଉଳ, ରିଲିଫ ଟଙ୍କା ହଡପ ଶୀର୍ଷକ ଖବର ଗତ ୧୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋହ୍ଲାସାହି ଗ୍ରାମବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ତେଜିଛି। ଶତାଧିକ ଗ୍ରାମବାସୀ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଜରିଆରେ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ ଡିଲର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର କୋହ୍ଲା ଗ୍ରାମରେ ପାର୍ବତୀ ସାହାଣୀଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁପରେ ବି ସ୍ଥାନୀୟ ରିଟେଲର ସେମାନଙ୍କ କରୋନା ସହାୟତା ଅର୍ଥ ଉଠାଇ ନେବା ସହ ରାଶନ ସାମଗ୍ରୀ ହଡପ କରୁଛନ୍ତି। ଗ୍ରାମର ଅନନ୍ତ ସାହାଣୀଙ୍କ ୪ ବର୍ଷ ହେଲା ମୃତ୍ୟୁ ଘଟିଥିବାବେଳେ ତାଙ୍କର ରାଶନ ସାମଗ୍ରୀ ଉଠା ଚାଲିଛି। ସାଧୁଚରଣ ଦାସଙ୍କ ଅନ୍ତ୍ୟୋଦୟ କାର୍ଡରେ ଚାଉଳ ଉଠୁଥିଲେ ମଧ୍ୟ ୪ ବର୍ଷ ହେଲା ସେ ଚାଉଳ ପାଉନାହାନ୍ତି। ଏଥିନେଇ ଗ୍ରାମବାସୀଙ୍କ ତରଫରୁ ଗତ ସପ୍ତାହରେ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଗ୍ରାମବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧ୍ରୁବଚରଣ ସାହାଣୀ, ସଞ୍ଜୟ ବେହେରା, ତପନ ଦାସ, ରମେଶଚନ୍ଦ୍ର ସାହାଣୀ, ରାମଚନ୍ଦ୍ର ସାହାଣୀ ପ୍ରମୁଖ ୨୨୪ ଜଣଙ୍କ ସ୍ୱାକ୍ଷର ସମ୍ୱଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାପୂର୍ବରୁ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ଉପରେ ଡବ୍ଲ୍ୟୁପି(ସି) ୦୦୧୧୬୬୭/ ୨୦୨୦/ ୪।୫।୨୦୨୦ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ହାଇକୋର୍ଟ ଏହି ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ୩ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଡଭୋକେଟ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ଆସନ୍ତା ୨୧ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। କିନ୍ତୁ ଏହାକୁ ବାଟବଣା କରିବାକୁ ଗୁରୁବାର ବ୍ଲକର ଜଣେ କର୍ମଚାରୀ ହିତାଧିକାରୀମାନଙ୍କୁ ପ୍ରଭାବିତ କରି ବିଭାଗୀୟ ଅଧିକାରୀ ଓ ଡିଲରଙ୍କ ସପକ୍ଷରେ ସ୍ୱାକ୍ଷର ଆଣିବାକୁ ଯାଇଥିବାବେଳେ ଗ୍ରାମବାସୀଙ୍କ ହାବୁଡାରେ ପଡି ହଟହଟା ହୋଇଥିବା ସୂଚନା ମିଳିଛି। ଏନେଇ ଶୁକ୍ରବାର ୧୦ ଜଣ ମହିଳା ଜିଲାପାଳଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅମ୍ଫନ୍ ଭୟ: ମୁକାବିଲା ନେଇ ପ୍ରସ୍ତୁତି

**ଜଗତ୍‌ସିଂହପୁର ଅଫିସ,୧୫।୫:** ସମ୍ଭାବ୍ୟ ବାତ୍ୟା 'ଅମ୍ଫନ୍' ଜିଲାବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଲାଣି। ୨୦ରେ ଏହି ବାତ୍ୟା ଉପକୂଳ ଛୁଇଁବା ଆକଳନ କରାଯାଇଥିବାରୁ କିପରି ଏହାର ମୁକାବିଲା କରାଯିବ ସେନେଇ ଲୋକେ ଚିନ୍ତାରେ ପଡିଲେଣି। ଏଥିମଧ୍ୟରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବା ସହ ସେଠାରେ ପ୍ରବାସୀଙ୍କୁ ରଖାଯାଉଛି। ଏସମୟରେ ବାତ୍ୟା ହେଲେ ଲୋକଙ୍କୁ କେଉଁଠି ରଖାଯିବ ତାହା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ବାଲିକୁଦା, ଏରସମା, ପାରାଦୀପ ଓ କୁଜଙ୍ଗ ବ୍ଲକ ଅଞ୍ଚଳକୁ ସ୍ପର୍ଶକାତର ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଲୋକଙ୍କୁ ରହିବା ପାଇଁ ୫୪୨ ବିଦ୍ୟାଳୟ ଓ ୪୨ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସରକାରୀ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟ ଛାଡି ନ ଯିବା ପାଇଁ ନିର୍ଦ୍ଦେଶ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶୁକ୍ରବାର ଜିଲାପାଳ ଜିଲାର ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସି ଜରିଆରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ସମୀକ୍ଷାରେ ସ୍ପର୍ଶକାତର ଅଞ୍ଚଳରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହିସବୁ ଅଞ୍ଚଳର ଅସୁରକ୍ଷିତ ଲୋକଙ୍କୁ ୧୮ ଓ ୧୯ ତାରିଖ ମଧ୍ୟରେ ସ୍ଥାନାନ୍ତର କରିବାକୁ ହେବ। ପାରାଦୀପ ଅତି ସ୍ପର୍ଶକାତର ଅଞ୍ଚଳ ହୋଇଥିବାରୁ ସେଠାରେ ୧୮ଟି ଆଶ୍ରୟସ୍ଥଳ ଚିହ୍ନଟ ସହ ୨ଟି ଓଡ୍ରାଫ୍ ଟିମ୍ ମହଜୁତ ରହିବା ପାଇଁ ନିର୍ଦ୍ଦେଶ ହୋଇଛି। ଆବଶ୍ୟକ ପଡିଲେ ସମୁଦ୍ର ଉପକୂଳଠାରୁ ୩ କିଲୋମିଟର ପରିଧି ମଧ୍ୟରେ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ତହସିଲଦାର ଆବଶ୍ୟକ ପଲିଥିନ ମହଜୁତ ରଖିବେ। ୧୬ ତାରିଖରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଜଗତ୍‌ସିଂହପୁରରେ ମଧ୍ୟ ଓଡ୍ରାଫ ଟିମ୍ ମୁତୟନ ରହିବେ। ଗଛ କଟା ଯନ୍ତ୍ର ପ୍ରସ୍ତୁତ ରଖାଯାଇଛି। ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଟ୍ୟାଙ୍କର ଓ ଜେନେରେଟର ପ୍ରସ୍ତୁତ ରଖିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଜରୁରୀ ବିଭାଗ ଅଧିକାରୀ ଶାଶ୍ୱତ ରଞ୍ଜନ ଦାଶଙ୍କ ସମେତ ଅତିରିକ୍ତ ଜିଲାପାଳ(ରାଜସ୍ୱ), ଜିଲା ଶିକ୍ଷା ଅଧିକାରୀ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଉଁଶ ପକାଇ ଅରଙ୍ଗାବାଦ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଯାଜପୁର ଅଫିସ,୧୫।୫**

**କ୍ୱାରାଣ୍ଟାଇନ୍ କେନ୍ଦ୍ର ସ୍ଥାନାନ୍ତର ଦାବି**



କ୍ୱାରାଣ୍ଟାଇନ୍ କେନ୍ଦ୍ର ସ୍ଥାନାନ୍ତର ଦାବିରେ ମହିଳାମାନଙ୍କ ରାସ୍ତା ଅବରୋଧ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦ ଗ୍ରାମରେ ଥିବା ଶ୍ୟାମସୁନ୍ଦର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଗ୍ରାମ ମଝିରେ ଏହି କ୍ୱାରାଣ୍ଟାଇନ କେନ୍ଦ୍ରକୁ ବିରୋଧକରି ଲୋକେ ଗ୍ରାମର ଦୁଇମୁଣ୍ଡରେ ବାଉଁଶ ପକାଇ ରାସ୍ତା ଅବରୋଧ କରିଥିଲେ। ଏହି କେନ୍ଦ୍ରରେ ରହିବା ପାଇଁ କେତେଜଣ ପ୍ରବାସୀ ଆସୁଥିବା ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦିନତମାମ ଗ୍ରାମବାସୀ ରାସ୍ତା ଉପରେ ଠିଆ ହୋଇ ରହିବା ସହିତ ଗାଁ ଭିତରକୁ କାହାକୁ ଛାଡି ନ ଥିଲେ। ଏହି କ୍ୱାରାଣ୍ଟାଇନ କେନ୍ଦ୍ରକୁ ସ୍ଥାନାନ୍ତର କରିବା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ସଂଗ୍ରହ କରାଯାଇ ଧର୍ମଶାଳା ବିଡିଓ, ତହସିଲଦାର ଓ ଯାଜପୁର ଜିଲାପାଳଙ୍କୁ ଦରଖାସ୍ତ ଲେଖି ଅବଗତ କରାଯାଇଥିବା ଜଣାପଡ଼ିଛି।

### ରମାଦେବୀ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆରେ ବସିବ ହାଟ

**ବରୀ, ୧୫।୫ (ସ୍ୱ.ପ୍ର.)**

ବରୀ ବ୍ଲକର ରମାଦେବୀ ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ଅସ୍ଥାୟୀ ଭାବେ ବରୀ ମାଉଣ୍ଡ ସାପ୍ତାହିକ ହାଟ ହେବା ସ୍ଥିର କରାଯାଇଛି। ଏ ନେଇ ତହସିଲ କାର୍ଯ୍ୟାଳୟରେ ବସିଥିବା ବୈଠକରେ ନିଷ୍ପତ୍ତି ହୋଇଛି। ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଶାଶ୍ୱତ ଯେନା, ବରୀ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ରମ୍ଭା ସରପଞ୍ଚ ବିଜୟ କିଶୋର ସାହାଣୀ, ଭାଜପା ନେତା ଆଶୁତୋଷ ପରିଡ଼ା, ଯୁବନେତା ରଞ୍ଜନ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏବେ କୃପାସିନ୍ଧୁବିଦ୍ୟାଭବନଖେଳପଡ଼ିଆଠାରେ ହାଟ ଚାଲୁଥିବା ବେଳେ ଏହା ସପ୍ତାହରେ ଦୁଇଦିନ ବସୁଛି। ମାତ୍ର ଏଠାରେ ଟ୍ରାଫିକ୍ ସମସ୍ୟା ଉପୁଜୁଥିବାରୁ ଖୋଲାସ୍ଥାନକୁ ହାଟ ସ୍ଥାନାନ୍ତର କରିବା ସକାଶେ ନିଷ୍ପତ୍ତି ନିଆଯାଇଛି।

# ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଜେନାପୁର/ଧର୍ମଶାଳା, ୧୫।୫ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଧୀନ କବାଟବନ୍ଧ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜଣେ ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଜେନାପୁର ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ପଦ୍ମାବତୀ। ପଦ୍ମାବତୀଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ତାଙ୍କ ଭାଇ ପ୍ରମୋଦ ରାଉଳ ଅଭିଯୋଗ କରିଛନ୍ତି। ୩ବର୍ଷ ପୂର୍ବେ ପଦ୍ମାବତୀ ବଳଭଦ୍ରପୁରର ପ୍ରଫୁଲ୍ଲଙ୍କୁ ବିବାହ କରିଥିଲେ। ଏହାପରେ ବିଭିନ୍ନ ସମୟରେ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ତେବେ ସେମାନେ ହିଁ ପଦ୍ମାବତୀଙ୍କୁ ହତ୍ୟା କରିଥିବା ପ୍ରମୋଦ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ନଂ. ୧୪୦/୨୦ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ପୋଲିସ ପ୍ରଫୁଲ୍ଲ ଓ ତାଙ୍କ ସାନ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଶାଶୁଘର ଲୋକଙ୍କ କହିବା ଅନୁସାରେ, ପଦ୍ମାବତୀଙ୍କ ଦେହ ଅସୁସ୍ଥ ହେବାରୁ ସେମାନେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପ୍ରଫୁଲ୍ଲ ଓ ତାଙ୍କ ଭାଇ ପଦ୍ମାବତୀଙ୍କୁ ବାଇକ୍‌ରେ କବାଟବନ୍ଧ ପ୍ରାଥମିକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନାବାଳିକାଙ୍କୁ ପ୍ରତାରଣା: ଯୁବକ ଗିରଫ

**କାଳିଆପାଣି, ୧୫।୫ (ଡି.ଏନ୍.ଏ.)**

କାଳିଆପାଣି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବାହା ହେବାକୁ ମନା କରିଦେଇଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ୫ମାସର ଗର୍ଭବତୀ ଥିବାରୁ ଅଭିଯୁକ୍ତ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଖରଖରୀ ଗ୍ରାମର ଯୁଧିଷ୍ଠିର ମାରାଣ୍ଡି (୨୫)ଙ୍କୁ ଗିରଫ କରିବାକୁ ପରିବାର ଲୋକେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଯୁଧିଷ୍ଠିରଙ୍କୁ ଗିରଫ କରିବା ସହ ନାବାଳିକାଙ୍କ ଡାକ୍ତରୀ ମାଇନା ପାଇଁ ପଠାଇଛନ୍ତି।

# ଯୌତୁକ ପାଇଁ ଝିଅ, ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ

**ରସୁଲପୁର,୧୫।୫ (ଡି.ଏନ୍.ଏ.)**



ରଞ୍ଜିତା ଓ ପ୍ରଶାନ୍ତ।(ଫାଇଲ୍ ଫଟୋ)

ବୋହୂ, ପୁଅ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଅଭିଯୋଗ କରିଥିବା ବେଳେ ବୋହୂଙ୍କ ବାପଘର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ ହୋଇଛି। ଘଟଣାଟି ରସୁଲପୁର ବ୍ଲକ ସାମନ୍ତରାପୁର ଗ୍ରାମର। ଉକ୍ତ ଗ୍ରାମର ରବୀନ୍ଦ୍ର ବିଶ୍ୱାଳଙ୍କ ପୁଅ ପ୍ରଶାନ୍ତ ଓ ବୋହୂ ରଞ୍ଜିତା ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଶୁକ୍ରବାର ଅଭିଯୋଗ ହୋଇଥିଲା। ହେଲେ ଝିଅ ଓ ଜ୍ୱାଇଁଙ୍କୁ ଶାଶୁ ମଞ୍ଜୁଲତା ଖାଦ୍ୟରେ ବିଷ ଦେଇ ମାରି ଦେଇଥିବା ରଞ୍ଜିତାଙ୍କ ବାପା ଉପେନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ବାହାଘର ସମୟରେ ପୁଅ ଘରର ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ଶାଶୁ ଅନେକ ସମୟରେ ରଞ୍ଜିତାଙ୍କୁ ନିର୍ଯାତନା ଦେଉଥିଲେ। ଦେଢ଼ବର୍ଷ ତଳେ ରଞ୍ଜିତା ଏକ କନ୍ୟାସନ୍ତାନ ଜନ୍ମ ଦେବା ପରେ ନିର୍ଯାତନା ଆହୁରି ବଢ଼ିଯାଇଥିଲା। ଏହାକୁ ପ୍ରଶାନ୍ତ ବିରୋଧ କରୁଥିଲେ। ତେଣୁ ରଞ୍ଜିତା ଓ ପ୍ରଶାନ୍ତଙ୍କ ଖାଦ୍ୟରେ ଶାଶୁ ବିଷ ମିଶାଇ ଉଭୟଙ୍କୁ ହତ୍ୟା କରିଛନ୍ତି। ଏହାଛଡ଼ା ଶାଶୁଘର ଲୋକେ ରଞ୍ଜିତାଙ୍କ ଦେଢ଼ବର୍ଷର ଝିଅକୁ ମଧ୍ୟ ମାରିଦେବେ ବୋଲି ଉପେନ୍ଦ୍ର ଏତଲାରେ ଦର୍ଶାଇଛନ୍ତି।

ଅନ୍ୟପଟେ ରଞ୍ଜିତା ଓ ପ୍ରଶାନ୍ତ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଉଭୟେ ଗୁରୁବାର ରାତିରେ ଶୋଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୧୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପ୍ରବାସୀଙ୍କୁ ଘାରିଛି ରୋଜଗାର ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ, ୧୫।୫**

**ଜିଲାର ଅଧା ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ**

ତାଲାବନ୍ଦ ଯୋଗୁ କର୍ମନିଯୁକ୍ତି ହରାଇ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପ୍ରବାସୀ ଜିଲାକୁ ଫେରିବାରେ ଲାଗିଛନ୍ତି। ଏମାନଙ୍କୁ ଏବେ ରୋଜଗାର ଚିନ୍ତା ଘାରିଛି। କର୍ମନିଯୁକ୍ତି ପାଇଁ ସରକାର କୃଷି କ୍ଷେତ୍ରକୁ ଅଗ୍ରାଧିକାର ଦେଉଥିବା ବେଳେ ଜିଲାରେ ଅଧାରୁ ଅଧିକ ଚାଷଜମି ପାଇଁ ଜଳସେଚନ ଏକ ପ୍ରମୁଖ ସମସ୍ୟା ହୋଇଛି। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ କେନାଲ ଆଦୌ ନାହିଁ। ଜଳସମ୍ପଦ ବିଭାଗ, କୃଷି ବିଭାଗ, ପଞ୍ଚାୟତିରାଜ ବିଭାଗ, ଉଠାଜଳସେଚନ ବିଭାଗ ଆଦି ଜିଲାରେ କାର୍ଯ୍ୟ କରୁଥିଲେ ମଧ୍ୟ ରାଜନଗର, ରାଜକନିକା ଓ ମହାକାଳପଡା ବ୍ଲକରେ ରାଜ୍ୟ ସରକାରଙ୍କ ପ୍ରତି ବ୍ଲକର ୩୫ ପ୍ରତିଶତ କ୍ଷେତକୁ ଜଳଯୋଗାଣ ଘୋଷଣା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇ ପାରିନାହିଁ। ରାଜକନିକା ବ୍ଲକର ୩୩.୬୨ ପ୍ରତିଶତ କ୍ଷେତକୁ ଜଳ ଯୋଗାଇ ଦିଆଯାଉଥିବା ବେଳେ ରାଜନଗର ଓ ମହାକାଳପଡା ବ୍ଲକର ଚାଷୀ ଜଳସେଚନ କ୍ଷେତ୍ରରେ ବହୁ ପଛରେ ପଡିଛନ୍ତି।

ମହାକାଳପଡା ବ୍ଲକରେ ୨୮,୦୭୦ ହେକ୍ଟର ଚାଷଜମି ଥିବାବେଳେ ମାତ୍ର ୬୮୨୩ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ଅର୍ଥାତ୍ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ମୋଟ ୨୫୮୯୫ ହେକ୍ଟର ଜମି ମଧ୍ୟରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ପ୍ରତିବର୍ଷ ଜିଲା କୃଷି ବିଭାଗ ପକ୍ଷରୁ ଜିଲାରେ ୧ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥାଏ। ଏଥିପାଇଁ ବିହନ, ସାର, କୀଟନାଶକ ସହ ବୈଷୟିକ ଜ୍ଞାନକୌଶଳ ଆଦି ଚାଷୀଙ୍କୁ ଯୋଗାଇ ଦିଆଯାଇଥାଏ। ତେବେ ଚାଷ ପାଇଁ ଜଳସେଚନ ଏକ ସମସ୍ୟା ହୋଇଛି। ଧାର୍ଯ୍ୟଲକ୍ଷ୍ୟ ୧ ଲକ୍ଷ ୫୨ ହଜାର ହେକ୍ଟର ଚାଷ ଜମିରୁ ମାତ୍ର ୪୬୭୨୭ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳସେଚନ ହେଉଥିବା ଜିଲା କୃଷିବିଭାଗ ତଥ୍ୟରୁ ଜଣାପଡେ। ୧୧୧୪ଟି ଲିଫ୍ଟ ଇରିଗେସନ ପଏଣ୍ଟ, ୩୦୬୩ ସ୍ୱାଲୋ ଟ୍ୟୁବ୍‌ୱେଲ ଦ୍ୱାରା ଜିଲାର ମୋଟ ୩୦୭୮୧ ହେକ୍ଟର ଜମିକୁ ଜଳସେଚନ ହେଉଥିବାବେଳେ ଅନ୍ୟାନ୍ୟ ଉତ୍ସରୁ ୧୦୬୨୪ ହେକ୍ଟର କ୍ଷେତକୁ ପାଣି ଯାଉଥିବା ତଥ୍ୟରେ ଦର୍ଶାଯାଇଛି। ତେବେ ଏହି ଆକଳନ ତୃଣମୂଳସ୍ତରରେ ଯାଞ୍ଚ କଲେ ଅବାସ୍ତବ ବୋଲି ବହୁ ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ସେମାନଙ୍କ ମତରେ ଉଠାଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ହଡ଼ପ କରୁଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ଅପରପକ୍ଷରେ ବିଶ୍ୱ ବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରୁ ରାଜ୍ୟ ସରକାର ଋଣ କରି କ୍ଷେତକୁ ଜଳ ପରିଚାଳନାର ଉନ୍ନୟନ ଯୋଜନା ପାଇଁ ଅର୍ଥ ଯୋଗାଇ ଦେଉଥିବା ବେଳେ ବିଭାଗୀୟ କର୍ମକର୍ତ୍ତାଙ୍କ ଅବହେଳାରୁ ହିତାଧିକାରୀଙ୍କୁ ସୁଫଳ ମିଳୁନାହିଁ। ପ୍ରତିବର୍ଷ ବନ୍ୟା ଆସି ଉପାନ୍ତ ଅଞ୍ଚଳର ଚାଷକୁ ନଷ୍ଟ କରୁଛି। ଜଳସେଚନ ସୁବିଧା ନ ଥିବାରୁ ଚାଷୀ ଚାଷରୁ ନିବୃତ୍ତ ରହୁଛନ୍ତି। ନଦୀ, କେନାଲର ଜଳ ବ୍ୟାରେଜ ଓ କ୍ରିକ୍ ବନ୍ଧ ଦ୍ୱାରା ଅଟକାଇ କ୍ଷେତକୁ ଜଳସେଚିତ ହୋଇପାରିବ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ଉପଜିଲାପାଳ ଜ୍ୟୋତି ରଞ୍ଜନ ମହାପାତ୍ର କୁହନ୍ତି, ଜଳସେଚନ ସମସ୍ୟା ନେଇ ଗତ ଫେବୃୟାରୀ ମାସରେ ପ୍ରଶାସନିକ ବୈଠକ ହୋଇଥିଲା। ଏଥିରେ ଅଣଜଳସେଚିତ ଜମି କ୍ଷେତ୍ରରେ ଉଠାଜଳସେଚନ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି।

## ଚମ୍ପୁଆ ରେଞ୍ଜରେ ୧୪୧ ହେକ୍ଟର ହେବ ବନୀକରଣ

ଚମ୍ପୁଆ, ୧୫।୫ (ଡି.ଏନ.ଏ.)–କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜର ୧୪୧ ହେକ୍ଟର ଜମିରେ ବନୀକରଣ କରାଯିବ ବୋଲି ରେଞ୍ଜର କାଶୀନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି। ଏନଏପି (ଜାତୀୟ ବନୀକରଣ ଯୋଜନା) ଅନୁଯାୟୀ ମଉଦି ଓ ଚତୁରିସାହିଠାରେ ୫୦ ହେକ୍ଟର, ପିଢ଼ ପୋଖରୀରେ ୬୯ ହେକ୍ଟର ରିଜର୍ଭ ଜଙ୍ଗଲ ଓ ବାଲିବନ୍ଧ ରିଜର୍ଭ ଫରେଷ୍ଟର ୨୨ହେକ୍ଟର ଜମିରେ ଚାରାରୋପଣ କରାଯିବାର ବ୍ୟବସ୍ଥା ରହିଛି। ଆସନ୍ତା ଜୁଲାଇଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସେହିପରି କୋଦଗାଡ଼ିଆଠାରେ ୧ କି.ମି. ରାସ୍ତା ପାର୍ଶ୍ୱ ଚାରାରୋପଣ କରାଯିବ ବୋଲି ରେଞ୍ଜର ହେମ୍ବ୍ରମ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଝିଙ୍କ ଶିକାରୀ ଗିରଫ: ୨ ବନ୍ଧୁକ ଜବତ

ସଜନାଗଡ଼ ୧୫।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରେ ଶୁକ୍ରବାର ଭୋର ସମୟରେ କୁଲଡ଼ିହା ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ବାବନ୍ଧ ବିଟ୍‌ଠାରେ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଉଛନ୍ତି ଶିଆଡ଼ିମାଳ ପଞ୍ଚାୟତର କଦମଶୂଳ ଗ୍ରାମର ରାଧୁ ସିଂ । ତାଙ୍କଠାରୁ ୨ ବନ୍ଧୁକ, ଗୋଟିଏ ମୃତ ଝିଙ୍କ ସହ ଟର୍ଚ୍ଚଲାଇଟ୍ ଓ ବାରୁଦ ଜବତ ହୋଇଛି। ଘଟଣାସ୍ଥଳରୁ ଶିକାରୀଙ୍କ ଦୁଇ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିଲେ। ଚଢ଼ାଉରେ ଫରେଷ୍ଟର ରାମେଶ୍ୱର ମୁର୍ମୁ, ଉମାକାନ୍ତ ଜେନା, ଫରେଷ୍ଟଗାର୍ଡ ଡାଲିମ୍ବ ବେହେରା, ସିଙ୍ଗରାଏ ହେମ୍ବ୍ରମ୍ ଏବଂ ସବୁଜବାହିନୀ ଉପସ୍ଥିତ ଥିଲେ। ଏ ନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ଏକ ମାମଲା (ନଂ. ୫/୨୦) ରୁଜୁ ହୋଇଛି।

### ଚେନ୍ନାଇରୁ ସାଇକେଲରେ ଆସିଲେ ଯୁବକ



ହାଟଡିହୀ,୧୫।୫ (ଡି.ଏନ୍.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗୋପ ଗ୍ରାମର ସୁବାସ ଘୋଷଙ୍କ ପୁଅ ବିମଳ (୨୫) ଚେନ୍ନାଇରୁ ଦୀର୍ଘ ପ୍ରାୟ ୧୯୦୦କିଲୋମିଟର ସାଇକେଲ ଯାତ୍ରା କରି ନିଜ ଗ୍ରାମରେ ଗତ ଗୁରୁବାର ରାତିରେ ପହଞ୍ଚିଛନ୍ତି। ହାଟଡିହୀ ପଞ୍ଚାୟତ ପକ୍ଷରୁ ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ବିମଳଙ୍କ କହିବା ଅନୁଯାୟୀ ଚଳିତ ମାସ ୪ ତାରିଖରୁ ସେ ଚେନ୍ନାଇରୁ ସାଇକେଲ ଧରି ଘର ଅଭିମୁଖେ ବାହାରି ୧୧ ଦିନ ପରେ ଗାଁରେ ପହଞ୍ଚିଛନ୍ତି। ଆସିବା ବେଳେ ସାଥିରେ ବିସ୍କୁଟ, ପାଣି ଆଣିଥିଲେ। ଭୋକ ଲାଗିଲେ ଖାଆନ୍ତି ଓ ଥକା ଲାଗିଲେ ଗଛ ମୂଳେ କିମ୍ବା ରାସ୍ତା କଡ଼ ଘର ପାଖରେ ସୁବିଧା ଦେଖି ବିଶ୍ରାମ ନେଇଥାନ୍ତି। ଏପରି କି ଭୋକ ଆଉ ଅନିଦ୍ରାକୁ ସାଥୀ କରି ସାଇକେଲ ଚଲାଇବାକୁ ପଡ଼ିଛି ଏବଂ ଦୃଢ଼ ମନୋବଳ ଏବଂ ଭଗବାନଙ୍କ ଆଶୀର୍ବାଦରେ ଏତେ ଦୂରରୁ ଆସି ନିଜ ଅଞ୍ଚଳରେ ପହଞ୍ଚି ପାରିଥିବା କହିଛନ୍ତି ବିମଳ।

### ଗୋପାଳପୁର ପଞ୍ଚାୟତ ଶଟ୍‌ଡାଉନ୍

ବାହାନଗା, ୧୫।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ପୁଣି ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହି ୩ଜଣ ଗୋପାଳପୁର ପଞ୍ଚାୟତର ହୋଇଥିବାରୁ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ଜିଲାପାଳଙ୍କ କ୍ଷମତା ବ୍ୟବହାର କରି ପଞ୍ଚାୟତକୁ ୨୦ ଘଣ୍ଟା ପାଇଁ ଶଟଡାଉନ ଘୋଷଣା କରିଛନ୍ତି। ସେ ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳ, ବାହାନଗା ବିଡିଓ, ବାହାନଗା ତହସିଲଦାର ଓ ଖନ୍ତାପଡା ଥାନା ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଶଟଡାଉନ୍ ଘୋଷଣା ପରେ ଗୋପାଳପୁର ପଞ୍ଚାୟତର ସମସ୍ତ ଦୋକାନ ବଜାର ଶୁକ୍ରବାର ସକାଳ ସାଢେ ୧୦ଟାରୁ ଶନିବାର ସକାଳ ସାଢେ ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାସ୍ତାଘାଟକୁ କେହି ବାହାରିପାରିବେ ନାହିଁ କି ଦୋକାନ ବଜାରକୁ ଆସିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ତେବେ କେବଳ ଔଷଧ ଦୋକାନ ସବୁ ଖୋଲା ରହିବ ବୋଲି ମାଇକ୍ ଦ୍ୱାରା ଘୋଷଣା କରାଯାଇଛି।

### ଚୋରା ବାଲି ଡିପୋରେ ଚଢାଉ, ୫୬ହଜାର ଜରିମାନା ଆଦାୟ

ଯୋଡା, ୧୫।୫(ଡି.ଏନ.ଏ.)-କେନ୍ଦୁଝର ଜିଲା ବଡବିଲ ତହସିଲ ଅନ୍ତର୍ଗତ ବନ୍ଧୁଆବେଡା ତଥା ଆଖପାଖ ଗ୍ରାମରେ କରାଯାଇଥିବା ବେଆଇନ ବାଲି ଡିପୋ ଉପରେ ଶୁକ୍ରବାର ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ୫ଜଣଙ୍କଠାରୁ ୫୬ହଜାର ୧୫୦ଟଙ୍କା ଜରିମାନା ଆଦାୟ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଠୁଳ କରାଯାଇଥିଲା। ୧୪ ଟି ବାଲି ଡିପୋ ଉପରେ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଶୁକ୍ରବାର ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଏହି ୧୪ଟି ଡିପୋରେ ୯୬୦ କ୍ୟୁବିକ୍ ମିଟର ବାଲି ବେଆଇନ ଭାବେ ରଖାଯାଇଥିବା ଆକଳନ କରାଯାଇଥିଲା। ଏହି ବେଆଇନ କାରବାରରେ ୧୪ଜଣ ସମ୍ପୃକ୍ତ ଥିବା ଜାଣିବା ପରେ ଶୁକ୍ରବାର ସେମାନଙ୍କ ମଧ୍ୟରୁ ୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି ।

# ୧୦୦ ଟପିଲା ବାଲେଶ୍ୱର

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ,୧୫।୫**



- ଭଦ୍ରକ ଅର୍ଦ୍ଧ ଶତକର ନିକଟବର୍ତ୍ତୀ
- ବାଲିଆପାଳ, ସିମୁଳିଆ ବ୍ଲକରେ କରୋନା ଥାପିଲା ପାଦ

ଉତ୍ତର ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାର ନାଁ ଧରୁନି। କ୍ରମାଗତ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନର ଚିନ୍ତା ବଢ଼ି ଯାଇଛି। ଉତ୍ତର ଓଡ଼ିଶାର ସର୍ବାଧିକ ସଂକ୍ରମିତ ଜିଲା ବାଲେଶ୍ୱରରେ ଶୁକ୍ରବାର ୧୨ ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨ରେ ପହଞ୍ଚିଛି। ଗଞ୍ଜାମ ତଳକୁ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଜିଲା ତାଲିକାରେ ବାଲେଶ୍ୱର ରହିଛି। ଜିଲାର ଆଉ ଦୁଇ ନୂଆ ବ୍ଲକ ସିମୁଳିଆ ଓ ବାଲିଆପାଳରେ କରୋନା ପାଦ ଥାପିଛି। ଭଦ୍ରକ ଜିଲା ମଧ୍ୟ ବାଲେଶ୍ୱରର ପିଛା କରି ଚାଲିଛି। ଆକ୍ରାନ୍ତଙ୍କ ସଂଖ୍ୟାରେ ବାଲେଶ୍ୱର ଶତକ ପାର୍ କରିଥିବା ବେଳେ ଭଦ୍ରକ ମଧ୍ୟ ଅର୍ଦ୍ଧଶତକର ନିକଟତର ହୋଇଛି। ଏହି ଜିଲାରୁ ୬ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬ରେ ପହଞ୍ଚିଛି।

ବାଲେଶ୍ୱର ଜିଲାରୁ ଶୁକ୍ରବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ବାଲିଆପାଳ ବ୍ଲକର ୪, ବାହାନଗା ବ୍ଲକର ୩, ସିମୁଳିଆ ବ୍ଲକର ୩ ଜଣଙ୍କ ସମେତ ବାଲେଶ୍ୱର ପୌରାଞ୍ଚଳର ୨ ଜଣ ରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ସେଥିମଧ୍ୟରୁ ୭ ଜଣ ପଶ୍ଚିମବଙ୍ଗ ଫେରନ୍ତା ହୋଇଥିବା ବେଳେ ୨ ଜଣ ସୁରଟ ଏବଂ ମହାରାଷ୍ଟ୍ର ଓ ଦିଲ୍ଲୀରୁ ଜଣେ ଲେଖାଏ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଅନ୍ୟ ଜଣେ ଜିଲାର ପ୍ରଥମ ଓ ରାଜ୍ୟର ୬୧ନଂ. ଆକ୍ରାନ୍ତଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସମସ୍ତ ଆକ୍ରାନ୍ତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଠାବ କରାଯାଇ ଜିଲା କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍ ବ୍ୟତୀତ ଯେଉଁ ଅଞ୍ଚଳରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଉକ୍ତ ଅଞ୍ଚଳକୁ ଆବଦ୍ଧାଞ୍ଚଳ ଘୋଷଣା ନେଇ ଜିଲାପ୍ରଶାସନ ପକ୍ଷରୁ ବିଚାରବିମର୍ଶ ଜାରି ରହିଛି। ପୂର୍ବରୁ ଜିଲାରେ ୯୦ ଜଣ ଚିହ୍ନଟ ହୋଇସାରିଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣ ଆରୋଗ୍ୟ ହୋଇ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କୁରୁଡ଼ା ସ୍ଥିତ ଜ୍ୟୋତି ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇଥିବା ବେଳେ ସେଠାରେ ମାତ୍ର ୧୨୦ ଶଯ୍ୟାରେ ସୀମିତ ରଖାଯାଇଛି। ଜିଲାକୁ ଫେରିଥିବା ପ୍ରବାସୀ ଓଡ଼ିଆ ଓ ପଶ୍ଚିମବଙ୍ଗରୁ ଫେରିଥିବା ବ୍ୟକ୍ତି ଅଧିକ ଚିହ୍ନଟ ହେଉଥିବାରୁ ଜିଲାରେ ସେମାନଙ୍କୁ ରଖାଯାଇ ଚିକିତ୍ସା କରାଯିବା ପାଇଁ ନୂତନ କୋଭିଡ୍ ହସ୍ପିଟାଲ ଆବଶ୍ୟକତା ଥିବା ନେଇ ଜିଲାପ୍ରଶାସନ ମୁଣ୍ଡବ୍ୟଥାର କାରଣ ହୋଇଛି।

ଭଦ୍ରକ ଜିଲାରୁ ଚିହ୍ନଟ ୬ଜଆକ୍ରାନ୍ତ କୋଲକାତା ଫେରନ୍ତା ବୋଲି ଜଣାପଡ଼ିଛି। ସମସ୍ତେ କ୍ୱାରାଣ୍ଟାଇନ୍‌ରେ ଥିଲେ ଓ ସେମାନଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି।

# ଥାନାରୁ ଫେରାର ଅଭିଯୁକ୍ତ ୩ ଦିନ ପରେ ଜଙ୍ଗଲରୁ ଧରାପଡ଼ିଲେ

**ବାରିପଦା ଅଫିସ,୧୫।୫**



ଗିରଫ ଅଭିଯୁକ୍ତ ବବୁଲୁ ହେମ୍ବ୍ରମ।

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନାରୁ ମଙ୍ଗଳବାର ରାତିରେ ଚମ୍ପଟ ମାରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ୩ ଦିନ ପରେ ଶୁକ୍ରବାର ଭୁଡୁରୁବଣୀ ଜଙ୍ଗଲରୁ ଧରିଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜନୈକା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ରଜାବସା ଗ୍ରାମର ବବୁଲୁ ହେମ୍ବ୍ରମଙ୍କୁ ବାରିପଦା ସଦର ଥାନା ପୋଲିସ ଗିରଫ କରିଥିଲା। ପୋଲିସ ମଙ୍ଗଳବାର ରାତି ୧୧ଟାରେ ବବୁଲୁଙ୍କୁ ଆଣି ଥାନାରେ ରଖିଥିଲା। କୌଶଳକ୍ରମେ ବବୁଲୁ ଉକ୍ତ ରାତି ପ୍ରାୟ ୩ଟା ସମୟରେ ଖସି ପଳାଇଥିଲେ। ପରେ ପୋଲିସ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିଲା। ସଦର ଥାନା ଟାଉନ ଥାନା ଅଞ୍ଚଳରେ ଆସୁଥିବାରୁ ସଦର ଥାନା ଏସ୍‌ଆଇ ସନ୍ତୋଷ କୁମାର ବିଷୋୟୀ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩ ଦିନ ପରେ ଜଙ୍ଗଲରୁ ବବୁଲୁଙ୍କୁ ଧରିବା ପରେ କୋର୍ଟଚାଲାଣ କରିଛି। ଏନେଇ ସଦର ଥାନା ଅଧିକାରୀ ପ୍ରେମଦା ନାଏକଙ୍କୁ ପଚାରିବାରୁ ରାତିରେ ଅଭିଯୁକ୍ତ ପାଣି ପିଇବା ବାହାନାରେ ଖସି ପଳାଇ ଯାଇଥିବା କହିଛନ୍ତି।

# ୩ ସ୍ୱତନ୍ତ୍ର ଟ୍ରେନରେ ପହଞ୍ଚିଲେ ୧୪୩୯ ପ୍ରବାସୀ

**ବାଲେଶ୍ୱର ଅଫିସ, ୧୫।୫**



ବାଲେଶ୍ୱର ଷ୍ଟେଶନରେ ଟ୍ରେନରୁ ଓହ୍ଲାଉଥିବା ପ୍ରବାସୀ ।

ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ହାଇଦ୍ରାବାଦ୍‌ରୁ ୩ ସ୍ୱତନ୍ତ୍ର ଟ୍ରେନ ଯୋଗେ ୧୪୩୯ ପ୍ରବାସୀ ଶୁକ୍ରବାର ବାଲେଶ୍ୱର ରେଳଷ୍ଟେଶନରେ ଓହ୍ଲାଇଛନ୍ତି। ସମସ୍ତେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରବାସୀଙ୍କ ଥର୍ମାଲ ଟେଷ୍ଟ କରାଯାଉଥିବା ବେଳେ ବାଲେଶ୍ୱରର ସମସ୍ତ ପ୍ରବାସୀ ଓଡ଼ିଆଙ୍କ ପାଇଁ ଷ୍ଟେଶନର ପୂର୍ବପଟେ ପଞ୍ଜିକୃତ ଏବଂ ପ୍ରତୀକ୍ଷାଳୟ ବ୍ୟବସ୍ଥା କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାର ପ୍ରବାସୀ ଓଡ଼ିଆଙ୍କ ପାଇଁ ଷ୍ଟେଶନର ପଶ୍ଚିମପଟେ କାଉଣ୍ଟର କରାଯାଇ ପଞ୍ଜିକୃତ ଏବଂ ପ୍ରତୀକ୍ଷାଳୟର ବ୍ୟବସ୍ଥା କରାଯାଇଛି। ପରିବହନ ବିଭାଗ ପକ୍ଷରୁ ବସ୍ କରାଯାଇ ସେମାନଙ୍କୁ ନିଜ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଛଡାଯିବାର ବ୍ୟବସ୍ଥା କରାଯାଇଛି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ଓ ଅନ୍ୟ ଅଧିକାରୀମାନେ ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି ସମସ୍ତ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଏସ୍‌ପି ବି. ଯୁଗଳ କିଶୋରଙ୍କ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୫ ଜଣ ଅଧିକାରୀ ସୁରକ୍ଷା ଓ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ।

# ଘରକୁ ଫେରିବା ବେଳେ ବାଟରେ ଟଳି ପଡ଼ିଲେ

**ଜଳେଶ୍ୱର, ୧୫।୫(ସ୍ୱ.ପ୍ର.)**

ଲକ୍‌ଡାଉନ ଲାଗି କୋଲକାତାରେ ୨ମାସ ଧରି ଫଶି ରହିଥିବା ପୁରୀ ଜିଲା କାକଟପୁର ଅଞ୍ଚଳ ଟିକରପଡ଼ା ଗାଁର ଧ୍ରୁବେଇ ମହାନ୍ତି (୫୬) ଶୁକ୍ରବାର ବହୁ କଷ୍ଟରେ ଘରକୁ ଫେରୁଥିଲେ। ଲମ୍ବା ପ୍ରତୀକ୍ଷା ଓ ଅନିଶ୍ଚିତତାରେ ରହିବା ପରେ ଘରେ ପହଞ୍ଚିଗଲେ ସବୁ ଦୁଃଖ ଲାଘବ ହୋଇଯିବ ବୋଲି ସେ ଭାବିଥିଲେ। ହେଲେ ସେସବୁ ଅଧାରେ ରହିଗଲା। ଘରେ ପହଞ୍ଚିବା ପୂର୍ବରୁ ବାଟରେ ସେ ଟଳିପଡିଲେ। ସେହିଠାରେ ହିଁ ତାଙ୍କ ପ୍ରାଣବାୟୁ ଉଡିଗଲା। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥ ଲକ୍ଷ୍ମଣନାଥ ଉପାନ୍ତ ଚେକ୍‌ଗେଟ୍ ନିକଟରେ।

ସେ କୋଲକାତାରେ ରହି କାର୍ଯ୍ୟ କରୁଥିଲେ। ଶୁକ୍ରବାର ସେ କୋଲକତା–ସୋନାକଣିଆ ବସ୍‌ରେ ଫେରିଥିଲେ। ସେ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇ ଦ୍ୱିପ୍ରହର ସମୟରେ ୬୦ନଂ. ଜାତୀୟ ରାଜପଥକୁ ନିଜର ଆସବାବପତ୍ର ଧରି ଚାଲି ଚାଲି ଆସିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସେ ହଠାତ୍ ରାସ୍ତାରେ ପଡ଼ିଯାଇଥିଲେ। ତାଙ୍କର କପାଳର ଡାହାଣପଟେ ଏକ କ୍ଷତ ସୃଷ୍ଟି ହୋଇ ରକ୍ତ ଝରୁଥିବା ଦେଖିବାକୁ ମିଳିଥିଲା। ସେଠାରେ ଥିବା ଲୋକେ ତାଙ୍କୁ ପାଣି ଦେଇଥିଲେ ମଧ୍ୟ ସେ ଅଚେତ ହୋଇପଡିଥିଲେ। ଖବର ପାଇ ଜଳେଶ୍ୱର ପୋଲିସ୍ ପହଞ୍ଚି ତୁରନ୍ତ ତାଙ୍କୁ ହସ୍‌ପିଟାଲ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଅଂଶୁଘାତଜନିତ ମୃତ୍ୟୁ କି ହୃଦଘାତଜନତ୍ ତାହା ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ମିଳିପାରିବ ବୋଲି ପୋଲିସ୍ କହିଛି। ଏ ସମ୍ପର୍କରେ ତାଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି। ସମ୍ପର୍କୀୟମାନେ ଆସିବା ପରେ ବ୍ୟବଚ୍ଛେଦ ହେବ ବୋଲି ପୋଲିସ୍ କହିଛି।

# ଜିଲା ମୁଖ୍ୟ ଡାକଘରେ ସାଧାରଣ ଗ୍ରାହକ ସେବା ବ୍ୟବସ୍ଥା

**ଭଦ୍ରକ ଅଫିସ, ୧୫।୫**

ଭଦ୍ରକ ଜିଲା ମୁଖ୍ୟ ଡାକ ଘରେ ଶୁକ୍ରବାର ସାଧାରଣ ଗ୍ରାହକ ସେବା ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ଏହି ସେବା ରାଜ୍ୟରେ ପ୍ରଥମ କରି ଭଦ୍ରକରେ ଉପଲବ୍ଧ ହୋଇଛି। କେନ୍ଦ୍ର ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନା ଅଧୀନରେ ଏହା ଏକ ଲୋକାଭିମୁଖୀ ଯୋଜନା। ଏହି ସେବାକୁ ମୁଖ୍ୟ ମହାଡାକପାଳ ସୁବାସ ଚନ୍ଦ୍ର ବର୍ମା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଡାକମଣ୍ଡଳ ଅଧୀକ୍ଷକ ସର୍ବେଶ୍ୱର ମିଶ୍ର, ସହାୟକ ଅଧୀକ୍ଷକ ଶୁଭ୍ରକାଶ ନାୟକ, ଡାକପାଳ ଅନିରୁଦ୍ଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେବା ଦ୍ୱାରା ଗ୍ୟାସ, ମୋବାଇଲ ରିଚାର୍ଜ, ପାନକାର୍ଡ଼, ଆଧାରକାର୍ଡ଼, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସାଧାରଣ ଆବଣ୍ଟନ ଯୋଜନା, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ ଶ୍ରମ, ମନ, ଧନ ଯୋଜନା, ବସ୍ ଓ ରେଳ ଟିକେଟ ବୁକିଂ, ଶ୍ରମିକ ପଞ୍ଜୀକରଣ ଓ ପ୍ରମାଣପତ୍ର ବିଭିନ୍ନ ବୀମା ପୈଠ, ଆୟକର ବିଭାଗର କାର୍ଯ୍ୟ ସେବାଗୁଡ଼ିକ ଏଠାରେ ଉପଲବ୍ଧ ହୋଇପାରିବ ବୋଲି ଉଦ୍‌ଘାଟକ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ନିଲୋକ ପଞ୍ଚାୟତ ଶଟ୍‌ଡାଉନ୍

**ବନ୍ତ, ୧୫।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ରୋକିବା ଲକ୍ଷ୍ୟରେ ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକ ସରପଞ୍ଚ ଅଶୋକ କୁମାର ମହାନ୍ତି ଶନିବାର ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ପଞ୍ଚାୟତକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଶୁକ୍ରବାର ତହସିଲଦାର ଇନ୍ଦିରା ସାହୁ, ବିଡିଓ ରେବେକା ବିଲୁଙ୍ଗ, ଥାନାଧିକାରୀ ମିନା ବିନ୍ଧାଣୀଙ୍କୁ ଲିଖିତ ଭାବେ ଜଣାଇବା ସହ ପ୍ରଶାସନର ସହାୟତା ଲୋଡିଛନ୍ତି।

## ବଜ୍ରପାତ ନେଲା ଜୀବନ

**ସଜନାଗଡ, ୧୫।୫(ଡି.ଏନ୍.ଏ.)**

ନୀଳଗିରି ଥାନା ହାତିଆଶିଳା ଗ୍ରାମର ଗୁରା ସିଂ ( ୨୧ )ନାମକ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଗୁରା ନିଜ ମା'ଙ୍କ ସହ ଘର ଭିତରେ ଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କ ଘରର ଏକ ପାର୍ଶ୍ୱରେ ନିଆଁ ଲାଗିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପ୍ରବାସୀଙ୍କ ଲାଗି ଶଯ୍ୟା ଚିନ୍ତା

**କପ୍ତିପଦା,୧୫।୫(ଡି.ଏନ.ଏ.)**

- ଆବଶ୍ୟକ ୫୫୪୨, ଅଛି ୧୫୫୦
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

ମୟୂରଭଞ୍ଜ ଜିଲାର କପ୍ତିପଦା ବ୍ଲକରେ ୯ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏବେ ଫେରନ୍ତା ପ୍ରବାସୀଙ୍କ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି। ପଞ୍ଜୀକରଣ କରିଥିବା ପ୍ରବାସୀ ଓଡ଼ିଆମାନଙ୍କ ଲାଗି ଆବଶ୍ୟକ କ୍ୱାରାଣ୍ଟାଇନ୍ କେନ୍ଦ୍ର, ଶଯ୍ୟା, ସୁରକ୍ଷା, ଖାଦ୍ୟପେୟ ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥାର ସୁପରିଚାଳନା ଜରୁରୀ ହୋଇପଡ଼ିଛି।

କପ୍ତିପଦା ବ୍ଲକ୍‌କୁ ମୋଟ ୫୫୪୨ଜଣ ପ୍ରବାସୀ ଓଡ଼ିଆ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ୩୧ଟି ସଙ୍ଗରୋଧ କେନ୍ଦ୍ରରେ ମାତ୍ର ୧୩୫୦ଟି ଏବଂ ବ୍ଲକ୍ ସଙ୍ଗରୋଧ କେନ୍ଦ୍ରର ୨୦୦ ଶଯ୍ୟାକୁ ମିଶାଇ ମୋଟ ୧୫୫୦ ଶଯ୍ୟା ପ୍ରସ୍ତୁତ ହୋଇଛି। ଯାହାକୁ ନେଇ ସମସ୍ୟା ମୁଣ୍ଡ ଟେକିଛି। ତୁରନ୍ତ ଶଯ୍ୟା ସଂଖ୍ୟା ବଢ଼ାଇବା ପାଇଁ ଦାବି ହୋଇଛି। ପ୍ରବାସୀ ଫେରିବା ପରେ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ଠିକ୍ ଭାବେ ଥଇଥାନ କରା ନ ଗଲେ ପରିସ୍ଥିତି ବିଗିଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ସତ୍ୟନାଥ ନାଏକଙ୍କୁ ପଚାରିବାରୁ ଆବଶ୍ୟକ ହେଲେ କିଛି ଅତିରିକ୍ତ ସଙ୍ଗରୋଧ କେନ୍ଦ୍ର ଖୋଲାଯିବ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସମସ୍ତ ସରପଞ୍ଚଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି। ସୂଚନା ଅନୁଯାୟୀ, ଗତ ୪ ତାରିଖଠାରୁ ଅଦ୍ୟାବଧି ଏହି ବ୍ଲକକୁ ୩୧୫ ପ୍ରବାସୀ ଫେରିଛନ୍ତି। ଏହି ପ୍ରବାସୀ ଓଡ଼ିଆମାନଙ୍କୁ କପ୍ତିପଦା କଲେଜ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପଞ୍ଜୀକରଣ କରାଯିବା ପରେ ନିଜ ନିଜ ପଞ୍ଚାୟତରେ ଥିବା ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଛି। ବିଶେଷକରି ପ୍ରବାସୀମାନେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ କଥା ମାନୁ ନ ଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି ହେଉଛି। କପ୍ତିପଦା ଓ ଶରତ ଥାନାରେ ମଧ୍ୟ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପୋଲିସ ରହି ପାରୁ ନ ଥିବାରୁ ଏହା ଅମାନିଆଙ୍କୁ ବେଶ୍ ସୁହାଉଛି ।

# ବର୍ଷା ଆଶଙ୍କା: ୨ ଡ୍ୟାମ୍‌ର ଗେଟ୍ ଖୋଲିଲା



କାଳ ଡ୍ୟାମର ଗେଟ୍ ଖୋଲା ଯାଇଛି ।

**କପ୍ତିପଦା,୧୫।୫(ଡି.ଏନ.ଏ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହାକୁ ଲକ୍ଷ୍ୟରଖି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଥିବା କାଳ ଓ ସୁନେଇ ଡ୍ୟାମ୍ କର୍ତ୍ତୃପକ୍ଷ ଆଗୁଆ ସତର୍କତା ଅବଲମ୍ବନ କରିଛନ୍ତି। ଏହି ୨ ଡ୍ୟାମ୍‌ରେ ୬୦ପ୍ରତିଶତ ଜଳ ଗଚ୍ଛିତ ରଖି ଅବଶିଷ୍ଟ ଜଳକୁ ଛାଡ଼ି ଦିଆଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କାଳ ଡ୍ୟାମ୍‌ର ଗୋଟିଏ ଗେଟ ଖୋଲଥିବା ବେଳେ ୧ଟାରେ ସୁନେଇ ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲିଛି। ସୁନେଇରେ ୬୦୬୦ କ୍ୟୁବିକ୍ ଜଳ ଧାରଣା କ୍ଷମତା ଥିବା ବେଳେ ଗୋଟିଏ ଗେଟ ମାଧ୍ୟମରେ ପ୍ରତି ସେକେଣ୍ଡରେ ୧୫୦ କ୍ୟୁବିକ୍ ଜଳ ନିଷ୍କାସିତ ହେଉଛି। ସେହିପରି କାଳ ଡ୍ୟାମ୍‌ରେ ଜଳ ଧାରଣ ବିପଦ ସଙ୍କେତ ୭୭.୭୦ ମିଟର ଥିବା ବେଳେ ପ୍ରତି ସେକେଣ୍ଡରେ ୧୬୫ କ୍ୟୁବିକ୍ ଜଳ ନିଷ୍କାସିତ ହେଉଥିବା ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ କହିଛନ୍ତି।

# ରାସ୍ତାରେ ବସି ପ୍ରତିବାଦ ଜଣାଇଲେ ଗ୍ରାମବାସୀ

## ସୁରଟ ଫେରନ୍ତାଙ୍କ ସଙ୍ଗରୋଧ ନିୟମ ଉଲ୍ଲଂଘନ

**ଖଇରା, ୧୫।୫(ଡି.ଏନ.ଏ.)**



ଗ୍ରାମବାସୀ ରାସ୍ତା ଉପରେ ବସି ପ୍ରତିବାଦ କରୁଛନ୍ତି ।

ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତ ଅଧୀନ ପିହାଣଗଡିଆ ଗ୍ରାମରେ ଏକ ସୁରଟ ଫେରନ୍ତା ଦମ୍ପତି ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଦମ୍ପତିଙ୍କୁ ଘରୁ ସ୍ଥାନାନ୍ତର କରି ସଙ୍ଗରୋଧ କେନ୍ଦ୍ରରେ ରଖିବା ଦାବିରେ ଶତାଧିକ ଗ୍ରାମବାସୀ ଘରୁ ବାହାରି ଆସି ରାସ୍ତା ଉପରେ ବସି ରହିଥିଲେ। ପରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଲୋକମାନେ ରାସ୍ତାରୁ ଉଠିଥିଲେ।

ଗ୍ରାମର ସୁରଟ ଫେରନ୍ତା ଦମ୍ପତି ଜଣକ ଶୁକ୍ରବାର ସକାଳେ ଟ୍ରେନରୁ ଓହ୍ଲାଇ ଘରକୁ ଚାଲି ଯାଇଥିଲେ । ସରପଞ୍ଚ, ଆଶା ଓ ଅଙ୍ଗନୱାଡି କର୍ମୀ ତାଙ୍କୁ ବାଘୁଆ ହାଇସ୍କୁଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ଅନୁରୋଧ କରିଥିଲେ ମଧ୍ୟ ତାକୁ ସେମାନେ ଭ୍ରୂକ୍ଷେପ କରି ନ ଥିଲେ । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବିଡିଓ ଉକ୍ତ ଦମ୍ପତିଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ । ସରପଞ୍ଚ ସୁବାସିନୀ ଦାସଙ୍କୁ ଯୋଗାଯୋଗ କରିବାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଏମ୍‌କେସିଜିରେ ୪୬ କରୋନା ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ,୧୫।୫:** ସୁରଟ ଫେରନ୍ତାଙ୍କୁ ନେଇ ଗଞ୍ଜାମ ଜିଲାରେ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରବାସୀ ଓଡ଼ିଆଙ୍କ ଆଗମନ ବୃଦ୍ଧି ସାଙ୍ଗକୁ କରୋନା ପଜିଟିଭ ତାଲିକା ବଢ଼ିବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ଜିଲାର ବିଭିନ୍ନ ସଙ୍ଗରୋଧ କକ୍ଷରେ ଥିବା ୪୨ ସୁରଟ ଫେରନ୍ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେହିପରି ଶୁକ୍ରବାର ମଧ୍ୟ ୪ ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ଏବେ ୪୬ ସନ୍ଦିଗ୍ଧ ଚିକିତ୍ସିତ ହେଉଥିବା ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ୩୦ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଶୁକ୍ରବାର ୧୬ ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଏମ୍‌କେସିଜି ସହ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯିବ ବୋଲି ସେ କହିଛନ୍ତି।

### ଭୋଜି ପରେ ଗଣ୍ଡଗୋଳ, ଜଣେ ଗୁରୁତର

**ବେଗୁନିଆପଡ଼ା,୧୫।୫(ଡି.ଏନ.ଏ.):** ଭୋଜିପରେ ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ ଓ ସହଯୋଗୀଙ୍କ କାଠ ଫାଳିଆ ମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି ବେଗୁନିଆପଡା କଞ୍ଚଣା ଛକଠାରେ। ପୋଲିସ ସୂଚନା ପ୍ରକାରେ, ଗୁରୁବାର ରାତିରେ ଜେ.ମାନସ ଭାଟପଡ଼ା ଗ୍ରାମର ୨ଜଣ ବ୍ୟକ୍ତିଙ୍କ ସହ ମିଶି ଭୋଜି କରୁଥିଲେ। ଖାଇସାରିବା ପରେ ମାନସ ନିଶାସକ୍ତ ଅବସ୍ଥାରେ ଅନ୍ୟ ୨ଜଣଙ୍କୁ ଗାଳିଗୁଲଜ ସହ ମାରପିଟ କରିଥିଲେ। ସେମାନେ ମିଶି ମାନସଙ୍କ ମୁଣ୍ଡକୁ କାଠଫାଳିଆରେ ପିଟି ଦେଇଥିଲେ। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସରେ ବ୍ରହ୍ମପୁର ପଠାଇଥିଲେ। ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ତଦନ୍ତ ଚଳାଇଥିଲେ ମଧ ଏତଲା ହୋଇ ନ ଥିବା କହିଛନ୍ତି। ମାନସଙ୍କୁ ତାଙ୍କ ଭଉଣୀ ମେଡିକାଲ ଯାଇଥିବା ପୋଲିସ କହିଛି।

### ଋଣ, ଚାରା ଦେବା ନାଁରେ ଠକେଇ, ଜଣେ ଗିରଫ

**ବାଲିଗୁଡା,୧୫।୫(ଡି.ଏନ୍.ଏ.):** ବାଲିଗୁଡା ଉପଖଣ୍ଡ କୋଟଗଡ଼ ପୋଲିସ ଜଣେ ଠକକୁ ଗିରଫ କରିଛି। ଠକ ଜଣକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ଗ୍ରାମର ଭିମରାଜ ନାୟକ। ଭିମରାଜ ନିଜକୁ ଆଇଟିଡିଏ (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା)ର କର୍ମଚାରୀ କହି ଦୀର୍ଘଦିନ ହେଲା କୋଟଗଡ଼ ଅଞ୍ଚଳବାସୀଙ୍କୁ ଠକି ଆସୁଥିଲା। ଲୋକଙ୍କୁ କାଜୁ ଚାରା ଓ ଛେଳିଚାଷ ପାଇଁ ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିଲା। କିଛିଦିନ ପରେ ଲୋକେ ଚାରା କିମ୍ବା କୌଣସି ଋଣ ନପାଇ ବାଲିଗୁଡ଼ା ଆଇଟିଡିଏ କାର୍ଯ୍ୟାଳୟକୁ ଯାଇଥିଲେ। ଭିମରାଜ ନାୟକ ନାମରେ କୌଣସି କର୍ମଚାରୀ ନାହାନ୍ତି ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ପରେ ଭିମରାଜ ପାରିଗଡ଼ ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। କୋଟଗଡ ପୋଲିସ ନଂ.୩୧/୨୦ରେ ଏକ ମାମଲା ରୁଜୁ କରି ଭିମରାଜଙ୍କୁ କୋର୍ଟ ଚାଲାଣ କରିଥିବା କୋଟଗଡ଼ ଆଇଆଇସି ହରମୋହନ ନାୟକ ସୂଚନା ଦେଇଛନ୍ତି।

### ଆକ୍ରମଣ ମାମଲା, ୩ ଜେଲ ଗଲେ

**ଦିଗପହଣ୍ଡି,୧୫।୫(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଶୁକ୍ରବାର ଭିଷ୍ମଗିରି ଗ୍ରାମର ଏମ୍.କଂଗ୍ରେସ ପାତ୍ର, ଏମ୍.ରାଜି ଓରଫ ରାଜେନ୍ଦ୍ର ପାତ୍ର ଦୁଇ ଭାଇଙ୍କ ସମେତ ତାଙ୍କ ସମ୍ପର୍କୀୟ ଏମ୍.ମାଗି ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୧୧୧/୨୦ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନାନୁସାରେ ଭୀଷ୍ମଗିରି ଗ୍ରାମରେ କିଛି ଚାଷଜମି କ୍ରୟ ବିକ୍ରୟକୁ କେନ୍ଦ୍ରକରି ବି.ମଙ୍ଗଳା ପାତ୍ର ଏବଂ ଏମ୍.ସୁବୁଦ୍ଧି ପାତ୍ରଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଅଶାନ୍ତି ଲାଗିରହିଥିଲା। ଗତ ୯ ତାରିଖ ସକାଳେ ଏମ୍.ସୁବୁଦ୍ଧିଙ୍କ ପୁଅ ରାଜେନ୍ଦ୍ର ତାଙ୍କ ମଇଁଷି ପଲକୁ ବି.ମଙ୍ଗଳାଙ୍କ ରାଶି କିଆରିରେ ପୁରାଇ ରାଶି ଫସଲ ନଷ୍ଟ କରିଦେଇଥିଲେ। ସନ୍ଧ୍ୟାରେ ବି.ମଙ୍ଗଳା ଏବଂ ତାଙ୍କ ଭାଇ ବି.ବାଫୁଲୁ ଏମ୍.ସୁବୁଦ୍ଧିଙ୍କ ଘରକୁ ଯାଇ ପ୍ରତିବାଦ କରିବାରୁ ତାଙ୍କ ପୁଅ ରାଜି ଓରଫ ରାଜେନ୍ଦ୍ର ଓ ତାଙ୍କ ସମ୍ପର୍କୀୟ ଉଭୟ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବି.କୁରେଶୁ ଏନେଇ ଏତଲା ଦେଇଥିଲେ। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ଗାଁକୁ ଫେରିଥିବା ଖବର ପାଇ ପୋଲିସ ଗିରଫ କରିଥିଲା।

# ଶ୍ରମଜୀବୀଙ୍କୁ ରୋଜଗାର ଦେବାକୁ ପ୍ରୟାସ

- ୮ ଅଞ୍ଚଳର ଡ୍ରେନ୍, କଲଭର୍ଟ ନିର୍ମାଣ ଯୋଜନା
- ବିଏମ୍‌ସି ପକ୍ଷରୁ ଆରମ୍ଭ ହେଲା ଟେଣ୍ଡର ପ୍ରକ୍ରିୟା
- ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ

**ବ୍ରହ୍ମପୁର ଅଫିସ,୧୫।୫**

ଲକ୍‌ଡାଉନ୍ ସମୟରେ ଶ୍ରମିକଙ୍କୁ ସହରାଞ୍ଚଳ ନିଯୁକ୍ତି ଯୋଜନା ଅଧୀନରେ ରୋଜଗାର ଦେବା ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ସହରରେ ବର୍ଷାଦିନେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ୮ ଅଞ୍ଚଳର ଡ୍ରେନ୍ ପୁନରୁଦ୍ଧାର ସହ ବର୍ଷାଜଳ ନିଷ୍କାସନ ଓ ସଂରକ୍ଷଣ କାର୍ଯ୍ୟ ଆରମ୍ଭ ନେଇ ବିଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି। ୨୩ ନଂ. ୱାର୍ଡ ଗାନ୍ଧୀନଗର ୫ମ ଲେନ୍ ସ୍ୱେଜ୍ଜମ କଲୋନୀର ବରିଷ୍ଠ ନାଗରିକ ପାର୍କ, ଗାନ୍ଧୀ ନଗର ୯ମ ଲେନ୍, ବ୍ରହ୍ମପୁର ମହାନଗର ନିଗମଠାରୁ ସବରେଜିଷ୍ଟ୍ରାର ଅଫିସ, ୩୦ନଂ.ୱାର୍ଡ ରାମହରିନଗର ୨ୟ ଲେନ୍‌ର ରାମହରିନଗର ଶିଶୁ ମନ୍ଦିର ପାର୍ଶ୍ୱ, କାମାସିନ ଟାୱାର ପଛପାର୍ଶ୍ୱରେ ଥିବା ନଟବର ନଗର, ୩୫ ନଂ. ୱାର୍ଡ କୃଷ୍ଣନଗର ୨ୟ ଲେନ୍‌ର ଦୁର୍ଗାମଣ୍ଡପ ପାର୍ଶ୍ୱ, ୩୪ନଂ. ୱାର୍ଡ ଜୟପ୍ରକାଶ ନଗର ଛକଠାରୁ ବିଦ୍ୟୁତ୍‌ପୁରୀ କଲୋନୀ ଛକ, ରାମଲିଙ୍ଗମ୍ ଟ୍ୟାଙ୍କରୁ ଏସ୍‌ଏସ୍‌ଭିଟି ସିନେମାହଲ ପାର୍ଶ୍ୱ ଡ୍ରେନ୍, କଲଭର୍ଟ ନିର୍ମାଣ ପାଇଁ ବିଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କରୋନା ଯୋଗୁ ଲକ୍‌ଡାଉନରୁ ସହରରେ ନିର୍ମାଣ ଶ୍ରମିକ ତଥା ମଜୁରି କାମକରି ଜୀବିକା ନିର୍ବାହ କରୁଥିବା ଶ୍ରମଜୀବୀ ରୋଜଗାର ହରାଇଛନ୍ତି। ସେମାନଙ୍କୁ ପୁନଃ ରୋଜଗାର ଦେବା ସହ ବର୍ଷାଦିନେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚାଯାଇଛି।



ସିଙ୍ଗିପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରୁ ବାଉଁଶ ଖୋଲାଯାଇଛି।

## ସ୍କୁଲ ବାଟରୁ ବାଉଁଶ ଖୋଲିଲେ ଗ୍ରାମବାସୀ

**ଧରିତ୍ରୀ ପ୍ରଭାବ**

**ପାଟପୁର,୧୫।୫**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପକ୍ଷରୁ ୧୩୦ ସ୍କୁଲ କଲେଜରେ କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ସେଠାରେ ପ୍ରବାସୀଙ୍କୁ ସଙ୍ଗରୋଧରେ ରହିବା ବ୍ୟବସ୍ଥା କରାଯାଇଛି। ହେଲେ କେତେକ ଗ୍ରାମରେ ସୁରଟ ଓ ଅନ୍ୟ ରାଜ୍ୟରୁ ଫେରନ୍ତାଙ୍କୁ ନିଜ ଗାଁ ସ୍କୁଲରେ ରଖିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଗ୍ରାମବାସୀ ବାଉଁଶ ବାନ୍ଧିଥିଲେ। ଗଞ୍ଜାମ ପୋଲିସ ପକ୍ଷରୁ ଦ୍ରୁତଗତି ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟାରିକେଡ୍ ଆଣି ଲୋକେ ବିଦ୍ୟାଳୟ ରାସ୍ତାରେ ରଖିଛନ୍ତି। ଆଗାମୀ ଦିନରେ ସିଙ୍ଗିପୁରରେ ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବା ନେଇ ପୁଣି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀ ସୁରଟ ଫେରନ୍ତାଙ୍କୁ ଧରି ଆସିଥିବା ଏକ ବସ୍‌କୁ ଫେରାଇ ଦେଇଥିଲେ। ଫଳରେ ଏହି ପଞ୍ଚାୟତକୁ ଆସିଥିବା ଲୋକଙ୍କୁ ଅନ୍ୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଏହି ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶିତ ହେବା ପରେ ଗୁରୁବାର ସନ୍ଧ୍ୟାରେ ଗ୍ରାମବାସୀ ସ୍କୁଲ ରାସ୍ତାରୁ ବାଉଁଶ ଓ ବ୍ୟାରିକେଡ୍ ହଟାଇ ଦେଇଛନ୍ତି।

## ୨ ଟା’ ଦୋକାନ ସିଲ୍, ହୋମ୍ କ୍ୱାରାଣ୍ଟାଇନ୍‌ରେ ପରିବାର



ଘଟଣାସ୍ଥଳରେ ତହସିଲଦାର ଏବଂ ଆଇଆଇସି ତଦନ୍ତ କରୁଛନ୍ତି।

**ଦାରିଙ୍ଗବାଡ଼ି,୧୫।୫(ଡି.ଏନ.ଏ)**

ଦାରିଙ୍ଗବାଡି ଥାନା ସିମନବାଡିଠାରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲିବା ଓ ସେଠାରେ ପ୍ରବାସୀଙ୍କ ଭିଡ ଜମିବାରୁ ଦୋକାନ ୨ଟି ଚା’ ଦୋକାନକୁ ସିଲ୍ କରାଯାଇଛି। ଏଥିସହ ସେମାନଙ୍କ ପରିବାକୁ ୨୮ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ତହସିଲଦାର ନୀତିଶ କୁମାର ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

ସିମନବାଡିର ୨ଟି ଚା’ ଦୋକାନ ଭୋର ୫ଟାରୁ ଖୋଲିଥିଲା। ତାମିଲନାଡୁ ଏବଂ ଅନ୍ୟରାଜ୍ୟରୁ ଫେରୁଥିବା ପ୍ରବାସୀ ସେଠାରେ ଚା’ ପିଇବା ସହ ଦୋକାନରେ ପଶି ବିସ୍କୁଟ, ଗୁଟ୍‌ଖା ଆଦି ନିଜେ ଆଣି ଖାଇଥିଲେ। ସ୍ଥାନୀୟ ଲୋକେ ଏନେଇ ବାରଣ କରିବା ସହ ଆଇଆଇସି କୌଶିକ ମାଝୀ ଏବଂ ତହସିଲଦାର ତ୍ରିପାଠୀଙ୍କୁ ଜଣାଇଥିଲେ। ଆଇଆଇସି ମାଝୀ ଏବଂ ତହସିଲଦାର ପହଞ୍ଚି ତଦନ୍ତ କରିବା ସହ ୨ଟି ଦୋକାନକୁ ସିଲ୍ କରିଥିଲେ। ଏଥିସହ ମାଲିକ ନୀଳାମ୍ବର ସାହୁ ଏବଂ କାଳୀପ୍ରସାଦ ସାହୁଙ୍କୁ ସପରିବାରେ ୨୮ ଦିନ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ମାଜିଷ୍ଟ୍ରେଟ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

## ଆସେସ୍ କଣ୍ଟ୍ରୋଲ୍ ଜୋନ୍ ହେଲା ଶଙ୍କରପୁର ସାହି

**ବ୍ରହ୍ମପୁର ଅଫିସ,୧୫।୫**

ବ୍ରହ୍ମପୁର ବଡବଜାର ଅଞ୍ଚଳର ଶଙ୍କରପୁର ସାହିକୁ ଶୁକ୍ରବାର ରାତିରେ ବିଏମ୍‌ସି ପକ୍ଷରୁ ଆସେସ୍ କଣ୍ଟ୍ରୋଲ୍ ଜୋନ୍ ଭାବେ ଘୋଷଣା କରିଛି। ଏହି ସାହିର କେତେଜଣ ଲୋକ ଜଣେ କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଅସିଥିବାରୁ ସାହି ଲୋକଙ୍କ ସୁରକ୍ଷା ଓ ସଂକ୍ରମଣକୁ ରୋକିବା ପାଇଁ ବିଏମ୍‌ସି ଏଭଳି ପଦକ୍ଷେପ ନେଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ସାହିର ସମସ୍ତ ଲୋକ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ବାହାରୁ କୌଣସି ଲୋକେ ସାହି ମଧ୍ୟକୁ ଯାଇ ପାରିବେ ନାହିଁ। ସାହି ମଧ୍ୟରେ ଥିବା ସମସ୍ତ ଦୋକାନ ବଜାର ଓ ଘରୋଇ ଅନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ଔଷଧ ପହଞ୍ଚାଇବା ନେଇ ବିଏମ୍‌ସି ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।

## ସଂଗରୋଧ କେନ୍ଦ୍ରରେ ସିସିଟିଭି

**କବିସୂର୍ଯ୍ୟନଗର,୧୫।୫(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ, କେବିଭି କଲେଜ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନଦେବୀ ଆଇଟିସି ଆଦି ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ପ୍ରବାସୀ ଓଡ଼ିଆଙ୍କ ବିଶୃଙ୍ଖଳିତ ଆଚରଣ ପ୍ରଶାସନର ଚିନ୍ତା ବଢାଇବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତି ବିପଦ ସୃଷ୍ଟି କରିଥିଲା। କାନ୍ଥ ଡେଇଁ ପୋଖରୀରେ ଗାଧୋଇବା, ଏଟିଏମରୁ ଟଙ୍କା ଉଠାଇବା, ବାହାରେ ବୁଲିବା, ଗେଟ ନିକଟରେ ସମ୍ପର୍କୀୟ ଠାରୁ ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଗ୍ରହଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏବେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ନାୟକ କହିଛନ୍ତି। ପ୍ରାଥମିକ ସ୍ତରରେ କେବିଭି କଲେଜ, ମର୍ଦ୍ଦରାଜ, ସରକାରୀ ବାଳିକା ହାଇସ୍କୁଲ, ବୃନ୍ଦାବତୀ ବିଦ୍ୟାପୀଠରେ ସିସିଟିଭି ଲଗାଯାଇଛି।

## ସୁରଟରୁ ଗଞ୍ଜାମ ଆସିଲେ ପ୍ରବାସୀ ଓଡ଼ିଆ

**ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଲେ**

**ଛତ୍ରପୁର,୧୫।୫(ଡି.ଏନ୍.ଏ.)**

ଗୁଜରାଟର ସୁରଟରୁ ଟ୍ରେନ ଯୋଗେ ପ୍ରବାସୀ ଓଡ଼ିଆମାନେ ଫେରିବାରେ ଲାଗିଛନ୍ତି। ଶୁକ୍ରବାର ରାତି ୯ଟା ୨୧ରେ ଗୋଟିଏ ଟ୍ରେନ୍ ଜଗନ୍ନାଥପୁର ଷ୍ଟେଶନରେ ଲାଗିଥିବା ବେଳେ ବିଳମ୍ବିତ ରାତିରେ ଆଉ ଗୋଟିଏ ଟ୍ରେନ ପହଞ୍ଚିବ ବୋଲି ସୂଚନା ମିଳିଛି। ପ୍ରଥମ ଟ୍ରେନରେ ୧୬୦୦ ପ୍ରବାସୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୫୩୫ ଜଣ କେବଳ ଗଞ୍ଜାମ ଜିଲାର। ବଳକା ୬୫ ଜଣ ଓଡ଼ିଶାର ଅନ୍ୟ ୧୧ ଜିଲାର। ସେମାନଙ୍କ ମଧ୍ୟରେ ଦେବଗଡ଼ର ୭, ନୟାଗଡ଼ର ୨୭, ଖୋର୍ଦ୍ଧାର ୧୨, ଯାଜପୁର ଓ ବାଲେଶ୍ୱରର ୨ ଜଣ ଲେଖାଏ, ଅନୁଗୋଳ, କଟକ ଏବଂ ଭଦ୍ରକ ଜିଲାର ୪ ଜଣ ଲେଖାଏ ଥିବା ବେଳେ କନ୍ଧମାଳ, କେନ୍ଦ୍ରାପଡ଼ା, ପୁରୀ ଜିଲାର ଜଣେ ଲେଖାଏ ଥିବା ଜଣାପଡ଼ିଛି। ଷ୍ଟେଶନରେ ସମସ୍ତ ପ୍ରବାସୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ନିଜ ନିଜ ଅଞ୍ଚଳକୁ ବସ୍ ଯୋଗେ ପଠାଯାଇଛି।

## ଛତ୍ରପୁର କଲେଜରେ କୋଭିଡ୍ କେୟାର ସେଣ୍ଟର

**୪ ସ୍ୱାସ୍ଥ୍ୟକେନ୍ଦ୍ରର ୧୫୦ ଡାକ୍ତର, କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା**

**ଛତ୍ରପୁର,୧୫।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲାରେ ଶୀତଳାପଲ୍ଲୀଠାରେ ଗୋଟିଏ କୋଭିଡ୍ ହସ୍ପିଟାଲ ଅଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଜିଲାରେ ଆଉ ୪ କୋଭିଡ୍ କେୟାର ସେଣ୍ଟର ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏହିକ୍ରମରେ ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟକୁ କୋଭିଡ କେୟାର ସେଣ୍ଟରରେ ପରିଣତ କରାଯାଇଛି। ଏଥିରେ ଥିବା ଆଇସୋଲେସନ ୱାର୍ଡରେ ୧୦୦ ଶଯ୍ୟା ରହିଛି। ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କାହ୍ନୁଚରଣ ପାତ୍ର ଏହି ସେଣ୍ଟରର ନୋଡାଲ ଅଫିସର ରହିଛନ୍ତି। ଏଠାର ଡାକ୍ତର, ନର୍ସ ଆଦି ଷ୍ଟାଫ ଓ ରୋଗୀମାନଙ୍କର ଖାଦ୍ୟ ବ୍ୟବସ୍ଥା କରାଯିବ। ଖାଦ୍ୟ ଦାୟିତ୍ୱ ଏନଏସି ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲାରେ କରୋନା ପଜିଟିଭ ସଂଖ୍ୟା ସର୍ବାଧିକ ରହିଛି। ଏହି ପରିପ୍ରେକ୍ଷୀରେ ୪ ମେଡିକାଲର ଡାକ୍ତର, ନର୍ସ, ଆଟେନାଣ୍ଟ, ଡ୍ରାଇଭର, ସୁଇପର, ଫାର୍ମାସିଷ୍ଟ ଆଦି ୧୫୦ ଜଣଙ୍କର କୋଭିଡ ପରୀକ୍ଷା କରାଯାଇଛି। ଏମାନେ ଛତ୍ରପୁର ଉପଖଣ୍ଡ ହସ୍ପିଟାଲ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗଞ୍ଜାମ ବ୍ଲକର ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିଲେ ବୋଲି ଯୋଗାଯୋଗ ବେଳେ ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପାତ୍ର କହିଛନ୍ତି। ୨ରୁ ୩ ଦିନ ମଧ୍ୟରେ ରିପୋର୍ଟ ଆସିଯିବ ବୋଲି ସୂଚନା ମିଳିଛି।

## କ୍ୱାରାଣ୍ଟାଇନ୍ ସେଣ୍ଟରରେ ପିଲାଙ୍କୁ ଖେଳନା ବାଣ୍ଟିଲେ ତହସିଲଦାର

**ପୁରୁଷୋତ୍ତମପୁର,୧୫।୫ (ଡି.ଏନ.ଏ.)**

କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀ ଓଡ଼ିଆ ରହିଥିବାବେଳେ ସେମାନଙ୍କ ସହ ଶିଶୁମାନେ ମଧ୍ୟ ଅଛନ୍ତି। ଗୋଟିଏ ପରିସରରେ ରହି ସେମାନେ ବୋର୍ ହେଉଛନ୍ତି। ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନବେଳେ ଶିଶୁମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ ତହସିଲଦାର ଅରୁଣ କୁମାର ନାୟକ। ତେଣୁ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ତହସିଲଦାର ନାୟକ ବିଭିନ୍ନ କେନ୍ଦ୍ର ବୁଲି ଖେଳଣା, କଣ୍ଢେଇ ବିସ୍କୁଟ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି।



ଶିଶୁଙ୍କୁ ଖେଳଣା ଓ ବିସ୍କୁଟ ବଣ୍ଟନ କରୁଛନ୍ତି ତହସିଲଦାର।

## ସୁଗମ ଯୋଜନା ସୁଫଳ ପାଇଲେ ଘରମୁହାଁ ଶ୍ରମିକ

**ଛତ୍ରପୁର,୧୫।୫(ଡି.ଏନ୍.ଏ.)**

କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦିନରାତି କାମ କରୁଛନ୍ତି। କାମ ସାରି ଫେରିବା ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ତାଙ୍କର ସମସ୍ତ ଷ୍ଟାଫ ପରିବାର ସଦସ୍ୟଙ୍କଠାରୁ ସାମାଜିକ ଦୂରତା ରକ୍ଷା କରି ଅଲଗା ରହୁଥିବା ସୂଚନା ଦେଇଛନ୍ତି। ଷ୍ଟାଫମାନଙ୍କ ଏହି ତ୍ୟାଗ ପ୍ରଶଂସନୀୟ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବାରୁ ବ୍ୟତିବ୍ୟସ୍ତ ହେବାର ନାହିଁ। ଜନସାଧାରଣ ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ, ଗ୍ଲୋବ୍ସ ବ୍ୟବହାର, ହାତ ସଫା ରଖିବା ଏବଂ କୋଭିଡ୍-୧୯ ପାଇଁ ଜାରି ହୋଇଥିବା ଗାଇଡ୍‌ଲାଇନ୍ ପାଳନ କଲେ କରୋନା ମୁକାବିଲା କରିହେବ ବୋଲି ସେ ସୂଚନା କହିଛନ୍ତି।

ଗଞ୍ଜାମ ଜିଲାରେ ପୂର୍ବରୁ ମିଲ୍ ଯୋଜନା ଆରମ୍ଭ ହୋଇଥିଲା। ଏବେ ଏଥିରେ ସୁଗମ ଯୋଜନା ଯୋଡି ହୋଇଛି। ମିଲ୍ ଯୋଜନାରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ୟାକେଟ ଲୋକ ଦେଉଛନ୍ତି। ପରେ ସେଗୁଡ଼ିକୁ ଗରିବ ଏବଂ ଅସହାୟଙ୍କୁ ବଣ୍ଟାଯାଉଛି। ସୁଗମ ଯୋଜନାରେ ଅନ୍ୟ ରାଜ୍ୟ କିମ୍ବା ଅନ୍ୟ ଜିଲାର ଲୋକ ଗଞ୍ଜାମ ଜିଲା ଦେଇ ଚାଲି ଚାଲି ଯାଉଥିଲେ ସେମାନଙ୍କୁ ଏହି ଶୁଖିଲା ଖାଦ୍ୟ ବଣ୍ଟାଯାଇ ସେମାନଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କରାଯାଉଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ସମସ୍ତେ ଏଥିପାଇଁ ସହାୟତାର ହାତ ବଢାଇବାକୁ ଜିଲାପାଳ ନିବେଦନ କରିଛନ୍ତି। ସୁଗମ ଯୋଜନାରେ ଅନ୍ୟ ଜିଲାର ଶ୍ରମିକମାନଙ୍କୁ ଜିଲାରୁ ବସ୍ ଯୋଗେ ସେମାନଙ୍କ ଘରକୁ ପଠାଯାଉଥିବା ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଟୁଇଟ୍ କରି ସୂଚନା ଦେଇଛନ୍ତି। ବାହାର ଜିଲାର ଲୋକେ ଏହାର ସୁଫଳ ପାଉଛନ୍ତି।

## ବିସ୍ଫୋରକ ସାମଗ୍ରୀ ଜବତ: ୬ ଗିରଫ



ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

**ଆସିକା,୧୫।୫(ଡି.ଏନ୍.ଏ.)**

ଆସିକା ଥାନା ନବରତ୍ନପୁର ନିକଟ ମଣ୍ଡା ପାହାଡରୁ ଶୁକ୍ରବାର ସକାଳେ ପୋଲିସ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗର ଥାନା ଜିଲୁଣ୍ଡି ଗ୍ରାମର ଖଦାଳ ପ୍ରଧାନ, ଆସିକା ଥାନା କୈବଲ୍ୟପୁରର କୃଷ୍ଣ ବେହେରା, ମିଟୁ ବେହେରା ଏବଂ ନବରତ୍ନପୁରର ବାସୁଦେବ ଗୌଡ, ଜିତୁ ପୋଲାଇ ଓ ଟୁଟୁ ପୋଲାଇ। ପାହାଡ଼ରେ ବେଆଇନ ଭାବେ ପଥର ଫଟାଇବା ଲାଗି ଏମାନେ ପ୍ରସ୍ତୁତ ହେଉଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ସେଠାରୁ ୨୦୦ କି.ଗ୍ରା ଆମୋନିୟମ ନାଇଟ୍ରେଟ୍, ୫୫ ଜିଲୋଟିନ୍, ୮୦ ଡିଟୋନିଟେର, ଗୋଟିଏ ବ୍ୟାଟେରି, ୨୦ ଲିଟର ଡିଜେଲ ଓ ୩ ବଣ୍ଡଲ ତାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି। ଏ ନେଇ ଆସିକା ଥାନାରେ ନଂ.୨୫୮/୨୦ରେ ଏକ ମାମଲା ରୁଜୁ ହୋଇଛି।

## ବିନା ସୁରକ୍ଷାରେ ଶିକ୍ଷକ ଜଗିଛନ୍ତି ସଙ୍ଗରୋଧ କେନ୍ଦ୍ର

**ଭଞ୍ଜନଗର,୧୫।୫(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଶିକ୍ଷକମାନେ ବିନା ସୁରକ୍ଷାରେ ପାଳି କରି ସଙ୍ଗରୋଧ କେନ୍ଦ୍ର ଜଗୁଛନ୍ତି। କେତକ ସ୍କୁଲରେ ପାଚେରୀ ନ ଥିବାବେଳେ ଆଉ କେତେକ ସ୍କୁଲରେ ପରିମଳ ବ୍ୟବସ୍ଥା, ଭିତ୍ତିଭୂମି ନ ସଜାଡି ଲୋକଙ୍କୁ ନେଇ ରଖାଯାଇଛି। ସ୍କୁଲ ପାଇଖାନାକୁ ସେଠାରେ ରହୁଥିବା ଲୋକେ ବ୍ୟବହାର କରୁଛନ୍ତି। କିନ୍ତୁ ଶିକ୍ଷକମାନଙ୍କ ପାଇଁ ଏନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ପୋଲିସ କିମ୍ବା ସୁରକ୍ଷା କର୍ମଚାରୀ ସଙ୍ଗରୋଧ କେନ୍ଦ୍ର ଗୁଡ଼ିକରେ ୨୪ ଘଣ୍ଟିଆ ନିୟୋଜିତ ହେଉନାହାନ୍ତି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ଶିକ୍ଷକ ସଂଘ ଦାବି କରିଛି। ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଏନେଇ ଜିଲାପାଳଙ୍କୁ ଶୁକ୍ରବାର ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ଓଆର୍‌ଏସ୍ ପାଇବାରେ ଜାଲିଆତି

**୨ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲା ଅମଲା ସଂଘ**

**ଫୁଲବାଣୀ ଅଫିସ, ୧୫।୫**

ରାଜ୍ୟ ସରକାର ଓଡିଶା ରାଜସ୍ୱ ସେବା (ଓଆର୍‌ଏସ୍)ରେ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ଏଥିରେ କନ୍ଧମାଳ ଜିଲାର ଦୁଇ ଶିକ୍ଷକ ଅଛନ୍ତି। ତେବେ ସେମାନେ ଜାଲିଆତି କରି ଏହି ପଦବୀ ହାସଲ କରିଥିବା ଅଭିଯୋଗ ହୋଇଛି। ଜିଲା ଶିକ୍ଷା ବିଭାଗ ଏହାକୁ ସ୍ୱୀକାର କରିଛି। ଶୁକ୍ରବାର ଜିଲା ରାଜସ୍ୱ ଅମଲା ସଂଘ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗପତ୍ର ଦାଖଲ କରିଛି। ସମସ୍ତ ନୀତି ନିୟମ ଉଲ୍ଲଂଘନ କରିଥିବା ଏହି ୨ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ସୂଚନା ଅନୁଯାୟୀ, ପଦୋନ୍ନତି ପାଇଁ କର୍ମଚାରୀଙ୍କ ସିସିଆର ଅନୁମୋଦନ କରି ବିଭାଗୀୟ ମୁଖ୍ୟ ସରକାରଙ୍କୁ ପଠାଇବା ନିୟମ ରହିଛି। ଜିଲାରେ ଯେଉଁ ୨ ଶିକ୍ଷକ ଓଆରଏସ୍ ପାଇଛନ୍ତି, ସେମାନେ ଜିଲା ଶିକ୍ଷାଧିକାରୀଙ୍କ ଅନୁମୋଦନ ପାଇଥିବା ଚିଠି ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ୨୦୧୯ ଜାନୁୟାରୀରେ ଏହି ଅନୁମୋଦନ ଚିଠି ଜିଲା ଶିକ୍ଷାଧିକାରୀ ଲେଖିଥିବା ଉଲ୍ଲେଖ ରହିଛି। ମାତ୍ର ଜିଲା ଶିକ୍ଷାଧିକାରୀ ଏପରି କୌଣସି ଅନୁମୋଦନ କରି ନ ଥିବା ଜଣାପଡିଛି। ଚିଠିରେ ଯେଉଁ ନମ୍ବର ରହିଛି ତାହା ଅନ୍ୟ ଏକ ବିଭାଗ ଚିଠି ନମ୍ବର। ତେଣୁ ଶିକ୍ଷକଦ୍ୱୟ ଜିଲା ଶିକ୍ଷାଧିକାରୀଙ୍କ ନାମରେ ଜାଲ୍ ଅନୁମୋଦନ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଗତ ୪ ବର୍ଷ ହେଲା ଛୁଟିରେ ରହିଛନ୍ତି। ତାଙ୍କୁ କିଛି ମାସ ତଳେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଜଣାପଡିଛି। ଜିଲା ଶିକ୍ଷାଧିକାରୀ ବିକାଶ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଅଭିଯୋଗ ଆସିବା ପରେ ଶିକ୍ଷା ନିର୍ଦ୍ଦେଶାଳୟ ଏହା ଉପରେ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଜଣଙ୍କ ନାମରେ ଥାନାରେ ଆପରାଧିକ ମାମଲା ରହିଥିଲେ ମଧ୍ୟ ସେ ପଦୋନ୍ନତି ପାଇଛନ୍ତି। ଜିଲା ରାଜସ୍ୱ ଅମଲା ସଂଘ ସଭାପତି ଭଞ୍ଜ କିଶୋର ନାୟକ, ସମ୍ପାଦକ ସୁବ୍ରତ କୁମାର ମହାନ୍ତି ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ହ୍ୱାଟ୍ସଆପ୍‌ରେ ଲୋକଙ୍କୁ ଉତ୍ତର ଦେଉଛନ୍ତି ଏସ୍‌ପି

**ସମ୍ବଲପୁର,୧୫।୫ (ବ୍ୟୁରୋ):** ସମ୍ବଲପୁର ପୋଲିସ ଲକ୍‌ଡାଉନ୍ ସମ୍ପର୍କରେ ଠିକ୍ ସୂଚନା ଦେବା ପାଇଁ ଏକ ହ୍ୱାଟ୍ସଆପ ନମ୍ବର (୯୪୩୮୯୧୬୫୫୦) ସର୍ବସାଧାରଣ କରିଛି। ଏହା କେବଳ ଦିନ ୧୧ଟାରୁ ୧୨ ପର୍ଯ୍ୟନ୍ତ ଖୋଲା ରହୁଛି। ନିଜେ ଏସ୍‌ପି କନୱର ବିଶାଳ ସିଂ ଏହାକୁ ପରିଚାଳନା କରୁଛନ୍ତି। ଲକ୍‌ଡାଉନ୍‌କୁ ନେଇ କୌଣସି ଲୋକଙ୍କ ମଧ୍ୟରେ କିଛି ଦ୍ୱନ୍ଦ୍ୱ ବା ସନ୍ଦେହ ଆସିଲେ ସେମାନେ ସିଧାସଳଖ ଏଥିରେ କୌଣସି ପ୍ରଶ୍ନ ପଚାରି ପାରିବେ। ନିଜେ ଏସ୍‌ପି ଏହାର ଉତ୍ତର ସେହି ନମ୍ବରକୁ ଦେବେ। ଗୁରୁବାର ପ୍ରଥମ ଦିନରେ ୨୮ ଓ ଶୁକ୍ରବାର ୫୨ ଜଣ ପ୍ରଶ୍ନ କରି ଉତ୍ତର ପାଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସିଂ କହିଛନ୍ତି ଯେ, ଅନେକ ସମୟରେ ଜନସାଧାରଣ ଲକଡାଉନ ଓ କଟକଣା ଉପରେ ଠିକ ସୂଚନା ପାଉ ନ ଥିଲେ । ସେମାନେ ସୋସିଆଲ ମିଡିଆରେ ଭୁଲ ତଥ୍ୟ ପାଇ ହଇରାଣ ହରକତ ହେଉଥିଲେ। ଏଣୁ ଲୋକଙ୍କୁ ସହଯୋଗ କରିବା ପାଇ ଏଭଳି ବ୍ୟବସ୍ଥା କରାଯାଇଛି।

### କେନାଲ ପାଣି ବନ୍ଦ ପ୍ରତିବାଦରେ ଘେରାଉ

**କୋକସରା, ୧୫।୫ (ଡି.ଏନ.ଏ):** ମେ ୧୫ ପର୍ଯ୍ୟନ୍ତ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଧାନ ଚାଷ ଲାଗି କେନାଲକୁ ପାଣି ଦିଆଯିବ ବୋଲି ଘୋଷଣାକୁ ପାଳନ କରାଯାଇ ନାହିଁ। ୧୧ତାରିଖ ପାଣି ବନ୍ଦ କରି ଦିଆଯାଇଛି। ଫଳରେ ତଳମୁଣ୍ଡ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଏଣୁ ଆଉ କିଛିଦିନ ପାଣି ଦିଆଯାଉ। ଏଭଳି ଦାବି ନେଇ ଚାଷୀମାନେ ଉପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ତେବେ କୁସୁମଖୁଣ୍ଟି ଡିଭିଜନର ନିର୍ବାହୀଯନ୍ତ୍ରୀ ଅଜିତ ପାତ୍ର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବୁ ପ୍ରତଶ୍ରୁତି ଦେବାପରେ ଚାଷୀମାନେ ଫେରିଯାଇଛନ୍ତି।

### ମିଛ ସୂଚନା ପୋଷ୍ଟ କରି ଅଡୁଆରେ ନାରୀନେତ୍ରୀ

**ସମ୍ବଲପୁର,୧୫।୫ (ବ୍ୟୁରୋ):** ସମ୍ବଲପୁରରେ କରୋନା ପଜିଟିଭି ଚିହ୍ନଟ ହୋଇଥିବା ମିଛ ସୂଚନା ଦେଇ ଏବେ ଜଣେ ମହିଳା ନେତ୍ରୀ ଅଡୁଆରେ ପଡ଼ିଛନ୍ତି। ସେ ହେଲେ ଭାରତୀ ପଣ୍ଡା। ସେ ଏକ ଜାତୀୟ ଦଳର ସଦସ୍ୟା ଅଛନ୍ତି। ନିଜର ଫେସ୍‌ବୁକ୍ ଆକାଉଣ୍ଟରେ ସେ ଏଭଳି ପୋଷ୍ଟ କରିବା ପରେ ପୋଲିସ ଦୃଷ୍ଟିକୁ ଆସିଛି। ତଦନ୍ତ କରି ପୋଲିସ ଭାରତୀଙ୍କ ନାମରେ ମାମଲା ରୁଜୁ କରିଛି । ହେଲେ ଏହି ଘଟଣାରେ ନିଜ ପ୍ରତିକ୍ରିୟା ଦେବା ପାଇଁ ଭାରତୀ ମନା କରି ଦେଇଛନ୍ତି।

### ପେଟ୍ରୋଲ ପମ୍ପରେ ଲାଗିଲା ମନି, ବାଇକ୍ ସାନିଟାଇଜର ମେଶିନ

**କୋକସରା, ୧୫।୫ (ଡି.ଏନ.ଏ.):** କୋକସରା ବ୍ଲକ୍ ମୋଟେର ପେଟ୍ରୋଲ ପମ୍ପରେ ମନି ସାନିଟାଇଜର ଓ ବାଇକ୍ ସାନିଟାଇଜର ମେଶିନ ଲାଗିଛି। କରୋନା ସଂକ୍ରମଣ ରୋକିବାକୁ ନୂଆପଡା ଜିଲା ଖରିଆର ବ୍ଲକର ଲକ୍ଷ୍ମଣ ଦୁଣ୍ଡି ଏହାକୁ ତିଆରି କରିଛନ୍ତି। ମାତ୍ର ୩୦ ହଜାର ଟଙ୍କାରେ ଏହି ମେଶିନ ଲଗାଯାଇପାରିବ ବୋଲି ଲକ୍ଷ୍ମଣ କହିଛନ୍ତି । କଳାହାଣ୍ଡି ଜିଲାରେ ପ୍ରଥମେ ବଳଦିଆମାଲ ପେଟ୍ରୋଲ ପମ୍ପରେ ଏହି ମେଶିନ ଲାଗିଥିଲା।

# ବିଡ଼ି ଶ୍ରମିକଙ୍କୁ ପରିବାର ପୋଷଣ ଚିନ୍ତା

**ଲକ୍‌ଡାଉନ ପ୍ରଭାବ**

**ସମ୍ବଲପୁର,୧୫।୫(ବ୍ୟୁରୋ)**

ମହାମାରୀ କରୋନା ପାଇଁ ଲକ୍‌ଡାଇନ୍ ଘୋଷଣା ହେବା ପରେ ସବୁ ବର୍ଗର ଲୋକମାନେ ପ୍ରଭାବିତ ହୋଇଛନ୍ତି। ଏଥିରୁ ସମ୍ବଲପୁର ଜିଲାରେ ଥିବା ବିଡ଼ି ଶ୍ରମିକମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସରକାର ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ କଟକଣାରେ କୋହଳ କରିଛନ୍ତି। ହେଲେ ଏଥିରେ ଶ୍ରମିକମାନଙ୍କୁ କିଛି ଲାଭ ମିଳିନାହିଁ । କମ୍ପାନୀଗୁଡିକ ବନ୍ଦ ରହିଥିବାରୁ ସ୍ଥାନୀୟ ଠିକାଦାରମାନେ ବିଡ଼ି ନେଉ ନାହାନ୍ତି। ଫଳରେ ଶ୍ରମିକଙ୍କ ହାତ ବନ୍ଦ ହୋଇଯାଇଛି। ଅନ୍ୟପଟେ ଯାହା ବିଡ଼ି ତିଆରି ହୋଇଥିଲା ତାହା ନଷ୍ଟ ହେବା ସହ ଘରେ ଥିବା କେନ୍ଦୁପତ୍ର ବର୍ଷା ଆସିଲେ ନଷ୍ଟ ହୋଇଯିବ ବୋଲି ଶ୍ରମିକମାନେ କହିଛନ୍ତି।

ସମ୍ବଲପୁର ଜିଲାର ରେଢ଼ାଖୋଲ, ଯୁଯୁମୁରା, ନାକଟିଦେଉଳ, ମାନେଶ୍ୱର, ବାମରା, କୁଚିଣ୍ଡା ବ୍ଲକ ଅଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। କେତେକ ପରିବାର



ସମ୍ବଲପୁର ଜିଲାର ବିଡିକାରିଗର ମାନେ ବିଡି ତିଆରି କରୁଛନ୍ତି ।

ନିଜସ୍ୱ ଜମିରୁ ମଧ୍ୟ କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି। ତେଣୁ ଏହି ଅଞ୍ଚଳରେ ବିଡ଼ି ଶ୍ରମିକଙ୍କ ସଂଖ୍ୟା ଅଧିକ ରହିଛି। ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ମୋଟ ୨ ଲକ୍ଷ ୫୦ ହଜାର ପଞ୍ଜୀକୃତ ବିଡ଼ି ଶ୍ରମିକ ଅଛନ୍ତି। ବର୍ଷତମାମ ବିଡ଼ି ତିଆରି କରି ମହିଳାମାନେ କିଛି ରୋଜଗାର କରନ୍ତି । ହେଲେ କରୋନା ଯୋଗୁ ମାର୍ଚ୍ଚ ୨୨ ତାରିଖରୁ ଶ୍ରମିକଙ୍କ ହାତକୁ ଟଙ୍କାଟିଏ ମଧ୍ୟ ଆସିନାହିଁ। ଫଳରେ ସେମାନେ ଦୟନୀୟ ଜୀବନଯାପନ କରୁଛନ୍ତି। ପରିବାର ପାଇଁ ଦୁଇଓଳା ଦାନା ଯୋଗାଡ କରିବା କଷ୍ଟକର ହୋଇପଡିଛି। ଲକ୍‌ଡାଉନ୍ ଯୋଗୁ ଜିଲାରେ ଥିବା ୨୭ଟି ବିଡ଼ି କମ୍ପାନୀ ଏବେ ବନ୍ଦ ହୋଇଯାଇଛି। ଫଳରେ ଗ୍ରାମାଞ୍ଚଳରେ ଠିକାଦାରମାନେ ଶ୍ରମିକଙ୍କ ପାଖରୁ ଆଉ ବିଡି ନେଉ ନାହାନ୍ତି। ତେଣୁ ଅଧିକାଂଶ ଅଞ୍ଚଳରେ ବିଡ଼ି ତିଆରି ବନ୍ଦ ହୋଇଯାଇଛି। ଅନ୍ୟପଟେ କେନ୍ଦୁପତ୍ର ନଷ୍ଟ ହେବା ଆଶଙ୍କାରେ ଯେଉଁମାନେ ବିଡି ତିଆରି କରୁଛନ୍ତି ସେମାନେ ଦଲାଲଙ୍କ ହାବୁଡ଼ରେ ପଡ଼ିଯାଉଛନ୍ତି। କମ୍ପାନୀ ହଜାରେ ବିଡିକୁ ପ୍ରାୟ ୧୪୦ରୁ ୧୫୦ଟଙ୍କା ଦେଉଥିବା ବେଳେ ଏବେ ଦଲାଲମାନେ ୭୦ରୁ ୮୦ ଟଙ୍କାରେ ନେଉଛନ୍ତି । ହାତରେ ଟଙ୍କା ନ ଥିବାରୁ ବାଧ୍ୟ ହୋଇ କିଛି ଶ୍ରମିକ କମ୍ ଦରରେ ତାହା ବିକ୍ରି କରୁଛନ୍ତି। ସରକାର ବିଡ଼ି ଶ୍ରମିକଙ୍କୁ ଏଭଳି ଦୁଃଖ ସମୟରେ ସହଯୋଗ କରୁନାହାନ୍ତି ବୋଲି ଅଲ୍ ଇଣ୍ଡିଆ ବିଡ଼ି ସିଗାର ତମାଖୁ ୱାର୍କର୍ସ ଫେଡେରେଶନର ସମ୍ପାଦକ ମିତ୍ରଭାନୁ ପୋଢ଼ ଅଭିଯୋଗ କରିଛନ୍ତି ।

## ଦେବଗଡ଼ ଜିଲାରେ ୨ୟ କରୋନା ପଜିଟିଭ ଚିହ୍ନଟ

**୧୨ରେ ଅହମ୍ମଦାବାଦରୁ ଫେରିଥିଲେ**

**ଦେବଗଡ଼,୧୫।୫(ଡି.ଏନ.ଏ.)**

ଗତ ଏପ୍ରିଲ ୨୯ରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମରୁ ଜିଲାର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଶୁକ୍ରବାର ତିଲେଇବଣି ବ୍ଲକ ଅଧୀନ ପ୍ରଭାଶୁଣୀ ଗ୍ରାମର ଜଣେ ଯୁବକ କରୋନାରେ ଆକ୍ରାନ୍ତ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆକ୍ରାନ୍ତ ଯୁବକ ଜଣକ ଗୁଜରାଟର ଅହମ୍ମଦାବାଦରେ ଶ୍ରମିକ ଭାବେ କାମ କରୁଥିଲେ । ଗତ ୧୨ ତାରିଖରେ ପ୍ରଶାସନ ସହାୟତାରେ ବସ୍ ଯୋଗେ ତିଲେଇବଣି ଫେରିଥିଲେ। ସେଦିନଠାରୁ ତାଙ୍କୁ ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା । ତାଙ୍କର ସ୍ୱାବ୍ ନମୁନା ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିଲା। ସ୍ୱାବ୍ ନମୁନା ପଜିଟିଭ ବୋଲି ଜଣାପଡ଼ିବା ପରେ ତାଙ୍କୁ ଦେବଗଡ଼ କୋଭିଡ୍ ହସ୍‌ପିଟାଲରେ ଚିକିତ୍ସା କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ କହିଛନ୍ତି ।

## ୧୮ରୁ ଭୀମ ଭୋଇ ମେଡିକାଲ କଲେଜରେ ଆରମ୍ଭ ହେବ ସ୍ୱାବ୍ ଟେଷ୍ଟ

**ବଲାଙ୍ଗୀର ଅଫିସ, ୧୫।୫**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଆସନ୍ତା ୧୮ରୁ ସ୍ୱାବ୍ ଟେଷ୍ଟ ଆରମ୍ଭ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଏଥିପାଇଁ ଆବଶ୍ୟକ ମେଶିନ୍ ଲଗାଯାଇସାରିଛି। ଟେକ୍‌ନିସିଆନ୍ ପ୍ରସ୍ତୁତ ଅଛନ୍ତି। ସ୍ୱାବ୍ ଟେଷ୍ଟ କିଟ୍ ଆଣିବା ପାଇଁ ଶନିବାର ବଲାଙ୍ଗୀରରୁ ଏକ ସ୍ୱତନ୍ତ୍ର ଗାଡି ଭୁବନେଶ୍ୱର ଯିବ ବୋଲି ହସ୍‌ପିଟାଲର ସୁପରିଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି। ବଲାଙ୍ଗୀରରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ଅଧିକ ସଂଖ୍ୟକ ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟ ହୋଇପାରିବ। ପୂର୍ବରୁ ଜିଲାରୁ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଯାଉଥିଲା ।

# ଝାଡ଼ାବାନ୍ତିରେ ୧୫୧ ଆକ୍ରାନ୍ତ



ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ସ୍କୁଲ ଘରେ ଚିକିତ୍ସା କରାଯାଉଛି ।

**ଦେଓଗାଁ,୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝର ଗାଁରେ ଗୁରୁବାର ସନ୍ଧ୍ୟାରୁ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଗାଁର ଡଲି ମାହାକୁର (୨୧) ଓ ଜେମା ବରୀର୍ଡ଼ି (୫୧)ଙ୍କ ସମେତ ମୋଟ ୧୦ ଜଣଙ୍କୁ ବଲାଙ୍ଗୀର ଭିମ ଭୋଇ ମେଡିମକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଗାଁର ଛୋଟବଡ଼ ମିଶାଇ ୫୨ଜଣ ଆକ୍ରାନ୍ତଙ୍କୁ ଶ୍ରୀ ରାମଚନ୍ଦ୍ର ନୋଡାଲ ହାଇସ୍କୁଲରେ ଚିକିତ୍ସା କରାଯାଉଛି।

ଅନ୍ୟମାନେ ସାମାନ୍ୟ ଆକ୍ରାନ୍ତ ହୋଇଥିଲେ ବୋଲି ଦେଓଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୁରେନ୍ଦ୍ର କୁମାର ପାରକିଆ କହିଛନ୍ତି। ଶୁକ୍ରବାର ୧୦ ଜଣିଆ ଡାକ୍ତରୀଦଳ, ବଲାଙ୍ଗୀର ସିଡିଏମଓ ନାରାୟଣ ଥନାପତି, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଦସ୍ୟ ସୁଶୀଳ କୁମାର ଚାନ୍ଦ, ଏମ୍‌ପି ପ୍ରତିନିଧି ଅମିତ କୁମାର ସିଂ ନିନା, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ଗାଁରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ତେବେ ଏଭଳି ପରିସ୍ଥିତିରେ ଦେବାଦେବୀଙ୍କ ଉପରେ ବିଶ୍ୱାସ ରଖୁଥିବା କିଛି ବ୍ୟକ୍ତି ଗାଁ ମଝିରେ ପୂଜାର୍ଚ୍ଚନା ମଧ୍ୟ କରୁଥିବା ନଜରକୁ ଆସିଛି। ପାଣି ପାଇଁ ଲୋକେ ଝାଡାବାନ୍ତିର ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି।

## ସୁବର୍ଣ୍ଣପୁରରେ ଆରମ୍ଭ ହେଲା ଧାନ ସଂଗ୍ରହ

**ସୋନପୁର,୧୫।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ରବି ଧାନ ସଂଗ୍ରହ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ସନ୍ଧ୍ୟା ସୁଦ୍ଧା ମୋଟ୨୮ଜଣ ଚାଷୀଙ୍କ ୧ହଜାର ୩୩୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ବିନିକା ମାର୍କେଟ୍ ୟାର୍ଡରେ ଧାନ ସଂଗ୍ରହ ଜାରି ରହିଛି । ଡୁଙ୍ଗୁରିପାଲି ପ୍ୟାକ୍ସ ପକ୍ଷରୁ ମାର୍କେଟ୍ ୟାର୍ଡରେ ଓ ବିନିକା ମାର୍କେଟ୍ ୟାର୍ଡରେ ବିନିକା ପ୍ୟାକ୍ସ ଏବଂ ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଥମ ଦିନ ଧାନ ସଂଗ୍ରହ ହୋଇଛି। କେବଳ ୨ଟି ପ୍ୟାକ୍ସ ପକ୍ଷରୁ ଧାନ କିଣା ଯାଇଥିଲା। ଆଇସ୍କାନ ପରେ ଚାଷୀ ଧାନ ବିକ୍ରି କରିଛନ୍ତି । ମଣ୍ଡିରେ ସାମାଜିକ ଦୂରତା, ସାନିଟାଇଜ୍‌ର ଓ ସାବୁନ୍ ବ୍ୟବସ୍ଥା କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ସହକାରୀ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ଭାରପ୍ରାପ୍ତ ଏଆରସିଏସ ଗିରିଶ ପୁରୋହିତ ଓ ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁଙ୍କ ସମେତ ପ୍ୟାକ୍ସ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ରବି ଧାନକିଣା



ଜିଲାପାଳ ମଧୁସ୍ମିତା ସାହୁ ପୂଜାର୍ଚ୍ଚନା କରି ଧାନକିଣା ଆରମ୍ଭ କରୁଛନ୍ତି ।

**ନୂଆପଡ଼ା ଅଫିସ,୧୫।୫**

- ସାମାଜିକ ଦୂରତ୍ୱ ନିୟମ ପାଳନ ଉପରେ ଗୁରୁତ୍ୱ
- ପ୍ରଥମ ଦିନ ୪୨୮ କୁଇଣ୍ଟାଲ ଧାନ ବିକ୍ରି

ଶୁକ୍ରବାରଠାରୁ ନୂଆପଡ଼ା ଜିଲାରେ ରବି ଧାନ କିଣା ଆରମ୍ଭ ହୋଇଛି । ସ୍ଥାନୀୟ ଖରିଆରରୋଡ୍ ମଣ୍ଡିରେ ଜିଲାପାଳ ମଧୁସ୍ମିତା ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନ ୪୨୮ କୁଇଣ୍ଟାଲ ଧାନ କିଣାଯାଇଛି । ଉପସ୍ଥିତ ଚାଷୀମାନଙ୍କୁ ଏହି ସଙ୍କଟ ସମୟରେ ସରକାରଙ୍କ ସମସ୍ତ ନିୟମ ପାଳନ କରି ଧାନକିଣାବିକାରେ ସହଯୋଗ କରିବାକୁ ଜିଲାପାଳ ସାହୁ ଅନୁରୋଧ କରିଛନ୍ତି । ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏଣିକି ଚାଷୀ ଠିକ୍ ସମୟରେ ଧାନ ଆଣି ବିକ୍ରି କରିପାରିବେ । ପ୍ରତ୍ୟହ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ମଣ୍ଡି ଚାଲିବ । ଖରିଆରରୋଡ ମଣ୍ଡିରେ ଜଣେ ଚାଷୀ ୮୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ସେହିଭଳି ସିନାପାଲି ମଣ୍ଡିରେ ୬ଜଣ ଚାଷୀଙ୍କଠାରୁ ୩୪୧.୧୨ କୁଇଣ୍ଟାଲ ଧାନ କିଣାଯାଇଛି । ଜିଲାରେ ୨୬ ପ୍ୟାକ୍ସ ୨୯ ମଣ୍ଡି ଖୋଲିବାକୁ ଥିବା ବେଳେ ୧୪ ମହିଳା ସ୍ୱୟଂ ସହାୟକ ଦଳ ମଧ୍ୟ ମଣ୍ଡି ଖୋଲି ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଚାଷୀ ମହଲରେ ସ୍ୱାଗତ କରାଯାଇଛି ।

ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳଙ୍କ ସହ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ଦାସ, ଏଆରସିଏସ୍ ଭିକାରୀ ଚରଣ ସେଠ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଲାଲ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଫଟୋରେ ଖବର..



ସମ୍ବଲପୁର ରଘୁନାଥଜୀଉ ମନ୍ଦିର ଛକରେ ଶୁକ୍ରବାର ପାଣି ପାଇଁ ମହିଳାମାନେ ରାସ୍ତା ଉପରେ ବାଉଁଶ ବାନ୍ଧି ଅବରୋଧ କରିଛନ୍ତି ।

## ଆସିଲେନି ପ୍ରଶାସନିକ ଅଧିକାରୀ

**ଶୀତଳଷଷ୍ଠୀ ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ**

- ରୀତିନୀତିରେ ହେବ ଦେବଦମ୍ପତିଙ୍କ ବିବାହ

**ସମ୍ବଲପୁର, ୧୫।୫(ବ୍ୟୁରୋ)**

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ କମିଟିର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଶୁକ୍ରବାର ବଡଦୁଆରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ନନ୍ଦପଡା, ଝାଡୁଆପଡା ଓ ମୁଦିପଡା ଯାତ୍ରା କମିଟି କର୍ମକର୍ତ୍ତାମାନେ ଦେବଦମ୍ପତିଙ୍କ ବିବାହ ଓ ନଗର ପରିକ୍ରମା କିପରି ଶାନ୍ତିଶୃଙ୍ଖଳାରେ ହେବ ସେ ନେଇ ଆଲୋଚନା କରିଥିଲେ। ସମନ୍ୱୟ ସମିତି ପକ୍ଷରୁ ଜିଲା ପ୍ରଶାସନ ଅଧିକାରୀଙ୍କୁ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଜିଲା ପ୍ରଶାସନର କୌଣସି ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିଲେ । ତେଣୁ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କରୋନା ଭୂତାଣୁ ବିଶ୍ୱକୁ ଗ୍ରାସିଛି । ଦେଶ ମଧ୍ୟ କବଳିତ ହୋଇଛି । ଯାତ୍ରା କମିଟିଗୁଡିକ ପକ୍ଷରୁ ପରମ୍ପରାକୁ ଆଧାର କରି ଦେବଦମ୍ପତିଙ୍କ ବିବାହ କରାଯିବ। ଯାତ୍ରା କମିଟିର ନିଜସ୍ୱ ମନ୍ଦିରରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ରୀତିନୀତିରେ ହେବ । ଅପରପକ୍ଷେ ନିରାଡମ୍ବର ଭାବେ ୨୯ ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେବଦମ୍ପତି ନଗର ପରିକ୍ରମା କରିବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ବୈଠକ ହୋଇଥାଏ । ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥାନ୍ତି । କିନ୍ତୁ ପରିତାପର ବିଷୟ ଯେ, ଚଳିତବର୍ଷ କୌଣସି ବିଭାଗ ଯାତ୍ରା ବିଷୟରେ କର୍ମକର୍ତ୍ତାଙ୍କ ସହ ଆଲୋଚନା ମଧ୍ୟ କରୁନାହାନ୍ତି । ଆଜିର ବୈଠକରେ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ଫଣୀଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ସୁନୀଲ ଦାଶ, ସୁଧୀର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ବରଗଡ଼ରୁ ସମ୍ବଲପୁର ଗଡ଼ିଲା ସରକାରୀ ବସ୍

**ବରଗଡ଼ ଅଫିସ୍,୧୫।୫**

ଗ୍ରୀନ୍ ଜୋନ୍‌ରେ ଯାତ୍ରୀବାହୀ ବସ୍ ଚଳାଚଳ କରିପାରିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଶୁକ୍ରବାରରୁ ସରକାରୀ ବସ୍ ଚଳାଚଳ ଆରମ୍ଭ ହୋଇଛି । ଏହି କ୍ରମରେ ବରଗଡ଼ରୁ ସମ୍ବଲପୁରକୁ ଦୀର୍ଘଦିନ ପରେ ଶୁକ୍ରବାରଠାରୁ ସରକାରୀ ବସ୍ ଗଡ଼ିଛି । ୫୨ସିଟ୍ ବିଶିଷ୍ଟ ଏକ ସରକାରୀ ବସ୍ ସକାଳ ୫ଟା ୧୫ମିନିଟ୍‌ରେ ପଦ୍ମପୁରରୁ ବାହାରି ବରଗଡ଼ ଦେଇ ସମ୍ବଲପୁର ଯାଇଥିଲା। ପଦ୍ମପୁରରୁ ବରଗଡ଼ ଆସିବା ବାଟରେ ସୋହେଲାରୁ ବରଗଡ଼ ବସଷ୍ଟାଣ୍ଡ ପର୍ଯ୍ୟନ୍ତ କେବଳ ଜଣେ ଯାତ୍ରୀ ଆସିଥିଲେ। ସରକାରଙ୍କ ନିଷ୍ପତ୍ତି କ୍ରମେ ତାଙ୍କଠାରୁ ଦୁଇଗୁଣା ବସ୍ ଭଡ଼ା ଅସୁଲି କରାଯାଇଥିଲା। ସେହିପରି ବରଗଡ଼ ସରକାରୀ ବସ୍ ଷ୍ଟାଣ୍ଡ ଛାଡ଼ିବା ପରେ ବସ୍‌ରେ କେହି ଯାତ୍ରୀ ନ ଥିବା ଦେଖିବାକୁ ମିଳିଥିଲା ।

# କରୋନା କଷ୍ଟକୁ ବଳିଗଲାଣି କୁନ୍ତିଙ୍କ ଦାରିଦ୍ର୍ୟ

**ରାଶନ କାର୍ଡ ହେଲା ଅଚଳ, ମିଳୁନି ଚାଉଳ**

**ବଲାଙ୍ଗୀର ଅଫିସ, ୧୫।୫**

କରୋନା ମହାମାରୀ ସମୟରେ ଗରିବ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି । ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକ ଥର ଏଭଳି ଅପିଲ କରିବା ସହ ଗରିବ ଶ୍ରେଣୀର ଲୋକଙ୍କୁ ସହାୟତା ଯୋଗାଇବା ଲାଗି ଘୋଷଣା କରିଛନ୍ତି । ଏତେ ସବୁ ସତ୍ତ୍ୱେ ବହୁ ଗରିବ ଶ୍ରେଣୀର ଲୋକ ଚାଉଳ ମୁଠେ ପାଇବାକୁ ସକ୍ଷମ ନ ହୋଇ ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଘୋର କଷ୍ଟ ଭୋଗୁଛନ୍ତି । ବଲାଙ୍ଗୀର ମ୍ୟୁନିସିପାଲିଟି ୧୮ ନମ୍ବର ୱାର୍ଡର ସାଲେପାଲି-ରାଜୀବନଗର ଛକ ନିକଟରେ ରହୁଥିବା ମହିଳା କୁନ୍ତି ସେଠ୍‌ଙ୍କ ଦାରିଦ୍ର୍ୟ ଅସହ୍ୟ ହୋଇପଡିଲାଣି । ଲକ୍‌ଡାଉନ୍ କଟକଣା ଯୋଗୁ ରୋଜଗାର ହରାଇ ଏବେ ଅନ୍ନ ଚିନ୍ତାରେ କୁନ୍ତି ଘାରି ହେଉଛନ୍ତି।

ପ୍ରାୟ ୧୨ ବର୍ଷ ତଳେ କୁନ୍ତି ଓ ତାଙ୍କ ଦୁଇ ପୁଅଙ୍କୁ ଛାଡି ସ୍ୱାମୀ ଅନ୍ୟତ୍ର ଚାଲିଯାଇଥିଲେ । ସେହିଦିନରୁ ଦୁଇ ପୁଅଙ୍କୁ ନେଇ କୁନ୍ତି ଏକୁଟିଆ ଅଛନ୍ତି। ବଡ ପୁଅକୁ ଏବେ ୧୬ ବର୍ଷ ଓ ସାନପୁଅକୁ ୧୪ ବର୍ଷ ବୟସ । କୁନ୍ତିଙ୍କ ଗୋଡରେ କୌଣସି ସମସ୍ୟା ଥିବାରୁ ଠିକ୍ ଭାବେ ଚାଲିପାରନ୍ତି ନାହିଁ। ତଥାପି ମହିଳା ଶ୍ରମିକ ଭାବେ ମଜୁରୀ କରି ପେଟ ପୋଷୁଥିଲେ । କରୋନା ଲକ୍‌ଡାଉନ୍ ସବୁକିଛି ଛଡାଇ ନେଇଛି । କୁନ୍ତିଙ୍କ ପାଖରେ ଏକ ରାଶନ୍ କାର୍ଡ ରହିଛି। ଏହାକୁ ଧରି ପିଡିଏସ୍ ଚାଉଳ ବଣ୍ଟନ କେନ୍ଦ୍ରକୁ ଗଲେ ଏହି ରାଶନ୍ କାର୍ଡ ଅଚଳ ହୋଇଯାଇଛି କହି ଫେରାଇ ଦେଉଛନ୍ତି । ଫଳରେ ସେ ଚାଉଳ ବି ପାଉନାହାନ୍ତି । ଯେଉଁ ଗରିବ ଲୋକଙ୍କ ପାଖରେ ଚାଉଳ କାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଚାଉଳ ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୁନ୍ତିଙ୍କୁ ମିଳୁନାହିଁ। ଅନ୍ୟପଟେ ବଲାଙ୍ଗୀର ବିଧାୟକଙ୍କ ପାଣ୍ଠିରୁ ଲକ୍‌ଡାଉନ୍ ଯୋଗୁ ପ୍ରଭାବିତ ଲୋକଙ୍କୁ ସହାୟତା ଦିଆଯାଉଛି। ସେଠାରୁ ମଧ୍ୟ କୁନ୍ତି କିଛି ସହାୟତା ପାଇ ନାହାନ୍ତି । ସରକାରୀ, ବେସରକାରୀ କୌଣସି ସ୍ତରରୁ ସହାୟତା ପାଉ ନ ଥିବା କୁନ୍ତି ଏବେ ନିଜ ଦୁଇ ନାବାଳକ ପୁଅଙ୍କ ପାଇଁ ଅନ୍ନ ମୁଠେ ଯୋଗାଡ କରିବା କଷ୍ଟକର ହୋଇପଡିଛି ବୋଲି କହିଛନ୍ତି ।



ସାନ ପୁଅ ସହ କୁନ୍ତି ସେଠ୍ ।

## ସଂକ୍ଷେପରେ

### ଗୋଟିଏ ସ୍ଥାନରେ ରହିବେ ପ୍ରବାସୀ

**ଅନୁଗୋଳ ଅଫିସ, ୧୫।୫:** ବାହାର ରାଜ୍ୟରୁ ଫେରୁଥିବା ଲୋକମାନଙ୍କୁ ନିଜ ନିଜ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରେ ରଖାଯାଉଥିଲା। କିନ୍ତୁ ଏବେ ସେମାନଙ୍କୁ ଆଉ ନିଜ ଅଞ୍ଚଳକୁ ନ ପଠାଇ ଗୋଟିଏ ସ୍ଥାନରେ କ୍ୱାରାଣ୍ଟାଇନ କରି ରଖାଯିବ ବୋଲି ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏପରି କି ସୁରଟ, ମହାରାଷ୍ଟ୍ର, ତାମିଲନାଡୁ ଆଦି ରାଜ୍ୟରୁ ଏକା ସାଙ୍ଗରେ ଫେରୁଥିବା ପ୍ରବାସୀଙ୍କୁ ପୃଥକ ପୃଥକ ଅଞ୍ଚଳକୁ ପଠାଯିବ ନାହିଁ। ତେବେ ମହିଳାମାନଙ୍କୁ ରଖାଯିବା ପାଇଁ ଅଲଗା କ୍ୱାରାଣ୍ଟାଇନ୍ ହଲ୍ କରାଯିବାକୁ ବିଚାର ବମର୍ଶ ଚାଲିଛି ବୋଲି ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି।

### ସାନିଟାଇଜ୍ ହେଲା ୨ ପଞ୍ଚାୟତ



**ବଇଣ୍ଡା, ୧୫।୫(ଡି.ଏନ.ଏ.):** ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ହଣ୍ଡପା ଓ ଉରୁକୁଳା ପଞ୍ଚାୟତ ଗୃହ, କ୍ୱାରାଣ୍ଟାଇନ ସେଣ୍ଟର, ଥାନା, ମେଡିକାଲ, ହଣ୍ଡପା ବଜାର ସହ ବିଭିନ୍ନ ଅନୁଷ୍ଠାନକୁ ସାନିଟାଇଜ୍ କରାଯାଇଛି। ଅଗ୍ନିଶମ ଅଧିକାରୀ ପ୍ରକାଶ କୁମାର ବେହେରା, ରଞ୍ଜନ ନାୟକ, ଗଣେଶ ଭଞ୍ଜ, ପ୍ରଶାନ୍ତ ନାୟକ ପ୍ରମୁଖ ଉକ୍ତ ସ୍ଥାନଗୁଡ଼ିକୁ ବିଶୋଧନ କରିଥିଲେ। ସରପଞ୍ଚ ଅମୀୟ କୁମାର ପ୍ରଧାନ ଓ ଅଶୋକ କୁମାର ପ୍ରଧାନ ସହଯୋଗ କରିଥିଲେ।

### ୭ ଜଣଙ୍କୁ ମିଳିଲା ରାଶନ କାର୍ଡ



**ଅନୁଗୋଳ ଅଫିସ, ୧୫।୫:** ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହେବାକୁ ଅନୁଗୋଳ ପୌରାଞ୍ଚଳରୁ ଅନେକ ଲୋକ ୱାର୍ଡ ଅଫିସରଙ୍କ ଜରିଆରେ ଆବେଦନ କରିଥିଲେ। ତେବେ ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ତାଲିକା ପ୍ରସ୍ତୁତ ସହ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ଶୁକ୍ରବାର ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ବିଭିନ୍ନ ଅଞ୍ଚଳକୁ ଯାଞ୍ଚ କରିବାକୁ ଯାଇଥିଲେ। ଏହି ଯାଞ୍ଚ ପରେ ୭ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ସହ ରାଶନ କାର୍ଡ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

### ପ୍ରବାସୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

**ଆଠମଲ୍ଲିକ, ୧୫।୫(ଡି.ଏନ.ଏ.):** ପଶ୍ଚିମବଙ୍ଗର ବାଙ୍କୁଡା ଜିଲା ସୁନାମୁଖିରୁ ଫେରୁଥିବା ଜଣେ ପ୍ରବାସୀ ଓଡ଼ିଆଙ୍କ କାର୍ ଶୁକ୍ରବାର ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଆଠମଲ୍ଲିକ-ଅନୁଗୋଳ ପୂର୍ତ୍ତ ବିଭାଗ ରାସ୍ତା ଝରଝରି ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାରୁ ପ୍ରକାଶ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ବଙ୍ଗମୁଣ୍ଡା ଅଞ୍ଚଳର ଆଶିଷ କୁମାର(୨୪) କୋଭିଡ ପାସ୍ ନେଇ ଏକ କାର୍ (ନଂ. ଡବ୍ଲ୍ୟୁବି ୬୮ ଏସି ୫୪୦୮) ଯୋଗେ ପଶ୍ଚିମବଙ୍ଗରୁ ଘରକୁ ଫେରୁଥିବାବେଳେ ଝରଝରି ଘାଟଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତେବେ ସୌଭାଗ୍ୟବଶତଃ ସେ ଓ ଡ୍ରାଇଭର ପ୍ରିୟରଞ୍ଜନ ଚାଟାର୍ଜୀ ସୁରକ୍ଷିତ ଅଛନ୍ତି। ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାଶ ଘଟଣାସ୍ଥଳରେ ପହଞ୍ଚି କାର୍ ଜବତ କରି ତଦନ୍ତ କରିଛନ୍ତି।

### ଝାଡ଼ଖଣ୍ଡ ଯାଉଥିବା ଶ୍ରମିକଙ୍କୁ ଅଟକାଇଲା ପୋଲିସ

**ଢେଙ୍କାନାଳ ଅଫିସ, ୧୫।୫:** ଭଦ୍ରକର ଧାମରା ଅଞ୍ଚଳରୁ ୨୫ ଶ୍ରମିକ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଝାଡଖଣ୍ଡ ଯାଉଥିବା ବେଳେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଢେଙ୍କାନାଳ ବାଇପାସଠାରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଟାଉନ୍ ଥାନା ପୋଲିସ ଶ୍ରମିକଙ୍କୁ ପଚରାଉଚରା କରିବା ପରେ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲା। ପୌରସଂସ୍ଥା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଖାଦ୍ୟପାନୀୟ ପ୍ରଦାନ କରିବା ସହିତ ସେମାନଙ୍କ ଇଚ୍ଛା ଅନୁଯାୟୀ ସମସ୍ତଙ୍କୁ ଝାଡଖଣ୍ଡ ପଠାଇବା ପାଇଁ ବ୍ୟବସ୍ଥା କରିଥିବା ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ସୂତ୍ରରୁ ପ୍ରକାଶ।

# ବ୍ରାହ୍ମଣୀରୁ ବେଧଡକ ବାଲି ଚାଲାଣ

**ଓଡ଼ାପଡ଼ା, ୧୫।୫(ଡି.ଏନ.ଏ)**



ଜବତ ଗାଡି।

- ଚଢ଼ାଉ ବେଳେ ଅଧିକାରୀଙ୍କୁ ଆକ୍ରମଣ ଧମକ
- ଜବରଦସ୍ତ ଛଡ଼ାଇ ନେଇଗଲେ ଟ୍ରାକ୍ଟର ଇଞ୍ଜିନ
- ୩ ଟ୍ରାକ୍ଟର ଇଞ୍ଜିନ, ଡାଲା, ଟିପ୍ପର ଜବତ

ଲକ୍‌ଡାଉନ୍ ସମୟରେ ଢେଙ୍କାନାଳ ଜିଲା ବ୍ରାହ୍ମଣୀ ନଦୀରୁ ବେଧଡକ୍ ଚାଲିଛି ବାଲି ଚାଲାଣ। କରୋନା ସଂକ୍ରମଣ ନିରୋଧୀ ଅଭିଯାନରେ ଅଧିକାରୀମାନେ ନିୟୋଜିତ ହୋଇଥିବାବେଳେ ଏହାର ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ। ଶୁକ୍ରବାର ନାଧରା ଘାଟ ଉପରେ ଚଢ଼ାଉ ବେଳେ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପ୍ରଶାସନିକ ଅଧିକାରୀ। ଆକ୍ରମଣର ଭୟ ଦେଖାଇ ଜଣେ ଅଭିଯୁକ୍ତ ଏକ ଟ୍ରାକ୍ଟର ଇଞ୍ଜିନ ଛଡ଼ାଇ ନେଇଛନ୍ତି। ଘଟଣାସ୍ଥଳରୁ ୩ ଟ୍ରାକ୍ଟର ଇଞ୍ଜିନ, ଅଭିଯୁକ୍ତ ଛଡ଼ାଇ ନେଇଥିବା ଟ୍ରାକ୍ଟର ଇଞ୍ଜିନର ଡାଲା ଏବଂ ଗୋଟିଏ ଟିପ୍ପର ଜବତ କରାଯାଇଛି।

ବାଲି ଚାଲାଣରେ ସମ୍ପୃକ୍ତ ବ୍ୟକ୍ତି ତଳିଆ ପୋଲିସ କର୍ମଚାରୀଙ୍କୁ ହାତ କରି ତହସିଲ ଅଧିକାରୀଙ୍କ ଗାଡି ଉପରେ ଲଗାତର ନଜର ରଖୁଥିଲେ। ସେମାନଙ୍କ ଗତିବିଧି ସମ୍ପର୍କରେ ସୂଚନା ସଂଗ୍ରହ କରି ତଦନୁଯାୟୀ ବାଲି ଚାଲାଣରେ ସହାୟତା କରୁଥିଲେ। ପୂର୍ବରୁ ଏପରି ବାଲି ଚାଲାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ହେଲେ ବ୍ୟବସାୟୀମାନେ ଲୋକଙ୍କୁ ଧମକଚମକ ଦେଇ ବେନିୟମ କାର୍ଯ୍ୟ ଜାରି ରଖିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଶୁକ୍ରବାର ଅପରାହ୍ନରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବାଲିଘାଟ ଉପରେ ଅତର୍କିତ ଚଢ଼ାଉ କରିଥିଲା। ରାଜସ୍ୱ ବିଭାଗ ଅଧିକାରୀମାନେ ପହଞ୍ଚି ଗାଡ଼ିଗୁଡ଼ିକୁ ଅଟକ ରଖିଥିବାବେଳେ ଜଣେ ଅଭିଯୁକ୍ତ ଲୁହାରଡ୍ ଧରି ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଏଥିସହ ସେଠାରେ ଥିବା ଏକ ଟ୍ରାକ୍ଟର ଇଞ୍ଜିନକୁ ନେଇ ପଳାଇଥିଲେ। ଚଢ଼ାଉରୁ ବର୍ତ୍ତିବାକୁ ଅଭିଯୁକ୍ତମାନେ ଟ୍ରାକ୍ଟର ନମ୍ବର ଲିଭାଇ ଦେଇଥିଲେ। ତେବେ ଇଞ୍ଜିନ ଓ ଚେଚିସ୍ ନମ୍ବରରୁ ଗାଡ଼ି ମାଲିକଙ୍କ ସମ୍ପର୍କରେ ତଥ୍ୟ ମିଳିଯିବ ବୋଲି ଚଢ଼ାଉରେ ସାମିଲ ଥିବା ଅଧିକାରୀମାନେ କହିଛନ୍ତି।

ଅତିରିକ୍ତ ତହସିଲଦାର ସାଗରିକା ସାହୁ, ଓଡ଼ାପଡ଼ା ଆର୍‌ଆଇ ଚିନ୍ମୟ ଦାସ, ମୋଟଙ୍ଗା ଆର୍‌ଆଇ ନିବେଦିତା ନାୟକ, ଷଡଙ୍ଗୀ ଆର୍‌ଆଇ ବୀରେନ୍ଦ୍ର ସିଂ, ପିଙ୍ଗୁଆ ଆର୍‌ଆଇ ପ୍ରସାଦ ସିଂ, ଗଦାଶିଳା ଆରଆଇ ଉଚ୍ଛବ ଦେହୁରୀ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଲେଖାଯିବା ଯାଏ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

# ସାଇକେଲରେ ବିଜୟୱାଡାରୁ ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୫।୫**



ଉଦ୍ଧାର ଜୀବନ ପଲେଇ।

- ଅସୁସ୍ଥ ଯୁବକ ବ୍ରାହ୍ମଣୀ ନଦୀକୂଳରୁ ଉଦ୍ଧାର
- କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖିଲେ ସରପଞ୍ଚ

ଲକ୍‌ଡାଉନ୍ କଷଣରେ ପେଷି ହେଉଛନ୍ତି ଗରିବ ଖଟିଖିଆ। ଜୀବନ ବଞ୍ଚାଇବାକୁ ଭିଟାମାଟି ଅଭିମୁଖେ ଗଣପଳାୟନ ଜାରି ରହିଥିବାବେଳେ ପ୍ରବାସୀଙ୍କ ଯନ୍ତ୍ରଣା ବଳିଗଲାଣି। ଦାଦନ ଦୁଃଖର ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାରେ। ଦୀର୍ଘ ୭ଦିନ ଧରି ସାଇକେଲ ଯାତ୍ରା କରି ବିଜୟୱାଡାରୁ ଢେଙ୍କାନାଳ ଫେରିଥିବା ଜଣେ ଯୁବକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବ୍ରାହ୍ମଣୀ ନଦୀକୂଳରୁ ଉଦ୍ଧାର କରାଯାଇଛି। ସେ ହେଲେ ଗଁଦିଆ ବ୍ଲକ କାଲୁରିଆ ପଞ୍ଚାୟତ ଲତାଦେଇପୁର ଗ୍ରାମର ଜୀବନ ପଲେଇ (୨୦)। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜୀବନ ବିଜୟୱାଡାର ଏକ ପାୱାର ପ୍ଲାଣ୍ଟରେ କାମ କରୁଥିଲେ। କରୋନା ଲାଗି ଲକ୍‌ଡାଉନ୍ ଘୋଷଣା କରାଯିବା ପରେ ତାଙ୍କର ଘରକୁ ଫେରିବା ବାଟ ବନ୍ଦ ହୋଇଯାଇଥିଲା। ଶେଷରେ ଏକ ପୁରୁଣା ସାଇକେଲ କିଣି ଗାଁ ଅଭିମୁଖେ ବାହାରିଥିଲେ। ୭ଦିନର ସାଇକେଲ ଯାତ୍ରା ପରେ ସେ ଶୁକ୍ରବାର ଲତାଦେଇପୁରରେ ପହଞ୍ଚିଥିଲେ। ତେବେ ବ୍ରାହ୍ମଣୀ ନଦୀକୂଳ ମାଳବନ୍ଧ ଦେଇ ଘରକୁ ଯାଉଥିବାବେଳେ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ସୂଚନା ପାଇ ତାଙ୍କ ମା’ ଘଟଣାସ୍ଥଳରେ ପହଞ୍ଚି ଖାଇବାକୁ ଦେବା ପରେ ସେ ସୁସ୍ଥ ଅନୁଭବ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ସୂଚନା କ୍ରମେ ସରପଞ୍ଚ ସଞ୍ଜୟ ଜେନା ସମ୍ପୃକ୍ତ ଯୁବକଙ୍କୁ କରମୂଳସ୍ଥିତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ରାସ୍ତାରେ ଆସୁଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିବା ଜୀବନ କହିଛନ୍ତି।

# ବିଲେଇ ହୋଇପାରେ ଭୂତାଣୁ ବାହକ

**ୱାଶିଂଟନ**

## ପୋଷା ପ୍ରାଣୀଙ୍କ ଯତ୍ନ ନେବାକୁ ପରାମର୍ଶ



କରୋନା ସଂକ୍ରମଣ କେବଳ ମଣିଷ ଭିତରେ ସୀମିତ ରହିନାହିଁ। ଭୂତାଣୁ ପଞ୍ଝାରୁ ପୋଷାଜନ୍ତୁ ମଧ୍ୟ ବାଦ୍ ପଡୁନାହାନ୍ତି। ବିଲେଇ ଭଳି ପାଳିତ ପ୍ରାଣୀ ଅତି ସହଜରେ ଭୂତାଣୁର ବାହାକ ହୋଇପାରନ୍ତି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସାଥୀ ବିଲେଇ ଏବଂ ମଣିଷ ମଧ୍ୟ ସଂକ୍ରମିତ ହେବା ଆଶଙ୍କା ବେଶି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନରେ ପ୍ରକାଶିତ ଏକ ରିପୋର୍ଟରେ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଦିଆଯାଇଛି।

ଏହାକୁ ପ୍ରମାଣିତ କରିବାକୁ ବିଶେଷଜ୍ଞମାନେ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ଶରୀରରୁ ପୃଥକ କରାଯାଇଥିବା ଭୂତାଣୁକୁ ବିଲେଇର ଶରୀରରେ ପ୍ରବେଶ କରାଇଥିଲେ। ଅନ୍ୟ ଦୁଇ ବିଲେଇକୁ ସଂକ୍ରମିତ ବିଲେଇ ନିକଟରେ ରଖି ଲ୍ୟାବରେ ନିରୀକ୍ଷଣ କରିଥିଲେ। ୩ଦିନ ପରେ କରାଯାଇଥିବା ସ୍ୱାବ୍ ଟେଷ୍ଟରୁ ୩ଟି ଯାକ ବିଲେଇ କରୋନା ସଂକ୍ରମିତ ହୋଇଥିବା ଜଣାପଡିଥିଲା। ଏହାର ଗୋଟିଏ ଦିନ ପରେ ଉକ୍ତ ୩ ବିଲେଇଙ୍କ ପାଖକୁ ଆଉ ଗୋଟିଏ ଲେଖାଏ ସୁସ୍ଥ ବିଲେଇ ଛଡ଼ାଯାଇଥିଲା। ଏହାର ୨ ଦିନ ପରେ ସମସ୍ତ ୬ ବିଲେଇଙ୍କ ସ୍ୱାବ୍‌ରେ କରୋନା ପଜିଟିଭ ଠାବ କରାଯାଇଥିଲା। ପ୍ରାୟ ୬ଦିନ ଧରି ବିଲେଇମାନେ ସେମାନଙ୍କ ନାକରୁ ଲାଳ ବାହାର କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସେମାନଙ୍କ ମଳମୂତ୍ରରୁ ଭାଇରସ୍ ଚିହ୍ନଟ ହୋଇ ନ ଥିଲା। ଅନ୍ୟପକ୍ଷରେ କେବଳ ଗୋଟିଏ ବିଲେଇ ଶରୀରରେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେଇଥିଲା। ତେବେ ଧୀରେ ଧୀରେ ସମସ୍ତ ବିଲେଇ ନିଜକୁ ସୁସ୍ଥ କରିବାରେ ସକ୍ଷମ ହୋଇଥିଲେ।

ଏହି ଅଧ୍ୟୟନ ପରେ ବିଶେଷଜ୍ଞମାନେ ପୋଷା ପ୍ରାଣୀଙ୍କ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମଣ ଆଶଙ୍କା ଏଡ଼ାଇବାକୁ ଯେପରି ସଂକ୍ରମିତ ବ୍ୟକ୍ତିଙ୍କୁ ଅଲଗା ରଖାଯାଉଛି, ସେହିପରି ବିଲେଇ ସମେତ ଅନ୍ୟ ପୋଷାଜନ୍ତୁଙ୍କୁ କରୋନା ଆକ୍ରାନ୍ତଙ୍କଠାରୁ ଦୂରେଇ ରଖିବାକୁ ସେମାନେ କହିଛନ୍ତି। ତେବେ ବିଲେଇଠାରୁ ମଣିଷକୁ ସଂକ୍ରମଣ ବ୍ୟାପିବାର କୌଣସି ପ୍ରମାଣ ମିଳିପାରିନାହିଁ। ଏ ଦିଗରେ ଅଧ୍ୟୟନ ଜାରି ରହିଛି।

# ବାଇକ୍‌କୁ ପିଟିଲା ବାଇକ୍, ୨ ମୃତ

**ପରଜଙ୍ଗ, ୧୫।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁସୁମୁଣ୍ଡିଆ ଗ୍ରାମ ନିକଟରେ ଶୁକ୍ରବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ବିରିବୋଲେଇ ଗ୍ରାମର ଜିତେନ୍ଦ୍ର ସାହୁ (୨୭) ତାଙ୍କ ମାଇଁ ମଞ୍ଜରୀ ସାହୁ (୫୦)ଙ୍କୁ ନେଇ ବାଇକ୍‌ରେ ଦଶିପୁର ବ୍ୟାଙ୍କରୁ ଘରକୁ ଫେରୁଥିବାବେଳେ କୁସୁମୁଣ୍ଡିଆ ଗ୍ରାମର ବସନ୍ତ ବିଶ୍ୱାଳଙ୍କ ଗାଡ଼ି ସହ ସେମାନଙ୍କ ବାଇକ୍‌ର ଧକ୍କା ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ଜିତେନ୍ଦ୍ରଙ୍କୁ କଟକ ଏବଂ ବସନ୍ତଙ୍କୁ ତାଳଚେର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ପୋଲିସ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

# ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମାଡ଼ ଅଭିଯୋଗ

## ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଉପସ୍ଥାନକୁ ନେଇ ବିବାଦ

**ଛେଣ୍ଡିପଦା, ୧୫।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିବା ଶୁକ୍ରବାର ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ର ଉପସ୍ଥାନ ଖାତାରେ କୋଭିଡ-୧୯ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅନୁପସ୍ଥିତ ଦର୍ଶାଯାଇଥିଲା। ଏ ନେଇ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଓ ଅନ୍ୟ କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପଚାରିଥିଲେ। ଏହାକୁ ନେଇ ସମ୍ପୃକ୍ତ ଡାକ୍ତର ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ଗାଳି କରିବା ସହ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଡାକ୍ତର କହିଛନ୍ତି, କୋଭିଡ-୧୯ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା କର୍ମଚାରୀମାନେ ସକାଳ ସାଢେ ୭ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ନିମନ୍ତେ ସରକାରୀ ସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ କର୍ମଚାରୀମାନେ ଠିକ୍ ସମୟରେ ଆସୁ ନ ଥିବାରୁ ଉପସ୍ଥାନ ଖାତାରେ ଅନୁପସ୍ଥିତ ଦର୍ଶାଯାଇଥିଲା। ପରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ତାଙ୍କ କାର୍ଯ୍ୟାଳୟକୁ ଆସି ଯୁକ୍ତିତର୍କ କରିବା ସହ ଚେୟାରକୁ ଗୋଇଠା ମାରିଥିଲେ। ଫଳରେ ସେମାନଙ୍କୁ କାର୍ଯ୍ୟାଳୟରୁ ବାହାର କରିଦେଇଥିଲି। ମାଡ଼ ମାରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇ ଥାନାରେ ଅଭିଯୋଗ କରିବେ ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ଏ ନେଇ ଆଇଆଇସି କନକ ମାଝି କହିଛନ୍ତି, ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରାଯିବ।

# ଆରମ୍ଭ ହେଲା ରଥନିର୍ମାଣ

**ଢେଙ୍କାନାଳ ଅଫିସ, ୧୫।୫**



ମହାରଣା ସେବକମାନେ ମାସ୍କ ପିନ୍ଧି ରଥ ନିର୍ମାଣ କରୁଛନ୍ତି।

କରୋନା ପ୍ରଭାବିତ ଢେଙ୍କାନାଳ ଜିଲାରେ ରଥ ନିର୍ମାଣ ହେବାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଏଥିରେ ଯବନିକା ପଡ଼ିଛି। ଶୁକ୍ରବାର ପବିତ୍ର ଭଉଁରିରେ ରଥ ନିର୍ମାଣ ଆରମ୍ଭ ହୋଇଛି। ପାରମ୍ପରିକ ପୂଜାର୍ଚ୍ଚନା ପରେ ସ୍ଥାନୀୟ ରଥଗଡ଼ାରେ ମହାରଣା ସେବକମାନେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଗତବର୍ଷ ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ୯ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଚଳିତବର୍ଷ ୧୦ ଲକ୍ଷ ଟଙ୍କାର ଖର୍ଚ୍ଚ ଆକଳନ କରାଯାଇଛି। ତେବେ ଏଯାଏ ଚୂଡ଼ାନ୍ତ ବଜେଟ ହୋଇନାହିଁ। ରଥଯାତ୍ରା ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷହେବ ବୋଲି ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି। ପରମ୍ପରା ଅନୁଯାୟୀ ବଡ଼ରଥରେ ଶ୍ରୀବଳରାମ ମନ୍ଦିରର ପୂଜା ପାଉଥିବା ମହାପ୍ରଭୁ ଜଗନ୍ନାଥ ବିଜେ କରିଥାନ୍ତି। ଶ୍ରୀବଳରାମ ପାଷାଣ ପ୍ରତିମା ହୋଇଥିବାରୁ ରଥାରୂଢ଼ ହୁଅନ୍ତି ନାହିଁ। ସେହିପରି ସାନରଥରେ ରାଜବାଟୀରେ ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ୧୯୯୯ରୁ ଏହି ରଥକୁ କେବଳ ମହିଳାମାନେ ଟାଣି ଆସୁଛନ୍ତି।

# ଲିଫ୍ଟ ମାଗିବା ବାହାନାରେ ଲୁଟିଲେ

**ପରଜଙ୍ଗ, ୧୫।୫(ଡି.ଏନ.ଏ.)**

ପରଜଙ୍ଗ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ବାରିହାପୁର ନିକଟରେ ଗୁରୁବାର ରାତି ୯ଟାବେଳେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ବଡ଼ଝରା ନୂଆସାହିର ଜିତେନ୍ଦ୍ର ସାହୁଙ୍କଠାରୁ ଟଙ୍କା, ମୋବାଇଲ୍ ଏବଂ ବାଇକ୍ ଛଡ଼ାଇ ନେଇଛନ୍ତି। ଜିତେନ୍ଦ୍ର ତାଳଚେରରୁ ଡ୍ୟୁଟି ସାରି ରାତି ପ୍ରାୟ ୯ଟାରେ ଘରକୁ ଫେରୁଥିବାବେଳେ ଜଣେ ଯୁବକ ଲିଫ୍ଟ ମାଗିବା ସହ ଗାଡ଼ି ସାମ୍ନାକୁ ଚାଲି ଆସିଥିଲେ। ଜିତେନ୍ଦ୍ର ଗାଡ଼ି ରୋକିବା ପରେ ଅନ୍ଧାରରେ ଲୁଚିଥିବା ଅନ୍ୟ ଦୁଇଜଣ ଯୁବକ ବାହାରି ଖଣ୍ଡା ଦେଖାଇ ଟଙ୍କା, ମୋବାଇଲ ଲୁଟ୍ କରିବା ପରେ ମାରିବାକୁ ଗୋଡ଼ାଇଥିଲେ। ତେବେ ଜିତେନ୍ଦ୍ର କୌଣସିମତେ ସେଠାରୁ ଖସି ଆସିବାକୁ ସମର୍ଥ ହୋଇଥିଲେ। ଏ ନେଇ ଜିତେନ୍ଦ୍ର ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡ: ୧୧ ବଖରା ପାଉଁଶ



ଆଠମଲ୍ଲିକ ବ୍ଲକ ନୂଆମାଣିତ୍ରୀ ଗ୍ରାମରେ ଲାଗିଥିବା ନିଆଁ।

**ଭୁବନ/ଆଠମଲ୍ଲିକ, ୧୫।୫ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୧୧ନଂ. ୱାର୍ଡ ତେଲିସାହିରେ ଶୁକ୍ରବାର ଅପରାହ୍ନରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ସାହୁ, ତପନ ସାହୁ, ଦୀପକ ସାହୁଙ୍କ ବଖରାଏ ଲେଖାଏ ଜଳିଯାଇଛି। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିବାବେଳେ ବାସହରା ହୋଇଯାଇଛନ୍ତି ୩ ପରିବାର। ଭୁବନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଆର୍‌ଆଇ ଶ୍ରୀକାନ୍ତ କୁମାର ପରିଡ଼ା ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ନୂଆମାଣିତ୍ରୀ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୮ ବଖରା ଜଳିଯାଇଛି। ଗ୍ରାମର ବବୃ ପ୍ରଧାନଙ୍କ ଘରେ ପ୍ରଥମେ କୌଣସି କାରଣରୁ ନିଆଁ ଲାଗିବା ପରେ ଏହା ବୀରେନ ପ୍ରଧାନ, ସୁମନ୍ତ ପ୍ରଧାନ, ମାଧବ ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନଙ୍କ ଘରକୁ ବ୍ୟାପିଯାଇଥିଲା। ଖବର ଲେଖା ହେବା ବେଳକୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି। କରୋନା ବିପତ୍ତି ସମୟରେ ସର୍ବସ୍ୱ ହରାଇଥିବା ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

## ଫଟୋରେ ଖବର..



ଅନୁଗୋଳ ବଜାରର ଏକ ଦୋକାନରେ ଶୁକ୍ରବାର ଗ୍ରାହକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ଭିତରକୁ ଛଡାଯାଉଛି।

# ହିତାଧିକାରୀଙ୍କୁ ମିଳିନି ଡାଲି

**ଆଠମଲ୍ଲିକ, ୧୫।୫(ଡି.ଏନ.ଏ.)**

## ରାଶନ ଯୋଗାଣରେ ଅବହେଳା ଅଭିଯୋଗ

କରୋନା ବିପତ୍ତି ଯୋଗୁ ସରକାର ରାଶନ କାର୍ଡ ହିତାଧିକାରୀଙ୍କୁ ମାଗଣାରେ ୩ ମାସର ଚାଉଳ ଓ ଡାଲି ଯୋଗାଇଦେବାକୁ ଘୋଷଣା କରିଛନ୍ତି। କିନ୍ତୁ ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ଓ ବ୍ଲକ ଅଞ୍ଚଳର ହିତାଧିକାରୀଙ୍କୁ ଏହି ରାଶନ ସାମଗ୍ରୀ ଯୋଗାଣରେ ଅବହେଳା ହୋଇଥିବା ଅଭିଯୋଗ ହୋଇଛି। ଆଠମଲ୍ଲିକର ଅନେକ ହିତାଧିକାରୀଙ୍କୁ ଗତ ମାସ ଶେଷ ସପ୍ତାହରୁ ଚାଉଳ ଯୋଗାଣ ହୋଇ ନ ଥିବାବେଳେ ଏ ପର୍ଯ୍ୟନ୍ତ ଡାଲି ଦିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ କାର୍ଡଧାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗରୁ ଜଣାଯାଏ, ଆଠମଲ୍ଲିକ ଏନ୍‌ଏସି ଓ ବ୍ଲକର ୨୪ଟି ପଞ୍ଚାୟତରେ ୨୬ ହଜାରରୁ ଊର୍ଦ୍ଧ୍ୱ ରାଶନ କାର୍ଡଧାରୀ ଅଛନ୍ତି। ଏନ୍‌ଏସିର ୫ଟି ଓ ବ୍ଲକର ୫୫ ରିଟେଲ ସେଣ୍ଟର ଜରିଆରେ ଯୋଗାଣ ବିଭାଗ ଚାଉଳ, ଡାଲି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ୩ ମାସ ପାଇଁ ମୁଣ୍ଡ ପିଛା ୧୫ କେଜି ଚାଉଳ ଓ ୩ କେଜି ହରଡ଼ ଡାଲି ଯୋଗାଯିବା କଥା। ମାତ୍ର ଯୋଗାଣ ବିଭାଗ ଗତ ଏପ୍ରିଲ ଶେଷ ସପ୍ତାହରୁ ଚାଉଳ ସହ ଡାଲି ଯୋଗାଇ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟର ଅନ୍ୟାନ୍ୟ ଜିଲାରେ ଡାଲି ଯୋଗାଇ ଦିଆଯାଇଥିବା ବେଳେ ଏଠାକାର ହିତାଧିକାରୀଙ୍କ ନିକଟରେ ଏଯାଏ ତାହା ପହଞ୍ଚି ନାହିଁ। ଏପରି କି ପୋକରା ଡାଲି ଆସିବାରୁ ଏହାକୁ ଫେରାଇ ଦିଆ ଦିଆଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ କହିଛନ୍ତି, ଡାଲି ଆସିବାରେ ବିଳମ୍ବ ଘଟିଛି। ଦିନେ ଦୁଇ ଦିନ ମଧ୍ୟରେ ଡାଲି ଯୋଗାଇ ଦିଆଯିବ।। ସେ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡିବ।

## ଶିକ୍ଷକଙ୍କୁ କରୋନା ଯୋଦ୍ଧାରେ ସାମିଲ ଦାବି

ନବରଙ୍ଗପୁର, ୧୫।୫(ବି.ପ୍ର.)–ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଶିକ୍ଷକଙ୍କୁ କରୋନା ଯୋଦ୍ଧାରେ ସାମିଲ କରିବା ଲାଗି ଦାବି ହୋଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଏଥିରେ ଉଲ୍ଲେଖ କରିଛି ଯେ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷକମାନେ ଗାଁ ଗାଁ ବୁଲି ଛାତ୍ରୀଛାତ୍ରଙ୍କୁ ବହି, ବଣ୍ଟନ କରୁଛନ୍ତି। ଅସ୍ଥାୟୀ ସଙ୍ଗରୋଧ ଗୃହ ପରିଚାଳନା କରିବା ପ୍ରବାସୀଙ୍କ ନାମ ପଞ୍ଜୀକରଣ ଏବଂ ଅନ୍‌ଲାଇନ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କୁ ବୀମାଭୁକ୍ତ କରି ଯୋଦ୍ଧାର ମାନ୍ୟତା ଦେବାକୁ ସଂଘ ଦାବି କରିଛି।

## ସଂକ୍ଷେପରେ

### ମିଟର ରିଡିଂ ବେଳେ କର୍ମଚାରୀଙ୍କୁ ଆକ୍ରମଣ

କୋରୁକୋଣ୍ଡା,୧୫।୫(ଡି.ଏନ.ଏ.)- ମାଲକାନଗିରି ଜିଲା ବାଲିମେଳା ସାଉଥକୋ ସବ୍ ଡିଭିଜନର ଜଣେ କର୍ମଚାରୀଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଅଭିଯୋଗ ପରେ ଓର୍କେଲ(ବାଲିମେଳା) ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି ସାଉଥକୋ କର୍ମଚାରୀ ନବକୁମାର ବିଶ୍ୱାସ କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାତର ସରୋଲୁକୋଣ୍ଡା ଗ୍ରାମକୁ ବିଦ୍ୟୁତ୍ ମିଟର ରିଡିଂ ନେବାକୁ ଯାଇଥିଲେ। ବିଦ୍ୟୁତ୍ ଉପଭୋକ୍ତା ସନିଆ ମାଡକାମିଙ୍କ ଘରେ ମିଟର ରିଡିଂ ନେଉଥିବା ସମୟରେ ସନିଆ ଆସି ଏକ ବାଡି ନବଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ସେଠାରୁ ଫେରି ନବ ଏନେଇ ସାଉଥକୋ ଏସଡିଓ ପ୍ରମୋଦ କୁମାର ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ନବଙ୍କ ଅଭିଯୋଗକୁ ଭିତ୍ତି କରି ଓର୍କେଲ ଥାନାରେ କେସ ନଂ୧୨/୨୦ରେ ଏକ ମାମଲା ରୁଜୁ ହୋଇଛି। ଏସଆଇ ଏମ. ମଜୁମଦାର ଘଟଣାର ତଦନ୍ତ କରୁଛନ୍ତି।

### କାଶୀନଗରରେ ପହଞ୍ଚିଲେ ପ୍ରବାସୀ ଶ୍ରମିକ

କାଶୀନଗର,୧୫।୫(ଡି.ଏନ୍.ଏ.)- ଗଜପତି ଜିଲା କାଶୀନଗର ବ୍ଲକରେ ଗୁରୁବାର ରାତିରେ ୮୯ ଜଣ ପ୍ରବାସୀ ଶ୍ରମିକ ବିଭିନ୍ନ ରାଜ୍ୟରୁ ଆସି ପହଞ୍ଚିଛନ୍ତି। ସମସ୍ତଙ୍କୁ ଅଲଡା ବିଜୟାନନ୍ଦ ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା କହିଛନ୍ତି। ଶୁକ୍ରବାର ସୁଦ୍ଧା ୩୨୪ ଜଣ ଜଣ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ତେବେ କାଶୀନଗରରେ ପ୍ରବାସୀ ଶ୍ରମିକମାନେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ କରୋନା ବ୍ୟାପିବାର ସମ୍ଭାବନା ନେଇ ଲୋକେ ଭୟଭୀତ ଥିବା ଜଣାପଡିଛି।

### ମଣ୍ଡି ଖୋଲିନି, ବିକ୍ରି ହୋଇପାରୁନି ଧାନ

କାଶୀନଗର ୧୫।୫ (ଡି.ଏନ.ଏ.)- କାଶୀନଗର ବ୍ଲକର ଚାଷୀଙ୍କ ନିକଟରେ ପ୍ରାୟ ୩ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ମଣ୍ଡି ଖୋଲି ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଚାଷୀମାନେ ଆନ୍ଧ୍ର ବ୍ୟବସାୟୀଙ୍କୁ ଧାନ ବିକିବା ଲାଗି ଅନୁମତି ଦେବାକୁ ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ କାଶୀନଗର ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ର ଦାବି କରିଛନ୍ତି।

### ପୋଲିସ କ୍ୟାଣ୍ଟିନରେ ମହିଳାଙ୍କୁ ବଳାତ୍କାର ଘଟଣା ପୀଡ଼ିତାଙ୍କ ପରିବାର, ଏସ୍‌ପିଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି

ମାଲକାନଗିରି,୧୫।୫ (ଡି.ଏନ୍.ଏ.) - ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୋଲିସ କ୍ୟାଣ୍ଟିନରେ କାମ କରୁଥିବା ଜଣେ ମହିଳା ବଳାତ୍କାରର ଶିକାର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାକୁ ନେବା ସମୟରେ ରାୟଗଡ଼ା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ପୀଡିତାଙ୍କ ଘରକୁ ଯାଇ ତାଙ୍କ ସ୍ୱାମୀଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପରେ ସେ ଏସ୍‌ପି ହ୍ରିଷିକେଶ ଡି. ଖିଲାରିଙ୍କୁ ଭେଟି ଆଲୋଚନା କରିଥିଲେ। ଶୀଘ୍ର ଅଭିଯୁକ୍ତ ଗିରଫ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ମାଝି ଚେତାବନୀ ଦେଇଛନ୍ତି। ମାଝିଙ୍କ ସହ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, କମଳା ବରାଳ, ପି. କେଶୁ ରାଓ, ଜି. ଶ୍ରୀନିବାସରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମକୁ ଫେରିବାକୁ ପାସ୍ ପାଇଁ ଥାନାରେ ପ୍ରବାସୀଙ୍କ ଭିଡ଼

ଚନ୍ଦାହାଣ୍ଡି,୧୫।୫(ଡି.ଏନ.ଏ.)-ଲକଡାଉନ ଯୋଗୁ ତେଲେଙ୍ଗାନାର ହାଇଦ୍ରାବାଦରେ ଫସି ରହିଥିବା ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ, ମୋତିଗାଁ, ଭେଣ୍ଡିଆ ଗ୍ରାମର ୫୦ ଶ୍ରମିକ ନିଜ ଗ୍ରାମକୁ ଫେରିବା ଲାଗି ଅପେକ୍ଷା କରିଛନ୍ତି। ପାସ ପାଇଁ ହାଇଦ୍ରାବାଦର ଏକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଦୂରତା ରକ୍ଷା କରୁ ନ ଥିବାରୁ ପୋଲିସଠାରୁ ଲାଠି ମାଡ ଖାଉଛନ୍ତି। ଏନେଇ ସେମାନେ ସ୍ଥାନୀୟ ଏମପି ରମେଶ ଚନ୍ଦ୍ର ମାଝୀ ଓ ପ୍ରଶାସନକୁ ଅବଗତ କରିଛନ୍ତି। ୬ ମାସ ତଳେ ଏହି ଶ୍ରମିକମାନେ ହାଇଦ୍ରାବାଦର କୋକାପେଟା ଅଞ୍ଚଳକୁ କାମ କରିବାକୁ ଯାଇ ଫସି ରହିଛନ୍ତି। ଏ ସମ୍ପର୍କ ରେ ବିଡ଼ିଓ ଧର୍ମରାଜ ମାଝୀଙ୍କୁ ପଚାରିବାରୁ ସେ ଜିଲା ଶ୍ରମ ଅଧିକାରୀଙ୍କ ସହ କଥା ହୋଇ ଶ୍ରମିକଙ୍କୁ ଆଣିବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ନାବାଳକ ଝିଅପୁଅଙ୍କୁ ନିର୍ଯାତନା: ବାପା ଗିରଫ

ନବରଙ୍ଗପୁର,୧୫।୫(ବି.ପ୍ର.)

ନିଜ ବାପାଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି ଝିଅପୁଅ। ସହିବା ସୀମା ଟପିବା ପରେ ଘଟଣା ଥାନାରେ ପହଞ୍ଚିଛି। ଅଭିଯୋଗର ତଦନ୍ତକରି ପୋଲିସ ସମ୍ପୃକ୍ତ ବାପାଙ୍କୁ ଗିରଫ କରିଛି। ଏପରି ଘଟିଛି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ମୋକିଆ ଗ୍ରାମରେ। ଗ୍ରାମବାସୀଙ୍କ ସହାୟତାରେ ବାପାଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

ଖବରରୁ ଜଣାପଡିଛି ମୋକିଆ ଗ୍ରାମର ଭୁବନ ହରିଜନ ତିନୋଟି ବିବାହ କରିଥିଲେ। ସ୍ୱାମୀଙ୍କ ସହ ମନୋମାଳିନ୍ୟ ହେବାରୁ ପ୍ରଥମ ସ୍ତ୍ରୀ ନିଜ ଝିଅପୁଅଙ୍କୁ ଧରି ବାପଘରକୁ ଚାଲିଯାଇଥିଲେ। ପରେ ପାପଡ଼ାହାଣ୍ଡି ବ୍ଲକ ଭାଟିକୋଟ ଗ୍ରାମର ଜଣେ ଯୁବତୀଙ୍କୁ ଭୁବନ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କ ୨ଟି ଝିଅପୁଅ ଅଛନ୍ତି। କିଛି ବର୍ଷ ପରେ ଭୁବନ ମୋକିଆ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହକରି ଘରକୁ ଆଣିଥିଲେ। ଫଳରେ ଦ୍ୱିତୀୟ ସ୍ତ୍ରୀ ଭୁବନଙ୍କୁ ଛାଡି ନିଜ ନାବାଳକ ଝିଅପୁଅଙ୍କୁ ଧରି ଭାଟିକୋଟ ଗ୍ରାମକୁ ପଳେଇଥିଲେ। ୧୫ଦିନ ତଳେ ଭୁବନ ଦ୍ୱିତୀୟ ସ୍ତ୍ରୀଙ୍କ ନାବାଳିକା ଝିଅ (୧୧) ଓ ନାବାଳକ ପୁଅ (୮ବର୍ଷ )କୁ ଡାକି ଆଣି ନିଜ ପାଖରେ ରଖିଥିଲେ। ପରେ ସେ ସେମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ଭୁବନ ଝିଅର ହାତଗୋଡ଼ ବାନ୍ଧି ଓଢଣୀକୁ ବେକରେ ଲଗାଇ ମାଡ଼ ମାରୁଥିଲେ। ଭଉଣୀକୁ ରକ୍ଷା କରିବାକୁ ଯାଇ ଭାଇ ବାପାଙ୍କୁ ଯେତେ କହିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଭୁବନ ପୁଅକୁ ମଧ୍ୟ ମାଡ଼ ମାରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ, ସରପଞ୍ଚ ଓ ଜିଲା ପରିଷଦ ସଭ୍ୟା ପହଞ୍ଚି ଝିଅପୁଅଙ୍କୁ ଭୁବନଙ୍କ କବଳରୁ ରକ୍ଷା କରିଥିଲେ। ସେମାନଙ୍କୁ ନିଜ ହେପାଜତରେ ରଖିଥିଲେ। ଏନେଇ ଶୁକ୍ରବାର ମୋକିଆ ସରପଞ୍ଚ ପୁଷ୍ପାଞ୍ଜଳି ନାଟିକା ଓ ପାପଡ଼ାହାଣ୍ଡି ଜୋନ୍‌ର ଜିଲା ପରିଷଦ ସଭ୍ୟା ଚନ୍ଦ୍ରମା ହରିଜନ ଝିଅପୁଅ ଉଭୟଙ୍କୁ ପାପଡାହାଣ୍ଡି ଥାନାକୁ ଆଣି ବାପା ଭୁବନଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୬୩/୨୦, ଦଫା ୩୦୭, ୨୯୪ ଓ ୫୦୬ରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତକରି ଭୁବନଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ନିର୍ଯାତନାର ଶିକାର ହୋଇଥିବା ଭଉଣୀଭାଇ ଥାନା ଅଧିକାରୀଙ୍କ ଦାୟିତ୍ୱରେ ଅଛନ୍ତି। ସେମାନଙ୍କ ମାଆଙ୍କୁ ପୋଲିସ ଖବର ଦେଇଛି। ମାଆ ଆସିଲେ ଉଭୟ ପିଲାଙ୍କୁ ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

### ଚଢ଼ା ଦରରେ ଲୁଣ ବିକ୍ରି: ଅଡୁଆରେ ଦୋକାନୀ

ନବରଙ୍ଗପୁର,୧୫।୫(ବି.ପ୍ର.):

ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ତାଗିଦ କରାଯିବା ପରେ ମଧ ଜଣେ ଖୁଚୁରା ବ୍ୟବସାୟୀ ଚଢ଼ାଦରରେ ଲୁଣ ବିକ୍ରିକରି ଅଡୁଆରେ ପଡ଼ିଛନ୍ତି। ଜିଲାର ରାଇଘର ବ୍ଲକ୍ ଅଞ୍ଚଳାଡିହି ଗାଁର ସୌଦାଗର ସାହୁ ଚଢା ଦରରେ ଲୁଣ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଖବର ପାଇ ରାଇଘର ତହସିଲଦାର ଡ. ତୁଷାର, ଆଇଆଇସି ସରିତା ମହାପାତ୍ର, ଯୋଗାଣ ନିରୀକ୍ଷକ ଦୀପକ କୁମାର ପାତ୍ର ଦୋକାନ ଉପରେ ଚଢ଼ାଉକରି ୩ ବ୍ୟାଗ୍ ଲୁଣ ସମେତ ୧୨ ପ୍ୟାକେଟ ଖଇନି ମଧ୍ୟ ଜବତ କରିଛନ୍ତି। ଦୋକାନୀକୁ ଅଟକ ରଖି ପଚରାଉଚରା କରାଯାଉଛି।

# ଅଧା ସହରରେ ୧୪୪ ଧାରା

**ଆଜି ରାୟଗଡ଼ାରେ ପହଞ୍ଚିବେ ଆଉ ୪୦୦ ପ୍ରବାସୀ**

ରାୟଗଡ଼ା ଅଫିସ,୧୫।୫:

ଦକ୍ଷିଣ ଭାରତରେ କାମ କରିବାକୁ ଯାଇ ଫସିରହିଥିବା ଆଉ ୪୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଶନିବାର ସକାଳେ ଆଉ ଏକ ଟ୍ରେନ୍ ରାୟଗଡ଼ାରେ ପହଞ୍ଚିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଦକ୍ଷିଣ ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ସେଠାରୁ ଏହି ଶ୍ରମିକମାନେ ଆସୁଛନ୍ତି। ଏହାକୁ ନେଇ ରାୟଗଡ଼ାବାସୀ ଚିନ୍ତାରେ ପଡ଼ିଛନ୍ତ। ପ୍ରଶାସନ ପକ୍ଷରୁ ମଧ୍ୟ ଅନେକ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଜିଲାରେ ସଂକ୍ରମଣ ରୋକିବାକୁ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସହରର କେତେକ ଅଞ୍ଚଳରେ୧୪୪ ଧାରା ଜାରି କରିଛନ୍ତି। ପିତାମହଲଠାରୁ ଜେକେପୁର ରୋଡ୍, ରେଳ ଷ୍ଟେଶନ ଅଞ୍ଚଳ, ଜେସକୋ କୋଲନୀ–ନୂତନ ବସ୍‌ଷ୍ଟାଣ୍ଡ, ଏସ୍‌ଏଚ୍‌ଠାରୁ ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ ବାସଭବନ ରୋଡ୍‌ରେ ଏହି ଧାରା ଜାରି ହୋଇଛି। ଏହା ଶନିବାର ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ନିଷେଧାଞ୍ଚଳକୁ ପ୍ରବେଶ ନ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ତେବେ ଜରୁରୀ ସେବାକୁ ଏଥିରୁ ବାଦ୍ ଦିଆଯାଇଛି। ସୂଚନା ଯୋଗ୍ୟଯେ, ଗୁରୁବାର ୨୦୯ ପ୍ରବାସୀ ଶ୍ରମିକ ୨ଟି ସ୍ୱତନ୍ତ୍ର ଟ୍ରେନରେ ଆସି ରାୟଗଡାରେ ପହଞ୍ଚିଥିଲେ। ସେମାନଙ୍କୁ ପ୍ରଶାସନର ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ବ୍ଲକ ସମେତ ଅନ୍ୟ ଜିଲାକୁ ପଠାଯାଇଥିଲା।

### ୨ କୋଭିଡ୍ ଯୋଦ୍ଧା ସମ୍ମାନିତ

ପାରଳାଖେମୁଣ୍ଡି,୧୫।୫(ସ୍ୱ.ପ୍ର.):

ଗଜପତି ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି। ଏଥିରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ୨ ଆଗ ଧାଡ଼ିର ଯୋଦ୍ଧା ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମାଙ୍କୁ ପାରଳାବାସୀଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ସରକାରଙ୍କ ସମସ୍ତ ପଦକ୍ଷେପ ଓ ସଚେତନତା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଦୁଇ ଅଧିକାରୀଙ୍କ ପ୍ରଚେଷ୍ଟା ହିଁ ଜିଲାବାସୀଙ୍କୁ ସୁରକ୍ଷିତ ରଖିଛି। ତେଣୁ ପାରଳାବାସୀଙ୍କ ପକ୍ଷରୁ ମୀନାକ୍ଷୀ ସାହୁ, ତନୁଜା ଶତପଥୀ ୨ ଅଧିକାରୀଙ୍କୁ ସମ୍ମାନିତ କରିଛନ୍ତି।

## ନୋଡାଲ ସଚିବଙ୍କ କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ



କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ନୋଡାଲ ସଚିବ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗି,୧୫।୫(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଆନ୍ଧ୍ର ସୀମାନ୍ତ ସୁଙ୍କି ପଞ୍ଚାୟତ ସଦର ଏମଇ ସ୍କୁଲ ରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ଶୁକ୍ରବାର ପରିଦର୍ଶନ କରିଛନ୍ତି ମାଲକାନଗିରି ଜିଲା ଜିଲା କୋଭିଡ–୧୯ ନୋଡ଼ାଲ ସଚିବ ରସିଦ ଖାନ। ସେ ଏଠାରେ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ବ୍ୟବସ୍ଥା, ଖାଦ୍ୟପେୟ ଆଦିର ସମୀକ୍ଷା କରିଥିଲେ। ବିଡିଓ ମୋନାଲିସା ଦେବତା, ସରପଞ୍ଚ ସୀମାଦ୍ରି ଜାନି, ବ୍ଲକ ପଞ୍ଚାୟତ ଅଧିକାରୀ ହିମାଂଶୁ ଶେଖର ସେନାପତ ଏବଂ କ୍ୱାରାଣ୍ଟାଇନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ନନ୍ଦପୁର ବ୍ଲକକୁ ଗସ୍ତ କରିଥିଲେ। ଏହି ସମୟରେ ଏଡିଏମ ଦେବେନ କୁମାର ପ୍ରଧାନ, ଏପିଓ ସୌମେନ୍ଦ୍ର ନାୟକ, ପିଇଓ ତିଳକ ଖେମୁଣ୍ଡୁ, ରାଜସ୍ୱ ସୁପ୍ରଭାଇଜର ଭାସ୍କର ଗୋମାଙ୍ଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରବାସୀ ଫେରନ୍ତା ମୃତ ଶ୍ରମିକଙ୍କ ପରିବାରକୁ ଭେଟିଲା ପ୍ରଶାସନ

ମାଲକାନଗିରି,୧୫।୫ (ଡି.ଏନ୍.ଏ.)

ହାଇଦ୍ରାବାଦରୁ ଫେରୁଥିବା ସମୟରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାରକୁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସହାୟତା ପ୍ରଦାନ କରାଯାଇଛି। ମାଲକାନଗିରି ସଦର ବ୍ଲକ ସେରପାଲି ଟାଙ୍ଗିଣିତଙ୍ଗ ଗ୍ରାମର କସା ମାଡକାମି ହାଇଦ୍ରାବାଦର ଏକ ଘରୋଇ କମ୍ପାନୀକୁ ଦୁଇମାସ ତଳେ କାମ କରିବାକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁ ଗ୍ରାମକୁ ଅନ୍ୟ ସାଥୀ ଶ୍ରମିକଙ୍କ ସହ ଚାଲିଚାଲି ଫେରୁଥିବା ସମୟରେ ତେଲଙ୍ଗାନାର ଭଦ୍ରାଚଳମ୍ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସାଥୀମାନେ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମକୁ ଆଣିଥିଲେ। ଏହି ଘଟଣା ଜାଣିବା ପରେ ଜିଲାପାଳ ମନୀଷ ଅଗ୍ରୱାଲ ତାଙ୍କ ପରିବାରକୁ ସହାୟତା ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଅଜୟ କୁମାର ପ୍ରଧାନ, ତହସିଲଦାର ଡ.ଗୁଣନିଧି ନାୟକ, ଶ୍ରମ ଅଧିକାରୀ ମଦନମୋହନ ପାଇକ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ସେରପାଲ୍ଲୀ ସରପଞ୍ଚ ଦଶରଥ ଡୁରୁକା ପ୍ରମୁଖ କସାଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା, ତାଙ୍କ ବିଧବା ସ୍ତ୍ରୀ ଓ ମାଆଙ୍କୁ ମାସିକ ୫୦୦ ଟଙ୍କା ଭତ୍ତା, ଏକ ମାସ ମଧ୍ୟରେ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ପ୍ରଶାସନ ପକ୍ଷରୁ ଅଧିକାରୀମାନେ କସାଙ୍କ ପରିବାରକୁ ଭେଟି ସହାୟତା ଦେଉଛନ୍ତି।

### ନିଆଁ ଦାଉରୁ ଜଙ୍ଗଲ ରକ୍ଷା ନେଇ କାର୍ଯ୍ୟକ୍ରମ

ସେମିଲିଗୁଡ଼ା, ୧୫।୫(ସ୍ୱ.ପ୍ର.)

କୋରାପୁଟ ବନଖଣ୍ଡ ଅଧୀନ ସେମିଲିଗୁଡ଼ା ବନାଞ୍ଚଳ ପକ୍ଷରୁ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ଏବଂ ବେଷ୍ଟ ଶିକାର ନ କରିବା ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ ବିଭାଗ ମଧ୍ୟରେ ସହଯୋଗ ରହିଲେ ଜଙ୍ଗଲ ସୁରକ୍ଷା ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଖୁଲିଆ, ଜାମୁଗୁଡା, ଗୁଲେଲ, ତେଢା, ସିପାଇପୁଟ ବରପୁଟ, ଉପରମାନିଆ ଓ ରାମନାୟକପୁଟ ଏବଂ ବନସୁରକ୍ଷା ସମିତିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ଚନ୍ଦ୍ରସେନ ପୂଜାରୀ ପରିଚାଳନା କରିଥିଲେ। ଏହି ଅବସରରେ ବନ ସୁରକ୍ଷା ସମିତି ଏବଂ ଏସ୍‌ଏଚ୍‌ଜିକୁ ୫ଟି ସିଲେଇ ମେସିନ, ୩ଟି ବନ ସୁରକ୍ଷା ସମିତିକୁ ମହୁମାଛି ଚାଷବାକ୍ସ ଏବଂ ୨ଟିକୁ ମାଛଧରା ଜାଲ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଚନ୍ଦ୍ରସେନ ପୂଜାରୀ ପରିଚାଳନା କରିଥିଲେ।

## ସଙ୍ଗରୋଧ କେନ୍ଦ୍ରରେ ନିୟମ ମାନୁନାହାନ୍ତି ଶ୍ରମିକ

**ଏତଲା ଦେବାକୁ ନିର୍ଦ୍ଦେଶ ଦେଲେ ସରପଞ୍ଚ**

କୋରୁକୋଣ୍ଡା ୧୫।୫(ଡି.ଏନ୍.ଏ.)

କରୋନା ମହାମାରୀ ସହ ସାରା ବିଶ୍ୱ ଲଢେଇ କରୁଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତର ଏମ୍‌ଭି–୨୬ରେ କ୍ୱାରାଣ୍ଟାଇନରେ ଥିବା ତେଲଙ୍ଗାନା ଫେରନ୍ତା ପ୍ରବାସୀ ଓଡ଼ିଆଙ୍କ ଆଚରଣ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏମାନେ ସାମାଜିକ ଦୂରତା ରକ୍ଷା କରୁ ନ ଥିବା ବେଳେ ମାସ୍କ ପିନ୍ଧିବାକୁ ମଧ ଗୁରୁତ୍ୱ ଦେଉନାହାନ୍ତି। ଶୁକ୍ରବାର ଉକ୍ତ କେନ୍ଦ୍ରର କେତେଜଣ ଯୁବକ ଏକ ଭିଡିଓ କରିବା ସହ ଭୋଜପୁରୀ ଓ ହିନ୍ଦୀ ଗୀତର ତାଳେତାଳେ ସାମାଜିକ ଦୂରତାକୁ ଉଲ୍ଲଂଘନ କରି ବ୍ୟାୟାମ କରୁଥିବା ଦେଖିବାକୁ ମିଳିଛି। ଏହା ପ୍ରଶାସନ ନଜରକୁ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ଏନେଇ ଜିଲାପାଳ କ୍ଷମତାପ୍ରାପ୍ତ ସରପଞ୍ଚ ଇରମେ କବାସୀ ସଙ୍ଗରୋଧ କେନ୍ଦ୍ରର ନୋଡାଲ ଅଫିସର ସୁଗାଦ ଚରଣ ହେମ୍ବ୍ରମ ଏବଂ ପିଇଓ ସୁରେଶ ସାହୁଙ୍କୁ ଭିଡିଓରେ ଥିବା ସମସ୍ତ ପ୍ରବାସୀଙ୍କ ନାମରେ ମାଲକାନଗିରି ଥାନାରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଶ୍ରମିକମାନେ ଗତ ୭ରେ ତେଲଙ୍ଗାନାରୁ ଫେରିବା ପରେ ଏମ୍‌ଭି–୨୬ ଗ୍ରାମର ସଙ୍ଗରୋଧ ଗୃହରେ ଅଛନ୍ତି।



### ଟ୍ରକ୍ ଧକ୍କାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ପାଚେରି ଭାଙ୍ଗିଲା

ଜୟପୁର,୧୫।୫(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ରହିଥିବା ପାଚେରି ଏକ ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ନିକଟରେ ପୋଲିସର ଏକ ଅସ୍ଥାୟୀ ଚେକ୍‌ପୋଷ୍ଟ ରହିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କୁ ପଚାରିବାରୁ ସେ କହିଲେ ଯେ, ସିସି କ୍ୟାମେରା ଯାଞ୍ଚ ପରେ ଯେଉଁ ଟ୍ରକ୍ ଚିହ୍ନଟ ହେବ ତାହାର ମାଲିକଙ୍କୁ ଏହାର ମରାମତି କରିବାକୁ କୁହାଯିବ।

## କରୋନା ଲଢ଼େଇରେ ଗ୍ୟାସ୍ ବିତରକ

ଜୟପୁର ୧୫।୫ (ନି.ପ୍ର.)



କରୋନା ସଂକ୍ରମଣ ଆଶଙ୍କାରେ ସାରା ଦେଶରେ ଦେଢମାସରୁ ଊର୍ଦ୍ଧ୍ୱ ହେଲା ଲକ୍‌ଡାଉନ ଜାରି ରହିଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କ ସୁରକ୍ଷା ଲାଗି ଜଣେ ଲେଖାଏ ପ୍ରମୁଖ ଯୋଦ୍ଧାର ଭୂମିକା ତୁଲାଉଛନ୍ତି ପୋଲିସ, ପୌର କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା, ଡାକ୍ତର ଏବଂ ନର୍ସ। ଏହି ପରିପ୍ରେକ୍ଷୀରେ ଘରେ ଜାଳେଣି ଗ୍ୟାସ୍ ପହଞ୍ଚାଇ ଉକ୍ତ ଲଢ଼େଇରେ ଯୋଦ୍ଧା ରୂପେ ସାମିଲ ହୋଇଛନ୍ତି ଗ୍ୟାସ୍ ବିତରକ। ବଞ୍ଚିବାକୁ ହେଲେ ଖାଦ୍ୟ ଏବଂ ଖାଦ୍ୟ ପ୍ରସ୍ତୁତି ପାଇଁ ଜାଳେଣି ନିହାତି ଆବଶ୍ୟକ। ଏହି ଜାଳେଣି ଗ୍ୟାସ୍‌କୁ ପ୍ରତି ଘରେ ପହଞ୍ଚାଇବା ନିମନ୍ତେ ପ୍ରଚଣ୍ଡ ଖରାରେ ବୁଲୁଛନ୍ତି ଗ୍ୟାସ୍ ବିତରକ। କରୋନା ସଂକ୍ରମଣକୁ ଭୟ ନ କରି ଏମାନେ ଯୋଗାଉଛନ୍ତି ନିରନ୍ତର ସେବା। ନିଜର ୨ଚକିଆ ଗାଡ଼ିରେ ୫ରୁ ୬ଟି ଲେଖାଏ ଗ୍ୟାସ୍ ସିଲିଣ୍ଡର ଧରି ଏମାନେ ସହରର ଗଳିକନ୍ଦିରେ ବୁଲି ପ୍ରତ୍ୟହ ପ୍ରାୟ ୫୦/୬୦ ପରିବାର ପାଖରେ ପହଞ୍ଚାଉଛନ୍ତି ସେବା। କୋରାପୁଟ ଜିଲାର ୩ଶହରୁ ଅଧିକ ବିତରକ ୨୦ଟି ଗ୍ୟାସ୍ ଏଜେନ୍ସି ଜରିଆରେ ଉପଭୋକ୍ତାଙ୍କୁ ସେବା ଯୋଗାଉଛନ୍ତି। ସରକାରୀ ସ୍ତରରେ ବିତରକ ଲାଗି ସ୍ୱାସ୍ଥ୍ୟ ବୀମା କରାଯାଇଛି ସତ, ହେଲେ ଲକ୍‌ଡାଉନ ସମୟରେ ଘରେ ଗ୍ୟାସ୍ ପହଞ୍ଚାଇବା ପରେ ଉପଭୋକ୍ତାଙ୍କ ମୁହଁରେ ଖେଳିଯାଉଥିବା ଖୁସିର ଲହରି ସେମାନଙ୍କୁ ବେଶ୍ ସନ୍ତୋଷ ଦେଇଥାଏ। ସବୁ ପରିଶ୍ରମ ସାର୍ଥକ ହେବା ପରି ଲାଗେ ବୋଲି କହନ୍ତି ସେମାନେ। ପ୍ରକୃତରେ କରୋନା ଲଢ଼େଇର ଏହି ଅନନ୍ୟ ଯୋଦ୍ଧାଙ୍କ ତ୍ୟାଗର ମୂଲ୍ୟର ତୁଳନା ନାହିଁ।

## ଆନ୍ଧ୍ରରୁ ଚାଲି ଚାଲି ଆସିଲେ ୧୨ ଶ୍ରମିକ

ଡାବୁଗାଁ, ୧୫।୫ (ଡି.ଏନ୍.ଏ.)

ଲକ୍‌ଡଉନ ଯୋଗୁ ସମସ୍ତ ଶିଳ୍ପ କାରଖାନା ବନ୍ଦ ହୋଇଯାଇଛି। ଏଥିରେ କାମ କରୁଥିବା ଶ୍ରମିକମାନେ ନିଜ ଘରକୁ ଫେରିବା ପାଇଁ ପ୍ରୟାସ କରୁଛନ୍ତି। ଉତ୍ତରପ୍ରଦେଶ ବଳରାମପୁର ଜିଲା ସେକାପୁର ଗ୍ରାମର ୧୨ ଜଣ ଶ୍ରମିକ ଆନ୍ଧ୍ରର ରାଜମହେନ୍ଦ୍ରୀକୁ କାମ କରିବାକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହୋଇଯିବାରୁ ସେମାନେ ଗତ ୩ ଦିନ ହେଲା ସେଠାରୁ ଚାଲିଚାଲି ନିଜ ଗ୍ରାମକୁ ଆସୁଥିଲେ। ରାସ୍ତାରେ ଏକ ଟ୍ରକ୍ ସେମାନଙ୍କୁ ରାୟପୁରରେ ଛାଡ଼ଦେବାକୁ କହି ଆଣିଥିଲା। ମାତ୍ର ସେମାନଙ୍କୁ ଓଡ଼ିଶାର କୋରାପୁଟ ଜିଲା ଜୟପୁର ନିକଟରେ ଓହ୍ଲାଇଦେଇଥିଲା। ପରେ ନବରଙ୍ଗପୁର ଜିଲା ଡାବୁଗାଁ ପର୍ଯ୍ୟନ୍ତ ଆଉ ଏକ ଟ୍ରକ୍ ଯୋଗେ ଆସି ଗୁରୁବାର ସନ୍ଧ୍ୟାରେ ପହଞ୍ଚିଥିଲେ। ଏନେଇ ଡାବୁଗାଁ ଏବିଡିଓ ଖବର ପାଇ ସେମାନଙ୍କ ନିକଟରେ ପହଞ୍ଚି ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଥିଲେ। ଶୁକ୍ରବାର ସକାଳୁ ଏହି ଶ୍ରମିକମାନେ ପୁଣି ଚାଲିଚାଲି ନିଜ ରାଜ୍ୟ ଅଭିମୁଖେ ଯାଇଥିବା ଜଣାପଡ଼ିଛି।

## ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଦାବିପତ୍ର

ବୈପାରିଗୁଡ଼ା,୧୫।୫ (ଡି.ଏନ୍.ଏ.)

ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ଶୁକ୍ରବାର ବିଡିଓ ଅଭିମନ୍ୟୁ କବିଶତପଥୀଙ୍କୁ ପ୍ରଦାନ କରାଯାଇଛି। ପ୍ରତ୍ୟେକ ପରିବାରକୁ ୬ ମାସର ମାଗଣା ରାଶନ ସାମଗ୍ରୀ ଯୋଗାଇ ଦେବା, ପ୍ରବାସୀ ଶ୍ରମିକଙ୍କ ପାଇଁ ଦେୟମୁକ୍ତ ରେଳ ଚଳାଚଳ ବ୍ୟବସ୍ଥା କରିବା, ଛାତ୍ରୀଛାତ୍ରଙ୍କ ଫି ଛାଡ ସହ ଅନ୍ୟାନ୍ୟ ଦାବି ରହିଛି। ଜିଲା ସମ୍ପାଦକ ଶମ୍ଭୁନାଥ ମହାନ୍ତିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିଲ୍ ହୋଇଛି, ମଦ କାରବାର ଚାଲିଛି

ଜୟପୁର,୧୫।୫(ଡି.ଏନ.ଏ. )

କୋରାପୁଟ ଜିଲା ଜୟପୁର ସହର ଏବଂ ଆଖପାଖ ଅଞ୍ଚଳରେ ୧୮ଟି ବିଦେଶୀ ମଦ ଦୋକାନ ରହିଛି। ସେଥିରୁ ୧୨ଟି ଠିପିବନ୍ଦ ଦୋକାନ ଏବଂ ୬ଟି ବାର୍। କାରୋନା ଲକ୍‌ଡାଉନ ଯୋଗୁ ସରକାର ମଦ ବିକ୍ରି ଉପରେ କଟକଣା ଜାରି କରିଥିଲେ। ଏନେଇ ଜିଲା ପ୍ରଶାସନର ନିର୍ଦ୍ଦେଶରେ ଅବକାରୀ ବିଭାଗ ଜିଲାର ସମସ୍ତ ବିଦେଶୀ ମଦ ବିକ୍ରି ଦୋକାନକୁ ସିଲ୍ କରିଥିଲା। ଜୟପୁର ସହରର ସମସ୍ତ ବାର୍ ଓ ଠିପିବନ୍ଦ ମଦ ବିକ୍ରି ଦୋକାନକୁ ମଧ୍ୟ ତାଲା ପକାଇ କାଗଜଗୁଡାଇ ଜଉମୁଦ ଦେଇ ସିଲ୍ କରିଥିଲା। ଏହିପରି ସିଲ୍ ହୋଇଛି ଯେ, ଜଉମୁଦ ସିଲ୍ ରହିଥିବ ମାତ୍ର ତାଲା ଖୋଲାଯାଇ ଭିତରୁ ମଦ ବାହାରକରି ବିକ୍ରି କରାଯାଇପାରିବ। ଏପରି ଦେଖିବାକୁ ମିଳିଛି ସହରର ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ, କେନାଲ ରୋଡ୍‌ରେ, ଏମ୍‌ଜି ରୋଡ୍, ମୁଖ୍ୟ ଡାକଘର ପାର୍ଶ୍ୱର ରାସ୍ତା ଏବଂ କିଛି ବାର୍‌ରେ ପଡ଼ିଥିବା ସିଲ୍‌ରେ। ସିଲ୍ ନାମକୁ ମାତ୍ର କରାଯାଇଛି। ଏପରି ସିଲ୍ ହୋଇଛି ଯେ, ତାଲା ଖୋଲିବାରେ କୌଣସି ସମସ୍ୟା ନାହିଁ। ସିଲ୍ ଦୋକାନରୁ ମଦ ବାହାର କରାଯାଇ ବିକ୍ରି କରାଯାଉଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଗୁରୁବାର ଏମ୍‌ଜି ରୋଡ୍‌ସ୍ଥିତ ସିଲ୍ ହୋଇଥିବା ଏକ ମଦ ଦୋକାନରୁ ବେଆଇନ ଭାବେ ମଦ ବିକ୍ରି କରାଯାଉଥିବା ସାହିବାସିନ୍ଦା ଅଭିଯୋଗ କରିଥିଲେ। ଏନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହିତ ଘଟଣାର ସମାଧାନ କରିଥିଲା। ଅନ୍ୟପକ୍ଷରେ ଲକ୍‌ଡାଉନ ପରେ ଷ୍ଟକ୍ ଯାଞ୍ଚ ବେଳେ ବେଆଇନ କାରବାର ଧରାପଡିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ଦେବୀପ୍ରସାଦ ଦାଶଙ୍କୁ ପଚାରିବାରୁ ସେ କହିଲେ ଯେ, ସିଲ୍ ଖୋଲାହୋଇଥିବା ଦୋକାନକୁ ପୁଣି ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସିଲ୍ ହୋଇଥିବା ମଦ ଦୋକାନ।

- ତାଲା ଖୋଲିବାରେ କୌଣସି ସମସ୍ୟା ନାହିଁ
- ସମ୍ପୃକ୍ତ ଅଞ୍ଚଳରେ ପ୍ରକାଶ ପାଇଥିଲା ଉତ୍ତେଜନା
- ଷ୍ଟକ୍ ଯାଞ୍ଚ ବେଳେ ଧରାପଡ଼ିବ ବେଆଇନ କାରବାର

# ଆସିବ ଲକ୍ଷେ କୋଟିର କୃଷି ଭିତ୍ତିଭୂମି ପାଣ୍ଠି



ନୂଆଦିଲ୍ଲୀ,୧୫।୫

ଦେଶରେ ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ଅଭାବ ରହିଛି। ସେହିଭଳି ଅମଳ ପରବର୍ତ୍ତୀ ପରିଚାଳନା ଭିତ୍ତିଭୂମି ଅଭାବ ଥିବାରୁ ଭାଲ୍ୟୁ ସଂଯୋଗ କ୍ଷେତ୍ରରେ ବିଭିନ୍ନ ବାଧା ଉପୁଜୁଛି। ସ୍ୱଳ୍ପମିଆଦୀ କୃଷିଋଣ ଉପରେ ଫୋକସ ଦିଆଯାଉଥିବା ବେଳେ ବର୍ତ୍ତମାନ ସାରା ଦେଶରେ ଦୀର୍ଘମିଆଦୀ କୃଷି ଭିତ୍ତିଭୂମିର ଅଭାବ ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟରେ ଆସିବାକୁ ଥିବା କୃଷି ଭିତ୍ତିଭୂମି ପାଣ୍ଠି ସମ୍ପର୍କରେ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ପାଣ୍ଠି ବିଶେଷକରି ଫାର୍ମ ଗେଟ୍ ଭିତ୍ତିଭୂମି ଦିଗରେ କାର୍ଯ୍ୟକାରୀ କରାଯିବ। ଦେଶ ଭିତରେ ଶୀତଳ ଭଣ୍ଡାର ସ୍ଥାପନ, ଅମଳ ପରବର୍ତ୍ତୀ ପରିଚାଳନା ଭିତ୍ତିଭୂମି ଏହାଦ୍ୱାରା ବିକଶିତ କରାଯିବ। ପ୍ରାଥମିକ କୃଷି ସମବାୟ ସମିତି, କୃଷି ଉତ୍ପାଦକ ଅନୁଷ୍ଠାନ, କୃଷି ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍‌ଗୁଡିକୁ ଏଥିରେ ସହାୟତା ଯୋଗାଇ ଦିଆଯିବ। ଫାର୍ମଗେଟ୍ ଏବଂ ଆଗ୍ରିଗେସନ ପଏଣ୍ଟଗୁଡିକୁ ବିକଶିତ କରିବା ଲାଗି ସରକାର ଯୋଜନା ହାତକୁ ନେବେ। ଅମଳ ପରବର୍ତ୍ତୀ ଭିତ୍ତିଭୂମି ବିକାଶ ଲାଗି ସରକାର ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ଜଣାପଡିଛି। ସରକାର ଶୀଘ୍ର ଏ ସମ୍ପର୍କିତ ପାଣ୍ଠି ଗଠନ କରିବେ।



## ଅପରେଶନ ଗ୍ରୀନ୍‌ର ସମ୍ପ୍ରସାରଣ

ବର୍ତ୍ତମାନ ଯୋଗାଣ ଚେନ୍ ବ୍ୟବସ୍ଥିତ ନ ଥିବାରୁ କୃଷକମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଲାଗି ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଟମାଟୋ, ପିଆଜ ଏବଂ ଆଳୁ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଗ୍ରହଣ କରିଥିବା ଅପରେଶନ ଗ୍ରୀନ୍ କାର୍ଯ୍ୟକ୍ରମକୁ ବର୍ତ୍ତମାନ ସବୁ ଫଳ ଏବଂ ପନିପରିବା ବର୍ଗକୁ ବଢ଼ାଯାଇଛି। ନିଅଣ୍ଟିଆ ବଜାରକୁ ଫଳ ପନିପରିବା ପରିବହନ କ୍ଷେତ୍ରରେ ୫୦% ସବ୍‌ସିଡି, ସଂରକ୍ଷଣ ଏବଂ କୋଲ୍ଡ ଷ୍ଟୋରେଜ କ୍ଷେତ୍ରରେ ୫୦% ସବ୍‌ସିଡି ବ୍ୟବସ୍ଥା କରାଯିବ।

## ସଂଶୋଧନ ହେବ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ



ସରକାର ୬୫ ବର୍ଷ ପୁରୁଣା ଅତ୍ୟାବଶ୍ୟକ ସାମଗ୍ରୀ ଆଇନକୁ ସଂଶୋଧନ କରିବେ ବୋଲି ଜଣାପଡିଛି। ଡାଲି, ଖାଇବା ତେଲ, ତୈଳବୀଜ, ପିଆଜ ଆଳୁ ସମେତ ଅନ୍ୟ ଖାଦ୍ୟସାମଗ୍ରୀ ଉପରେ ସରକାର ବେଶି କଟକଣା ଜାରି କରିବେ ନାହିଁ। ଏଭଳି ସାମଗ୍ରୀର ବିକ୍ରି ଏବଂ ଉତ୍ପାଦନକୁ ମଧ୍ୟ ଜଟିଳ କଟକଣା ବାହାରେ ରଖାଯିବ। ଉତ୍ପାଦିତ ସାମଗ୍ରୀ ଉପରେ କୌଣସି କଟକଣା ଜାରି କରାଯିବ ନାହିଁ। ଜାତୀୟ ବିପର୍ଯ୍ୟୟ, ମରୁଡ଼ି ଏବଂ ମୂଲ୍ୟ ବୃଦ୍ଧି ଭଳି କେତେକ ବଛାବଛା କ୍ଷେତ୍ରରେ ସରକାର ମହଜୁଦ ସୀମା ଲାଗୁ କରିପାରିବେ।

## ପିଏମ୍‌ଏମ୍‌ଏସ୍‌ୱାଇ ପାଇଁ ୨୦ ହଜାର କୋଟି



ବର୍ତ୍ତମାନ ସାରା ଦେଶରରେ ମତ୍ସ୍ୟଚାଷ ଏବଂ ଭାଲ୍ୟୁ ଚେନ୍ କ୍ଷେତ୍ରରେ ବହୁ ଅନ୍ତର ରହିଛି। ଏହାକୁ ଧ୍ୟାନରେ ରଖି ସାମୁଦ୍ରିକ ଏବଂ ମଧୁରଜଳ ମତ୍ସ୍ୟଚାଷ କ୍ଷେତ୍ରକୁ ଉନ୍ନତୀକରଣ କରିବା ଲାଗି ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ) ଯୋଜନା ହାତକୁ ନେଇଛନ୍ତି। ସାମୁଦ୍ରିକ, ସ୍ଥଳଭାଗ ଏବଂ ଆକ୍ୱାକଲଚର କାର୍ଯ୍ୟକ୍ରମ ପାଇଁ ୧୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଫିସିଂ ହାର୍ବର, କୋଲ୍ଡ ଚେନ୍ ଏବଂ ବଜାର ଭିତ୍ତିଭୂମି ଲାଗି ୯ ହଜାର କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ରଖାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଆଗାମୀ ୫ ବର୍ଷରେ ୭୦ ଲକ୍ଷ ଟନ୍ ଅତିରିକ୍ତ ମାଛ ଉତ୍ପାଦନ ଏବଂ ୫୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯିବା ସହ ୧ ଲକ୍ଷ କୋଟି ଟଙ୍କାର ମତ୍ସ୍ୟ ରପ୍ତାନି ଲକ୍ଷ୍ୟ ରଖାଯାଇଛି।

## ଔଷଧୀୟ ବୃକ୍ଷରୋପଣ

ଔଷଧୀୟ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ୪ ହଜାର କୋଟି ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ୨.୨୫ ଲକ୍ଷ ହେକ୍ଟର ଜମିରେ ଔଷଧୀୟ ଚାରାରୋପଣ କରିବା ନେଇ ନ୍ୟାଶନାଲ ମେଡିକାଲ ପ୍ଲାଣ୍ଟ ବୋର୍ଡ ପକ୍ଷରୁ ଯୋଜନା ଧାର୍ଯ୍ୟ କରାଯାଇଛି। ୪ ହଜାର କୋଟି ଟଙ୍କା ବ୍ୟୟରେ ଆଗାମୀ ୨ ବର୍ଷରେ ୧ ଲକ୍ଷ ହେକ୍ଟର ଜମିରେ ହର୍ବାଲ ଚାଷ ହେବ। ଏହାଦ୍ୱାରା କୃଷକଙ୍କୁ ୫ ହଜାର କୋଟି ଟଙ୍କାର ରୋଜଗାର ସୁଯୋଗ ମିଳିବ। ଏହି ଯୋଜନାରେ ଗଙ୍ଗାକୂଳରେ ପ୍ରାୟ ୮୦୦ ହେକ୍ଟର ଜମିକୁ ବିକଶିତ କରିବା ଲାଗି ଯୋଜନା ରଖାଯାଇଛି।

## ମହୁଚାଷ



ଗ୍ରାମାଞ୍ଚଳରେ ମହୁମାଛି ଚାଷ ଦ୍ୱାରା ଲୋକଙ୍କୁ ଲାଗି ରୋଜଗାର ସୃଷ୍ଟି କରିବାକୁ ଯୋଜନା ରଖାଯାଇଛି। ସମନ୍ୱିତ ମହୁମାଛି ଚାଷ ଉନ୍ନତୀକରଣ କେନ୍ଦ୍ର, ସଂଗ୍ରହ,ମାର୍କେଟିଂ, ମହୁ ମାଛି ସଂରକ୍ଷଣ କେନ୍ଦ୍ର, ମହୁ ସଂଗ୍ରହ ଏବଂ ଭାଲ୍ୟୁ ସଂଯୋଗ ସୁବିଧାକୁ ଧ୍ୟାନରେ ରଖାଯାଇଛି। ମହିଳାଙ୍କ ମଧ୍ୟରେ ଦକ୍ଷତା ବିକାଶ ସହ ୨ ଲକ୍ଷ ମହୁମାଛି ଚାଷୀଙ୍କୁ ସହଯୋଗ ଯୋଗାଣ ଦିଗରେ ଯୋଜନା ରଖାଯାଇଛି।

## ପଶୁ ସମ୍ପଦ କ୍ଷେତ୍ର



ପଶୁ ସମ୍ପଦ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି ଲାଗି ୧୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯିବ। ଦୁଗ୍ଧ ଉତ୍ପାଦନ ଲାଗି ଘରୋଇ ନିବେଶକୁ ପ୍ରୋତ୍ସାହିତ କରାଯିବ। ଲକ୍‌ଡାଉନ ସମୟରେ ଦେଶର ଦୁଗ୍ଧ ଚାହିଦା ୨୦ରୁ ୨୫% କମିଛି। ଏହି ସମୟ ମଧ୍ୟରେ ୧୧୧ କୋଟି ଲିଟର ଦୁଗ୍ଧ ସଂଗ୍ରହ କରାଯାଇଥିବା ବେଳେ ଏହି ବାବଦ ୪୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦୁଗ୍ଧଚାଷୀଙ୍କୁ ରିହାତି ସୁଧ ହାରରେ ଋଣ ପ୍ରଦାନ କରିବା ଲାଗି ସରକାର ଏକ ନୂଆ ଯୋଜନା ହାତକୁ ନେବେ। ୨୦୨୦-୨୧ ଆର୍ଥିକ ବର୍ଷରେ ଦୁଗ୍ଧ ସମବାୟ ସଂସ୍ଥାଗୁଡ଼ିକୁ ବାର୍ଷିକ ୨% ହାରରେ ସୁଧ ରିହାତି ପ୍ରଦାନ କରାଯିବ। ଶୀଘ୍ର ଋଣ ପଇଠ କ୍ଷେତ୍ରରେ ବାର୍ଷିକ ଅତିରିକ୍ତ ୨% ସୁଧ ରିହାତି ମିଳିବ। ଯୋଜନା ଦ୍ୱାରା ପ୍ରାୟ ୨ କୋଟି କୃଷକ ଲାଭବାନ୍ ହେବେ ବୋଲି ଅନୁମାନ କରାଯାଇଛି। ଏଭଳି ପଦକ୍ଷେପ ଫଳରେ କୃଷକଙ୍କ ହାତକୁ ୫୦୦୦ ହଜାର କୋଟି ନଗଦ ଆସିପାରିବ।

## ଜାତୀୟ ପଶୁ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ପଶୁ ସମ୍ପଦ କ୍ଷେତ୍ରରେ ଦେଖାଯାଉଥିବା ଖୁରା ଏବଂ ପାଟି ରୋଗ (ଏଫ୍‌ଏମ୍‌ଡି) ନିୟନ୍ତ୍ରଣ କରିବା ଲାଗି ସରକାର ଜାତୀୟ ପଶୁ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଏଥିରେ ୧୩,୩୪୩ କୋଟି ଟଙ୍କା ବିନିଯୋଗ କରାଯିବ। ଗାଈ, ମଇଁଷି, ମେଣ୍ଢା, ଛେଳି,ଘୁଷୁରି ଭଳି ପଶୁଙ୍କୁ ୧୦୦% ଟିକାକରଣ ନେଇ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସୁଦ୍ଧା ୧.୫ କୋଟି ଗାଈ ଏବଂ ମଇଁଷିଙ୍କୁ ଟିକାକରଣ କରାଯାଇଛି।

## ଏମ୍‌ଏଫ୍‌ଇ ପାଇଁ ୧୦ ହଜାର କୋଟି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଭୋକାଲ ଫର୍ ଲୋକାଲ ୱିଥ୍ ଗ୍ଲୋବାଲ ଆଉଟରିଚ୍'ଭିଜନକୁ ଆଗକୁ ବଢ଼ାଇବା ଲାଗି ପ୍ୟାକେଜରେ ପଦକ୍ଷେପ ଘୋଷଣା ହୋଇଛି। ଅଣ ସଙ୍ଗଠିତ ମାଇକ୍ରୋ ଫୁଡ୍ ଏଣ୍ଟରପ୍ରାଇଜ (ଏମ୍‌ଏଫ୍‌ଇ)ଗୁଡ଼ିକୁ ସଙ୍ଗଠିତ କରିବା ଲାଗି ସରକାର ୧୦ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଏହି ଅଣସଙ୍ଗଠିତ ୟୁନିଟ୍‌ଗୁଡିକରେ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଉନ୍ନତୀକରଣ ଲକ୍ଷ୍ୟ ରଖାଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଖାଦ୍ୟ ଷ୍ଟାଣ୍ଡାର୍ଡ ରକ୍ଷା, ବ୍ରାଣ୍ଡ ଗଠନ ଏବଂ ମାର୍କେଟିଂ ଦିଗରେ ଏହା ସହାୟକ ହେବ। ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାୟ ୨ ଲକ୍ଷ ସଂସ୍ଥା ଲାଭବାନ୍ ହୋଇପାରିବେ। ବର୍ତ୍ତମାନ ବଜାରରେ ରହିଥିବା ମାଇକ୍ରୋଫୁଡ୍ ଏଣ୍ଟରପ୍ରାଇଜେସ, କୃଷି ଉତ୍ପାଦକ ଅନୁଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସମବାୟ ସମିତିଗୁଡିକ ଏହାଦ୍ୱାରା ଲାଭବାନ୍ ହେବେ। କ୍ଲଷ୍ଟର ଉନ୍ନତୀକରଣ ଦ୍ୱାରା ସରକାର ଏହି ଯୋଜନାକୁ ରୂପରେଖ ପ୍ରଦାନ କରିବେ। ପ୍ରଡକ୍ଟଗୁଡିକ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ମାନକ ରକ୍ଷା କରିବେ।

## ଖେଳ ଖବର

# ଅନ୍‌ଲାଇନ୍ ଜାତୀୟ ଉଷୁ ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)

ସର୍ବପ୍ରଥମ ଅନ୍‌ଲାଇନ୍ ଜାତୀୟ ଉଷୁ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ୧୮ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ସବ୍‌ଜୁନିୟର, ଜୁନିୟର ଓ ସିନିୟର କାଟେଗୋରିରେ ଅନୁଷ୍ଠିତ ହେଉଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ମୁଖ୍ୟଅତିଥି ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ଧ୍ରୁବ ବାତ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ଉଷୁ ଆସୋସିଏଶନ ଅଫ୍ ଇଣ୍ଡିଆର ସଭାପତି ଭୁପିନ୍ଦର ସିଂ ବାଜୱା, ସାଧାରଣ ସମ୍ପାଦକ ଜିତେନ୍ଦର ସିଂ ବାଜୱା, କେନ୍ଦ୍ର କ୍ରୀଡ଼ା ସଚିବ ରବି ମିତ୍ତଲ, ଅନ୍ତର୍ଜାତୀୟ ଉଷୁ ଫେଡେରେଶନ ମହାସଚିବ ଝାଙ୍ଗ କ୍ୱିପିଙ୍ଗ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ନିଜ ନିଜର ମତ ରଖିଛନ୍ତି।

କରୋନା ଭାଇରସ୍ ସଂକ୍ରମଣଜନିତ ପ୍ରଭାବ ଯୋଗୁ ସ୍ୱାଭାବିକଭାବେ ପ୍ରତିଯୋଗିତା ସମ୍ଭବ ହେଉ ନ ଥିବାରୁ ଏଥିରେ ଫାଇଟିଂ ଇଭେଣ୍ଟ ରହିନାହିଁ। ଅନ୍‌ଲାଇନ୍‌ରେ ଜୁମ୍ ଆପ୍ ମାଧ୍ୟମରେ କେବଳ ତାଓଲୁ(ପ୍ରଦର୍ଶନ ଇଭେଣ୍ଟ) ଅନୁଷ୍ଠିତ ହେଉଛି। ଦୀର୍ଘଦିନଧରି ଉଷୁରେ କୌଣସି ପ୍ରତିଯୋଗିତା ହୋଇ ନ ଥିବାବେଳେ ଏଥିରେ ୩୧ ରାଜ୍ୟ ଓ ଅନୁବନ୍ଧିତ ଅନୁଷ୍ଠାନର ୭୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗିତା ପାଇଁ ଓଡ଼ିଶାର ୧୯ ଖେଳାଳି ନାମ ପଞ୍ଜୀକୃତ କରିଛନ୍ତି। ଷ୍ଟ୍ରିମ୍ ଇଣ୍ଡିଆରେ ଚାମ୍ପିୟନଶିପ୍‌ର ଲାଇଭ୍ ଷ୍ଟ୍ରିମିଂ ଉପଲବ୍ଧ ହେଉଛି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଚାମ୍ପିୟନଶିପ୍‌ର ଜଜ୍ ନିଯୁକ୍ତ ହୋଇଛନ୍ତି।



ପ୍ରଦ୍ୟୁମ୍ନ ବେହେରା

### ଓଡ଼ିଶା ପ୍ରତିଯୋଗୀ

ଅଂଶୁପ୍ରିୟା ସଂଗ୍ରାମ ସିଂ, ଆଦିତ୍ୟ ଜେନା, ଆକାଂକ୍ଷିତା ଜେନା, ଅନିମେଷ ଧଳ ସାମନ୍ତ, ଅନୁଷ୍କା ପଟେଲ, ଆଶୁତୋଷ ମହାରଣା, ଚିରସ୍ମିତା ମହାନ୍ତି, ଗଣେଶ ସିଂ, ନୀତୀଶା ବାରିକ, ପ୍ରଦ୍ୟୁମ୍ନ କୁମାର ବେହେରା, ପ୍ରିୟମ୍ବଦା ପ୍ରଧାନ, ସାୟନ କୁମାର, ଶାଶ୍ୱତ ବେଉରା, ଶ୍ରେୟାସ କଳସ, ସ୍ନେହ ସାମନ୍ତରାୟ, ସୃଷ୍ଟି କଳସ, ସ୍ୱାତୀ ଶ', ସ୍ୱୟଂଶୁ ପଣ୍ଡା, ଯଶସ୍ୱିନୀ ମଲିକ ।

## ଆଇସିସି ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ୨୮ରେ

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ବୋର୍ଡ ବୈଠକ ଚଳିତ ମାସ ୨୮ ତାରିଖରେ ହେବ। କରୋନା ଭାଇରସ୍ କାରଣରୁ ଆସନ୍ତା ଟି୨୦ ବିଶ୍ୱକପ୍ ୨୦୨୨କୁ ଘୁଞ୍ଚାଇ ଦେବା ସମ୍ପର୍କରେ ଆଲୋଚନା ହୋଇପାରେ ବୋଲି ବୋର୍ଡର ଜଣେ ପ୍ରଭାବଶାଳୀ ସଦସ୍ୟ ସୂଚନା ଦେଇଛନ୍ତି। ଆଇସିସିର ଏହି ଅନ୍ୟତମ ପ୍ରମୁଖ ଇଭେଣ୍ଟ ଅଷ୍ଟ୍ରେଲିଆରେ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା। ଆଇସିସି ଇଭେଣ୍ଟ କମିଟି ମୁଖ୍ୟ କ୍ରିସ୍ ଟେଟ୍‌ଲି ବୈଠକରେ ୩ଟି ବିକଳ୍ପ ପ୍ରସ୍ତାବ ରଖିପାରନ୍ତି। ନିର୍ଦ୍ଧାରିତ ସମୟରେ ଯଦି ଟି୨୦ ବିଶ୍ୱକପ୍ ହୁଏ ତେବେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ପରେ ଦର୍ଶକଙ୍କୁ ଅନୁମତି ମିଳିବ। ଦ୍ୱିତୀୟତଃ ବିନା ଦର୍ଶକରେ ଟୁର୍ନାମେଣ୍ଟ ଆୟୋଜନ କରିବା ନତୁବା ଏହାକୁ ୨୦୨୨କୁ ଘୁଞ୍ଚାଇ ଦେବା।

### ସଂକ୍ଷେପରେ...

- ଚଳିତବର୍ଷ କୌଣସି ଭାରତୀୟ ଆଥଲେଟ୍ ବିଦେଶରେ ପ୍ରତିଯୋଗିତାରେ ଭାଗ ନେବେ ନାହିଁ ବୋଲି କହିଛନ୍ତି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଦିଲ ସୁମାରିୱାଲା।
- ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ ପଦ୍ଧତିରେ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କୁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ବକ୍ସର ଅମିତ୍ ପଙ୍ଘାଲଙ୍କ ଚିଠି।
- ଭାରତର ସୀମିତ ଓଭର ବିଶିଷ୍ଟ ଟୁର୍‌କୁ ଜୁଲାଇରେ କରିବା ଲାଗି ବିସିସିଆଇକୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ଅନୁରୋଧ।
- ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁଥିବା ଇଂଲଣ୍ଡ କ୍ରିକେଟରମାନଙ୍କ ଟ୍ରେନିଂ ବେଳେ ଖେଳାଳିମାନଙ୍କୁ ନିଜ ବଲ୍, ପାଣି ବୋତଲ ବ୍ୟବହାର କରିବା ଲାଗି ଇସିବିର ପରାମର୍ଶ।


## ମନେ ପଡ଼ନ୍ତି

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୀତାନାଥ ନନ୍ଦ**
ଗାନ୍ଧୀମାର୍ଗ, ଆଠଗଡ଼
ପୂଜନୀୟ ବାପା, ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
**ଅମୃତମୟ ଆଶୀର୍ବାଦ ଭିକ୍ଷାରେ**
ସ୍ତ୍ରୀ, ଝିଅ, ଶାଳୀ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀ ବୋହୂ
ଧ-୧୨୨୭



**LATE MOHAN SUNDER PARIJA**
08.01.1942 – 11.05.2020
Team Sahara Power mourns the sad and untimely demise of our beloved Mentor Late Mohan Sunder Parija.
His legacy shall live on through us forever...
Rest in peace Sir.... You will be missed.
*Love & Regards!!!*
Team Sahara Power Project
Lucknow, Bhubaneswar & Titilagarh
ଧ-୧୨୩୦୨









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ